ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, June 19/2023 Page 16 ₹ 7.00

୪୯ଶ ଭାଗ ୨୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 204 ମୂଲ୍ୟ ₹୭/-



**ଶିକାଗୋରେ ଗୁଳିକାଣ୍ଡ: ଜଣେ ମୃତ**

ଆମେରିକାର ଶିକାଗୋଠାରୁ ୩୨ କିଲୋମିଟର ଦୂର ୱିଲୋବ୍ରୁକ୍‌ସ୍ଥିତ ଏକ ପାର୍କିଂ ସ୍ଥାନରେ ରବିବାର ଭୋର ସମୟରେ ଗୁଳିକାଣ୍ଡ ଘଟି ଜଣେ ପ୍ରାଣ ହରାଇବା ସହ ୨୦ ଜଣ ଆହତ ହୋଇଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡ଼ି ନାହିଁ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ମୁସଲମାନ ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ଜୟ ଶ୍ରୀରାମ କହିବାକୁ ବାଧ କଲେ**

**ମୀରଟ, ୧୮।୬:** ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାରେ ଜଣେ ମୁସଲମାନ ଯୁବକଙ୍କୁ ୩ ଜଣ ଗଛରେ ବାନ୍ଧି ମାଡ଼ ମାରିବା ସହ ତାଙ୍କୁ 'ଜୟ ଶ୍ରୀରାମ' ସ୍ଲୋଗାନ ଦେବା ଲାଗି ବାଧ କରିଥିଲେ। ଗତ ୧୪ ତାରିଖରେ ଏହି ଘଟଣା ଘଟିଥିବାବେଳେ ଶନିବାର ଯୁବକଙ୍କ ଭଉଣୀ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମନାକୁ ଆସିଛି। ମହମ୍ମଦ ସାହିଲ ଖାନ୍ ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ସେ ଏକ ମୋବାଇଲ ଫୋନ୍ ଚୋରି କରିଥିବା ସନ୍ଦେହ କରି ଅଭିଯୁକ୍ତ ସୌରଭ ଠାକୁର, ଗଜେନ୍ଦ୍ର ଏବଂ ଧନୀ ପଣ୍ଡିତ ତାଙ୍କୁ ମାଡ଼ ମାରିବା ସହ ଲଣ୍ଡା କରାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଡ଼ ଖାଇଥିବା ମହମ୍ମଦଙ୍କୁ ଗିରଫ କରି ୧୫ ତାରିଖରେ ଜେଲ ପଠାଇଥିଲା। ଆକ୍ରମଣକାରୀମାନଙ୍କୁ ଛାଡ଼ିଦିଆଯାଇଥିଲା। ମହମ୍ମଦଙ୍କ ଭଉଣୀ ରୁବିନାଙ୍କ ଅଭିଯୋଗ ପରେ କାକୋଦ ଥାନା ଏସ୍‌ଏଚ୍‌ଓଙ୍କୁ ନିଲମ୍ବନ କରାଯାଇଛି।

### ଭୁଲ୍ ଟିକାରୁ ୭୦ କୁକୁର ମୃତ

**ପଞ୍ଚାୟତ ସମ୍ପାଦକ ବହିଷ୍କୃତ**

**ଗୁଣ୍ଟୁର, ୧୮।୬:** ଆନ୍ଧ୍ରପ୍ରଦେଶର ପାଲନାଡୁ ଜିଲା ଅନ୍ତର୍ଗତ ମୁପ୍ପାଲ୍ଲା ଗ୍ରାମରେ କିଛିଦିନ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାରୁ ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳ ପଞ୍ଚାୟତ ସମ୍ପାଦକ ହିମାବତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ଅଭାବରୁ ପଞ୍ଚାୟତ କର୍ମଚାରୀ ଜଲାଡଙ୍କ ଟିକା ବଦଳରେ ଭୁଲ୍‌ରେ ଅନ୍ୟ ଟିକା ଦେଇଦେବାରୁ ୭୦ରୁ ୧୦୦ କୁକୁରଙ୍କ ମୃତ୍ୟୁ ଘଟିଛି। ପାଲନାଡୁ ଜିଲାପାଳ ଶିବଶଙ୍କର ଲୋଥେଟି ପଞ୍ଚାୟତ ସମ୍ପାଦକଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଅନ୍ୟ ୩ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

### କରଜ ଶୁଝି ନ ଥିବା ଭାଇ ଖସିଗଲେ: ୨ ଭଉଣୀଙ୍କୁ ହତ୍ୟା

**ନୂଆଦିଲ୍ଲୀ, ୧୮।୬:** ଦକ୍ଷିଣପଶ୍ଚିମ ଦିଲ୍ଲୀର ଆରକେପୁରମ୍ ଅନ୍ତର୍ଗତ ଆମ୍ବେଡ୍‌କର ବସ୍ତିରେ ୧୦ ହଜାର ଟଙ୍କା ରଣକୁ ନେଇ ଶନିବାର ଭୋର ସମୟରେ ଦୁଇ ଭଉଣୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏହି ଘଟଣାରେ ଦିଲ୍ଲୀ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଲଳିତ ନାମକ ବ୍ୟକ୍ତି ଜଣେ ସ୍ଥାନୀୟ ଲୋକଠାରୁ ୧୦ ହଜାର ଟଙ୍କା ରଣ ନେଇ ପରିଶୋଧ କରି ନ ଥିଲେ। ଭୋର ୪ଟା ସମୟରେ ୧୫ରୁ ୨୦ ଜଣ ସଶସ୍ତ୍ର ବ୍ୟକ୍ତି ତାଙ୍କ ଘର ନିକଟରେ ପହଞ୍ଚି କବାଟ ବାଡ଼େଇବା ସହ ଢେଲା ଫିଙ୍ଗିଥିଲେ। ସେମାନେ ଜବରଦସ୍ତ ଘରେ ପଶିବା ସମୟରେ ଲଳିତ କୌଣସି ପ୍ରକାରେ ଖସି ପଳାଇଥିଲେ। ତାଙ୍କୁ ଧରି ନ ପାରି ଆକ୍ରମଣକାରୀମାନେ ତାଙ୍କ ଦୁଇ ଭଉଣୀଙ୍କ ଉପରକୁ ଗୁଳି ଚଳାଇଥିଲେ। ପିଙ୍କି(୩୦) ଏବଂ ଜ୍ୟୋତି(୨୯)ଙ୍କୁ ଗୁରୁତର ଅବସ୍ଥାରେ ଏସ୍.ଜେ. ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି। ଟଙ୍କାକୁ ନେଇ ଦୀର୍ଘଦିନ ହେଲା ଦେବ ଓ ତାଙ୍କ ମଧ୍ୟରେ ବିବାଦ ଲାଗିରହିଥିବା ଲଳିତ ପୋଲିସକୁ କହିଛନ୍ତି। ଅଭିଯୁକ୍ତ ଅର୍ଜୁନ, ମିଚେଲ ଏବଂ ଦେବଙ୍କୁ ପୋଲିସ ଗିରଫ କରିଛି।




# ଫିଲିପାଇନ୍ସ ବୋଟ୍‌ରେ ନିଆଁ: ୧୨୦ ଯାତ୍ରୀ ଉଦ୍ଧାର

**ମାନିଲା, ୧୮।୬**

୧୨୦ ଜଣଙ୍କୁ ନେଇ ସମୁଦ୍ରରେ ଯାଉଥିବା ଫିଲିପାଇନ୍ସର ଏକ ଯାତ୍ରୀବାହୀ ବୋଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ତଟରକ୍ଷୀ ବାହିନୀର ୨ ବୋଟ୍‌କୁ ନିୟୋଜିତ କରାଯାଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏମ୍/ଭି ଏସ୍‌ପେରାଞ୍ଜା ଷ୍ଟାର କେନ୍ଦ୍ରୀୟ ଫିଲିପାଇନ୍ସର ସିକ୍ୱିଜୋର ପ୍ରଦେଶରୁ ବୋହୋଲ ପ୍ରଦେଶକୁ ଯାଉଥିବାବେଳେ ରବିବାର ଭୋର ସମୟରେ ସେଥିରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ବୋଟ୍‌ର ଦୁଇଟି ଡେକ୍‌କୁ ନିଆଁ ବ୍ୟାପି ସେଥିରୁ କଳା ଧୂଆଁ ବାହାରିବାରେ ଲାଗିଲା। କୋଷ୍ଟଗାର୍ଡ ବୋଟ୍ ଓ ଅନ୍ୟ ମାଛଧରା ବୋଟ୍‌ଗୁଡ଼ିକ ସହାୟତାରେ ନିଆଁକୁ ଆୟତ୍ତ କରାଯିବା ସହ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି। ୭,୬୦୦ ଆଇଲାଣ୍ଡ ଥିବା ଫିଲିପାଇନ୍ ଦ୍ୱୀପପୁଞ୍ଜରେ ବାରମ୍ବାର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଥାଏ। ଦୁର୍ବଳ ବୋଟ୍‌ଗୁଡ଼ିକରେ ଧାରଣ କ୍ଷମତାରୁ ଅଧିକ ଯାତ୍ରୀଙ୍କୁ ନେବାଆଣିବା କରାଯାଉଥିବାବେଳେ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥାଏ।

- ୨୦୨୩ ମାର୍ଚ୍ଚରେ ଦକ୍ଷିଣ ଦ୍ୱୀପ ପ୍ରଦେଶ ବାସିଲାନ୍‌ରେ ୨୫୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍‌ରେ ନିଆଁ ଲାଗିବାରୁ ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା।
- ୧୯୮୭ ଡିସେମ୍ବରରେ ଡୋନା ପାଜ୍ ଜାହାଜ ଏକ ତୈଳ ଟ୍ୟାଙ୍କର ସହ ଧକ୍କା ହୋଇ ବୁଡ଼ି ଯାଇଥିଲା। ଏଥିରେ ୪,୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିଶ୍ୱର ସବୁଠୁ ଘାତକ ସାମୁଦ୍ରିକ ଦୁର୍ଘଟଣା କୁହାଯାଏ

# ପାଣିଘେରରେ ୧୪୬ ଗାଁ

**❑ବିପଦ ସଙ୍କେତ ଉପରେ ବ୍ରହ୍ମପୁତ୍ର ଜଳସ୍ତର ❑୩୮,୦୦୦ ପ୍ରଭାବିତ**

**ଗୁଆହାଟୀ, ୧୮।୬**

ଦକ୍ଷିଣ ପୂର୍ବାଞ୍ଚଳ ରାଜ୍ୟ ଆସାମରେ ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁତ୍ର ସମେତ ବିଭିନ୍ନ ନଦୀରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଛି। ଫଳରେ ୧୩ ଜିଲାର ୧୪୬ ଗ୍ରାମ ଜଳମଗ୍ନ ହୋଇଯାଇଛି। ବିଶ୍ୱନାଥ, ଦରାଙ୍ଗ, ଧେମାଜୀ, ଡିବ୍ରୁଗଡ଼, ହୋଜାଇ, ଲଖିମ୍‌ପୁର, ନଗାଓଁ, ସୋନିତ୍‌ପୁର, ତିନ୍‌ସୁକିଆ, ଉଦଲଗୁରି, କାଚର, କାମରୁପ(ମେଟ୍ରୋ) ଓ ନଲବାରି ଜିଲାର ୩୮,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଜୋରହାଟର ନେମମାଟିଘାଟରେ ବ୍ରହ୍ମପୁତ୍ର ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଥିବା କେନ୍ଦ୍ରୀୟ ଜଳ ଆୟୁକ୍ତ (ସିଡବ୍ଲ୍ୟୁସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କାମପୁରରେ ପୋକିଲି ଓ ପୁଥିମାରି ନଦୀରେ ଜଳସ୍ତର ବହୁ ଉପରକୁ ଉଠି ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ସାଜିଛି। ଅନ୍ୟ କେତେକ ନଦୀରେ ମଧ୍ୟ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ସିଡବ୍ଲ୍ୟୁସିଙ୍କ ବୁଲେଟିନ୍‌ରୁ ଜଣାପଡ଼ିଛି। କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏଏସ୍‌ଡିଏମ୍‌ଏ)ଙ୍କ ରିପୋର୍ଟ ଅନୁସାରେ ୧୦ ଜିଲାର ୩୮,୦୦୦ ଲୋକ ପ୍ରଭାବିତ ହେଲେଣି। ଗୁଆହାଟୀରେ ଭୂସ୍ଖଳନ ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରାସ୍ତା, ବ୍ରିଜ୍, ସ୍କୁଲ ଓ ଅନ୍ୟ ଭିତ୍ତିଭୂମିଗୁଡ଼ିକ ପାଣିରେ ବୁଡ଼ିଯାଇଛି। ସେହିପରି ୧,୪୦୯ ହେକ୍ଟର ଚାଷଜମିରେ ପାଣି ମାଡ଼ିଯିବାରୁ ଫସଲ ନଷ୍ଟ ହୋଇଯାଇଛି।

ରାଜ୍ୟ ସରକାର ବିଶ୍ୱନାଥ, ଡିବ୍ରୁଗଡ଼, ଲଖିମପୁର, ତିନ୍‌ସୁକିଆ ଓ ଉଦାଲଗୁରିରେ ୧୯ଟି ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)କୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏଜେନ୍ସିଗୁଡ଼ିକ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି।



### ନେପାଳ ବନ୍ୟାରେ ୨ ମୃତ, ୨୮ ନିଖୋଜ

**କାଠମାଣ୍ଡୁ, ୧୮।୬ :** ପୂର୍ବ ନେପାଳରେ ଲଗାଣ ମୌସୁମୀ ବର୍ଷା ଯୋଗୁ ବଡ଼ ଧରଣର ବନ୍ୟା ସାଙ୍ଗକୁ ଭୂସ୍ଖଳନ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୨୮ ଜଣ ନିଖୋଜ ହୋଇଯାଇଛନ୍ତି। ବନ୍ୟାରେ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହୋଇଥିବାରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚିବା କଷ୍ଟକର ହୋଇଛି। ସଙ୍ଖୁଆସଭା ଜିଲାର ହେୱା ନଦୀରେ ନିର୍ମାଣାଧୀନ ଏକ ଜଳବିଦ୍ୟୁତ୍ ପ୍ରକଳ୍ପର ଜଣେ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୭ ଜଣ ନିଖୋଜ ଅଛନ୍ତି। ସେହିପରି ତାପ୍ଲେଜଙ୍ଗ ଜିଲାରେ ଗୋଟିଏ ପରିବାରର ଜଣେ ବନ୍ୟାଜଳରେ ଭାସିଯାଇ ପ୍ରାଣ ହରାଇଥିବାବେଳେ ଅନ୍ୟ ୩ ଜଣଙ୍କ ପତ୍ତା ମିଳୁନାହିଁ। ଉଦ୍ଧାର କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିବା ନେପାଳ ପୋଲିସ କହିଛି। ଆଉ କିଛିଦିନ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ବିଭିନ୍ନ ନଦୀରେ ଜଳପତ୍ତନ ଆହୁରି ବଢ଼ିପାରେ।

## ମଣିପୁର ହିଂସା ପାଇଁ ଭାଜପା ଦାୟୀ: ଏଏପି

**ନୂଆଦିଲ୍ଲୀ, ୧୮।୬**

ମଣିପୁର ହିଂସା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଭାଜପାକୁ ଦାୟୀ କରିଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାରେ ସରକାରଙ୍କ ବିଫଳତା ପାଇଁ ଏଏପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଭାଜପା କ୍ଷମତାରେ ଥିବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ଓ ସ୍ଥିରତା ସ୍ୱପ୍ନ ହୋଇ ରହିଥିବ ବୋଲି ଏଏପି ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସଞ୍ଜୟ ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମଣିପୁରରେ କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଶତାଧିକ ଲୋକଙ୍କ ଜୀବନ ଯାଇଛି। ଦେଢ଼ମାସ ହେଲା ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନୀରବ ରହିଛନ୍ତି। ସେ ଏପର୍ଯ୍ୟନ୍ତ ମଣିପୁରର 'ମ' ଅକ୍ଷର ଉଚ୍ଚାରଣ କରି ନ ଥିବା ଏଏପି ନେତା ଅଭିଯୋଗ କରିଛନ୍ତି।

## ବ୍ଲିଙ୍କେନ୍‌ଙ୍କ ବେଜିଂ ଗସ୍ତ ଉପରେ ନଜର

**ବେଜିଂ, ୧୮।୬**

ୱାଶିଂଟନ୍ ଓ ବେଜିଂ ମଧ୍ୟରେ ବଢ଼ୁଥିବା ତିକ୍ତତା ଦୂର କରିବା ମିଶନରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ଚାଇନା ଗସ୍ତ କରିଛନ୍ତି। ସେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କ୍ୱିନ୍ ଗାଙ୍ଗଙ୍କ ସହ ତାଇୱାନ୍ ପ୍ରସଙ୍ଗ ଓ ୟୁକ୍ରେନ୍ ଯୁଦ୍ଧ ସମେତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ୱାଶିଂଟନ୍ ଯାଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଆଲୋଚନା କରିବାକୁ ଥିବାବେଳେ ଆମେରିକାର ଶୀର୍ଷ କୂଟନୀତିଜ୍ଞ ବ୍ଲିଙ୍କେନ୍ ଦୁଇଦିନିଆ ବେଜିଂ ଗସ୍ତ କରିଛନ୍ତି। ପ୍ରତିରକ୍ଷା ସହଯୋଗ ବୃଦ୍ଧି, ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନର କ୍ୱାଡ୍ ମେଣ୍ଟକୁ ସୁଦୃଢ଼ କରିବା ଉପରେ ମୋଦି-ବାଇଡେନ୍‌ଙ୍କ ମଧ୍ୟରେ ଆଲୋଚନା ହୋଇପାରେ। ଚାଇନାକୁ ଘେରିବା ଏହି ମେଣ୍ଟର ଉଦ୍ଦେଶ୍ୟ ବୋଲି ଚାଇନା ପକ୍ଷରୁ ଅଭିଯୋଗ ହୋଇଆସୁଛି। ତେଣୁ ବ୍ଲିଙ୍କେନ୍‌ଙ୍କ ଗସ୍ତକୁ କୂଟନୈତିକ ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଉଛି। ଚାଇନା ଓ ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଆଗ୍ରହୀ ଥିବା ବ୍ଲିଙ୍କେନ୍‌ଙ୍କ ଗସ୍ତରୁ ମନେକରାଯାଉଛି। ସେ ସୋମବାର ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ୍ ୟି ଏବଂ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ଆଲୋଚନା କରିପାରନ୍ତି। ବାଇଡେନ୍ ରାଷ୍ଟ୍ରପତି ହେବା ପରେ ଏହା ହେଉଛି ଜଣେ ଉଚ୍ଚସ୍ତରୀୟ ଆମେରିକୀୟ ଅଧିକାରୀଙ୍କ ପ୍ରଥମ ଚାଇନା ଗସ୍ତ। ସେହିପରି ଗତ ୫ ବର୍ଷ ମଧ୍ୟରେ ଏହା ହେଉଛି ଜଣେ ପରରାଷ୍ଟ୍ର ସଚିବଙ୍କ ପ୍ରଥମ ଚାଇନା ଗସ୍ତ। ବ୍ଲିଙ୍କେନ୍ ଗତ ଫେବୃୟାରୀରେ ବେଜିଂ ଗସ୍ତ କରିବାର ଥିଲା। କିନ୍ତୁ ଆମେରିକା ଆକାଶରେ ଚାଇନାର ଗୁପ୍ତଚର ବେଲୁନ୍ ଉଡ଼ିବା ପରେ ସେ ଗସ୍ତକୁ ବାତିଲ କରିଥିଲେ। ତେଣୁ ଏହି ଗସ୍ତ ଉପରେ ଅନ୍ତର୍ଜାତୀୟ ସମୁଦାୟର ନଜର ରହିଛି।



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କ୍ୱିନ୍ ଗାଙ୍ଗଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ (ବାମ)।

## ୨ ଲକ୍ଷ ପିଏସ୍‌ୟୁ ନିଯୁକ୍ତି ରଦ୍ଦ ହୋଇଛି: ରାହୁଲ

**ନୂଆଦିଲ୍ଲୀ, ୧୮।୬**

ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକର ୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତିକୁ ହଟାଇ ଦିଆଯାଇଛି। କେନ୍ଦ୍ର ସରକାର ଅଳ୍ପ କେତେଜଣ ପୁଞ୍ଜିପତି ବନ୍ଧୁଙ୍କ ଫାଇଦା ପାଇଁ ଲକ୍ଷ ଲକ୍ଷ ଯୁବବର୍ଗଙ୍କ ସ୍ୱପ୍ନକୁ ଚୂରମାର କରିଦେଇଥିବା ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଭାରତର ଗର୍ବ ଓ ନିଯୁକ୍ତି ପାଇଁ ପ୍ରତ୍ୟେକ ଯୁବତୀଯୁବକଙ୍କ ସ୍ୱପ୍ନ ବିବେଚନା କରାଯାଉଥିଲା। ଏବେ ତାହା ସରକାରଙ୍କର ପ୍ରାଥମିକତା ନୁହେଁ। ୨୦୧୪ରେ ପିଏସ୍‌ୟୁରେ ୧୬.୯ ଲକ୍ଷ ନିଯୁକ୍ତି ଥିବାବେଳେ ୨୦୨୨ରେ ତାହା



ରାହୁଲ ଗାନ୍ଧୀ

୧୪.୬ ଲକ୍ଷକୁ ହ୍ରାସ ପାଇଛି। ପ୍ରଗତିଶୀଳ ରାଷ୍ଟ୍ରରେ ନିଯୁକ୍ତି ହ୍ରାସ ପାଏ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ବିଏସ୍‌ଏନ୍‌ଏଲ ୧,୮୧,୧୨୭ ନିଯୁକ୍ତି ହରାଇଥିବାବେଳେ ସେଲ୍ ୬୧,୯୨୮, ଏମ୍‌ଟିଏନ୍‌ଏଲ୍ ୩୪୩,୯୯୭, ଏସ୍‌ଇସିଏଲ୍ ୨୯,୧୪୦, ଏଫ୍‌ସିଆଇ ୨୮,୦୬୩ ଏବଂ ଓଏନ୍‌ଜିସି ୨୧,୧୨୦ ନିଯୁକ୍ତି ହରାଇଛି। ଯେଉଁମାନେ ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ, ନିଯୁକ୍ତି ବଢ଼ାଇବା ପରିବର୍ତ୍ତେ ୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତିକୁ ହଟାଇ ଦେଇଛନ୍ତି। ଏହିସବୁ ସଂସ୍ଥାରେ ଠିକା ନିଯୁକ୍ତି ଦୁଇଗୁଣ ବଢ଼ିଛି। ଏହାଦ୍ୱାରା ସଂରକ୍ଷଣର ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନିଆଯାଉଛି। ଏହି କମ୍ପାନୀଗୁଡ଼ିକୁ ଘରୋଇକରଣ କରିବା ପାଇଁ ଏହା ଚକ୍ରାନ୍ତ ନୁହେଁ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଶିଳ୍ପପତିଙ୍କ ଋଣ ଛାଡ଼ ହେଉଥିବାବେଳେ ପିଏସ୍‌ୟୁଗୁଡ଼ିକରୁ ନିଯୁକ୍ତି ରଦ୍ଦ କରାଯିବା କି ପ୍ରକାର ଅମୃତ କାଳ ବୋଲି କଂଗ୍ରେସ ନେତା ଟୁଇଟ୍ କରିଛନ୍ତି।

## ନିଶାଗ୍ରସ୍ତ ମହିଳାଙ୍କୁ ଘରକୁ ନେଇ ବଳାତ୍କାର: ଭାରତୀୟ ଛାତ୍ର ଗିରଫ

**ଲଣ୍ଡନ, ୧୮।୬**

ବ୍ରିଟେନରେ ଜଣେ ନିଶାଗ୍ରସ୍ତ ତଥା ଅର୍ଦ୍ଧଚେତନ ମହିଳାଙ୍କୁ ଘରକୁ ନେଇଯାଇ ବଳାତ୍କାର କରିବା ଅଭିଯୋଗରେ ଜଣେ ଭାରତୀୟ ଛାତ୍ରଙ୍କୁ ଗିରଫ କରାଯାଇଛି। ଗତବର୍ଷ ଜୁନ୍‌ରେ ପ୍ରୀତି ଭିକାଲ (୨୦) ଏକ କ୍ଲବ୍‌ରେ ଉକ୍ତ ମହିଳାଙ୍କୁ ଭେଟିଥିଲେ। ସେ ତାଙ୍କୁ କାର୍ଡିଫ୍‌ସ୍ଥିତ ନିଜ ଫ୍ଲାଟ୍‌କୁ ନେଇଯାଇ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ମହିଳା ଜଣକ ଏତେ ପିଇଥିଲେ ଯେ ରାତି ପାହିବା ପର୍ଯ୍ୟନ୍ତ ତାଙ୍କ ନିଶା ଉତ୍ତୁରି ନ ଥିଲା। ପ୍ରୀତି ତାଙ୍କୁ ନିଜ ବାହୁରେ ଉଠାଇ ଓ ପରେ କାନ୍ଧରେ ନେଇ ଯାଉଥିବାର ଭିଡିଓ ଅନ୍‌ଲାଇନରେ ଦେଖିବାକୁ ମିଳିଛି।

## ଇତିହାସର ଅନ୍ଧକାର ସମୟ ଏମର୍ଜେନ୍ସି

**ନୂଆଦିଲ୍ଲୀ, ୧୮।୬(ପି.ଟି.)**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ପୁରୀ ରଥଯାତ୍ରା କଥା କହିଲେ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଏମର୍ଜେନ୍ସିକୁ ଭାରତ ଇତିହାସର ଅନ୍ଧକାର ସମୟ ବୋଲି ବର୍ଣ୍ଣନା କରିଛନ୍ତି। ସେତେବେଳେ ଯେଉଁମାନେ ଗଣତନ୍ତ୍ରକୁ ସମର୍ଥନ କରୁଥିଲେ, ସେମାନଙ୍କୁ ନିର୍ଯାତନା ଦିଆଯାଉଥିଲା। ସେହି ସମୟର ଅପରାଧଗୁଡ଼ିକ ଦେଶର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଥିଲା, ଯାହାକି ଯୁବପିଢ଼ିଙ୍କୁ ଗଣତନ୍ତ୍ରର ଅର୍ଥ ଓ ଅଭିପ୍ରାୟ ବୁଝିବାରେ ସହଜ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ପୁରୀର ରଥଯାତ୍ରା କଥା କହିଛନ୍ତି। ପୁରୀ ରଥଯାତ୍ରା ଏକ ବିସ୍ମୟ, ଯାହା ଏକ ଭାରତ-ଶ୍ରେଷ୍ଠ ଭାରତର ପ୍ରକୃତ ଭାବକୁ ପ୍ରତିଫଳିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦ ତାରିଖରେ ପାଳିତ ହେଉଥିବା ରଥଯାତ୍ରା ସାରା ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଆସନ୍ତା ସପ୍ତାହରେ



ନରେନ୍ଦ୍ର ମୋଦି

ଆମେରିକା ଗସ୍ତରେ ଯିବାକୁ ଥିବାରୁ ୧୮ ତାରିଖରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଛନ୍ତି। ଆମେରିକା ଗସ୍ତ ଅବସରରେ ସେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସମସ୍ତେ ଯୋଗକୁ ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶବିଶେଷ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।

# ପ୍ରାଣୀଧନ ଚିଠା ବିଲ୍‌କୁ ବିରୋଧ

**ନୂଆଦିଲ୍ଲୀ, ୧୮।୬**

- ଜୀବଜନ୍ତୁଙ୍କ ପ୍ରତି କ୍ରୂରତା ବଢ଼ିବ
- ଜିନ୍‌ଗତ ମୌଳିକତା ହରାଇବେ ପ୍ରାଣୀ

ଜୁନ୍ ୭ରେ ପଶୁ ପାଳନ ଓ ଡେଏରି ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ସାର୍ବଜନୀନ କରାଯାଇଥିବା ଚିଠା ପ୍ରାଣୀ ଧନ ବିଲ୍ ପଶୁପ୍ରେମୀ ଓ କର୍ମୀମାନଙ୍କୁ ଅସନ୍ତୁଷ୍ଟ କରିଛି। ପ୍ରାଣୀଙ୍କ ପ୍ରତି କ୍ରୂରତାକୁ ନେଇ ସେମାନେ ଶନିବାର ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ପ୍ରାଣୀ ସମ୍ପଦ ତାଲିକାରେ କୁକୁର ଓ ବିଲେଇକୁ ସାମିଲ କରାଯିବାକୁ ମଧ୍ୟ ଆକ୍ଟିଭିଷ୍ଟମାନେ ବିରୋଧ କରୁଛନ୍ତି।

ପ୍ରାଣୀଧନ ଓ ପ୍ରାଣୀଧନ ଉତ୍ପାଦ (ଆମଦାନୀ ଏବଂ ରପ୍ତାନି) ବିଲ୍, ୨୦୨୩ ଉପରେ ପ୍ରସ୍ତାବ/ଆପତ୍ତି ଦାଖଲ କରିବାର ଶେଷ ତାରିଖ ଜୁନ୍ ୧୭ ରହିଥିଲା। ଏହା ହେଉଛି ବର୍ତ୍ତମାନ ପ୍ରଚଳିତ ପ୍ରାଣୀଧନ ଆମଦାନୀ ଆଇନ, ୧୮୯୮ ଏବଂ ପ୍ରାଣୀଧନ ଆମଦାନୀ (ସଂଶୋଧନ) ଆଇନ, ୨୦୦୧ର ପୁନଃପ୍ରବର୍ତ୍ତନ। ଚିଠା ବିଧେୟକ ଅନୁସାରେ ପ୍ରସ୍ତାବିତ ନୂଆ ଆଇନରେ ପ୍ରାଣୀ ଧନ ଓ ପ୍ରାଣୀ ସମ୍ପଦ ଉତ୍ପାଦଗୁଡ଼ିକର ଆମଦାନୀ ତଥା ରପ୍ତାନି ଉପରେ ନିୟନ୍ତ୍ରଣ ନେଇ ପଦକ୍ଷେପ ନେବାକୁ ଲକ୍ଷ୍ୟ ରଖାଯାଇଛି। ଆକ୍ଟିଭିଷ୍ଟମାନେ ଉକ୍ତ ବିଲ୍‌କୁ ବିରୋଧ କରି କହିଛନ୍ତି, ଏହାଦ୍ୱାରା ବିପୁଳ ପରିମାଣରେ ପ୍ରାଣୀଙ୍କ ଆମଦାନୀ ଓ ରପ୍ତାନିର ଅନିୟନ୍ତ୍ରିତ ବାଟ ଫିଟିବ। ଏଥିସହ ସ୍ଥାନୀୟ ଜୀବଜନ୍ତୁଙ୍କ ଜିନ୍ ପୁଲ୍‌କୁ ମଧ୍ୟ ଏହା ନଷ୍ଟ କରିଦେବ।

ଟୁଇଟର୍‌ରେ ଶନିବାର # ସେ ନୋ ଟୁ ଲାଇଭଷ୍ଟକ୍ ବିଲ୍ ୨୦୨୩ ଟ୍ରେଣ୍ଡ୍ କରିଥିଲା। ଜୟା ଭଟ୍ଟାଚାର୍ଯ୍ୟ, ଦିବ୍ୟା ସେଠଙ୍କ ସମେତ ଅନେକ ସେଲିବ୍ରିଟି, ଜୈନ ନେତା ଆଚାର୍ଯ୍ୟ ଲୋକେଶ ମୁନୀ ଓ ଆହୁରି ଅନେକ ବ୍ୟକ୍ତି ଏହି ବିଲ୍ ବିରୋଧରେ ମତବ୍ୟକ୍ତ କରିବା ସହ ଏହାକୁ ବିରୋଧ କରିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଆମ କୁକୁର ଓ ବିରାଡ଼ିମାନେ ସାମଗ୍ରୀ ନୁହନ୍ତି। ସେମାନଙ୍କ ଜୀବନକୁ ସୁରକ୍ଷା ଦେବା ପାଇଁ ବିଧେୟକ ଗୃହୀତ କରିବା ପରିବର୍ତ୍ତେ ବିନାଶ ସୃଷ୍ଟିକାରୀ ପଦକ୍ଷେପ ନିଅନାହିଁ। ଆମେ କେଉଁଆଡ଼େ ମୁହାଁଉଛେ। ଦୟାକରି ଏହାକୁ ବନ୍ଦ କରନ୍ତୁ ଲେଖି ଜୟା ଭଟ୍ଟାଚାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଡେଏରି ମନ୍ତ୍ରଣାଳୟକୁ ଟ୍ୟାଗ୍ କରିଛନ୍ତି।

ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଅମିତା ସିଂ ଟୁଇଟ୍ କରିଛନ୍ତି, ଏହି ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କର। ଏହା ହେଉଛି ପ୍ରାଣୀଧନ ଏବଂ ବିରାଡ଼ି, କୁକୁର, ପକ୍ଷୀ ଆଦିଙ୍କ ସମେତ ଅନ୍ୟ ଜନ୍ତୁଙ୍କ ଆମଦାନୀ-ରପ୍ତାନି ସକାଶେ ସର୍ବାଧିକ ଦେଶବିରୋଧୀ, ନିର୍ବୋଧ ଓ ଖାମଖିଆଲ ୨୦୨୩ ବିଧେୟକ। ଆକ୍ଟିଭିଷ୍ଟ ଓ ପ୍ରାଣୀ ମଙ୍ଗଳ ଗୋଷ୍ଠୀଗୁଡ଼ିକ ଦ୍ୱାରା ଟୁଇଟ୍ କରାଯାଇଥିବା ଏକ ଭିଡିଓ ମେସେଜ୍‌ରେ ଜିନତ୍ ଅମାନ୍ କହିଛନ୍ତି, ଜୀବନ୍ତ କ୍ରୂରତାର ସହ ଜୀବଜନ୍ତୁଙ୍କ ପରିବହନକୁ ବୈଧ କରିବାକୁ ଯାଉଥିବା ପଦକ୍ଷେପ ବିରୋଧରେ ଆଜିର ଟୁଇଟରଥୋନ୍‌ରେ ସମସ୍ତେ ସାମିଲ ହୋଇ ପ୍ରତିବାଦ ଜଣାନ୍ତୁ। ଲାଇଭ୍‌ଷ୍ଟକ୍ ବିଲ୍ ୨୦୨୩କୁ ନା କହି ଯେତେ ଅଧିକ ଥର ସମ୍ଭବ ସେତେ ଟୁଇଟ୍ କରିବାକୁ ସେ ଅନୁରୋଧ କରିଛନ୍ତି।

ଆକ୍ଟିଭିଷ୍ଟମାନେ ଏହାକୁ ବିରୋଧ କରୁଥିବାବେଳେ ସରକାରୀ ଅଧିକାରୀମାନେ କହିଛନ୍ତି, ପରବର୍ତ୍ତୀ ସମୟରେ ଆଇନ ପ୍ରଣୟନ କରାଯିବ। ପ୍ରାଣୀ ଧନ ଓ ଡେଏରି ମନ୍ତ୍ରଣାଳୟର ପୂର୍ବତନ ସଚିବ ତରୁଣ ଶ୍ରୀଧର କହିଛନ୍ତି, ଏହା କେବଳ ଏକ 'ସକ୍ଷମ' ଆଇନ, ଯାହା କେବଳ ସରକାରଙ୍କୁ ଉପଯୁକ୍ତ ନିୟମକୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ। ଏପରି ନିୟମଗୁଡ଼ିକ କେବଳ ବାଞ୍ଛନୀୟ ନୁହେଁ, ଜୈବ-ସୁରକ୍ଷା ଓ ସ୍ୱଦେଶୀ ଜୈବ ବିବିଧତାର ସଂରକ୍ଷଣ ପାଇଁ ଅପରିହାର୍ଯ୍ୟ ମଧ୍ୟ। ସରକାର ଉକ୍ତ ଆଇନରେ ନିୟନ୍ତ୍ରଣ ଓ କଟକଣା ଜାରି ପାଇଁ ପ୍ରସ୍ତୁତ ରହିବା ଜରୁରୀ।

ପ୍ରାଣୀ ଅଧିକାର କର୍ମୀ ଗୌରୀ ମୌଲେଖୀ କହିଛନ୍ତି, ସାମଗ୍ରୀ ଭଳି ଜୀବଜନ୍ତୁଙ୍କ ଆମଦାନୀ ଓ ରପ୍ତାନି ସେମାନଙ୍କ ପ୍ରତି କ୍ରୂରତା। ବହୁସଂଖ୍ୟକ ସ୍ଥାନୀୟ ପ୍ରାଣୀଙ୍କୁ ଏପରି ପରିବେଶକୁ ରପ୍ତାନି କରାଯାଉଛି, ଯାହା ସେମାନଙ୍କ ପାଇଁ ଅନୁକୂଳ ନୁହେଁ। ଏହାଦ୍ୱାରା ସେମାନଙ୍କ ଜିନ୍ ପୁଲ୍ ନଷ୍ଟ ହୋଇଯିବ। ଏହି ବିଲ୍ ଆଇନରେ ପରିଣତ ହେଲେ ପ୍ରାଣୀ ରୋଗାକ୍ରାନ୍ତ ହେବା ଆଶଙ୍କା ବଢ଼ିଯିବ। ଏଥିରୁ ଆର୍ଥିକ କିମ୍ବା ପରିବେଶଗତ କୌଣସି ଦୀର୍ଘକାଳୀନ ଲାଭ ମିଳିବା ଭଳି ମନେହେଉନାହିଁ। ଏପରି କି ଜୀବଜନ୍ତୁଙ୍କ ମଙ୍ଗଳ ଦୃଷ୍ଟିରୁ ବିଚାର କଲେ ପ୍ରାଣୀଧନ ଆମଦାନୀ ଓ ରପ୍ତାନିକୁ ପ୍ରୋତ୍ସାହନ ଦେବାରେ କିଛି ଲାଭ ନାହିଁ ବୋଲି ମୌଲେଖୀ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ | Bhubaneswar, Monday, June 19/2023 | ପୃଷ୍ଠା-୧


## ନବଯୌବନ ଦର୍ଶନ ଆଜି

**ପୁରୀ,୧୮।୬(ଅଜିତ ମହାନ୍ତି)**

ଅନବସର ଗୁପ୍ତ ନୀତି ସରିବା ପରେ ସୋମବାର ନେତ୍ର ଉତ୍ସବରେ ଦୁର୍ଲଭ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ ସହ ନୀତିକାନ୍ତି ଓ ଦର୍ଶନ ନେଇ ସମୟ ଧାର୍ଯ୍ୟ କରାଯାଇଛି। ପ୍ରଥମେ ଶ୍ରୀବିଗ୍ରହମାନଙ୍କ ଚକା ଅପସର ନୀତି ଅନୁଷ୍ଠିତ ହେବ। ସକାଳ ୬ଟାରେ ଚକା ଅପସର ପରେ ୬ଟା ୧୦ରେ ମଙ୍ଗଳ ଆଳତି, ୬ଟା ୨୫ରେ ମଇଲମ, ୭ଟାରେ ଅବକାଶ ହୋଇ ୭ଟା ୩୦ରେ ଦଶ ଅବତାର ଠାକୁରଙ୍କ ବାହୁଡ଼ା ବିଜେ ନୀତି ହେବ। ☞ପୃଷ୍ଠା-୨

# ଅଂଶୁଘାତ ନେଲାଣି ୧୦୦ରୁ ଊର୍ଦ୍ଧ୍ୱ ଜୀବନ

**ଲକ୍ଷ୍ନୌ/ପାଟନା/ଭୁବନେଶ୍ୱର(ଅନୁରାଧା ମହାରଣା),୧୮।୬**

- ୭୨ ଘଣ୍ଟାରେ ୟୁପିରେ ୫୭, ବିହାରରେ ୪୪ ମୃତ
- ଓଡ଼ିଶାରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ
- ୪୬° ସେଲ୍‌ସିୟସ୍ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ
- ୨୦ରୁ ଓଡ଼ିଶାରେ ମିଳିପାରେ ଆଶ୍ୱସ୍ତି

ମୌସୁମୀ ଆଗମନରେ ବିଳମ୍ବ ହେତୁ ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାର ପ୍ରଭାବରେ ଉତ୍ତର ପ୍ରଦେଶ, ବିହାର, ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ସମେତ ଅନ୍ୟ କେତେକ ରାଜ୍ୟରେ ଆଉ ୪ ଦିନ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ରୌଦ୍ରତାପ ଲାଗିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ଓଡ଼ିଶା ସମେତ ଉତ୍ତର ଭାରତରେ ସର୍ବାଧିକ ଖରା ଅନୁଭୂତ ହେଉଛି। ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିହାର ଓ ଉତ୍ତର ପ୍ରଦେଶରେ ଗତ ୩ ଦିନ ମଧ୍ୟରେ ଅଂଶୁଘାତରେ ୧୦୧ ଜଣଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହେବ। ସେହିପରି ଓଡ଼ିଶାରେ ୨୦ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ସେଥିମଧ୍ୟରୁ ବାଲେଶ୍ୱରରେ ଜଣଙ୍କର ମୃତ୍ୟୁ ଅଂଶୁଘାତ ଜନିତ ବୋଲି ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକ ସମ୍ପର୍କରେ ଜିଲାପାଳମାନଙ୍କ ଦ୍ୱାରା ତଦନ୍ତ କରାଯାଉଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ରିପୋର୍ଟ ଅନୁସାରେ ଜୁନ୍ ୧୫, ୧୬ ଓ ୧୭ରେ ଉତ୍ତରପ୍ରଦେଶର ବାଲିଆସ୍ଥିତ ଜିଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୪୦୦ ଜଣଙ୍କ ମଧ୍ୟରୁ ୫୭ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୬୦ରୁ ଅଧିକ ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ସୂଚନା ଦେଇଛନ୍ତି। ବିହାରରେ ମଧ୍ୟ ଅନୁରୂପ ସ୍ଥିତି ଲାଗିରହିଛି। ବିହାରରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ଭାରତ ଚାମ୍ପିୟନ

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

### ଚାମ୍ପିୟନ ଦଳକୁ ୧ କୋଟି ଟଙ୍କା ପୁରସ୍କାର ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୬(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୦ ଗୋଲରେ ଲେବାନନ୍‌କୁ ପରାସ୍ତ କରିଛି। ମ୍ୟାଚ୍‌ର ୪୬ତମ ମିନିଟ୍‌ରେ ଅଧିନାୟକ ସୁନୀଲ ଛେତ୍ରୀ ଏବଂ ୬୬ତମ ମିନିଟ୍‌ରେ ଲାଲିଆଞ୍ଜୁଲା ଚାଙ୍ଗ୍‌ଟେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ☞ପୃଷ୍ଠା-୨


ओड़िशा केन्द्रीय विश्वविद्यालय
(केन्द्रीय विश्वविद्यालय अधिनियम 2009 के अंतर्गत स्थापित)
**Central University of Odisha**
(Established Under the Central Universities Act, 2009)
NAD Post Office, Sunabeda, Dist. - Koraput, Odisha - 763 004

**Advertisement For Admission in UG / PG Programmes**

Advertisement No. 07/2023 Date: 17-06-2023

The Central University of Odisha (CUO), established under the Central University Act 2009 to address the growing educational needs of the Country, is located in Koraput, one of the finest places in terms of tranquillity and weather throughout the year. As part of implementation of NEP-2020 creating inter-disciplinary academic initiatives including the community outreach programmes and industry academia interface, CUO is receiving online application form for admission in 4 UG / PG Programmes [B.Sc. (Hons.) in Agriculture Science, B.Sc. (Hons.) in Animal Husbandry & Dairying, B.Sc. (Hons.) in Forest Management, and MBA (Logistics & Supply Chain Management)].

The starting date of receiving of online application form was:
**26-05-2023**
The end date of receiving of online application form is:
**26-06-2023**
For more details, please visit our website:
**https://cuo.ac.in/index.asp**

Sd/-
Controller of Examinations



Muthoot Finance
GOLD LOAN
ଖୋଲନ୍ତୁ ଖୁସିର ଭଣ୍ଡାର!



ଲକ୍ଷ ଲକ୍ଷ ଲୋକ ମୁଥୁଟ ଫାଇନାନ୍‌ସ ରୁ ଗୋଲ୍‌ଡ ଲୋନ୍ ନେଇ ନିଜର ଖୁସି ପୂରା କରିଛନ୍ତି
ଆମଠୁ ଗୋଲଡ୍ ଲୋନ୍ ନିଅନ୍ତୁ, ପ୍ରତ୍ୟେକ ଖୁସି ହାସଲ କରନ୍ତୁ

INDIA'S #1 MOST TRUSTED FINANCIAL SERVICES BRAND 2023#
5840+ ଶାଖା*
2.5 ଲକ୍ଷ+ ଗ୍ରାହକଙ୍କୁ ପ୍ରତିଦିନ ସେବା
Gold Loan@Home ଗୋଲଡ୍ ଲୋନ୍ ପାଆନ୍ତୁ ଘରେ ବସି ବସି

# Power of Trust TRA's Brand Trust Report *ମୁଥୁଟ ଫାଇନାନ୍‌ସ ଏବଂ ତାର ସବସିଡିଆରି କାନ 1 ଗୁଡ଼ିକ। **ସର୍ତ୍ତାବଳୀ ପ୍ରଯୁଜ୍ୟ।

GOLD milligram rewards**
କୌଣସି ବି ଟ୍ରାଞ୍ଜାକସନ୍ ଅଥବା ରେଫର୍ କରିବା ଦ୍ୱାରା ପାଆନ୍ତୁ 24 ct ସୁନା
1800 313 1212
muthootfinance.com
Muthoot Family - 800 years of Business Legacy



DSPL-96

TRANSPARENCY TECHNOLOGY TEAMWORK TIME TRANSFORMATION
ଓଡ଼ିଶା ସରକାର
ମୋ ସରକାର ☎ 14545





"ବିଶ୍ୱ ଭ୍ରାତୃତ୍ୱ ଓ ସର୍ବ ଧର୍ମ ସମନ୍ୱୟର ପ୍ରତୀକ ପବିତ୍ର ଘୋଷ ଯାତ୍ରା ଅବସରରେ ସମସ୍ତଙ୍କର ସୁଖ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ମୋର ପ୍ରାର୍ଥନା"

**ରଥଯାତ୍ରା-୨୦୨୩ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା**

- ବୟୋବୃଦ୍ଧ/ଭିନ୍ନକ୍ଷମ ବ୍ୟକ୍ତି ଓ ପିଲାମାନଙ୍କୁ ଏକୁଟିଆ ଭିଡ ଭିତରକୁ ଛାଡନ୍ତୁ ନାହିଁ।
- ବିଶୁଦ୍ଧ ପାଣି ପିଅନ୍ତୁ ଏବଂ ଖାଇବା ପୂର୍ବରୁ ହାତ ଭଲଭାବେ ଧୁଅନ୍ତୁ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, କୃତ୍ରିମ ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଓ ପନିପରିବା ଖାଆନ୍ତୁ ନାହିଁ।
- ଅଂଶୁଘାତରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି କିମ୍ବା ଓଦା କପଡା ଲଗାନ୍ତୁ ଏବଂ ଓ.ଆର୍.ଏସ୍ ପିଅନ୍ତୁ।
- ସମୁଦ୍ର ସ୍ନାନ ସମୟରେ ଦୂର୍ଘଟଣା ଏଡାଇବା ପାଇଁ ସତର୍କ ରୁହନ୍ତୁ।
- ଅସୁସ୍ଥ ଅନୁଭବ କଲେ କିମ୍ବା ଦୂର୍ଘଟଣା ଘଟିଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରକୁ ଯାଇ ଚିକିତ୍ସିତ ହୁଅନ୍ତୁ।

**ଜରୁରୀ ଫୋନ୍ ନମ୍ବର :**
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪, ଆମ୍ବୁଲାନ୍ସ ସେବା : ୧୦୮

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
OIPR-10003/13/0062/2324
facebook.com/HFWOdisha
http://www.health.odisha.gov.in/
@HFWOdisha

**ଆଜିର ମନ୍ତବ୍ୟ**

"କେନ୍ଦ୍ରରେ ଅଶିକ୍ଷିତ ଲୋକ ସରକାର ଚଳାଉଛନ୍ତି। ଆଗାମୀ ନିର୍ବାଚନରେ ଜାଲ୍ ଡିଗ୍ରୀଧାରୀଙ୍କୁ ଭୋଟ ଦିଅନ୍ତୁ ନାହିଁ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ଆସୁନାହିଁ ଭାତ**
**ପିଇ ଆସୁନାହିଁ ପାଣି**
**ଗେରସ୍ତ ପାଖକୁ ଶୋଇବାକୁ ଗଲି**
**ମୂଷା ନେଇଗଲା ଟାଣି ।**

କେତେଜଣ ବ୍ୟକ୍ତି ନିହାତି ଅପଦାର୍ଥ ବା ଅନାଡ଼ି ପ୍ରକୃତିର ହୋଇଥାନ୍ତି। ତାଙ୍କ ଦ୍ୱାରା କୌଣସିଟି କାର୍ଯ୍ୟ ସୁଚାରୁରୂପେ ହୋଇପାରି ନ ଥାଏ। ଏପରି ବ୍ୟକ୍ତି ଯେଉଁଥିରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଇର ହାକୁଟି ଉଠୁଛି ଯେତେ**
**ଉପରେ ଉପରେ ଖୁନ୍ଦୁଛି ସେତେ ।**

ଖାଦ୍ୟଲୋଭୀ ବ୍ୟକ୍ତି ସାଧାରଣତଃ ଖାଦ୍ୟ ପ୍ରତି ଅଧିକ ଲାଳାୟିତ ହୋଇଥାନ୍ତି। ଅତ୍ୟଧିକ ଖାଦ୍ୟ ଗ୍ରହଣ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଜାଣି ମଧ୍ୟ ସେମାନେ ନିଜ ଲୋଭ ସମ୍ବରଣ କରିପାରି ନ ଥାନ୍ତି। ଅଜୀର୍ଣ୍ଣରେ ପୁଣି ଖାଦ୍ୟ ଗ୍ରହଣ କରୁଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବେ ବନ କର୍ମଚାରୀ

ଭୁବନେଶ୍ୱର,୧୮।୬(ଅଭିଜିତ ଦାସ): ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ବନ କର୍ମଚାରୀମାନେ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛନ୍ତି। କେତେବେଳେ ଶିକାରୀ ତ ଆଉ କେତେବେଳେ କାଠ ଚୋରଙ୍କ ଆକ୍ରମଣ ଓ ହତ୍ୟାର ଶିକାର ହେଉଛନ୍ତି। ବିଶେଷକରି ଶିମିଳିପାଳରେ ଗତ ମେ' ୨୪ରେ ବନରକ୍ଷୀ ବିମଳ ଜେନା ଓ ଜୁନ୍ ୧୬ ରାତିରେ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କୁ ଗୁଳିକରି ହତ୍ୟା ପରେ ବନ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବାଦରେ ଓଡିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ସୋମବାରଠାରୁ ଆନ୍ଦୋଳନ ଡାକରା ଦିଆଯାଇଛି। ରବିବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଜଗବନ୍ଧୁ ପାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବାରମ୍ବାର ବନକର୍ମଚାରୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀ ଘଟଣାକୁ କୋଣଠେସା କରୁଛନ୍ତି। ସେହିପରି ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ମଧ୍ୟରେ ଅବ୍ୟବସ୍ଥା କାରଣରୁ ବନକର୍ମଚାରୀ ଏଭଳି ଦଶା ଭୋଗୁଛନ୍ତି। ତେଣୁ ସୋମବାରଠାରୁ ଜୁଲାଇ ୮ ଯାଏ ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରମାନେ ଆନ୍ଦୋଳନ କରିବେ। ଏହି ସମୟରେ ସେମାନେ ଜଙ୍ଗଲ ଭିତରେ ପାଟ୍ରୋଲିଂ କରିବେ ନାହିଁ। ଏଥିସହ ୫୦ଟି ସ୍ଥାନରେ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ମୁତୟନ, କର୍ମଚାରୀ ୱେଲ୍‌ଫେୟାର ଫଣ୍ଡ ଗଠନ, ସର୍କଲ ରି-ଅର୍ଗାନାଇଜେଶନ, ରେଞ୍ଜ୍ ଓ ବିଟ୍ ଡିଭିଜନ ସହ ଖାଲି ପଡିଥିବା ପଦବୀଗୁଡିକରେ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଆଦି ୫ ଦଫା ଦାବି ସଂଘ ରଖିଛି। ଯଦି ଏହି ସମୟ ମଧ୍ୟରେ ରାଜ୍ୟ ସରକାର ୫ ଦଫା ଦାବି ପୂରଣ ନ କରନ୍ତି, ତେବେ ଜୁଲାଇ ୧୦ରୁ ସମସ୍ତ ଅଣଗେଜେଟେଡ୍ ବନ କର୍ମଚାରୀମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ସେ ଚେତାବନୀ ଦେଇଛନ୍ତି।

# କୁଜଙ୍ଗରେ ଡବଲ ମର୍ଡର

## ଦୁଇ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା କଲେ ଯୁବକ


ଅଭିଯୁକ୍ତ ଚିଣ୍ଟୁ


ସୁନିତା ଭୋଲ


ନିର୍ମଳା ଲେଙ୍କା

କୁଜଙ୍ଗ, ତା୧୮।୬: (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗରେ ରବିବାର ଦାଦାବଟି ଓ ବ୍ୟକ୍ତିଗତ ଶତ୍ରୁତା ପାଇଁ ଘଟିଛି ଡବଲ ମର୍ଡର। ଜଣେ ଯୁବକ ଦୁଇ ମହିଳାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। କୁଜଙ୍ଗ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ଏକ୍ସପ୍ରେସ୍ କଲୋନୀ ନିକଟରେ ଏହି ଘଟଣା ଘଟିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତା ଦୁଇ ମହିଳା ହେଲେ ସୁନିତା ଭୋଲ (୪୩) ଓ ନିର୍ମଳା ଲେଙ୍କା (୫୭)। ସେମାନେ ଦୁହେଁ ପଡ଼ୋଶୀ। ଅଭିଯୁକ୍ତ ଜଣକ ହେଲେ ଏକ୍ସପ୍ରେସ୍ କଲୋନୀରେ ରହୁଥିବା କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜ୍ୟୋତିପ୍ରକାଶ ନାଥଶର୍ମା ଓରଫ କାଳିଆ ଓରଫ ଚିଣ୍ଟୁ (୩୬)।

ମିଳିଥିବା ସୂଚନାନୁଯାୟୀ, ସକାଳ ପ୍ରାୟ ସାଢ଼େ ୭ଟାରେ ଏକ୍ସପ୍ରେସ୍ କଲୋନୀ ନିକଟରେ ଘର କରି ରହୁଥିବା ଭଣ୍ଡୁଆ ଗ୍ରାମର ପ୍ରମୋଦ ଭୋଲଙ୍କ ସ୍ତ୍ରୀ ସୁନିତା ବାରଣ୍ଡାରେ ବସିଥିଲେ। ଅଭିଯୁକ୍ତ ଚିଣ୍ଟୁ ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ଚିଣ୍ଟୁ ଫେରିଯାଇ ନିଜ ବସା ଘରୁ ଏକ ହଂସୁଆ ଖଣ୍ଡା ଆଣି ସୁନିତାକୁ ହାଣିଦେଇଥିଲେ। ଏହି ଘଟଣାକୁ ସୁନିତାଙ୍କ ପଡ଼ୋଶୀ ନିର୍ମଳା ଦେଖି ପ୍ରତିବାଦ କରିବାରୁ ଚିଣ୍ଟୁ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ନିର୍ମଳାଙ୍କ ଚିତ୍କାର ଶୁଣି ତାଙ୍କ ସ୍ୱାମୀ ସହଦେବ ମଲ୍ଲ ଓ ପୁଅ ରିତେଶ ରୋଶନ ପହଞ୍ଚି ଚିଣ୍ଟୁଙ୍କୁ ଅଟକାଇବାବେଳେ ସେମାନେ ମଧ୍ୟ ଆହତ ହୋଇଛନ୍ତି। ଖଣ୍ଡା ଚୋଟରେ ସହଦେବଙ୍କ କାନପାଖ ଓ ହାତରେ ଆଘାତ ଲାଗିଥିବାବେଳେ ରିତେଶର ଆଙ୍ଗୁଠି କଟିଯାଇଛି। ପାଖ ବଳରାମପୁର ଗ୍ରାମର କେତେଜଣ ଚିଣ୍ଟୁଙ୍କୁ କାବୁ କରି ଗୋଡ଼ହାତ ବାନ୍ଧିବା ସହ ପୋଲିସ୍‌କୁ ଖବର ଦେଇଥିଲେ। ଏହାପରେ ପୋଲିସ୍ ଚିଣ୍ଟୁଙ୍କୁ ଗିରଫ କରିନେଇଥିଲା। ନିର୍ମଳାଙ୍କ ସ୍ୱାମୀ ସହଦେବଙ୍କ ଏତଲାକୁ ଭିତ୍ତିକରି ପୋଲିସ୍ ଆଇପିସି ଦଫା ୩୦୨, ୩୦୭,୩୨୬ ଅନୁଯାୟୀ ୩୧୦/୨୩ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରାଥମିକ ତଦନ୍ତକୁ ଭିତ୍ତିକରି ତିର୍ତ୍ତୋଲ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ କହିଛନ୍ତି ଯେ, ଚିଣ୍ଟୁଙ୍କ ପାରିବାରିକ ବିବାଦ ଥିଲା। ଯେଉଁଥିପାଇଁ ତାଙ୍କ ସ୍ତ୍ରୀ ପ୍ରଭାତୀ ନାଥ ପ୍ରାୟ ଏକମାସ ତଳୁ ୧୨ ବର୍ଷର ଝିଅ ଓ ୮ ବର୍ଷର ପୁଅ ସହ କେଉଁଆଡ଼େ ଚାଲିଯାଇଛନ୍ତି। ଚିଣ୍ଟୁଙ୍କୁ ସନ୍ଦେହ ହୋଇଥିଲା ଯେ, ସୁନୀତା ତାଙ୍କ ସ୍ତ୍ରୀକୁ କୁମନ୍ତ୍ରଣା ଦେଇ ବିଦା କରିଦେଇଛନ୍ତି। ଏହାସହ ତାଙ୍କ ସ୍ତ୍ରୀ କେଉଁଠି ଅଛି ସୁନୀତା ତାହା ଜାଣିଛନ୍ତି। ତେଣୁ ରବିବାର ସକାଳେ ସେ ତାଙ୍କ ସ୍ତ୍ରୀଙ୍କ ସମ୍ପର୍କରେ ପଚାରିବାରୁ ସୁନିତା କିଛି ଜାଣିନାହାନ୍ତି ବୋଲି କହିଥିଲେ। ଏଥିରେ ଚିଣ୍ଟୁ ଉତ୍‌କ୍ଷିପ୍ତ ହୋଇ ସୁନିତାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ସେହି ସମୟରେ ପଡ଼ୋଶୀ ସହଦେବଙ୍କ ସ୍ତ୍ରୀ ନିର୍ମଳା ଗେଟ୍ ବନ୍ଦ କରିବାକୁ ବାହାରକୁ ଆସିଥିବାବେଳେ ଏ ବୀଭତ୍ସ ଦୃଶ୍ୟ ଦେଖି ବିରୋଧ କରିବାକୁ ଯିବାରୁ ଚିଣ୍ଟୁ ତାଙ୍କୁ ମଧ୍ୟ ହାଣିଥିଲେ। ସୁନିତାଙ୍କ ମୃତଦେହ ବାରଣ୍ଡାରେ ପଡ଼ିରହିଥିବା ବେଳେ ନିର୍ମଳାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଖବର ପାଇ ସ୍ଥାନୀୟ ବିଧାୟକ ସମ୍ବିତ୍ ରାଉତରାୟ ଓ ଭାଜପା ନେତା ସମ୍ପଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କୁଜଙ୍ଗରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ଯୋଗୁ ଏଭଳି ଦୁଃଖଦ ଘଟଣା ଘଟୁଛି। ଅପରପକ୍ଷରେ ତଦନ୍ତ ପ୍ରକ୍ରିୟା ଆଗକୁ ଗଲେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁଜଙ୍ଗ ଥାନାଧିକାରୀ ସୁଜିତ୍ ପ୍ରଧାନ କହିଛନ୍ତି। ଉଭୟ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି।

# ଲାଞ୍ଚ ନେଇ କୁଳପତି ଗିରଫ

ହାଇଦ୍ରାବାଦ, ୧୮।୬

ତେଲଙ୍ଗାନା ୟୁନିଭର୍ସିଟିର କୁଳପତି (ଭିସି) ଦାଚେପାଲ୍ଲି ରବୀନ୍ଦର ୫୦,୦୦୦ ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଛନ୍ତି। ଏକ ଶିକ୍ଷାନୁଷ୍ଠାନକୁ ପରୀକ୍ଷା କେନ୍ଦ୍ର ଭାବେ ମଞ୍ଜୁରୀ ଦେବା ପାଇଁ କୁଳପତି ଶ୍ରୀ ଶିରିଡ଼ି ସାଇ ଏଜୁକେଶନାଲ ସୋସାଇଟିର ଅଧ୍ୟକ୍ଷ ଡି. ଶଙ୍କରଙ୍କଠାରୁ ଲାଞ୍ଚ ନେଉଥିବାବେଳେ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି)ର ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ କୁଳପତିଙ୍କୁ ହାଇଦ୍ରାବାଦର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ହାଜର କରାଯିବା ସହ ତଦନ୍ତ ଜାରି ରହିଛି।

# ରଥଯାତ୍ରା ଲାଗି ଜାରି ହେଲା ଗାଡ଼ି ଯାତାୟାତ, ପାର୍କିଂର ରୁଟ୍ ପ୍ଲାନ୍

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ମଝିରେ ଆଉ ଗୋଟିଏ ଦିନ ଥିବାବେଳେ ରାଜ୍ୟ ସରକାର ପୁରୀକୁ ଯିବାକୁଥିବା ଗାଡ଼ିଗୁଡ଼ିକ ଲାଗି ମାର୍ଗଦର୍ଶିକା ଜାରି କରିଛନ୍ତି। ସେଥିରେ ଯାତ୍ରୀମାନେ କେଉଁ ରାସ୍ତାରେ ଯିବେ, କେଉଁଠି ଗାଡ଼ି ପାର୍କିଂ କରିବେ ତା'ର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହାସହ ପୋଲିସ କର୍ମଚାରୀମାନେ ନିଜ କାର୍ଯ୍ୟ ତୁଲାଇବା ସମୟରେ କିପରି ଶ୍ରଦ୍ଧାଳୁଙ୍କ ସହ ହସ ହସ ମୁଖରେ କଥା ହେବା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ମାଧ୍ୟମରେ ମତବିନିମୟ କରିବେ ସେଥିପ୍ରତି ଧ୍ୟାନ ଦେବା ଉପରେ କୁହାଯାଇଛି। ରଥଯାତ୍ରା ଲାଗି ଆସିବାକୁ ଥିବା ଆନ୍ତଃରାଜ୍ୟ ଏବଂ ଲୋକାଲ ଯାତ୍ରୀବାହୀ ବସ୍‌ଗୁଡ଼ିକ ମାଳତିପାଟପୁରଠାରେ ଥିବା ବସଷ୍ଟାଣ୍ଡରେ ରହିବେ। ଲାଇନ ବସ୍‌ଗୁଡ଼ିକ ମାଳତିପାଟପୁର ଓଭରବ୍ରିଜ୍‌ଠାରୁ ତୋଷାଳୀ ସ୍ୟାଣ୍ଡ-ଗ୍ରୀଡ୍ ଷ୍ଟେଶନ ଛକ-ଭୂଦାନ ଛକ ଦେଇ ତାଳବଣିଆ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡଠାରେ ରହିବ। ସେହିପରି ପୁରୀ ସହର ଭିତରେ ଚାଲୁଥିବା ବସ୍ ଏବଂ ଅଟୋରିକ୍ସା ତାଳବଣିଆଠାରୁ ଜିଲା ସ୍କୁଲ-ସୁନାରଗୌରାଙ୍ଗ ଛକ-ବିଏନ୍‌ଆର ହୋଟେଲ୍ ଛକ ଏବଂ ନୀଳାଚଳ ଅର୍ବାନ ହାଟ ଅଞ୍ଚଳରେ ଚଳାଚଳ କରିବ। ସେହପରି ଜିଲା ସ୍କୁଲ ଛକଠାରୁ ଘୋଡ଼ାବଜାର, ରାମ ମନ୍ଦିର, ଓଡ଼ିଶା ବେକରୀ, ପୁରୀ ସଦର ବ୍ଲକ ଅଫିସ୍, ମଙ୍ଗଳା ମନ୍ଦିର ଦେଇ ଅଟୋ ତାଳବଣିଆ ଆଡକୁ ଚଳପ୍ରଚଳ କରିବ। ସେହିପରି ମାଳତିପାଟପୁରଠାରୁ ଅଠରନଳା ପର୍ଯ୍ୟନ୍ତ ଏକ ରୁଟ୍ ରହିବ। ଦୁଇ ଚକିଆ ଯାନଗୁଡ଼ିକ ଜଗନ୍ନାଥ ବଲ୍ଲଭ, ମଶାଣିଚଣ୍ଡୀ, ମାଟିତୋଟା ପାର୍କିଂ, ନୀଳାଚଳ ଅଶୋକ ଏବଂ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ପାର୍କିଂ କରିବ। ସେଠାରେ ଗାଡ଼ିଗୁଡ଼ିକ କିପରି ସୁବିଧାରେ ଯିବା ଆସିବା କରିବ ସେଥିପ୍ରତି ଧ୍ୟାନ ଦିଆଯିବ। ସବୁ କାର୍, ଏସ୍‌ୟୁଭି ଏବଂ ଅନ୍ୟାନ୍ୟ ଗାଡ଼ି ଇଣ୍ଡୋର ଷ୍ଟାଡିୟମ, ହେଲିପ୍ୟାଡ, ସଂସ୍କୃତ ୟୁନିଭର୍ସିଟି ପାର୍କିଂ, ଆଇଟିଆଇ କଲେଜ ପାର୍କିଂ, ନାଳିଫିଲ୍ଡ ଏବଂ ଯାତ୍ରିକାଠାରେ ପାର୍କିଂ କରିବ। ସେଠାରେ ଖାଲି ରାସ୍ତା ଦେଇ ଗାଡ଼ିଗୁଡ଼ିକୁ ଛାଡି ଦିଆଯିବ। ଲୋକଙ୍କ ସହଜ ଦର୍ଶନ ଲାଗି ତାଳବଣିଆଠାରୁ ଜିଲା ସ୍କୁଲ ଛକ ଏବଂ ମାଳତିପାଟପୁରଠାରୁ ଅଠରନଳା ରାସ୍ତା ଦେଇ ଯାତାୟାତ କରିବ। ଏହି ଗାଡ଼ି ଯିବା ଆସିବା ବ୍ୟବସ୍ଥା ସୋମବାର ରାତି ୧୨ଟାରୁ ୨୧ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ୨୮ ତାରିଖ ରାତି ୧୨ଟାରୁ ୨୯ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଯାତ୍ରୀଙ୍କ ସହଜ ଦର୍ଶନ ପାଇଁ ଅଠରନଳା ଛକଠାରୁ ଡାକ୍ତରଖାନା ଛକ ଏବଂ ଡାକ୍ତରଖାନା ଛକଠାରୁ ସୁଭାଷ ବୋଷ ଛକ ମଧ୍ୟରେ କୌଣସି ପ୍ରକାର ପାର୍କିଂ ଜୋନ୍ ରହିବ ନାହିଁ।

## ଶ୍ରଦ୍ଧାଳୁଙ୍କୁ ହସ ମୁହଁ ସହ ଭଦ୍ର ବ୍ୟବହାର ଉପରେ ଗୁରୁତ୍ୱ

# ନିଯୁକ୍ତି ପାଇବେ ୧୬୦ ଓଡ଼ିଶା ଶିକ୍ଷା ସେବା ଅଧିକାରୀ

ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୧୬୦ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ପାଇବେ। ରବିବାର ଭୁବନେଶ୍ୱରସ୍ଥିତ କୃଷିଭବନ ସମ୍ମିଳନୀ କକ୍ଷରେ ଏମାନଙ୍କ ପାଇଁ ଏକ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓପିଏସ୍‌ସି ଦ୍ୱାରା ମନୋନୀତ ୧୬୦ ଜଣଙ୍କ ମଧ୍ୟରୁ ୧୫୮ଜଣ କାଉନ୍‌ସେଲିଂ ପ୍ରକ୍ରିୟାରେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କାଉନ୍‌ସେଲିଂ ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ବିବରଣୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟର ପ୍ରଦାନ କରିଥିଲେ। ଏହାପରେ ନବନିଯୁକ୍ତ ଅଧିକାରୀଙ୍କୁ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କେଉଁ ଅଧିକାରୀ କେଉଁ ସ୍ଥାନରେ କେଉଁ ପଦବୀରେ ଯୋଗଦେବେ ତାହା ସେମାନଙ୍କୁ ଜଣାଇ ଦିଆଯାଇଥିଲା। କାର୍ଯ୍ୟକ୍ରମର ବୃତ୍ତାନ୍ତ ପର୍ଯ୍ୟାୟରେ ନବନିଯୁକ୍ତ ଅଧିକାରୀମାନେ ସେମାନଙ୍କ ସମସ୍ତ ଦ୍ୱନ୍ଦ୍ୱ ପଚାରି ବୁଝିଥିଲେ। ଏଥିସହ 'ମୋ ସରକାରର ଜନାଦେଶ' ଉପରେ ମଧ୍ୟ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଥିଲା। ନିଯୁକ୍ତି ପାଇବାକୁ ଥିବା ଏହି ଅଧିକାରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଷ୍ଟେଟ୍ କନ୍‌ଭେନ୍‌ଶନ ସେଣ୍ଟରଠାରେ ଏହି ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସମସ୍ତ ଶିକ୍ଷା ସେବା ଅଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ଦୃଢ଼ପ୍ରତିଜ୍ଞାବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ କହିଲେ, ଲୋକଙ୍କଠାରୁ ମତାମତ ଗ୍ରହଣ କରି ଏହା ଉପରେ କାର୍ଯ୍ୟ କରିବା ଦ୍ୱାରା ସରକାରଙ୍କ ଉପରେ ଲୋକଙ୍କ ଭରସା ଓ ବିଶ୍ୱାସ ବଢ଼ିବ। ଯୁବ ଅଧିକାରୀମାନେ ରାଜ୍ୟର ସ୍ୱପ୍ନକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରନ୍ତୁ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର ଏହି ନବନିଯୁକ୍ତ ଅଧିକାରୀଙ୍କୁ ସାହାଯ୍ୟ, ସହଯୋଗ ମାଧ୍ୟମରେ ଶିକ୍ଷା ବିଭାଗକୁ ବିକାଶ ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ବିଦ୍ୟାଳୟ, ବ୍ଲକ୍ ଓ ଜିଲାର ତୃଣମୂଳ ସ୍ତରକୁ ଯାଇ ପିଲାଙ୍କ ଶୈକ୍ଷିକ ବିକାଶ ପାଇଁ ନୂଆ କାର୍ଯ୍ୟପନ୍ଥା ଆପଣେଇବାକୁ ପରାମର୍ଶ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଅଂଶୁଘାତ ନେଲାଣି ...

ସେମାନଙ୍କ ମଧ୍ୟରୁ ୩୫ ଜଣ କେବଳ ପାଟନାରେ ପ୍ରାଣ ହରାଇଛନ୍ତି। ଏହି ୨ ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୫.୨ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ଅସହ୍ୟ ତାତିକୁ ଦୃଷ୍ଟିରେ ରଖି ଅନେକ ରାଜ୍ୟରେ ଖରାଛୁଟି ଅବଧି ବଢ଼ାଇ ଦିଆଯାଇଛି। ଓଡ଼ିଶାରେ ଚଳିତବର୍ଷ ହିଟୱେଭ୍ ଗତ ୧୦ବର୍ଷର ରେକର୍ଡ ଭଙ୍ଗ କରିଛି। ଚଳିତମାସ ପ୍ରଥମ ସପ୍ତାହରୁ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆର୍ଦ୍ରତା ଅଧିକ ରହୁଥିବା କାରଣରୁ ଅସହ୍ୟ ଗୁଳୁଗୁଳିରେ ଜନସାଧାରଣ ଛଟପଟ ହେଉଛନ୍ତି। ଲଗାତର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହୁଛି। ବିଶେଷକରି ପଶ୍ଚିମଓଡ଼ିଶାରେ ତାତିର ପ୍ରକୋପ ସବୁଠୁ ଅଧିକ ଅନୁଭୂତ ହେଉଛି। ସ୍ୱାଭାବିକ ଭାବେ ଜୁନ ୧୧ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁଥାଏ। ମାତ୍ର ଚଳିତବର୍ଷ ୧୯ରୁ ୨୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁପାରେ। ପରିବେଶ ପରିବର୍ତ୍ତନର ପ୍ରଭାବରେ ମୌସୁମୀ ଆଗମନ ଓ ବୃଷ୍ଟିପାତରେ ଅନିଶ୍ଚିତତା ଦେଖିବାକୁ ମିଳୁଛି। ବର୍ତ୍ତମାନ ଓଡ଼ିଶାରେ ଲୋକେ ପ୍ରବଳ ଗରମରେ ଦହଗଞ୍ଜ ହେଉଥିବାବେଳେ ଆସାମରେ ଅତ୍ୟଧିକ ବର୍ଷାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ରବିବାର ରାଜ୍ୟର ପଶ୍ଚିମାଞ୍ଚଳରେ ପାରଦ ୪୬ ଡିଗ୍ରୀ ଛୁଇଁଥିବାବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପାରଦ ୪୦ ଡିଗ୍ରୀ ପାର କରିଛି। ୭ ସହରରେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବାବେଳେ ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ ହୋଇଛି। ସେହିଭଳି ସୋନପୁରରେ ୪୫.୮, ହୀରାକୁଦ ଓ ବୌଦ୍ଧରେ ୪୫.୫, ଝାରସୁଗୁଡ଼ାରେ ୪୫.୨, ବଲାଙ୍ଗୀର ଓ ସୁନ୍ଦରଗଡ଼ରେ ୪୫, ବରଗଡ଼ରେ ୪୪.୨, ଟିଟିଲାଗଡ଼ ଓ ରାଉରକେଲାରେ ୪୩.୫, ନୟାଗଡ଼ରେ ୪୩.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୬ ଡିଗ୍ରୀ ଏବଂ କଟକରେ ୪୦.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ୨୨ ସହରରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେବଳ ଦିନ ନୁହେଁ ରାତିରେ ମଧ୍ୟ ପାରଦ ୩୩ରୁ ୩୫ ଡିଗ୍ରୀ ରେକର୍ଡ କରାଯାଉଛି। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ ୨୦ ତାରିଖରୁ ପରବର୍ତ୍ତୀ ୨ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ଯାଏ ତଳକୁ ଖସିପାରେ। ୨୧ରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବାବେଳେ ୨୨ ଜୁନ୍‌ରେ କିଛି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଆକାଶ ମୁଖ୍ୟତଃ ମେଘାଚ୍ଛନ୍ନ ରହିବ। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରରେ ଅଧିକ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସୋମବାର ୮ ଜିଲାକୁ ହିଟ୍ ୱେଭ୍ ନେଇ ସତର୍କତା ଜାରି କରାଯାଇଛି। ୧୦ ଜିଲାକୁ ଅରେଞ୍ଜ ଓ ୮ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କନ୍ଧମାଳ ଜିଲାକୁ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ନୂଆପଡ଼ା, କଳାହାଣ୍ଡି, ମୟୁରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, କଟକ ଓ କେନ୍ଦୁଝର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୨୦ ତାରିଖରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ନେଇ ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୩ ଦିନ ଯାଏ ପାଗରେ କିଛି ବିଶେଷ ପରିବର୍ତ୍ତନ ନାହିଁ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଲୋକଙ୍କୁ ଘରେ ରହିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅପରାହ୍ନ ସମୟରେ କାଳବୈଶାଖୀ ନେଇ ମଧ୍ୟ ୧୫ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି।

### ନବଯୌବନ ଦର୍ଶନ ...

ସକାଳ ୮ଟାରେ ତାଟି ଫିଟା ପରେ ପାରମାଣିକ ଦର୍ଶନ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଚାଲିବ। ଏହି ଦର୍ଶନ ପାଇଁ ୭ହଜାର ଟିକେଟ୍ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟିକେଟ୍ ମୂଲ୍ୟ ୧୦୦ ଟଙ୍କା ରହିଛି। ପରିମାଣିକ ଟିକେଟଧାରୀଙ୍କୁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପଟେ ଭିତରକୁ ଛଡ଼ାଯିବ। ଭିଆଇପିଙ୍କୁ ମଧ୍ୟ ପରିମାଣିକ ଦର୍ଶନ ଲାଗି ଭକ୍ତଙ୍କ ସହ ଛଡ଼ାଯିବ। ଏହାପରେ ସିଂହଦ୍ୱାରରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ସାହାଣମେଲାରେ ଦର୍ଶନ କରିବେ। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦୁଇଘଣ୍ଟା ସାହାଣ ମେଲା ଦର୍ଶନ ହେବ। ପରେ ଦର୍ଶନ ବ୍ୟବସ୍ଥା ବନ୍ଦ କରାଯାଇ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ବୁଲି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିପାରିବେ ଏବଂ ମହାପ୍ରସାଦ ପାଇପାରିବେ। ସର୍ବସାଧାରଣ ଦର୍ଶନ ପରେ ପୂର୍ବାହ୍ନ ୧୧ଟା ୩୦ରେ ଧୁଆଁଧୋଇ ହୋଇ ଚୂନ ପଡ଼ିବ। ଦଇତାପତି ସର୍ବାଙ୍ଗ, ବନ୍ଦାପନା ଅନୁଷ୍ଠିତ ହୋଇ ନେତ୍ର ଉତ୍ସବ ବନ୍ଦାପନା ସମ୍ପନ୍ନ ହେବ। ପରେ ରୋଷ ହୋମ, ରାଜନୀତି, ଯାତ୍ରାଙ୍ଗୀ ମହାସ୍ନାନ, ମଇଲମ, ଘଣ୍ଟ ଛତା ସର୍ବାଙ୍ଗ ଶେଷ ହୋଇ ଅନ୍ୟାନ୍ୟ ନୀତି ବଢ଼ିବ। ରାତିରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସେନାପଟା ଲାଗି କରିବେ। ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ଉପଲକ୍ଷେ ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି ନିମନ୍ତେ ସମୟ କମ୍ ଥିବାରୁ ଦର୍ଶନ ଲାଗି ମାତ୍ର ୩ଘଣ୍ଟା ଧାର୍ଯ୍ୟ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଶନିବାର ଓ ରବିବାର ଅଣସର ଘରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି କରାଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ। ନବଯୌବନ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାନବାହନ ପାର୍କିଂ ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ବ୍ୟାରିକେଡ୍ ବ୍ୟବସ୍ଥା ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଭାରତ ଚାମ୍ପିୟନ...

(ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ, ମହାସଚିବ ଶାଜି ପ୍ରଭାକରନ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ପଦକ ଓ ଅନ୍ୟ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚାମ୍ପିୟନ ଭାରତୀୟ ଦଳପାଇଁ ୧ କୋଟି ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ''ସମ୍ମାନଜନକ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଆୟୋଜନ କରିବା ଆମ ରାଜ୍ୟପାଇଁ ଗୌରବର କଥା। କଡ଼ା ଚ୍ୟାଲେଞ୍ଜ ପରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳକୁ ଅଭିନନ୍ଦନ। ଅଧିକରୁ ଅଧିକ ଫୁଟବଲ ଇଭେଣ୍ଟ ଓଡ଼ିଶାରେ ଆୟୋଜନ ସହ ରାଜ୍ୟ ଏବଂ ଭାରତରେ ଏହି କ୍ରୀଡ଼ାର ବିକାଶ ଆମର ଅଭିଳାଷ'' ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଚାମ୍ପିୟନ ଭାରତୀୟ ଦଳକୁ ୫୦,୦୦୦ ଆମେରିକୀୟ ଡଲାର (୪୧ ଲକ୍ଷ ଟଙ୍କା), ରନରଅପ୍ ଲେବାନନକୁ ୨୫,୦୦୦ ଆମେରିକୀୟ ଡଲାର (୨୦ ଲକ୍ଷ ୪୮ହଜାର)ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସେହିପରି ହିରୋ ଅଫ୍ ଦି ଟୁର୍ନାମେଣ୍ଟ ସନ୍ଦେଶ ଝିଙ୍ଗାନ୍‌ଙ୍କୁ ୧,୫୦,୦୦୦ଟଙ୍କା ପୁରସ୍କୃତ କରାଯାଇଥିଲା। ଗୋଟିଏ ଗୋଲ ସ୍କୋର କରିବା ସହ ଅନ୍ୟ ଗୋଲଟିରେ ଆସିଷ୍ଟ କରିଥିବା ଚାଙ୍ଗ୍‌ଟେ ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ କୌଣସି କାମରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ କୃପାଭାଜନ ହେବେ। ଶୁଭ ଗ୍ରହ ପ୍ରଭାବରୁ ଆଜି ଦିନଟି ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତିକୁ ବୃଦ୍ଧି କରିବ। ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇନେଇ ପାରିଲେ କୃତକାର୍ଯ୍ୟ ହେବେ। ଦ୍ୱିଜା ନକ୍ଷତ୍ର ସକାଶେ ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବେ।

**ବୃଷ** ଆଜି ଶୁଭଗ୍ରହ ବୁଧଙ୍କ ସୁପ୍ରଭାବରୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିପାରେ। ମୃଗଶିରା ନକ୍ଷତ୍ର ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମ କରି କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପୁନର୍ବସୁ ନକ୍ଷତ୍ରର ପଡ଼ୋଶୀଙ୍କ ସହ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ** ଆଜି ନିଜର ଦକ୍ଷତା ହେତୁ ଅର୍ଥ ଓ ସମ୍ମାନ ଲାଭରେ ନିଜକୁ ଗୌରବାନ୍ୱିତ ମନେକରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ନିଜର ଅଭିଜ୍ଞତା ଓ ଦୂରଦର୍ଶିତା ଆପଣଙ୍କୁ ସାହାଯ୍ୟ କରିବ। ପୁଷ୍ୟା ନକ୍ଷତ୍ର ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଆଶଙ୍କା ରହିଛି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବନ୍ଧୁମାନଙ୍କର ପ୍ରଶଂସା ସୂଚକ ବାକ୍ୟରେ ନିଜକୁ ଭାଗ୍ୟବାନ ମନେକରିବେ।

**କନ୍ୟା** ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡନ କରିବା ଫଳରେ ଆପଣ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପରୋକ୍ଷ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ହସ୍ତା ନକ୍ଷତ୍ରର ଟେନସନ୍ ଦୂର ହେବ।

**ତୁଳା** କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ସାମୟିକ ବିଚଳିତ ହେବେ।

**ବିଛା** ଆପଣଙ୍କ ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବଢ଼ିବ। ଘରୁ ବରାଦ ପାଇ ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଅନୁରାଧା ନକ୍ଷତ୍ରର ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** ବିବାଦୀୟ ପରିସ୍ଥିତିରେ ନିଜ ଘର ଅପେକ୍ଷା ବାହାର ଲୋକ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି ଗୋପନୀୟ କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ।

**ମକର** ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିପାରନ୍ତି। ବହୁତ ଦିନରୁ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ଶ୍ରବଣା ନକ୍ଷତ୍ର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ** ଆଜି ପୂର୍ବଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ବାଣିଜ୍ୟ, ବ୍ୟବସାୟରେ ରହିଥିବା ପୂର୍ବ ସମସ୍ୟାକୁ ସୁଧାରି ନେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଅଶାନ୍ତିଜନିତ ମାନସିକ ଯନ୍ତ୍ରଣା କେତେକାଂଶରେ ବନ୍ଧୁଙ୍କ ଆଶ୍ୱାସନାରୁ ଉପଶମ ହେବ।

**ମୀନ** କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଉତ୍ତରଭାଦ୍ରବ ନକ୍ଷତ୍ରର ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଆଷାଢ଼ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଜୁନ୍ ୧୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୩ ଗତେ, ଘ.୧୦।୨୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୧ ଗତେ, ଘ.୦୮।୨୯ ମଧ୍ୟେ ରାହୁ କାଳ।

**ପୂର୍ବତନ କୁଳପତି ବିଜୟ କୁମାର ସାହୁଙ୍କ ପରଲୋକ**

ବ୍ରହ୍ମପୁର,୧୮।୬(ତନୁଶ୍ରୀ ନାହାକ)-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଜୟ କୁମାର ସାହୁଙ୍କ ଶନିବାର ରାତି ୩ଟାରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ୧୫ ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରଫେସର ସାହୁ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୦ରେ ସେ ସାମୁଦ୍ରିକ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳରେ ନିଯୁକ୍ତି ପାଇଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବଡ଼ପୁଅ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଭି.ସି. ରେଡ୍ଡୀ ସର୍ବଭାରତୀୟ ଟପ୍ପର

**ଅଲିଭ ସାହୁ ୩୨୬ ର୍‌ୟାଙ୍କ୍ ସହ ଓଡ଼ିଶା ଟପ୍ପର**

**ଜେଇଇ ଆଡ୍‌ଭାନ୍ସଡ୍**
- ମହିଳା ବର୍ଗରେ ନୟାକାନ୍ତି ନାଗ ଭବ୍ୟ ଶ୍ରୀ ଶୀର୍ଷରେ
- ହାଇଦ୍ରାବାଦ ଜୋନ୍‌ର ସବୁଠୁ ଭଲ ପ୍ରଦର୍ଶନ


ଅଲିଭ୍ ସାହୁ


ଭି.ସି. ରେଡ୍ଡୀ


ନୟାକାନ୍ତି ନାଗ ଭବ୍ୟ ଶ୍ରୀ

ଭୁବନେଶ୍ୱର,୧୮।୬ (ଅନୁରାଧା ମହାରଣା)

ଦେଶର ବିଭିନ୍ନ ଆଇଆଇଟି ପକ୍ଷରୁ ଅନୁଷ୍ଠିତ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ (ଜେଇଇ) ଆଡ୍‌ଭାନ୍ସଡ୍ ୨୦୨୩ ଫଳ ରବିବାର ପ୍ରକାଶ ପାଇଛି। କମନ ର୍‌ୟାଙ୍କ୍ ଲିଷ୍ଟ (ସିଆର୍‌ଏଲ୍)ରେ ଆଇଆଇଟି ହାଇଦ୍ରାବାଦ ଜୋନ୍‌ର ଭାବିଲାଲା ଚିଦ୍‌ବିଲାସ (ଭି.ସି.) ରେଡ୍ଡୀ ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ ମାର୍କରୁ ସର୍ବାଧିକ ୩୪୧ ହାସଲ କରିଛନ୍ତି। ଜେଇଇ ଆଡ୍‌ଭାନ୍ସଡ୍‌ର ଉଭୟ ପେପରରେ ମୋଟ ୧୮୦୩୭୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୩୭୭୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ୭୫୦୯ଜଣ ମହିଳା ରହିଥିବାବେଳେ ଏହି ବର୍ଗରେ ଆଇଆଇଟି ହାଇଦ୍ରାବାଦର ନୟାକାନ୍ତି ନାଗ ଭବ୍ୟ ଶ୍ରୀ ଶୀର୍ଷରେ ରହିବା ସହ କମନ୍ ର୍‌ୟାଙ୍କ୍ ଲିଷ୍ଟର ୫୬ତମ ସ୍ଥାନରେ ରହିଛନ୍ତି। ସେ ୩୬୦ରୁ ୨୯୮ ମାର୍କ ହାସଲ କରିଛନ୍ତି। ଆଇଆଇଟି ଖଡ଼ଗପୁର ଜୋନ୍‌ରୁ ପରୀକ୍ଷା ଦେଇଥିବା ଭୁବନେଶ୍ୱରର ଅଲିଭ ସାହୁ ୨୫୪ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୩୨୬ ର୍‌ୟାଙ୍କରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି।

ସମସ୍ତ ୭ ଜୋନ୍ ମଧ୍ୟରୁ ଆଇଆଇଟି ହାଇଦ୍ରାବାଦର ଭଲ ପ୍ରଦର୍ଶନ ରହିଛି। ଏହି ଜୋନ୍‌ରୁ ସର୍ବାଧିକ ୧୦୪୩୨ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶ୍ରେଷ୍ଠ ୧୦ରେ ସର୍ବାଧିକ ୬ଜଣ, ଶ୍ରେଷ୍ଠ ୧୦୦ରେ ୪୦ଜଣ, ଶ୍ରେଷ୍ଠ ୫୦୦ରେ ୧୭୪ଜଣ ରହିଛନ୍ତି। ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ୯୨୯୦ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶ୍ରେଷ୍ଠ ୧୦ ର୍‌ୟାଙ୍କରେ ୨ଜଣ ଅଛନ୍ତି। ସେହିଭଳି ଆଇଆଇଟି ରୁର୍କୀ ଜୋନ୍‌ରୁ ଉତ୍ତୀର୍ଣ୍ଣ ହୋଇଥିବା ୪୪୯୯ଜଣଙ୍କ ମଧ୍ୟରେ ୨ଜଣ ଶ୍ରେଷ୍ଠ ୧୦ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଆଇଆଇଟି ବମ୍ବେ ଜୋନ୍‌ରୁ ୭୯୫୭ଜଣ, ଆଇଆଇଟି ଖଡଗପୁର ଜୋନ୍‌ରୁ ୪୬୧୮ଜଣ, ଆଇଆଇଟି କାନପୁର ଜୋନ୍‌ରୁ ୪୫୮୨ଜଣ ଓ ଆଇଆଇଟି ଗୌହାଟୀ ଜୋନ୍‌ରୁ ୨୩୯୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସିଆର୍‌ଏଲ୍‌ର ଶ୍ରେଷ୍ଠ ୧୦ ମଧ୍ୟରେ ଥିବା ଅନ୍ୟମାନେ ହେଲେ ଆଇଆଇଟି ହାଇଦ୍ରାବଦ ଜୋନରୁ ରମେଶ ସୂର୍ଯ୍ୟ ତେଜା (ର୍‌ୟାଙ୍କ-୨), ଆଇଆଇଟି ରୁର୍କୀ ଜୋନ୍‌ରୁ ଋଷି କାର୍ଲା ର୍‌ୟାଙ୍କ୍-୩, ରାଘବ ଗୋୟାଲ ର୍‌ୟାଙ୍କ୍-୪, ଆଇଆଇଟି ହାଇଦ୍ରାବାଦ୍ ଜୋନ୍‌ର ଆଡ୍ଡାଗ ଭେଙ୍କଟ ଶିବରାମ (ର୍‌ୟାଙ୍କ-୫), ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ପ୍ରଭାବ ଖଣ୍ଡେଲୱାଲ (ର୍‌ୟାଙ୍କ-୬), ଆଇଆଇଟି ହାଇଦ୍ରାବାଦ ଜୋନ୍‌ରୁ ବିକ୍କିନା ଅଭିନବ ଚୌଧାରୀ (ର୍‌ୟାଙ୍କ-୭), ଆଇଆଇଟି ଦିଲ୍ଲୀ ଜୋନ୍‌ରୁ ମଳୟ କେଡିଆ (ର୍‌ୟାଙ୍କ-୮), ଆଇଆଇଟି ହାଇଦ୍ରାବଦ ଜୋନ୍‌ରୁ ନାଗୀରେଡ୍ଡୀ ବାଲାଜୀ ରେଡ୍ଡୀ (ର୍‌ୟାଙ୍କ-୯) ଓ ଯାକ୍କାନ୍ତି ପାଣି ଭେଙ୍କଟ ମଣିନ୍ଦର ରେଡ୍ଡୀ (ର୍‌ୟାଙ୍କ୍-୧୦) ରହିଛନ୍ତି।


ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ତିରୋଧାନ ଦିବସରେ ରବିବାର ନବୀନ ନିବାସ ପରିସରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ଏସ୍‌ସିବିରେ ପଶ୍ଚିମବଙ୍ଗ ଯାତ୍ରୀଙ୍କ ମୃତ୍ୟୁ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

କଟକ,୧୮।୬ (କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ରବିବାର ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଅନ୍ତର୍ଗତ ଚୁନାଖଳିର ବାସିନ୍ଦା ପାଲତୁ ନକସର(୨୬)। ଗତ ୩ ତାରିଖରେ ସେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁର ୧୪ ନମ୍ବର ବେଡ୍‌ରେ ରଖି ଚିକିତ୍ସା କରାଯାଉଥିଲା। ତେବେ ଡାକ୍ତର ତାଙ୍କୁ ରବିବାର ଅପରାହ୍ଣ ପ୍ରାୟ ୧୨ଟା ୪୫ ମିନିଟ୍‌ରେ ମୃତ ଘୋଷଣା କରିଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଏସ୍‌ସିବିରେ ଟ୍ରେନ୍ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୨ ହୋଇଛି।

# ପିତୃ ଦିବସରେ ମାତୃହନ୍ତାଙ୍କୁ ହତ୍ୟା

**ରାଇବଣିଆରେ ଚାଞ୍ଚଲ୍ୟ**

ରାଇବଣିଆ, ୧୮।୬(ନବୀନ ସାହୁ)

ଦିନକୁ ଦିନ ବଢ଼ିଚାଲିଛି ପାରିବାରିକ ହିଂସା। ଜମିବାଡ଼ି ବିବାଦ ହେଉ କି କୌଣସି କାରଣରୁ ସାମାନ୍ୟ କଳହ ହେଉ ପରିବାର ମଧ୍ୟରେ ଏହା ଉଗ୍ରରୂପ ଧାରଣ କରୁଛି। ରକ୍ତ ସମ୍ପର୍କକୁ ଭୁଲିଯାଇ କେହିକେହି ଜୀବନ ନେବାକୁ ପଛାଉନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଞ୍ଚଳରେ। କବାଟଘାଟି ଗାଁରେ ବାପପୁଅଙ୍କ ହତ୍ୟା ଘଟଣାକୁ ୪ ଦିନ ନ ପୂରୁଣୁ ରାଇବଣିଆ ପଞ୍ଚାୟତର ରୂପାଦିଘି ଗ୍ରାମରେ ଘଟିଛି ଆଉ ଏକ ହତ୍ୟାକାଣ୍ଡ। ୩ ବର୍ଷ ପୂର୍ବେ ମା'ଙ୍କୁ ହତ୍ୟା କରି ଫେରାର ଥିବା ଜଣେ ଯୁବକଙ୍କୁ ରବିବାର ସକାଳେ ତାଙ୍କ ବାପା ଓ ସାନଭାଇ ପିଟି ମାରିଦେଇଛନ୍ତି। ପିତୃ ଦିବସରେ ମାତୃହନ୍ତାଙ୍କୁ ହତ୍ୟା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

୩ ବର୍ଷ ପୂର୍ବେ ରୂପାଦିଘି ଗାଁର ରଥ ମାରାଣ୍ଡିଙ୍କ ବଡ଼ପୁଅ ସୁଶାନ୍ତ ନିଜ ମା'ଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ମଝିରେ ମଝିରେ ସେ ଘରକୁ ଆସି ଗଣ୍ଡଗୋଳ କରିବା ସହିତ ମାରପିଟ କରି ଚାଲିଯାଉଥିଲେ। ଏଥିରେ ଅତିଷ୍ଠ ହୋଇ ଘର ଛାଡ଼ି ବାପା, ସାନପୁଅ ଓ ବୋହୂ ହାତୀଗଡ଼ରେ ଭଡ଼ା ଘରେ ରହୁଥିଲେ। ଶନିବାର ନଟାବାଡ଼ ସାପ୍ତାହିକ ହାଟକୁ ରଥ ଯାଇଥିବା ବେଳେ ସୁଶାନ୍ତ ସେଠାକୁ ଆସି ମାର୍‌ପିଟ୍ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରବିବାର ସକାଳେ ବାପା ରଥଙ୍କ ସହିତ ସାନପୁଅ ପ୍ରଶାନ୍ତ ରୂପାଦିଘି ଗ୍ରାମକୁ ଯାଇ ସେଠାରେ ଥିବା ସୁଶାନ୍ତଙ୍କୁ ଏପରି ବ୍ୟବହାର ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ବାପା ଓ ସାନପୁଅ ଏକ ଠେଙ୍ଗାରେ ପିଟି ପିଟି ବଡ଼ପୁଅଙ୍କୁ ମାରିଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ଏକ ବାଉଁଶ ଜବତ କରିଛି। ଏ ନେଇ ରାଇବଣିଆ ଥାନାରେ ଏକ ମାମଲା (ନଂ. ୬୪/୨୩) ରୁଜୁ ପରେ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ଆଜିଠୁ ତିନିଦିନିଆ ଓଡ଼ିଶା ଗସ୍ତରେ ରେଳମନ୍ତ୍ରୀ

ଭୁବନେଶ୍ୱର,୧୮।୬(ଅଭିଜିତ ଦାସ)

ସୋମବାରଠାରୁ ତିନିଦିନିଆ ଗସ୍ତରେ ଓଡିଶା ଆସୁଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାକୁ ଦୃଷ୍ଟିରେ ରଖି ସନ୍ଧ୍ୟାରେ ପୁରୀ ରେଳ ଷ୍ଟେଶନର ନିରୀକ୍ଷଣ କରିବା ସହ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ଲାଗି ହୋଇଥିବା ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିବେ। ପୁରୀରେ ରଥଯାତ୍ରା ଦେଖିବା ପରେ ୨୦ ତାରିଖରେ ବାହାନଗାରେ ଟ୍ରେନ୍ ଦୁର୍ଘଟଣା ପରର ସ୍ଥିତି ଅନୁଧ୍ୟାନ କରିବେ। ପରେ ବାଲେଶ୍ୱର ରେଳ ଷ୍ଟେଶନର ବିକାଶ କାର୍ଯ୍ୟ ଯାଞ୍ଚ କରି ଜିଲା ପ୍ରଶାସନ ସହ ଆଲୋଚନା କରିବେ। ଟ୍ରେନ୍ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ସ୍ଥାନୀୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଭେଟି ଧନ୍ୟବାଦ ଜଣାଇବାର କାର୍ଯ୍ୟକ୍ରମ ରହିଛି।

# ବାଦାଦୋରା ଷ୍ଟେଶନରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ନନ୍ଦପୁର, ୧୮।୬ (ଶଙ୍କର ପୂଜାରୀ)

ବିଶାଖାପାଟଣା-କିରିଣ୍ଡୁଳ ରେଳ ଧାରଣାର ଆରକୁ ଷ୍ଟେଶନ ନିକଟସ୍ଥ ବାଦାଦୋରା ଷ୍ଟେଶନ ପାର ହେଉଥିବା ବେଳେ ରବିବାର ଅପରାହ୍ଣରେ ଏକ ମାଲବାହୀ ଟ୍ରେନର ୬ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଷ୍ଟେଶନ ଖାଲିଥିବାରୁ ଏକ ବଡଧରଣର ଦୁର୍ଘଟଣା ଟଳିଯାଇଛି। ଖବରରୁ ଜଣାପଡିଛି, ଏହି ମାଲବାହୀ ଟ୍ରେନ୍ କିରିଣ୍ଡୁଳରୁ ବିଶାଖାପାଟଣା ଅଭିମୁଖେ ଯାଉଥିଲା। ତେବେ ଟ୍ରେନଟି ବାଦାଦୋରା ଷ୍ଟେଶନ ରେଳଲାଇନର ଦୋହରୀକରଣ ହୋଇ ନୂତନ ଭାବେ ବିଛାଯାଇଥିବା ରେଳଧାରଣା ପାର ହେଉଥିବା ବେଳେ ଧାରଣାର କେଏମ୍ ନଂ. ୩୨/୬୧, ପଏଣ୍ଟ ନଂ. ୨୩ ନିକଟରେ ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଫଳରେ ରେଳଧାରଣା ଓ ବଗି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ବିଶାଖାପାଟଣାରୁ ଡିଆର୍‌ଏମ୍ ଅନୁପ ଶତପଥୀ ଓ ଉଚ୍ଚ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ ସହ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ପୁରୁଣା ରେଳ ଧାରଣା ଠିକ୍‌ଥିବାରୁ ଅନ୍ୟ ରେଳ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବନାହିଁ ବୋଲି ଜିଆରପି ଓଆଇସି ବିନୟ ଭୋଇ କହିଛନ୍ତି।



> ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। **-ଶ୍ରୀଅରବିନ୍ଦ**

# ଧାରଣା ସୁରକ୍ଷା, ଜୀବନ ରକ୍ଷା



ସୌଭାଗ୍ୟ ସୁନ୍ଦରରାୟ

ପୂର୍ବତଟ ରେଳପଥର ବାଲେଶ୍ୱର ନିକଟବର୍ତ୍ତୀ ବାହାନଗାଠାରେ ଘଟିଥିବା କରମଣ୍ଡଳ ଟ୍ରେନ୍ ଦୁର୍ଘଟଣାର ଦୁଃସ୍ମୃତି ଦୀର୍ଘଦିନ ଧରି ଜନମାନସରେ ରହିବ। ଗତ ଜୁନ୍ ୩ ତାରିଖରେ ଘଟିଥିବା ଏହି ଦୁର୍ଘଟଣାରେ ୨୯୧ଯାତ୍ରୀ ପ୍ରାଣ ହରାଇଥିବାବେଳେ ବହୁ ଆହତ ହୋଇଛନ୍ତି। କେତେକ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ୧୯୯୫ ମସିହା ପରେ ଏହା ହେଉଛି ବଡ଼ ଦୁର୍ଘଟଣା। ଏହା ପୂର୍ବରୁ ୧୯୮୧ ଜୁନ୍‌ରେ ବିହାରରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୫୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇ ବାଗମତୀ ନଦୀ ଗର୍ଭକୁ ଖସି ପଡ଼ିଥିଲା। ୧୯୯୫ରେ ଫିରୋଜାବାଦଠାରେ ଏକ ରେଳ ଦୁର୍ଘଟଣାରେ ୩୫୮ଯାତ୍ରୀ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼େ। ତାହାଲେ ବାହାନଗା ଦୁର୍ଘଟଣା ପାଇଁ କାହିଁକି ଏତେ ହୋହଲ୍ଲା। ଏଇଥିପାଇଁ ଯେ ପ୍ରଯୁକ୍ତିର ଶୀର୍ଷ ସୋପାନରେ ଭାରତ ପହଞ୍ଚି ନ ଥିଲେ ମଧ୍ୟ ମଧ୍ୟମ ସ୍ତରରେ ଆସି ପହଞ୍ଚିଛି। ବନ୍ଦେ ଭାରତ ଓ ବୁଲେଟ ଟ୍ରେନ୍ ପରି ଅଧିକ ବେଗଗାମୀ ପ୍ରକଳ୍ପର ପରିକଳ୍ପନା କରିଛି। ଏଭଳି ସମୟରେ କରମଣ୍ଡଳର ହୃଦୟବିଦାରକ ଦୁର୍ଘଟଣାରେ ଯେ କେହି ବ୍ୟକ୍ତି ଆଶ୍ଚର୍ଯ୍ୟପ୍ରକଟ କରିବ। ମନରେ ସନ୍ଦେହ ପ୍ରକାଶ କରିବ ଯେ, ଭାରତ ଅନ୍ତତଃ ପ୍ରଯୁକ୍ତିର ମଧ୍ୟମ ସୋପାନରେ ପହଞ୍ଚିଛି ନା ଏହା ମନଗଢ଼ା କଥା?

ଭାରତୀୟ ରେଲୱେ ବିଶ୍ୱର ୩ୟ ବୃହତ୍ତମ ଯାତ୍ରୀ ଓ ମାଲ୍ ପରିବହନକାରୀ ବ୍ୟବସ୍ଥା। ବାର୍ଷିକ ଏହା ପ୍ରାୟ ୮୦ କୋଟି ଯାତ୍ରୀ ପରିବହନ କରିଥାଏ। ଭାରତୀୟ ରେଲୱେର ପ୍ରାୟ ୧ ଲକ୍ଷ ୧୪ ହଜାର କିଲୋମିଟର ରେଳଧାରଣାରେ ଦୈନିକ ପ୍ରାୟ ୨୦ହଜାର ରେଳ ଚଳାଚଳ କରିଥାଏ। କିନ୍ତୁ ରେଳମାର୍ଗର ରକ୍ଷଣାବେକ୍ଷଣ ଓ ନବୀକରଣ କାର୍ଯ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଥିବା ବିଷୟ ବାହାନଗା ରେଳ ଦୁର୍ଘଟଣାରୁ ସ୍ପଷ୍ଟ ହେଉଛି। ରେଳ ବଜେଟ ବୃଦ୍ଧି ପାଉଛି। କିନ୍ତୁ ବଜେଟର ଅଧିକାଂଶ ଭାଗ ନୂତନ ରେଳଲାଇନ ବିଛାଇବା, ବିଦ୍ୟୁତୀକରଣ ଆଦି କାର୍ଯ୍ୟରେ ବିନିଯୋଗ ହେଉଥିବା ଜଣାପଡ଼ିଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ପରିମାଣର ପୁରୁଣା ରେଳଧାରଣା ପରିବର୍ତ୍ତନ ଓ ନବୀକରଣ ପାଇଁ ନିୟମ ରହିଥିଲେ ମଧ୍ୟ ତାହା କଡ଼ାକଡ଼ି ପାଳନ କରାଯାଉ ନାହିଁ। ରେଳଧାରଣା ସହ ସିଗନାଲିଂ ଓ ଅନ୍ୟାନ୍ୟ ସୁରକ୍ଷା ଦିଗ ପ୍ରତି ସେତେଟା ଦୃଷ୍ଟି ଦିଆଯାଉ ନାହିଁ। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ମୁଖ୍ୟ ଲାଇନରେ ଯାତ୍ରା ପାଇଁ ସଙ୍କେତ ପାଇଲା, କିନ୍ତୁ ପ୍ରବେଶ କରିଗଲା ଲୁପ ଲାଇନରେ। ଏ ତ୍ରୁଟି କିପରି ହେଲା ? ଭାରତର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜଣେ ବୈଷୟିକବିତ୍। ଓଡ଼ିଶାରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ଦକ୍ଷ ତଥା କର୍ମଠ ରେଲୱେ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସେ ପ୍ରାୟ ୧୩୭ ଜଣ କର୍ମଚାରୀଙ୍କୁ ବିଭାଗରୁ ବିଦା କରିଛନ୍ତି। ଏହା ପରେ ମଧ୍ୟ ଭାରତୀୟ ରେଲୱେକୁ ସମଗ୍ର ବିଶ୍ୱରେ ଏବେ ନିନ୍ଦିତ ହେବାକୁ ପଡ଼ିଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ ରେଲୱେ ଭାବେ ପରିଚିତ ଚାଇନାର ଗଣମାଧ୍ୟମରେ ଭାରତୀୟ ରେଲୱେର ନିମ୍ନଗାମୀ ଗତି ସମ୍ପର୍କରେ ପ୍ରଶ୍ନ ଉଠାଯାଇଛି। ଦୁର୍ଘଟଣାର ଦିନକ ପରେ ମନ୍ତ୍ରୀ କହିଲେ ଦୁର୍ଘଟଣାର ମୂଳ କାରଣ ଜଣାପଡ଼ିଛି। ତେବେ କାରଣ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରିବା ପରିବର୍ତ୍ତେ ଏହାର ଦିନକ ପରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଗଲା। ଅର୍ଥାତ ଦୁର୍ଘଟଣା ପଛରେ କୌଣସି ଷଡ଼ଯନ୍ତ୍ର ବା ଅନ୍ତର୍ଘାତୀ କାର୍ଯ୍ୟର ଦିଗ ସମ୍ପର୍କରେ ଜାଣିବା ପାଇଁ ଏହା କରାଗଲା। ଦେଖିବାକୁ ଗଲେ ଯେଉଁ ପଥରେ କରମଣ୍ଡଳ ଯାତ୍ରା କରୁଥିଲା ତାହା କୌଣସି ଚରମପନ୍ଥୀ, ଉଗ୍ରବାଦୀ ବା ମାଓବାଦୀ ଉପଦ୍ରୁତ ଅଞ୍ଚଳ ନୁହେଁ। ତାହେଲେ ଏ ପ୍ରକାର ଆଶଙ୍କା କରାଯିବାର ଆବଶ୍ୟକତା ଉପୁଜିଲା କାହିଁକି ? ତରବରିଆ ଭାବେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯିବାର ଆବଶ୍ୟକତା ନ ଥିଲା। ୨୦୧୬ରେ ଇନ୍ଦୋର-ପାଟନା ଏକ୍ସପ୍ରେସ କାନପୁରଠାରେ ଲାଇନଚ୍ୟୁତ ହୋଇ ୧୫୦ ଯାତ୍ରୀ ପ୍ରାଣ ହରାଇଥିଲେ। ଏହାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏ ଉପରେ ନ୍ୟସ୍ତ କରାଗଲା। ଏନ୍‌ଆଇଏ ତଦନ୍ତର ଫଳାଫଳ ଅଦ୍ୟାବଧି ଲୋକଲୋଚନକୁ ଆସିପାରିଲା ନାହିଁ।



ଭାରତରେ ଯେତେ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ଅଧିକାଂଶ ମନୁଷ୍ୟକୃତ ବୋଲି ଜଣାପଡ଼ିଛି। ରେଳ ସୁରକ୍ଷାରେ ଟ୍ରାକ୍, ସିଗ୍‌ନାଲ ଓ ଟେଲି ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନ ଦେଇ ଦୀର୍ଘ ଦିନ ହେଲା ନୂଆ ଟ୍ରାକ୍ ବିଛାଇବା ଓ ନୂଆ ରେଳଗାଡ଼ି ଚଳାଇବା ପାଇଁ ଦୃଷ୍ଟି ଦିଆଗଲା। ରେଳର ବେଗ ନିୟନ୍ତ୍ରଣ କରିବା ନିମନ୍ତେ ଟ୍ରେନ କୋଲିଜନ ଆଭଏଡାନ୍‌ସ ସିଷ୍ଟମ (ଟିସିଏଏସ୍) ରହିଛି। ଚଳିତ ସରକାର ଏହାକୁ କବଚ ନାମରେ ନାମିତ କଲେ। ଏହି ବ୍ୟବସ୍ଥା ଅଦ୍ୟାବଧି ଦେଶର ମାତ୍ର ୧୪୪୫ କିଲୋମିଟର ରେଳପଥରେ ରହିଛି। ଅର୍ଥାତ ୧ ଲକ୍ଷ ୧୨ ହଜାର କିଲୋମିଟର ରେଳପଥ ମୁକୁଳା ପଡ଼ିଛି। କବଚ ସହ ସଂଶ୍ଳିଷ୍ଟ ଏଚ୍‌ବିଏଲ୍ ପାୱାର ସିଷ୍ଟମର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଏ.ଜେ.ପ୍ରସାଦଙ୍କ କହିବାନୁଯାୟୀ ଯଦି ତ୍ୱରାନ୍ୱିତ ବେଗରେ କାର୍ଯ୍ୟ ହୁଏ ତେବେ ସମସ୍ତ ରେଳପଥରେ କବଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପାଇଁ ଅନ୍ତତଃ ୧୫ ବର୍ଷ ଲାଗିବ। କବଚ ବ୍ୟବସ୍ଥା ନିମନ୍ତେ ପ୍ରତି କିଲୋମିଟର ପିଛା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। କରମଣ୍ଡଳ ଦୁର୍ଘଟଣା ପରେ ପରେ ଆଉ କିଛି ରେଳ ଦୁର୍ଘଟଣା ଖବର ମିଳିଲା। ଯଦିଓ ଏଥିରେ କେହି ମୃତାହତ ହୋଇନାହାନ୍ତି, ତଥାପି ଜନ ଆକ୍ରୋଶ ପ୍ରକାଶ ପାଇଲା। କେଉଁଠି ଟ୍ରେନ୍ ବଗିରୁ ଧୂଆଁ ବାହାରିବାର ଖବର ଆସିଲା ତ କେଉଁଠି ଗୋଟିଏ ଟ୍ରାକରେ ୨ଟି ଟ୍ରେନ ଆସିବା ଦେଖାଗଲା। ଗତ କିଛିଦିନ ହେଲା ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ପାଇଁ ରେଲୱେ ବ୍ୟସ୍ତ ରହିଆସିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ରାଜ୍ୟରେ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରାଯାଉଛି। ଏହାକୁ ଆତ୍ମନିର୍ଭର ଭାରତର ପ୍ରତୀକ ଭାବେ ପ୍ରଦର୍ଶିତ କରାଯାଉଛି। ବନ୍ଦେ ଭାରତ ଟ୍ରେନ୍‌ର ବେଗ ଘଣ୍ଟା ପିଛା ୧୬୦କିଲୋମିଟର ଧାର୍ଯ୍ୟ କରାଯାଇଛି। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳର ଘଣ୍ଟା ପ୍ରତି ବେଗ ଥିଲା ୧୨୮ କିଲୋମିଟର। କରମଣ୍ଡଳ ପରି ଟ୍ରାକରେ ବନ୍ଦେ ଭାରତ ଗଡ଼ିଲେ କି ପ୍ରକାର ସମସ୍ୟା ଭବିଷ୍ୟତରେ ସୃଷ୍ଟି ହେବ ତାହା ବର୍ତ୍ତମାନଠାରୁ ଚିନ୍ତା କରାଯିବାର ବିଷୟ।

ରେଲୱେର ବିଭିନ୍ନ ସ୍ତରରେ ଏବେ ୩ ଲକ୍ଷ ପଦବୀ ଖାଲି ପଡ଼ିଛି। ତେଣେ ଚାପଗ୍ରସ୍ତ ହୋଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଟ୍ରେନ୍ ଚାଳକଙ୍କ କାର୍ଯ୍ୟ ସମୟ ୯ ଘଣ୍ଟା ହୋଇଥିଲେ ମଧ୍ୟ ସେମାନେ ୧୨ରୁ ୧୫ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି। ୨୦ ହଜାର ଚାଳକ ପଦବୀ ଖାଲି ପଡ଼ିଛି। ଚାଳକମାନେ ସପ୍ତାହକୁ ୪୦ ଘଣ୍ଟା ବିଶ୍ରାମ ଦାବି କରୁଥିବାବେଳେ ପାଉଛନ୍ତି ମାତ୍ର ୨୨ରୁ ୩୦ ଘଣ୍ଟା। ଫଳରେ ସେମାନେ ନିଦ୍ରାହୀନତା ଓ କ୍ଲାନ୍ତ ଅନୁଭବ କରୁଛନ୍ତି। ଅନ୍ୟ ବୈଷୟିକ କର୍ମଚାରୀଙ୍କ ଅବସ୍ଥା ମଧ୍ୟ ସମାନ। ଏ ପ୍ରକାର ଚାପ ଯୋଗୁ କାର୍ଯ୍ୟରେ ତ୍ରୁଟି ଦେଖାଦେବା ସ୍ୱାଭାବିକ। ଏହି ତ୍ରୁଟି ପାଇଁ ସଂପୃକ୍ତ କର୍ମଚାରୀ ପରିବର୍ତ୍ତେ ରେଲୱେ କାହିଁକି ଦାୟୀ ରହିବ ନାହିଁ ? ଦେଶରେ ବହୁ ପିଲା ବେରୋଜଗାର ହୋଇ ରହିଥିବାବେଳେ ଲାଭଖୋର ମନୋଭାବ ପାଇଁ ରେଲୱେରେ ପଦବୀଗୁଡ଼ିକ ପୂରଣ କରାଯାଉ ନାହିଁ। ଭିତ୍ତିଭୂମି ନ ସଜାଡ଼ି ଅଧିକ ଯାତ୍ରୀ ପରିବହନ, ଅଧିକ ମାଲ୍ ପରିବହନର ରେକର୍ଡ ଜୀବନ ବିନିମୟରେ କରାଯିବା ଉଚିତ୍ ନୁହେଁ।

**ମୋ-୯୪୩୭୨୨୯୨୩୩**

## ଏଇ ଭାରତରେ

ଚିକିତ୍ସାରେ ସୀମିତ ରହିନାହାନ୍ତି ବିହାରର ଡାକ୍ତର ଶଙ୍କର ନାଥ। ସେ ସାମାଜିକ ସ୍ତରରେ ଅତ୍ୟନ୍ତ ପଛୁଆ ମୁଶାହାର ବର୍ଗର ଉତ୍ଥାନ ପାଇଁ ଦୁଇ ଦଶନ୍ଧି ହେଲା ନିରବଚ୍ଛିନ୍ନ ଚେଷ୍ଟା ଜାରି ରଖିଛନ୍ତି। ଏହି ବର୍ଗରେ ବାଲ୍ୟବିବାହ ବଳବତ୍ତର ରହିଛି। ଏହା ବ୍ୟତୀତ ଶିକ୍ଷାରେ ଏମାନେ ଅତ୍ୟନ୍ତ ପଛୁଆ। ଡା. ଶଙ୍କର ୨୦୦୭ ମସିହାରୁ ପାଖାପାଖି ୫୦୦୦ ପିଲାଙ୍କୁ ସ୍କୁଲରେ ଶିକ୍ଷା ଦେବାର ବ୍ୟବସ୍ଥା କରିସାରିଲେଣି। ଏହାବାଦ୍ ୪୦୭ ପିଲାଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟବିବାହ ଫାଶରୁ ମୁକୁଳାଇବାରେ ସକ୍ଷମ ହୋଇଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ବିହାରରେ ୨.୫ ଲକ୍ଷ ମୁଶାହାର ଥିଲେ। ଏବେ ଏହି ସଂଖ୍ୟା ଏହାଠାରୁ ନିଶ୍ଚିତ ଭାବେ ଅଧିକ ହେବ। ଏମାନଙ୍କ ପିଲାମାନଙ୍କୁ ସଶକ୍ତ କରିବା ଲାଗି ଡା. ଶଙ୍କରଙ୍କ ପ୍ରଚେଷ୍ଟା ଏକ ବଡ଼ ପରିବର୍ତ୍ତନ ଆଣିଛି। ଏମାନଙ୍କୁ ଏକପ୍ରକାର ସାମାଜିକ ବାସନ୍ଦ ଭଳି ଲୋକେ ଦେଖିଥାନ୍ତି। ଏଭଳି ଏକ ଅସ୍ପୃଶ୍ୟତର ଶିକୁଳିକୁ ଭାଙ୍ଗି ପିଲାମାନଙ୍କ ଶିକ୍ଷା ପାଇଁ ସେ ୮୫ଟି କମ୍ୟୁନିଟି କଲଚର ଏଜୁକେଶନ ସେଣ୍ଟର ଖୋଲିଛନ୍ତି। ଏହି ସେଣ୍ଟରରେ ଏବେ ୫୦୦୦ ପିଲା ପଢୁଛନ୍ତି ଓ ଶିକ୍ଷାଦାନରେ ୮୦ ଜଣ ସ୍ୱେଚ୍ଛାସେବୀ ନିଯୁକ୍ତ ହୋଇଛନ୍ତି। କଲେଜରେ ପଢୁଥିବା ମୁଶାହାର ବର୍ଗର ପିଲାମାନେ ବି ଏବେ ଡା. ଶଙ୍କରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୧୯ ଜୁନ୍ ୧୯୯୮

- ରୁଷିଆର କେନ୍ଦ୍ରୀୟ ଉରାଲ ନିକଟରେ ଏକ ସାମରିକ ଅସ୍ତ୍ରାଗାରରେ ବିସ୍ଫୋରଣ ଘଟି ୧୪ ମୃତ।
- ହିମାଚଳପ୍ରଦେଶର ସର୍ବାଙ୍ଗୀନ ଉନ୍ନତି କଳ୍ପେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶହେ କୋଟି ଟଙ୍କାର ଏକ ଆର୍ଥିକ ପ୍ୟାକେଜ ଘୋଷଣା।
- ରାଜ୍ୟର ପ୍ରଥମ ଯୁବ ଫୁଟବଲ ଖେଳାଳି ଭାବେ ସରୋଜକାନ୍ତ ପଟ୍ଟନାୟକ ଜାତୀୟ ଯୁବ ଫୁଟବଲ ଦଳରେ ସାମିଲ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| 9 | 3 | | | 8 | 1 | | | |
| 8 | 1 | | | 9 | | | 6 | |
| | 4 | | | | 3 | | | 6 |
| | 8 | | 5 | | 7 | | | |
| 5 | 9 | | | | | 1 | 7 | |
| | | | 6 | | | | | |
| 1 | | | | | | 6 | 8 | 3 |
| | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 8 | 2 | 9 | 7 | 4 | 5 |
| 9 | 8 | 2 | 5 | 4 | 7 | 3 | 1 | 6 |
| 7 | 5 | 4 | 3 | 1 | 6 | 9 | 8 | 2 |
| 8 | 7 | 1 | 4 | 3 | 2 | 5 | 6 | 9 |
| 3 | 4 | 9 | 6 | 5 | 8 | 2 | 7 | 1 |
| 6 | 2 | 5 | 7 | 9 | 1 | 4 | 3 | 8 |
| 4 | 9 | 8 | 1 | 7 | 5 | 6 | 2 | 3 |
| 5 | 1 | 7 | 2 | 6 | 3 | 8 | 9 | 4 |
| 2 | 6 | 3 | 9 | 8 | 4 | 1 | 5 | 7 |

ଗତକାଲିର ଉତ୍ତର

# ପିଲାଙ୍କ ପାଇଁ ଆର୍ଥିକ ଶିକ୍ଷାର ମହତ୍ତ୍ୱ



ସୌରଜିତ ପ୍ରଧାନୀ

ପରିଣତ ବୟସରେ ବ୍ୟକ୍ତିଗତ ଅର୍ଥ ପରିଚାଳନା ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆର୍ଥିକ ଯୋଜନା ଏବଂ ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣ ବିନା ଆମେ କେଉଁଠି ବି ପହଞ୍ଚିପାରିବୁ ନାହିଁ। ତେଣୁ ପିଲାଙ୍କ ପାଇଁ ଆର୍ଥିକ ସାକ୍ଷରତା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ପିଲାମାନେ ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଅର୍ଥ ବ୍ୟବସ୍ଥାର ମୌଳିକ ତତ୍ତ୍ୱକୁ ବୁଝିପାରନ୍ତି କିମ୍ବା ଅତିକମ୍‌ରେ ତା' ସହିତ ସମ୍ପର୍କ ସ୍ଥାପନ କରିପାରନ୍ତି, ତେବେ ସେମାନେ ବଡ଼ ହେବା ପରେ ଆର୍ଥିକ ଯୋଜନାର ଗୁରୁତ୍ୱକୁ ବୁଝିପାରିବେ। ସେମାନେ ନିଜେ ନିଜର ଭବିଷ୍ୟତ ପାଇଁ ଆର୍ଥିକ ଲକ୍ଷ୍ୟ ନିର୍ଦ୍ଧାରଣ କରିପାରିବେ।

ଆର୍ଥିକ ସାକ୍ଷରତାର ଅର୍ଥ ହେଉଛି ଦୃଢ଼ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା। ଏଭଳି ନିଷ୍ପତ୍ତି ବଜେଟ ପ୍ରସ୍ତୁତ କରିବା, ସଞ୍ଚୟ କରିବା, ନିବେଶ କରିବା ଭଳି ହୋଇପାରେ। ଯେହେତୁ ଆର୍ଥିକ ଯୋଜନା ଏବଂ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବା ମୁଖ୍ୟତଃ ମାତାପିତାଙ୍କ ଦ୍ୱାରା କରାଯାଇଥାଏ, ତେବେ ପିଲାମାନଙ୍କୁ ଆର୍ଥିକ ସାକ୍ଷରତା ବିଷୟରେ ଶିଖାଇବାର କ'ଣ ଆବଶ୍ୟକତା ଅଛି? ସଚିନ ତେନ୍ଦୁଲକର ମାତ୍ର ଷୋହଳ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଦେଇଥିଲେ। ତାଙ୍କ ପରିବାର ନିଶ୍ଚିତ କରିଥିଲେ ଯେ ତାଙ୍କର ସମସ୍ତ ଧ୍ୟାନ ଏବଂ ଶକ୍ତି କ୍ରିକେଟ ଉପରେ ରହିବ। ତାଙ୍କ ବଡ଼ ଭାଇ ଅଜିତ ତେନ୍ଦୁଲକର ଆର୍ଥିକ ବ୍ୟାପାର ସମ୍ଭାଳୁଥିଲେ। ଜଣେ ବ୍ୟକ୍ତିର ଜୀବନରେ ଅର୍ଥର ଗୁରୁତ୍ୱକୁ ସମର୍ଥନ କରୁଥିବା ଦୃଢ଼ ପାରିବାରିକ ମୂଲ୍ୟବୋଧ ବ୍ୟବସ୍ଥା ଯୋଗୁ ସଚିନଙ୍କ ଧ୍ୟାନ ବ୍ୟତିବ୍ୟସ୍ତ ହୋଇ ନ ଥିଲା। ପାରିବାରିକ ମୂଲ୍ୟବୋଧ ବ୍ୟବସ୍ଥାର ଏହି ଅଂଶ ସଚିନଙ୍କୁ ବିନମ୍ର ରହିବାକୁ ସାହାଯ୍ୟ କରିଥିଲା। ଅପରପକ୍ଷରେ ଦୃଢ଼ ମୂଲ୍ୟବୋଧ ବ୍ୟବସ୍ଥାର ଅଭାବ ଯୋଗୁ ତେନ୍ଦୁଲକରଙ୍କ ସଫଳତାକୁ ଅନୁକରଣ କରିବାରେ ତାଙ୍କ ବନ୍ଧୁ ବିନୋଦ କାମ୍ବଲି ବିଫଳ ହୋଇଥିଲେ। ଆଜି ପର୍ଯ୍ୟନ୍ତ ସେ ଆର୍ଥିକ ସ୍ତରରେ ସଙ୍ଘର୍ଷ ଜାରି ରଖିଛନ୍ତି।

ପିଲାଙ୍କ ଯୁବ ମନ ସକ୍ରିୟ ଥାଏ ଏବଂ ଅନେକ ତଥ୍ୟକୁ ଗ୍ରହଣ କରିପାରେ। ସ୍କୁଲରେ ଯେଉଁ ସବୁ କଥା ଆମେ ଶିଖୁ, ସାରା ଜୀବନ ମନେ ରଖିଥାଉ। ତେଣୁ କମ୍ ବୟସରେ ଆର୍ଥିକ ଶିକ୍ଷା ପିଲାଙ୍କ ଜୀବନର ଏହି ଗୁରୁତ୍ୱପୂର୍ଣ୍ଣ କୌଶଳକୁ ବିକଶିତ କରିବାରେ ସାହାଯ୍ୟ କରିପାରିବ। ସେମାନେ ହୁଏତ ଫାଇନାନ୍ସର ବୈଷୟିକ ଅଂଶ ପାଇଁ ପ୍ରସ୍ତୁତ ନ ହୋଇପାରନ୍ତି, କିନ୍ତୁ ସେମାନେ ନିଶ୍ଚିତ ଭାବେ ମୌଳିକ କଥାକୁ ଗ୍ରହଣ କରିବେ ଏବଂ ତାହା ଉପରେ କାର୍ଯ୍ୟ କରିବେ। ପିଲାଙ୍କ ମନରେ ଆର୍ଥିକ ଶିକ୍ଷାକୁ ସାମିଲ କରିବାର ଆଉ ଏକ ବଡ଼ ଲାଭ ହେଉଛି କମ ବୟସରେ ଦୃଢ଼ ଅଭ୍ୟାସ ତିଆରି କରିବା। ସ୍ୱଭାବତଃ ଅଭ୍ୟାସଗୁଡ଼ା ଛାଡ଼ିବା କଷ୍ଟକର। ଯେତେବେଳେ ଆମେ ଏକ ଅଭ୍ୟାସ ତିଆରି କରିଥାଉ, ଆମ ମସ୍ତିଷ୍କ 'ଡୋପାମାଇନ' କ୍ଷରଣ କରିଥାଏ। ଏହା ସୁଖ ଓ ଆନନ୍ଦର ଅନୁଭବକୁ ବଢ଼ାଇଥାଏ, ଯାହା ଅଭ୍ୟାସକୁ ଆହୁରି ମଜଭୁତ କରିଥାଏ।

କମ୍ ବୟସରେ ଆର୍ଥିକ ସାକ୍ଷରତା ବିକାଶ ହେଲେ ଡୋପାମାଇନ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ। ପିଲାମାନେ ଉତ୍ତମ ଆର୍ଥିକ ନିଷ୍ପତ୍ତି ନେବାର ଅନୁଭୂତିକୁ ଉପଭୋଗ କରିବେ। ସେମାନେ ଏହି ଅଭ୍ୟାସକୁ ପରିଣତ ବୟସରେ ପାଳନ କରିବେ। ଷ୍ଟିଭ ଜବ୍ସ (ଆପଲର ପ୍ରତିଷ୍ଠାତା), ମାର୍କ ଜୁକରବର୍ଗ (ଫେସ୍‌ବୁକ୍‌ର ପ୍ରତିଷ୍ଠାତା) ଆଦି ସଫଳ ଉଦ୍ୟୋଗୀଙ୍କ ଜୀବନକୁ ଦେଖିଲେ ଜଣାପଡ଼େ ଯେ ଏହି ବ୍ୟକ୍ତିମାନେ ଖୁବ୍ କମ ବୟସରେ ଅର୍ଥର ମୂଲ୍ୟ ଓ ଗୁରୁତ୍ୱକୁ ହୃଦୟଙ୍ଗମ କରି ଏହା ଉପରେ କାର୍ଯ୍ୟ କରିଥିଲେ। ତେଣୁ ଆର୍ଥିକ ସାକ୍ଷରତା ଓ ଉଦ୍ୟମିତା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ।



ବିଶ୍ୱବ୍ୟାପୀ ଶିକ୍ଷା ପାଠ୍ୟକ୍ରମରେ ଆର୍ଥିକ ସାକ୍ଷରତାକୁ ଏକ ସ୍ୱତନ୍ତ୍ର ବିଷୟ ଭାବେ କ୍ୱଚିତ ସ୍ଥାନ ଦିଆଯାଉଛି। କୋଡିଂ, ବ୍ଲକ୍‌ଚେନ ଟେକ୍ନୋଲୋଜି ଆଦି ଧାରଣା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଆର୍ଥିକ ସାକ୍ଷରତା ନାହିଁ। ପିଥାଗୋରସ୍ ଥିଓରମ୍, ତ୍ରିକୋଣମିତି ଆଦି ଗାଣିତିକ ଧାରଣା ପିଲାମାନଙ୍କୁ ଶିକ୍ଷା ଦିଆଯାଏ, ଯାହା ହୁଏତ ସେମାନଙ୍କ ଦୈନନ୍ଦିନ ଜୀବନରେ କାମରେ ଆସି ନ ପାରେ। ଆର୍ଥିକ ଶିକ୍ଷାକୁ ବିଦ୍ୟାଳୟର ପାଠ୍ୟକ୍ରମରେ ସାମିଲ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାରମାନଙ୍କୁ ଆହ୍ୱାନ କରାଯାଇଛି। ସଞ୍ଚୟ, ବଜେଟିଂ, ନିବେଶ ଆଦି ବିଷୟ ସ୍କୁଲରେ ନିଶ୍ଚିତ ଭାବେ ପାଇବା ଉଚିତ। ବିଦ୍ୟାଳୟଗୁଡ଼ିକ ଏହା ଉପଲବ୍ଧି କରିବାର ଆବଶ୍ୟକତା ରହିଛି ଯେ ଆର୍ଥିକ ଶିକ୍ଷା ଦ୍ୱାରା ଆର୍ଥିକ ବିଶ୍ଳେଷଣ, ନିବେଶ ବ୍ୟାଙ୍କିଙ୍ଗ, ଋଣ ବିଶ୍ଳେଷଣ ଆଦି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ।

କେତେକ ଶିକ୍ଷାନୁଷ୍ଠାନ ଏବେ ବି ଟଙ୍କା କଥା କହିବାକୁ 'ଟାବୁ' ବୋଲି ବିବେଚନା କରନ୍ତି ଏବଂ ସେମାନଙ୍କର ଲୋକାଚାର ବିରୋଧରେ। କିନ୍ତୁ ଦ୍ରୁତଗତିରେ ପରିବର୍ତ୍ତିତ ହେଉଥିବା ଉଦ୍ୟୋଗୀ ବାତାବରଣ ସହିତ ଶିକ୍ଷା ପାଠ୍ୟକ୍ରମକୁ ପରିବର୍ତ୍ତିତ ପରିବେଶ ସହ ଖାପ ଖୁଆଇବା ଆବଶ୍ୟକ। ଆର୍ଥିକ ଶିକ୍ଷା ବିଷୟକୁ କାହାଣୀ ମାଧ୍ୟମରେ ପିଲାମାନଙ୍କୁ ସବୁଠାରୁ ଭଲ ଭାବେ ବୁଝାଇହେବ ଏବଂ ସେହି କାହାଣୀଗୁଡ଼ିକ ଆମର ଦୈନନ୍ଦିନ ଜୀବନ ସହିତ ସମ୍ବନ୍ଧିତ କରିବା ଦରକାର। ଧୀରେ ଧୀରେ ଏହା ପରିବାରର ମୂଲ୍ୟବୋଧର ଅଂଶ ଓ ପିଲାଙ୍କ ବ୍ୟକ୍ତିତ୍ୱର ଅଂଶ ହୋଇଯାଏ।

ଷ୍ଟାର୍ଟିଂ ପଏଣ୍ଟ ଭାବେ ଜଣେ 'ଆବଶ୍ୟକତା ଏବଂ ଇଚ୍ଛା' ଭଳି ଧାରଣାରୁ ବ୍ୟାଖ୍ୟା କରିହେବ। ଏହାଦ୍ୱାରା ସେମାନେ ଅର୍ଥର ମୂଲ୍ୟ ବୁଝିପାରିବେ ଏବଂ ଅଯଥା ଖର୍ଚ୍ଚରୁ ରକ୍ଷା ପାଇପାରିବେ। ଦ୍ୱିତୀୟ ପରିକଳ୍ପନା ଯାହା ଆଲୋଚନା କରାଯାଇପାରେ ତାହା ହେଉଛି 'ସଞ୍ଚୟ'ର ଅଭ୍ୟାସ। ସଞ୍ଚୟ କରିବା ମାନେ ଟଙ୍କାକୁ ଅଲଗା ରଖିବା ନୁହେଁ, ଏହାକୁ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ ସହିତ ଯୋଡ଼ିବା ଉଚିତ। ଏକ ସାଧାରଣ ଉଦାହରଣ ହେଉଛି ନିଜ ମାତାପିତାଙ୍କ ପାଇଁ ବାର୍ଷିକୀ ଉପହାର କିଣିବା ପାଇଁ ଅର୍ଥ ସଞ୍ଚୟ କରିବା। କିଶୋରମାନଙ୍କ ପାଇଁ 'ବିନିଯୋଗ'ର ମୂଳ କଥା ବୁଝିବା ହେଉଛି ମୌଳିକ ଲକ୍ଷ୍ୟ। ଆୟର ସ୍ରୋତ ପୁରସ୍କାର ରାଶିଠାରୁ ଆରମ୍ଭ କରି ଆତ୍ମୀୟଙ୍କ ସୌଜନ୍ୟମୂଳକ ଇଙ୍ଗିତରେ ଭିନ୍ନ ହୋଇପାରେ। ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ସମ୍ପତ୍ତି ସୃଷ୍ଟି କରିବା ଲାଗି ଏଭଳି ଆୟ ବିନିଯୋଗ କରିବା ଉଚିତ।

ପରିଶେଷରେ କହିବାକୁ ଗଲେ, ଯେହେତୁ ଆର୍ଥିକ ସାକ୍ଷରତା ଆନୁଷ୍ଠାନିକ ଶିକ୍ଷା ପାଠ୍ୟକ୍ରମର ଏକ ଅଂଶ ନୁହେଁ, ତେଣୁ ପରିବାର ସଦସ୍ୟଙ୍କ ଦାୟିତ୍ୱ ହେଉଛି ନିଜ ପିଲାଙ୍କୁ ଆର୍ଥିକ ସାକ୍ଷରତାର ମୌଳିକ ପରିକଳ୍ପନା ସମ୍ପର୍କରେ ଅବଗତ କରାଇବା। କିନ୍ତୁ ଯୋଗାଯୋଗକୁ ପିଲାଙ୍କ ଅନୁକୂଳ ଢଙ୍ଗରେ ଜଣାଇବା ଉଚିତ। ଆର୍ଥିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଜଟିଳତା ବୃଦ୍ଧି ପାଉଥିବାରୁ ଶିକ୍ଷା ବ୍ୟବସ୍ଥାରେ ଆର୍ଥିକ ଶିକ୍ଷାକୁ ବାଧ୍ୟତାମୂଳକ କରିବା ଆବଶ୍ୟକ। ସମାଜର ଢାଞ୍ଚାଗତ ପରିବର୍ତ୍ତନ ହେଉଛି, ବୈଷୟିକ ଜ୍ଞାନକୌଶଳର ସମନ୍ୱୟ ମାଧ୍ୟମରେ ଉଦ୍ୟୋଗୀତା ଏହି ମହାନ୍ ଦେଶର ଯୁବବର୍ଗଙ୍କ ପାଇଁ ମାର୍ଗ ଦର୍ଶନ କରୁଛି। ଯେହେତୁ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାବେ ଉଭା ହୋଇଛି, ତେଣୁ ଦକ୍ଷତା ବୃଦ୍ଧି ପୂର୍ବକ 'ଜନସଂଖ୍ୟାଗତ ଲାଭ' ହାସଲ କରିବା ଆବଶ୍ୟକ।

**ପ୍ଲଟ୍ ନଂ. ୧୩୭, ଚନ୍ଦ୍ରଶେଖରପୁର,**
**ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

# ପୁଣି ମେଣ୍ଟ ପ୍ରୟାସ



ସୌଭାଗ୍ୟ ରଞ୍ଜନ ମହାନ୍ତି

୨୦୨୪ ସାଧାରଣ ନିର୍ବାଚନ ଆଉ ୧୦ମାସରୁ କମ୍ ସମୟ ଥିବାରୁ ଦେଶରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ନିର୍ବାଚନ ପ୍ରସ୍ତୁତି ନେଇ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ନିର୍ବାଚନ ପୂର୍ବରୁ କ୍ୱାର୍ଟର ଫାଇନାଲ କୁହାଯାଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାକୁ ଧୂଳି ଚଟାଇ କଂଗ୍ରେସ କ୍ଷମତା ଦଖଲ କରିବା ପରେ ଏବେ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ଲାଗି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରୟାସ ଜାରି ରଖିଛନ୍ତି। କଂଗ୍ରେସକୁ ଛାଡ଼ି ଦେଶରେ ତୃତୀୟ ସାମୁଖ୍ୟ ଗଠନ କରିବାକୁ ଚାହୁଁଥିବା ଅର୍ଥାତ୍ କଂଗ୍ରେସଠାରୁ ଦୂରେଇ ରହିବାକୁ ସର୍ବଦା କହିଆସୁଥିବା ଦଳଗୁଡ଼ିକ ଏବେ ବୃହତ୍ ବିରୋଧୀ ମେଣ୍ଟ ପ୍ରତି ଆଗ୍ରହ ପ୍ରକାଶ କଲେଣି। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି, ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ, ତେଲଙ୍ଗାନାରେ ଶାସକ ଭାରତ ରାଷ୍ଟ୍ର ସମିତି, ଉତ୍ତରପ୍ରଦେଶର ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ଆଦି ଦଳ ଗୋଟିଏ ମଞ୍ଚରେ କଂଗ୍ରେସ ସହ ବସିବାକୁ ବିମୁଖ ଥିବା ଜଣାଶୁଣା। ରାଜନୀତିରେ ସବୁ କିଛି ସମ୍ଭବ ପରି ଦେଶରେ ନିକଟ ଅତୀତରେ ସଂଘଟିତ କେତୋଟି ଘଟଣାବଳୀ ଏବେ ସ୍ଥିତିକୁ ବଦଳାଇ ଦେଇଛି। କର୍ଣ୍ଣାଟକରେ କଂଗ୍ରେସର ବିଜୟ, ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠର ରାୟକୁ ଅକାମୀ କରି ଦିଲ୍ଲୀରେ ନିର୍ବାଚିତ ସରକାରଙ୍କୁ ପଛରେ ପକାଇ ଅମଲାତନ୍ତ୍ରକୁ ଅଧିକ କ୍ଷମତା ପ୍ରଦାନ ଲାଗି କେନ୍ଦ୍ର ସରକାରଙ୍କ ବିବାଦୀୟ ଅଧ୍ୟାଦେଶ ଜାରି, ବିରୋଧୀ ଦଳର ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ, ଇଡି ପରି କେନ୍ଦ୍ରୀୟ ସଂସ୍ଥାକୁ ଲଗାଇ ହଇରାଣ କରାଇବା, ନବ ନିର୍ମିତ ସଂସଦ ଭବନକୁ ରାଷ୍ଟ୍ରପତିଙ୍କ ବଦଳରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ଆଦି ଘଟଣା ବିରୋଧୀ ଦଳଗୁଡ଼ିକୁ ଏକଜୁଟ କରାଇବାରେ ସହାୟକ ହୋଇଛି ବୋଲି କୁହାଯାଇପାରେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କେନ୍ଦ୍ରୀୟ ଅଧ୍ୟାଦେଶ ବିରୋଧରେ ବିରୋଧୀଙ୍କୁ ଏକଜୁଟ କରାଇବା ଲାଗି ବହୁ ବିରୋଧୀ ଦଳ ନେତା ଓ ବିରୋଧୀ ଦଳ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏପରିକି ସେ ଆପ୍‌ର କଡ଼ା ବିରୋଧୀ କଂଗ୍ରେସର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। ନୀତୀଶ କୁମାରଙ୍କ ଉଦ୍ୟମ କ୍ରମେ ୧୨ ତାରିଖରେ ପାଟ୍‌ନାରେ ୧୬ଟି ବିରୋଧୀ ଦଳର ନେତା ଓ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ରାହୁଲ ଏବଂ ଖାର୍ଗେ ଯୋଗ ଦେଇ ନ ଥିବାରୁ ତାହାକୁ ବାତିଲ କରାଯାଇଥିଲା। ଏବେ ଆସନ୍ତା ୨୩ରେ ବୈଠକ ଅନୁଷ୍ଠିତ ହେବ, ଯେଉଁଥିରେ ରାହୁଲ, ଖାର୍ଗେ, କେଜରିୱାଲ, ମମତା ବାନାର୍ଜୀ, ଅଖିଳେଶ ଯାଦବ ପ୍ରମୁଖ ଯୋଗଦେବେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ବିରୋଧୀ ଦଳଗୁଡ଼ିକର ପ୍ରଥମ ବୈଠକ ହେବ। ତେବେ ଭାଜପା ବିରୋଧରେ ଏକ ଦୃଢ଼ ମେଣ୍ଟ ଗଠନ ଏବେ ବି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ପଦକୁ ନେଇ ସେମାନଙ୍କ ମଧ୍ୟରେ ମତଭେଦ ଏଡ଼ାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ, ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ଟକ୍କର ରାହୁଲ ହିଁ ଦେଉଛନ୍ତି, ଏପରି ଏକ ଧାରଣା ଏବେ ଦେଶବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମନେହୁଏ। ଏ ନେଇ ନିକଟରେ ପ୍ରକାଶିତ ଲୋକନୀତି-ସିଏସ୍‌ଡିଏସ୍ ଦ୍ୱାରା କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁ ଆୟାମ ସର୍ବେକ୍ଷଣର ରିପୋର୍ଟ ଯାହା କହୁଛି, ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ। ସେହିପରି ରାହୁଲଙ୍କ ଲୋକପ୍ରିୟତା ୨୦୧୪ରେ ମାତ୍ର ୧୪% ଥିବାବେଳେ ଏବେ ୨୭%ରେ ପହଞ୍ଚିଛି। ଗତ ୯ ବର୍ଷରେ ତାଙ୍କର ଲୋକପ୍ରିୟତା ଦୁଇଗୁଣ ବଢ଼ିଥିବାବେଳେ ଅନ୍ୟ ଦଳର ନେତାମାନଙ୍କ ଲୋକପ୍ରିୟତା ହ୍ରାସ ପାଇଛି। ଆହୁରି ମଧ୍ୟ ମୋଦି ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟଙ୍କ ସଂଖ୍ୟା ୨୬%ରୁ ୧୭%କୁ ହ୍ରାସ ପାଇଥିବା ବେଳେ ଅସନ୍ତୁଷ୍ଟଙ୍କ ହାର ୧୮ରୁ ୨୧%କୁ ବୃଦ୍ଧି ପାଇଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ୨୦୧୯ରେ କଂଗ୍ରେସର ଭୋଟହାର ୧୯.୫% ଥିବାବେଳେ ୨୦୨୪ରେ ତାହା ୩୧.୫%ରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଭାଜପାର ଭୋଟହାର ୨୯%ରୁ ୩୭.୫%କୁ ବଢ଼ିଛି। ତେବେ କଂଗ୍ରେସର ଭୋଟହାର ବୃଦ୍ଧି ତୁଳନାତ୍ମକ ଭାବେ ଭାଜପାଠାରୁ ବଢ଼ିଥିବା କୁହାଯାଇପାରେ। ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, କଂଗ୍ରେସର ଲୋକପ୍ରିୟତା ଅର୍ଥାତ୍ ବ୍ୟକ୍ତିଗତ ଭାବେ ରାହୁଲଙ୍କୁ ଜନସାଧାରଣ, ବୁଦ୍ଧିଜୀବୀଙ୍କ ଗ୍ରହଣୀୟତା ବୃଦ୍ଧି ପାଉଥିବାରୁ କଂଗ୍ରେସ ବିନା ବିରୋଧୀ ଦଳ ମେଣ୍ଟ କଳ୍ପନା କରାଯାଇ ନ ପାରେ। ବିରୋଧୀ ଦଳଙ୍କ ପ୍ରଥମ ବୈଠକ ମେଣ୍ଟ କି ସୂଚନା ଦେଉଛି, ତାହା ୨୩ରେ ଜଣାପଡିବ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ: ୯୪୩୭୯୯୪୩୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସ

ମହାଶୟ,

ଭୂତ, ପ୍ରେତ, ଡାହାଣୀ, ଚିରଗୁଣୀ ପ୍ରଭୃତି ଡରେଇବା କଥା କହି ଲୋକଙ୍କୁ ଭୟଭୀତ କରାଇ ତା'ର ନିରାକରଣର ମଧ୍ୟ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ଏ ତ ଆମ ଦେଶର କଥା ଗଲା। ବିଦେଶରେ ମଧ୍ୟ ଭୂତ, ପ୍ରେତର ଅନ୍ଧବିଶ୍ୱାସ ଅଛି। ସେହିପରି ଆଲ୍‌ବିନିଜମ ଏକପ୍ରକାର ରୋଗ, ଯାହା ଆଫ୍ରିକାରେ ଦେଖାଯାଏ। ଏଥିରେ ରୋଗାକ୍ରାନ୍ତଙ୍କ ଶରୀରରେ ଏକ ପ୍ରକାର ଯାଦୁଶକ୍ତି ସୃଷ୍ଟି ହୁଏ। ତେଣୁ ସେମାନଙ୍କୁ ମାରି ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଯଦି ଘରେ ରଖାଯାଏ, ତେବେ ଘର ତଥା ପରିବାରର ଉନ୍ନତି ହୁଏ। ସେଥିପାଇଁ ଏହି ରୋଗୀଙ୍କୁ ୨୦୦୦ ମସିହା ପୂର୍ବରୁ ଅନେକ ହତ୍ୟା କରାଗଲା। ଏ ନେଇ ଜାତିସଂଘରେ ଆଲୋଚନା ପରେ ୨୦୧୫ରୁ ଯଦିଓ ଏହା ଉପରେ ନିଷେଧାଜ୍ଞା ଲଗାଗଲା, ତଥାପି ଏହା ଚାଲୁ ରହିଛି। ଆଜି ବି ଲୋକେ ମିଳିମିଳା, ହାଡଫୁଟିକୁ ମା'ଙ୍କ କୋପଦୃଷ୍ଟି କହୁଛନ୍ତି। ଛୁଆମାନେ ଅନେକ ସମୟ ଧରି କାନ୍ଦିଲେ ଦୃଷ୍ଟି ପଡ଼ିଯାଇଛି କହି ଗୁଣିଆ ଡାକି ଝାଡୁଛନ୍ତି। ଏ ସବୁ ଅନ୍ଧବିଶ୍ୱାସକୁ ଲୋକଙ୍କ ମାନସପଟରୁ ଦୂରେଇବା ନିହାତି ଜରୁରୀ।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ହେ ଦେବତା ! ଏ ଜୀବନେ
ପଡ଼େ ଯେତେ ବେଦନାର ଦାଗ,
କିଏଁ ବରି ଅକାତରେ
ମଣି ତାହା ତବ ଅନୁରାଗ।
(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯତ୍ନବାନ: ମନ୍ତ୍ରୀ

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୧୦ଟି ପ୍ରକଳ୍ପର ଶିଳାନ୍ୟାଶ




ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ସାଧାରଣ ସଭା

**ନବରଙ୍ଗପୁର,୧୮।୬(ସଦାଶିବ ପ୍ରହରାଜ)**

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ରବିବାର ନବରଙ୍ଗପୁରରେ ୧୦ଟି ପ୍ରକଳ୍ପର ଶିଳାନ୍ୟାଶ କରାଯାଇଛି। ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ସର୍କିଟ ହାଉସ ନିକଟ ପଡିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ୧୩ଟି ଜନଜାତି ସମ୍ପ୍ରଦାୟର ସଭାପତି ଓ କର୍ମକର୍ତ୍ତା ପାରମ୍ପରିକ ବେଶରେ ନାଚଗୀତ କରି ସ୍ଥାନୀୟ ଚାମୁରିଆଗୁଡା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସଭା ସ୍ଥଳରେ ପହଞ୍ଚିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ମୁଖ୍ୟଅତିଥି ସାରକା କହିଥିଲେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ନବରଙ୍ଗପୁର ଜିଲାରେ ୯ଟି ବ୍ଲକରେ ୩୦ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ସଂସ୍କୃତି ଭବନ ନିର୍ମାଣ କରାଯିବ। ପୂର୍ବରୁ ୯ଟି ଜିଲାକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠିତ ହୋଇଥିଲା। ଏବେ ଆଉ ୧୪ ଜିଲାକୁ ସାମିଲ କରିବା ପରେ ୨୩ ଜିଲାରେ ପରିଷଦ ଉନ୍ନୟନ କାର୍ଯ୍ୟ କରିବ। ରାଜ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୪୫୦୦ ପୀଠ, ୧୮ ହଜାର ସାଂସ୍କୃତିକ ସଂଘକୁ ଆନୁଦାନ ଯୋଗାଇ ଦିଆଯାଇଛି। ସମସ୍ତ ଜନଜାତି କିଭଳି ସୁରକ୍ଷିତ ରହିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଥିଲେ ଯେ, ଅନୁସୂଚିତ ଜନଜାତିଙ୍କ ବିକାଶ ପାଇଁ ରାଜ୍ୟରେ ୨୩ ଜିଲାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ କରାଯାଇଛି। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ସମସ୍ତେ ସେବା ଓ ସାହାଯ୍ୟ ମନୋଭାବ ରଖି କାମ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରି କହିଥିଲେ, ରାଜ୍ୟରେ ୬୨ ପ୍ରକାର ଜନଜାତି ଥିବାବେଳେ ନବରଙ୍ଗପୁର ଜିଲାରେ ୧୩ ପ୍ରକାର ଜନଜାତି ରହିଛନ୍ତି। ଭାରତ ବର୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନାଁରେ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ଉପାଧ୍ୟକ୍ଷା ଲିପିକା ବାରଇ, ଉଠା ଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢୀ, ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପ ସଭାପତି ଭାନୁମତି ପୂଜାରୀ, କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ରାୟଗଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, କେବିକେ ଉପଦେଷ୍ଟା ଡବ୍ଲ୍ୟୁ ଗଣ୍ଡ, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ତଥା କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ ୧୩ ଜଣ ଜଣ ଜାତି ସୁରକ୍ଷା ମଞ୍ଚର ସଭାପତି, ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ମଞ୍ଚାସୀନ ଥିଲେ। ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଶିବାଜୀ କ୍ରିଷ୍ଣମୂର୍ତ୍ତି ଡିଏମ୍‌କେରୁ ବହିଷ୍କୃତ

## ରାଜ୍ୟପାଳ, ଭାଜପା ନେତ୍ରୀଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ

**ଚେନ୍ନାଇ, ୧୮।୬**



ଖୁସ୍‌ବୁ ସୁନ୍ଦର



ଶିବାଜୀ କ୍ରିଷ୍ଣମୂର୍ତ୍ତି

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ଅଭିନେତ୍ରୀ ତଥା ଭାଜପା ନେତ୍ରୀ ଖୁସ୍‌ବୁ ସୁନ୍ଦରଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଡିଏମ୍‌କେ ନେତା ଶିବାଜୀ କ୍ରିଷ୍ଣମୂର୍ତ୍ତିଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଗତ ଜାନୁୟାରୀରେ ସେ ରାଜ୍ୟପାଳଙ୍କୁ ଧମକ ଦେଇ ଡିଏମ୍‌କେରୁ ନିଲମ୍ବିତ ହୋଇଥିଲେ। ତାଙ୍କ ମନ୍ତବ୍ୟକୁ ଲଜ୍ଜାଜନକ ବୋଲି ଖୁସ୍‌ବୁ କହିବା ସହ ଉକ୍ତ ଭିଡିଓରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଟ୍ୟାଗ୍ କରି 'ଆପଣଙ୍କ ପରିବାରର ମହିଳାଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଆପଣ ଗ୍ରହଣ କରିବେ କି' ବୋଲି ଟୁଇଟ୍ କରିଥିଲେ। କ୍ରିଷ୍ଣମୂର୍ତ୍ତି କେବଳ ମୋତେ ଅପମାନିତ କରିନାହାନ୍ତି, ଆପଣଙ୍କୁ ଏବଂ ଆପଣଙ୍କ ବାପା ଭଳି ଜଣେ ମହାନ ନେତାଙ୍କୁ ଅପମାନିତ କରିଛନ୍ତି। ତାଙ୍କୁ ଯେତେ ଅଧିକ ସ୍ଥାନ ଦେବେ, ଆପଣ ରାଜନୀତିରେ ସେତେ ଅଧିକ ସ୍ଥାନ ହରାଇବେ ବୋଲି ଖୁସ୍‌ବୁ ଷ୍ଟାଲିନ୍‌ଙ୍କୁ ଲକ୍ଷ୍ୟ କରି ଲେଖିଥିଲେ। କ୍ରିଷ୍ଣମୂର୍ତ୍ତି କ୍ରମାଗତ ଭାବେ ଅପରାଧ କରୁଥିବାବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ରାଜ୍ୟ ସଭାପତି କେ. ଆନ୍ନାମଲାଇ ଆହ୍ୱାନ ଦେଇଥିଲେ।

# ମାନ୍‌ଙ୍କୁ କେଜ୍‌ରିୱାଲଙ୍କ ପାଇଲଟ୍ କହିଲେ ଶାହା

**ଗୁର୍‌ଦାସପୁର, ୧୮।୬**



ଭଗୱନ୍ତ ମାନ୍

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର କଡ଼ା ସମାଲୋଚନା କରିଛନ୍ତି। ଭଗୱନ୍ତ ମାନ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ ନା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପାଇଲଟ ବୋଲି ସେ ପ୍ରଶ୍ନ କରିଛନ୍ତି। ପଞ୍ଜାବର ଆଇନ ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ଖରାପ ଅବସ୍ଥାକୁ ଆସିଥିବାବେଳେ ମାନ୍ ସବୁବେଳେ କେଜ୍‌ରିୱାଲଙ୍କ ସହ ବୁଲୁଥିବା ଶାହା କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରିବା ଅବସରରେ ଶାହା କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷର ସଫଳତାର ଚିତ୍ର ଉପସ୍ଥାପନ କରିଥିଲେ। ଭାଜପାର ଜନସମ୍ପର୍କ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏକ ସଭାକୁ ସମ୍ବୋଧିତ କରି ଶାହା କହିଥିଲେ, ମୁଖ୍ୟମନ୍ତ୍ରୀ ମାନ୍‌ଙ୍କର କେଜ୍‌ରିୱାଲଙ୍କ ପାଇଁ ସମୟ ଅଛି, କିନ୍ତୁ ପଞ୍ଜାବ ଜନସାଧାରଣଙ୍କ ପାଇଁ ନାହିଁ। ରାଜ୍ୟର କରଦାତାଙ୍କ ଟଙ୍କା କେଜ୍‌ରିୱାଲଙ୍କ ପାଇଁ ବିଜ୍ଞାପନରେ ଖର୍ଚ୍ଚ ହେଉଛି। ପଞ୍ଜାବ ଜନସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେମାନେ ଏଥିପାଇଁ ଉପଯୁକ୍ତ ଶିକ୍ଷାଦେବେ ବୋଲି ଶାହା କହିଛନ୍ତି। ପଞ୍ଜାବ ମହିଳାଙ୍କୁ ପ୍ରତି ମାସରେ ୧,୦୦୦ ଟଙ୍କା ସହାୟତା ଦେବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଶାହା ପ୍ରଶ୍ନ କରିଥିଲେ।

# ୫-ଟି ସଚିବଙ୍କ ବିଭିନ୍ନ ଜିଲା ଗସ୍ତ ନେଇ ବିରୋଧୀ-ଶାସକ ମୁହାଁମୁହିଁ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

- **ଲୋକମାନେ ଯାହାକୁ ଜିତାଇଛନ୍ତି ସେମାନେ ଲିଡ୍ କରୁନାହାନ୍ତି: ଜୁଏଲ**
- **ରାଜନୀତି କରିବ ଚାକିରି ଛାଡିକି ଆସ: ମନମୋହନ**
- **ସଚିବମାନେ ଯାଇ ରାଜ୍ୟରେ ବୁଲିକି ଭାଷଣ ଦେଲେଣି: ଶରତ**
- **ପ୍ରଧାନମନ୍ତ୍ରୀ କ'ଣ ସବୁଠିକି ଯାଉଛନ୍ତି: ପ୍ରଫୁଲ୍ଲ**
- **ଅପରାଜିତା ସରକାରୀ ଅର୍ଥ ଆତ୍ମପ୍ରଚାରରେ ବିନିଯୋଗ କରୁଥିଲେ:ଦାମ**

ବିରୋଧୀଙ୍କ ସିଧାସଳଖ ଟାର୍ଗେଟରେ ଏବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ରହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପରେ ଭାଜପା ବରିଷ୍ଠ ନେତା ଜୁଏଲ୍ ଓରାମ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଧ୍ୟ ପାଣ୍ଡିଆନଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ସରକାରୀ ଚାକିରିରେ ଥାଇ ରାଜନୀତି ନ କରିବାକୁ ଭାଜପା କହିଥିବା ବେଳେ ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇବାକୁ କଂଗ୍ରେସ ଚେତାବନୀ ଦେଇଛି। ଅନ୍ୟପଟେ ବରିଷ୍ଠ ରାଜନେତା ଦାମୋଦର ରାଉତ ଏହି ଘଟଣାରେ ଓଲଟା ଅପରାଜିତାଙ୍କ ଉପରେ ବର୍ଷିଛନ୍ତି।

ସୁନ୍ଦରଗଡ଼ ଏମ୍‌ପି ତଥା ଭାଜପା ବରିଷ୍ଠ ନେତା ଜୁଏଲ୍ ଓରାମ କହିଛନ୍ତି, ୫-ଟି ସଚିବ ଯେଉଁଭଳି ଚଳାଇଛନ୍ତି ସେକଥା ସମସ୍ତେ ଦେଖିପାରୁଛନ୍ତି। ରାଜ୍ୟବାସୀ ଭୋଟ୍ ଦେଇ ଯାହାକୁ ଜିତାଇଛନ୍ତି ସେମାନେ ରାଜ୍ୟରେ ଚାଲିଥିବା କାମକୁ ଲିଡ୍ ନ କରି ଜଣେ ସଚିବ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

ମନମୋହନ କହିଛନ୍ତି, ଯେଉଁ ବ୍ୟବସ୍ଥା, ସମ୍ବିଧାନ, ଆଇନକାନୁନ ରହିଛି ତାକୁ ମାନି ସମସ୍ତେ ଚାଲିବା ଦରକାର। ଦୁଇ ଡଜନ ମନ୍ତ୍ରୀ ଅଛନ୍ତି। ସେମାନେ ହେଉଛନ୍ତି ଶାସନର ମୁଖ୍ୟ। ସଚିବମାନଙ୍କ ଦାୟିତ୍ୱ ହେଉଛି ଯୋଜନାକୁ ସେମାନେ କାର୍ଯ୍ୟକାରୀ କରିବା। ନିଷ୍ପତ୍ତି ସବୁବେଳେ ମନ୍ତ୍ରୀମାନେ ନେବେ। ରାଜନୀତି କରିବା ଲାଗି ସମସ୍ତଙ୍କ ଗଣତାନ୍ତ୍ରିକ ଅଧିକାର ରହିଛି। ସେ ମଧ୍ୟ କରିପାରିବେ ହେଲେ ପ୍ରଥମେ ଚାକିରି ଛାଡିକି ଆସନ୍ତୁ ବୋଲି ମନମୋହନ କହିଛନ୍ତି।

ପିସିସି ସଭାପତି କହିଛନ୍ତି, ଏଠାରେ ସଚିବମାନେ ଯାଇ ଭାଷଣ ଦେଲେଣି। ଯାହାର ରାଜନୀତି କରିବାର ଅଛି ସିଏ ଚାକିରି ଛାଡିକି ଆସନ୍ତୁ। ଏହାକୁ କେହି ମନା କରୁନାହାନ୍ତି। ବିଜେଡି ସରକାର ଯେପରି ଚାଲିଛି ଏମିତି ଶାସନ କେବେ ଦେଖି ନ ଥିଲୁ। ମୁଖ୍ୟମନ୍ତ୍ରୀ ବାହାରକୁ ବାହାରିବେନି, ତାଙ୍କ ସହ କେହି ଆଲୋଚନା କରିପାରିବେ ନାହିଁ, ତାଙ୍କ ସହିତ କେହି ଦେଖା କରିପାରିବେନି ଏହା ଆଶ୍ଚର୍ଯ୍ୟର କଥା। ଏହି ପ୍ରସଙ୍ଗରେ କଂଗ୍ରେସ ନିଶ୍ଚୟ ପ୍ରତିବାଦ କରିବ ବୋଲି ସେ କହିଛନ୍ତି।

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁଆଡକୁ ଯାଇପାରୁ ନ ଥିବାରୁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ସବୁଆଡେ ପଠାଉଛନ୍ତି। ଅନେକ ସମୟରେ ବିଭିନ୍ନ ସ୍ଥାନରେ ବନ୍ୟା ହେଉଛି ସବୁଠାକୁ କ'ଣ ପ୍ରଧାନମନ୍ତ୍ରୀ ଦେଖିବାକୁ ଯାଉଛନ୍ତି। କେତେକ ସ୍ଥାନକୁ ପ୍ରଧାନମନ୍ତ୍ରୀ ତାଙ୍କ ଟିମ୍‌କୁ ପଠାଉଛନ୍ତି। ସେମାନେ ସବୁ କଥାର ସର୍ବେକ୍ଷଣ କରୁଛନ୍ତି। ବିରୋଧୀଙ୍କ ପାଖରେ କିଛି ବିଷୟ ବସ୍ତୁ ନାହିଁ ସେମାନେ କେବଳ ବିରୋଧ କରିବା ଛଳରେ ଏମିତି କରୁଛନ୍ତି ବୋଲି ପ୍ରଫୁଲ କହିଛନ୍ତି।

ଦାମୋଦର(ଦାମ) ରାଉତ କହିଛନ୍ତି, ବି.ଏମ୍.ସି. କମିଶନର ଭାବେ ଅପରାଜିତା ଷଡ଼ଙ୍ଗୀ ନିଜ ପଦବୀ ଏବଂ ପ୍ରଦତ୍ତ ସରକାରୀ ଅର୍ଥକୁ ଆତ୍ମପ୍ରଚାର ପାଇଁ ବିନିଯୋଗ କରି ରାଜନୈତିକ କ୍ୟାରିୟର ନିମନ୍ତେ ପ୍ରସ୍ତୁତ କରାଉଥିଲେ। ଏବେ ରାଜଧାନୀବାସୀ ତା'ର ଫଳ ଭୋଗ କରୁଛନ୍ତି। ଜଳବନ୍ଦୀ, ଖୋଲା ଡ୍ରେନ୍ ରାଜଧାନୀବାସୀଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ସେହି ଭାବନାକୁ ମନରେ ରଖି କାହାର ନାମ ନ ନେଇ ୫-ଟି ସଚିଙ୍କୁ ଟାର୍ଗେଟ୍ କରୁଛନ୍ତି। ଲୋକମତକୁ ବିଭ୍ରାନ୍ତ କରିବା ପାଇଁ ଅପରାଜିତା ଅପପ୍ରଚାର କରୁଛନ୍ତି ବୋଲି ଦାମ କହିଛନ୍ତି।

# ଆକ୍ରୋଶମୂଳକ ରାଜନୀତିକୁ ମୁଖ୍ୟ ଅସ୍ତ୍ର କରିଛି ବିଜେଡି: ଭାଜପା

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**



ଲେଖାଶ୍ରୀ ସାମନ୍ତସିଂହାର

ଦୀର୍ଘ ୨୩ ବର୍ଷ ଧରି ନିରଙ୍କୁଶ ଶାସନରେ ଥିବା ବିଜେଡି ସରକାର ଅମଳରେ ରାଜ୍ୟର ଜମି, ପାଣି, ଜଙ୍ଗଲ, ଖଣିଜକୁ ବେଆଇନ ଭାବେ ବିକ୍ରି କରିଦେଇ ବିଜେଡିର ମନ୍ତ୍ରୀ ଓ ନେତାମାନେ ଓଡ଼ିଶାକୁ ଖାଇଗଲେଣି। ରାଜ୍ୟର ଶାସନ ଡୋରି କାହା ହାତରେ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ ବିଜେଡି 'ଆକ୍ରୋଶମୂଳକ ରାଜନୀତି'କୁ ମୁଖ୍ୟ ଅସ୍ତ୍ର କରିଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଯାଜପୁର ଜିଲାର ବରିଷ୍ଠ ନେତା ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ସର୍ବେଶ୍ୱର ବେହୁରିଆଙ୍କୁ ଗିରଫ କରିବା ପଛରେ ଦୀର୍ଘଦିନର ରାଜନୈତିକ ଓ ପ୍ରଶାସନିକ ଆକ୍ରୋଶ ମୁଖ୍ୟ କାରଣ। ସ୍ଥାନୀୟ ତହସିଲଦାର, ଖଣିମାଫିଆ ଓ ସ୍ଥାନୀୟ ବିଧାୟକ ମିଳିମିଶି କୋଟି କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ୍ କରୁଥିବାର ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସର୍ବେଶ୍ୱର ଏବଂ ତାଙ୍କ ପରିବାର ଉପରେ ଲଗାତର ଆକ୍ରମଣ କରାଯାଉଛି। ସର୍ବେଶ୍ୱରଙ୍କ ନିରନ୍ତର ଉଦ୍ୟମ କାରଣରୁ ଡଙ୍କାରୀ ଓ ବିଛାଖଣ୍ଡିରେ ବେଆଇନ ଖଣି ଖନନ ବନ୍ଦ ହୋଇଛି। ତାଙ୍କ ଉପରେ ଲଗାଯାଇଥିବା ମିଛ କେସ୍‌କୁ ତୁରନ୍ତ ପ୍ରତ୍ୟାହାର କରାଯାଇ ତୁରନ୍ତ ଖଲାସ କରାଯାଉ। ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ସମ୍ପୃକ୍ତ ଥିବା ବିଜେଡି ପ୍ରତିଶୋଧପରାୟଣ ଓ ଆକ୍ରୋଶମୂଳକ ରାଜନୀତିରୁ ଅବ୍ୟାହତ ରୁହନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।

# ଆଜି କଂଗ୍ରେସର ଗ୍ରୀଡ୍‌କୋ ଅଫିସ୍ ଘେରାଉ, ରାଜ୍ୟପାଳଙ୍କୁ ଦାବିପତ୍ର ଦେବ ଭାଜପା

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଅହେତୁକ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ରାଜ୍ୟ ଗ୍ରୀଡ୍‌କୋ ଅଫିସ ଘେରାଉ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ବକେୟା ବିଜୁଳି ବିଲ୍ ଉପରେ ସୁଧ କଷି ଲୋକଙ୍କୁ ଲୁଣ୍ଠନ କରିବା କାମରୁ ଟାଟା ପାୱାର ନିବୃତ୍ତ ରୁହନ୍ତୁ। ବାରମ୍ବାର ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିଜେଡି ସରକାର ଗୋଟିଏ ବି କଥା ପାଳନ କରିପାରିଲେ ନାହିଁ। ଜନଶୋଷଣ ଏ ସରକାରର ମୂଳ ମନ୍ତ୍ର ପାଲଟିଛି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ବାରମ୍ବାର କହୁଛନ୍ତି ଯେ, ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ। କିନ୍ତୁ କାହିଁକି ଏଠି ବିଦ୍ୟୁତ୍ ଦାମ୍ ୟୁନିଟ ପିଛା ଏତେ ଅଧିକ ବୋଲି ଶରତ ପ୍ରଶ୍ନ ପଚାରିଛନ୍ତି। ଅନ୍ୟପଟେ ଭାଜପା ଭୁବନେଶ୍ୱର ଜିଲା ସଙ୍ଗଠନ ପକ୍ଷରୁ ମଧ୍ୟ ଅଘୋଷିତ ବିଜୁଳି କାଟ୍ ପ୍ରତିବାଦରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେମାନଙ୍କ ଦଳ ତରଫରୁ ସୂଚନା ଦିଆଯାଇଛି। ଭାଜପାର କର୍ମୀମାନେ ରାଲିରେ ବାହାରି ରାଜ୍ୟପାଳଙ୍କ ଅଫିସ୍‌ରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବେ।


# Classified Everyday
**0674-2580101, 2549949**



REAL ESTATE

**SALE**

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870



CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open Salon/ SPA with expert therapist (health benefits). 8114322659. D-75120

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**AFFIDAVIT**

By virtue of an affidavit sworn before Executive Magistrate, Jajpur on 25.05.2023 I, Girija Prasad Sahu, S/o- Sulav Charan Sahu, At/P.O.- Balichandrapur, Dist. Jajpur want to inform that my daughter's name has been entered as Amisha Amitabha in her Aadhaar Card. Her actual name is Sai Aradhya Sahu. Amisha Amitabha and Sai Aradhya Sahu both are same person. Henceforth she will be known as Sai Aradhya Sahu for all purposes. D-0602

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Subal Charan Sahoo, S/o- Ratnakar Sahoo, At- Adhalia, P.O- Phulnakhara, Dist.- Cuttack, Pin-754001 declare by this Affidavit No.- 24AA559837 that now onwards I shall be known as Subal Sahoo for all future purposes. D-0604

I, Bhagyalata Das, W/o Late RajKrishna Lenka, R/o- 1st Lane, Madhuban, Puri-2, Odisha have changed my name to Bhagyalata Lenka for all future purposes. D-0603

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ରାଜ୍ୟ ଖବର**

# ଘୋଷଯାତ୍ରାର ହେବ ସିଧାପ୍ରସାରଣ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ପବିତ୍ର ଘୋଷଯାତ୍ରା ଅବସରରେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି। ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ହାଇ-ରିଜଲ୍ୟୁସନ୍ ଚିତ୍ର ଉତ୍ତୋଳନ କରାଯାଇ ଅଗଣିତ ଦର୍ଶକଙ୍କ ନିମନ୍ତେ ନିରବଚ୍ଛିନ୍ନ ଭାବେ ଘୋଷଯାତ୍ରାର ସିଧାପ୍ରସାରଣ କରାଯିବ। ଏହାଦ୍ୱାରା ଦର୍ଶନାଭିଳାଷୀ ଭକ୍ତମାନେ ଘୋଷଯାତ୍ରାର ପ୍ରତିଟି ମୁହୂର୍ତ୍ତକୁ ସ୍ପଷ୍ଟ ଭାବେ ଦେଖିପାରିବା ସହିତ ଭାବକୁ ମଧ୍ୟ ଅନୁଭବ କରିପାରିବେ। ଏଥିରେ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ବିଶାରଦ ତଥା ପ୍ରଖ୍ୟାତ ଭାଷ୍ୟକାରଙ୍କ ପ୍ରଗଳ୍‌ଭ ଏବଂ ତାତ୍ତ୍ୱିକ ବିଶ୍ଳେଷଣାତ୍ମକ ବିବରଣୀ ଦର୍ଶକମାନଙ୍କ ନିକଟରେ ପରିବେଷଣ କରାଯିବ। ବିଶେଷ କରି ବାବା ସତ୍ୟାନନ୍ଦ ଦାସ, ଉଦ୍‌ଘୋଷକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରଥ, ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ମାତୃପ୍ରସାଦ ମିଶ୍ର, କଲ୍ୟାଣୀ ନନ୍ଦୀ ଆଦି ବିଶିଷ୍ଟ ପ୍ରବଚକମାନେ ଘୋଷଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ସହିତ ଦର୍ଶକଙ୍କୁ ଭକ୍ତି ରସାମୃତରେ ଆହ୍ଲାଦିତ କରିବେ। ଡିଡି ଓଡ଼ିଆରେ ସିଧା ପ୍ରସାରଣ ସକାଳ ୮ ଟାରୁ ଆରମ୍ଭ ହେବା ସହିତ ସକାଳ ୯ ଟାରୁ ହିନ୍ଦୀ, ଇଂଲିଶ ଓ ସଂସ୍କୃତ ଭାଷାରେ ଡିଡି ଭାରତୀରେ ପ୍ରସାରଣର ବ୍ୟବସ୍ଥା କରାଯାଇଛି। ଏହି ପ୍ରସାରଣ ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ୍ ୟୁଟ୍ୟୁବ୍ ଚାନେଲ୍‌ରେ ସକାଳ ୮ଟାରୁ ଲାଇଭ୍ ଷ୍ଟ୍ରିମିଙ୍ଗ୍ ମାଧ୍ୟମରେ ଉପଲବ୍ଧ ହେବ।

# ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ସବୁ ଜିଲାରେ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ସବୁକ୍ଷେତ୍ରରେ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ରବିବାର ରାଜ୍ୟର ସବୁ ଜିଲା ଏବଂ ସହରାଞ୍ଚଳରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ବିପର୍ଯ୍ୟୟ ପରିଚାଳନାରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସହିତ ବିଭାଗଗୁଡ଼ିକ ମଧ୍ୟରେ କିପରି ସମନ୍ୱୟ ରଖାଯାଇପାରିବ ସେନେଇ ଆଲୋଚନା କରିଛନ୍ତି। ଏହାବ୍ୟତୀତ ସମ୍ବଳ, ମାନବ ସମ୍ବଳ, ସରଞ୍ଜାମ, ଯୋଗାଯୋଗ ବ୍ୟବସ୍ଥା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହୋଇଛି। ସେହିପରି ବ୍ଲକସ୍ତରରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ସହରାଞ୍ଚଳରେ ମେୟର, ଉକ୍ତ ଟେବୁଲ ଟପ୍ ଏକ୍ସରସାଇଜ୍‌ରେ ଅଧ୍ୟକ୍ଷତା କରି କାର୍ଯ୍ୟ ପରିଚାଳନା କରିଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜ୍ୟ କାର୍ଯ୍ୟାଳୟରୁ ବରିଷ୍ଠ ଅଧିକାରୀମାନେ ପର୍ଯ୍ୟବେକ୍ଷକ ଭାବେ ବିଭିନ୍ନ ଜିଲା, ବ୍ଲକ ଏବଂ ସହରାଞ୍ଚଳସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍‌ରେ ଯୋଗ ଦେଇଛନ୍ତି। ବାତ୍ୟା/ବନ୍ୟା ସମ୍ପର୍କିତ ଏକ ନକଲ ସୂଚନା ରାଜ୍ୟ ଆପାତକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ଜାରି କରାଯାଇଛି। ଏହି ସତର୍କତାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଟେବୁଲ୍ ଟପ୍ ଏକ୍ସରସାଇଜ୍‌ରେ ଅଂଶଗ୍ରହଣ କରିବା ସହିତ ନିଜ ଜିଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ସେମାନଙ୍କ ପ୍ରାକ୍ ତଥା ଆଗୁଆ ପ୍ରସ୍ତୁତି ଯୋଜନା ବିଷୟରେ ଉପସ୍ଥାପନ କରିଛନ୍ତି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ Bhubaneswar, Monday, June 19/ 2023

# ଶ୍ରୀଶଙ୍କରଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା

## ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ ମିଟ୍

ଭୁବନେଶ୍ୱର, ୧୮।୬
(ସରୋଜ ଜେନା)

ଭୁବନେଶ୍ୱରରେ ଅନୁଷ୍ଠିତ ୬୨ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ ମିଟ୍‌ର ଚତୁର୍ଥ ଦିବସରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଲଙ୍ଗ୍‌ଜମ୍ପର ମୁରଲୀ ଶ୍ରୀଶଙ୍କର। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ପ୍ରଥମ ପ୍ରୟାସରେ ଶ୍ରୀଶଙ୍କର ୮.୪୧ ମିଟର ଦୂରତା ହାସଲ କରିଥିଲେ। ମାତ୍ର ୧ ସେମି ଦୂରତା ପାଇଁ ଶ୍ରୀଶଙ୍କର ଜେସୱିନ୍ ଆଲଡ୍ରିନ୍‌ଙ୍କ ଜାତୀୟ ରେକର୍ଡରୁ ପଛରେ ରହିଯାଇଥିଲେ। କେରଳ ପକ୍ଷରୁ ଖେଳୁଥିବା ୨୪ ବର୍ଷୀୟ ଶ୍ରୀଶଙ୍କରଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ଜାତୀୟ ରେକର୍ଡଧାରୀ ଜେସୱିନ୍ ଆଲଡ୍ରିନ୍ ୭.୮୩ ମିଟର ଦୂରତା ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମହମ୍ମଦ ଅନିସ୍ ୟାହିଆ ୭.୭୧ ମିଟର ଦୂରତା ସହ ତୃତୀୟରେ ରହିଥିଲେ। ସୋମବାର ଲଙ୍ଗ୍ ଜମ୍ପ୍‌ର ଫାଇନାଲ ଅନୁଷ୍ଠିତ ହେବାକୁଥିବା ବେଳେ ସମୁଦାୟ ୧୨ ଜଣ ଆଥ୍‌ଲେଟ ଫାଇନାଲରେ ପହଞ୍ଚିଛନ୍ତି। ଶ୍ରୀଶଙ୍କର ଉଭୟ ଏସିଆନ୍ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ୍ ଗେମ୍ସ ଲାଗି ୭.୯୫ ମିଟରର ଟାର୍ଗେଟ ରହିଥିବା ବେଳେ ଏସିଆନ୍ ଚାମ୍ପିୟନଶିପ୍ ପାଇଁ ୮.୨୫ ମିଟରର ଲକ୍ଷ୍ୟ ରହିଥିଲା। ବିକାଶ ଗୌଡ଼ା ଓ ନୀରଜ ଚୋପ୍ରାଙ୍କ ପରେ ତୃତୀୟ ଭାରତୀୟ ଭାବେ ସେ ଡାଏମଣ୍ଡ ଲିଗ୍‌ର ପ୍ୟାରିସ୍ ଚରଣରେ ୮.୦୯ ମିଟର ଜମ୍ପ କରି ପଦକ ହାସଲ କରିଥିଲେ। ହଙ୍ଗେରୀରେ ହୋଇଥିବା ବିଶ୍ୱ ଚାମ୍ପିୟନଶିପ ନିମନ୍ତେ ଯୋଗ୍ୟତା ଟାର୍ଗେଟ ୮.୨୫ ମିଟର ରଖାଯାଇଥିଲା।

ମହିଳା ଲଙ୍ଗ୍‌ଜମ୍ପର ଆନ୍ସି ସୋଜାନ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଯୋଗ୍ୟତା ଅର୍ଜନ ପାଇଁ ୬.୪୫ ମିଟରର ଦୂରତା ଧାର୍ଯ୍ୟ କରାଯାଇଥିବା ବେଳେ ଆନ୍ସି ୬.୪୯ ମିଟର ଡେଇଁଥିଲେ। ଆନ୍ସିଙ୍କ ଷ୍ଟେଟ୍ ମେଟ୍ ନୟନା ଜେମ୍ସ ୬.୩୧ ମିଟର ଓ ଶାଇଲି ସିଂ ୬.୨୭ ମିଟର ଦୂରତା ହାସଲ କରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଫାଇନାଲ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ।

ସେହିପରି ପୁରୁଷ ୧୫୦୦ ମିଟର ଦୌଡ଼ରେ ୪ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ହାସଲ ନିମନ୍ତେ ୩.୪୭.୮୪ର ସମୟ ରହିଥିବା ବେଳେ ହିଟ୍‌ରେ ଉତ୍ତର ପ୍ରଦେଶର ଅଜୟ କୁମାର ସରୋଜ ୩.୪୪.୧୩, ୟୁନୁସ୍ ଶାହ ୩.୪୪.୨୨, ଉତ୍ତରାଖଣ୍ଡର ସଚେଲାଲ ପଟେଲ ୩.୪୪.୩୩ ଓ ରାଜସ୍ଥାନର ରାହୁଲ ବାଲୋଦା ୩.୪୬.୭୩ର ସମୟ ନେଇଥିଲେ। ଜାତୀୟ ରେକର୍ଡଧାରୀ କେରଳର ଜିନସନ୍ ଜନସନ୍ ୩.୪୮.୮୩ ସେକେଣ୍ଡର ଟାଇମିଂ ସହିତ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।


ପୁରୁଷ ୪୦୦ ମିଟର ବାଧା ଦୌଡ଼ ପ୍ରତିଯୋଗିତାର ଦୃଶ୍ୟ।

## କିଶୋର ଜେନାଙ୍କୁ ଏସିଆନ୍ ଗେମ୍ସ ଯୋଗ୍ୟତା

ଭୁବନେଶ୍ୱରରେ ଅନୁଷ୍ଠିତ ୬୨ ତମ ଜାତୀୟ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ପ୍ରଥମ ଓଡ଼ିଆ ଖେଳାଳି ଭାବରେ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଜାଭେଲିନ୍ ଥ୍ରୋୟର କିଶୋର କୁମାର ଜେନା। ଏସିଆନ୍ ଗେମ୍ସ ପାଇଁ ୭୮.୨୩ ମିଟର ଦୂରତା ଧାର୍ଯ୍ୟ କରାଯାଇଥିବା ବେଳେ କିଶୋର ୭୯.୯୬ ମିଟର ଦୂରତା ହାସଲ କରିଥିଲେ। ଏକ ବର୍ଷର ଡୋପିଂ ବାସନ୍ଦାଦେଶ ପରେ ଫେରିଥିବା ଉତ୍ତର ପ୍ରଦେଶର ଶିବପାଲ ସିଂ ୭୯.୩୫ ମିଟର ଦୂରତା ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରାଜସ୍ଥାନର ଅନୁଜ କାଲେରା ୭୯.୦୪ ମିଟର ଦୂରତା ସହିତ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ସ୍ଥାନରେ ଥିବା ୩ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ୨୦୦ ମିଟର ସ୍ପ୍ରିଣ୍ଟରେ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ୨୪.୩୧ ମିନିଟ ସମୟ ନେଇ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

# ପେଚାଦ୍‌ଜ 'ଏ', ସୁପ୍ରତୀମ 'ସି' ଚାମ୍ପିୟନ


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଗ୍ରୁପ୍-ସିର ପୁରସ୍କାର ବିଜେତା।

## କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ

ଭୁବନେଶ୍ୱର, ୧୮।୬
(ବିଜୟ ରଣା)

୧୪ତମ କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲ-୨୦୨୩ କିଟ୍‌ସ୍ଥିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ରବିବାର କାଟେଗୋରି ଏ' ଓ ସି'ର ପ୍ରତିଯୋଗିତା ଶେଷ ହୋଇଛି। କାଟେଗୋରି 'ଏ'ରେ ଜର୍ଜିଆର ଗ୍ରାଣ୍ଡମାଷ୍ଟର ଲୁକା ପେଚାଦ୍‌ଜ ଚାମ୍ପିୟନ ଟ୍ରଫି ହାସଲ କରିବା ସହ ୩,୦୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ବେଲାରୁଷ୍ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଦୋରୋଭ ପ୍ରଥମ ରନରଅପ୍ ଟ୍ରଫି ଓ ୨,୦୦,୦୦୦ ଏବଂ ଆଇଏମ୍ ଚିନ୍ନା ରେଡ୍ଡୀ ସି.ଏଚ୍ ମେହେର ଦ୍ୱିତୀୟ ରନରଅପ୍ ଟ୍ରଫି ସହ ୧,୫୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ଓଡ଼ିଶାର ଟପ୍ ଖେଳାଳିମାନଙ୍କ ମଧ୍ୟରେ ହର୍ଷିତ ରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କିସ୍‌ର ସଜନ କୁମାର ସାହୁ ଦ୍ୱିତୀୟ ଏବଂ ସୂର୍ଯ୍ୟପ୍ରଜ୍ଞ ଇନ୍ଦ୍ରଜିତ୍ ଏସ୍‌ପି ତୃତୀୟ ସ୍ଥାନରେ ରହିଥିଲେ।

କାଟେଗୋରି 'ସି'ରେ ପଶ୍ଚିମବଙ୍ଗର ସୁପ୍ରତୀମ ଘୋଷ୍ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ଟ୍ରଫି ଓ ୬୦,୦୦୦ ଟଙ୍କା ପୁରସ୍କାର ପାଇଛନ୍ତି। ପ୍ରଥମ ରନରଅପ୍ ଭାବେ ବିହାରର ଦିବ୍ୟାଂଶୁ କୁମାର ସିଂ ଟ୍ରଫି ଏବଂ ୪୦,୦୦୦ ଏବଂ ଦ୍ୱିତୀୟ ରନରଅପ୍ ଦିଲ୍ଲୀର ଗୌରବ ଶର୍ମା ଟ୍ରଫି ସହ ୩୦,୦୦୦ ଟଙ୍କା ପୁରସ୍କାର ଲାଭ କରିଥିଲେ। ଓଡ଼ିଶାର ଟପ୍ ଖେଳାଳିମାନଙ୍କ ମଧ୍ୟରେ ପ୍ରିୟବ୍ରତ ପଣ୍ଡା ପ୍ରଥମ, କିସ୍‌ର ବିନୋଦ କହଁର ଦ୍ୱିତୀୟ ଏବଂ ଶୁଭମ୍ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଜାତୀୟ ଭଲିବଲ ଟିମ୍ କୋଚ୍ ନାଗପୁରୀ ରମେଶ, ସର୍ବଭାରତୀୟ ଚେସ୍ ମହାସଂଘ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଏଓସିଏ ସଭାପତି ଜି.ସି. ମହାପାତ୍ର ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ।




## ସାତ୍ୱିକ-ଚିରାଗଙ୍କୁ ଐତିହାସିକ ଡବଲ୍ସ ଟାଇଟଲ

### ଇଣ୍ଡୋନେସିଆ ଓପନ ବ୍ୟାଡ୍‌ମିଣ୍ଟନ

ଜାକର୍ତ୍ତା, ୧୮।୬ (ପି.ଟି.)

ଭାରତୀୟ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଇଣ୍ଡୋନେସିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଡବଲ୍ସ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସୁପର ୧୦୦୦ ଇଭେଣ୍ଟ ଜିତିବାରେ ସେମାନେ ଦେଶର ପ୍ରଥମ ଯୋଡ଼ି ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ଯୋଡ଼ି ଫାଇନାଲରେ ବିଶ୍ୱଚାମ୍ପିୟନ ତଥା ସଂଘର୍ଷପୂର୍ଣ୍ଣ ଫାଇନାଲରେ ମାଲେସିଆର ଆରୋନ ଚିଆ ଓ ସେ ଉଇ ଇକ୍‌ଙ୍କୁ ୨୧-୧୭, ୨୧-୧୮ରେ ହରାଇ ଦେଇଛନ୍ତି। ମ୍ୟାଚଟି ୪୩ ମିନିଟ୍ ଧରି ଚାଲିଥିଲା। ସୂଚନାଯୋଗ୍ୟ, ବିଶ୍ୱର ୬ ନମ୍ବର ମାନ୍ୟତାପ୍ରାପ୍ତ ସାତ୍ୱିକ-ଚିରାଗ ଯୋଡ଼ି ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିଥିଲେ। ଜାକର୍ତ୍ତାରେ ପୂର୍ବରୁ ସାଇନା ନେହ୍ୱାଲ (୨୦୧୦, ୨୦୧୨) ଓ କିଦାମ୍ବି ଶ୍ରୀକାନ୍ତ (୨୦୧୭) ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହି ଭାରତୀୟ ଯୋଡ଼ି ଏସିଆନ ଚାମ୍ପିୟନ ମଧ୍ୟ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନଙ୍କୁ ହରାଇବା ଲାଗି ସେମାନେ ଏକ ଘଣ୍ଟାରୁ କମ ସମୟ ନେଇଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ଚାଇନାର ୟୁ ଫେଇ ୨୧-୧୮, ୨୧-୧୯ରେ ସ୍ପେନର କାରୋଲିନା ମାରିନ୍‌ଙ୍କୁ ହରାଇ ଟାଇଟଲ ଜିତିଛନ୍ତି।




# କଳିଙ୍ଗ ଜିମ୍ନାଷ୍ଟିକ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ଓଡ଼ିଶାର ଅଗ୍ରଣୀ ଜେଏମ୍ ସ୍ପୋର୍ଟସ ଜିମ୍ନାଷ୍ଟିକ ଏକାଡେମୀ ଓ ଓଡ଼ିଶା ଜିମ୍ନାଷ୍ଟିକ ମହାସଂଘର ମିଳିତ ସହଯୋଗରେ ଆୟୋଜିତ ଦ୍ୱିତୀୟ କଳିଙ୍ଗ ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ରୂପେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆ ସଭାପତି ଡ. ଦିଲୀପ ତିର୍କୀ ଉପସ୍ଥିତ ରହି ତୃଣମୂଳ ସ୍ତରରେ ଜେଏମ୍ ସ୍ପୋର୍ଟସର ନିଷ୍ଠା ଓ ଉଦ୍ୟମକୁ ପ୍ରଶଂସା କରିଥିଲେ। କୁନି କୁନି ଖେଳାଳିଙ୍କୁ ପୁରସ୍କାର ଦେବା ସହିତ ସଫଳ ହେବାର ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଜିମ୍ନାଷ୍ଟିକ ମହାସଂଘ ସମ୍ପାଦକ ଅଶୋକ ସାହୁ ଉପସ୍ଥିତ ଥିଲେ। ଜେଏମ୍ ସ୍ପୋର୍ଟସର ଅତିସ ରାଉତ ସ୍ୱାଗତ ଭାଷଣ ଦେଇ ଉଦ୍‌ଯାପନୀ ଦିବସର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ସମ୍ପାଦକ ଯଶୋବନ୍ତ ଦାସ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଜେଏମ୍ ସ୍ପୋର୍ଟସ ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ରାଶି ସହିତ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ, ମହାରାଷ୍ଟ୍ର ରନର ଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିଲା। ୧୪ ମେଡାଲ ସହିତ ୮ ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ ରହିଥିଲା। ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ପରିଚାଳନା କରିଥିବା ଅନ୍ତର୍ଜାତୀୟ ଓ ଜାତୀୟ ଅଫିସିଆଲମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ସେହିପରି ଏହି ୩ ଦିନିଆ ଜାତୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ମମିନା ବାନୋ, ଜ୍ୟୋତିର୍ମୟୀ ମନ୍ତ୍ରୀ, ଦୀପଶିଖା ଦେ, ଦୀପ୍ତିମୟୀ ନାୟକ, କଳ୍ପନା ନାୟକ, ସୁନିତା ସାହୁ, ଅନ୍ନପୂର୍ଣ୍ଣା ମହାନ୍ତି, ସନ୍ଧ୍ୟା ମିଶ୍ର ଓ ମନସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିମ୍ନାଷ୍ଟ ବିଘ୍ନେଶ ଦାସ ଓ ସୁବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳିଙ୍ଗ ଷ୍ଟାଡିୟମରେ ସାଉଦି ଆରବ ପ୍ରତିନିଧି

ଭୁବନେଶ୍ୱର, ୧୮।୬
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଭାରତ-ଲେବାନନ୍ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଫାଇନାଲର ପ୍ରତ୍ୟକ୍ଷଦର୍ଶୀ ହେବା ପାଇଁ ସାଉଦିଆରବ ଫୁଟ୍‌ବଲ ଫେଡେରେଶନର ଏକ ପ୍ରତିନିଧି ଦଳ ରବିବାର ଉପସ୍ଥିତ ଥିଲା। ଡେପୁଟି ସେକ୍ରେଟାରି ଜେନେରାଲ ଇବ୍ରାହିମ୍ ଅଲ୍‌କାବା ଏହି ଦଳର ନେତୃତ୍ୱ ନେଇଥିଲେ। ସାଉଦି ଫେଡେରେଶନର ସିନିୟର ଆଡ୍‌ଭାଇଜର ହିଚାମ ଏଲ୍ ଅମ୍‌ରାନି ଏବଂ ଜିଏସ୍ ଆସିଷ୍ଟାଣ୍ଟ ସେକ୍ରେଟାରି ଏହି ଦଳରେ ସାମିଲ ଥିଲେ। ଏହିପ୍ରତିନିଧି ଦଳ ସହ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଓ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ମହାସଚିବ ଶାଜି ପ୍ରଭାକରନ ଉକ୍ତ ଅଞ୍ଚଳରେ ଫୁଟ୍‌ବଲର ବିକାଶ ଓ ପ୍ରମୋଶନ ସମ୍ପର୍କରେ ଆଲୋଚନା କରିଥିଲେ। ସାଫ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଏବଂ ଓଡ଼ିଶାରେ କିପରି ଫୁଟ୍‌ବଲର ବିକାଶ ହୋଇପାରିବ ସେ ସମ୍ପର୍କରେ ଉକ୍ତ ପ୍ରତିନିଧି ଦଳ ଏସିଆନ ଫୁଟ୍‌ବଲ ଫେଡେରେଶନ ସହ ମଧ୍ୟ ଆଲୋଚନା ଜାରି ରଖିବ। ସାଉଦିଆରବ ସହ ହୋଇଥିବା ଚୁକ୍ତି ଅନୁସାରେ ପ୍ରଥମଥର ପାଇଁ ସନ୍ତୋଷ ଟ୍ରଫି ଫୁଟ୍‌ବଲର ନକ୍‌ଆଉଟ ପର୍ଯ୍ୟାୟ ଭାରତ ବାହାରେ ରିୟାଦ୍‌ରେ ଖେଳା ଯାଇଥିଲା। "ଆମେ ଚିତ୍ତାକର୍ଷକ କଳିଙ୍ଗ ଷ୍ଟାଡିୟମରେ ହିରୋ କଣ୍ଟିନେଣ୍ଟାଲ କପ୍ ଫାଇନାଲର ପ୍ରତ୍ୟକ୍ଷଦର୍ଶୀ ହୋଇଥିବାରୁ ପ୍ରକୃତରେ ସମ୍ମାନିତ ଅନୁଭବ କରୁଛୁ। ଏଠାକାର ପରିବେଶ ଏବଂ ଭିତ୍ତିଭୂମି ଚମତ୍କାର। ଆମକୁ ଏପରି ଏକ ସୁଯୋଗ ଦେଇଥିବାରୁ ଆୟୋଜକ ଭାରତ ଏବଂ ଓଡ଼ିଶା ନିକଟରେ ଆମେ କୃତଜ୍ଞ'' ବୋଲି ସାଉଦି ଆର୍‌ବିଆନ୍ ଫୁଟ୍‌ବଲ ଫେଡେରେଶନ ଡେପୁଟି ସେକ୍ରେଟାରି ଜେନେରାଲ ଇବ୍ରାହିମ ଅଲ୍‌କାବା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା। "ଆମେ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରୁଛୁ। ଏପରି ଅତିଥିଙ୍କୁ ପାଇଁ ଆମେ ସମ୍ମାନିତ ହେବାପରି ଅନୁଭବ କରୁଛୁ। ସେମାନଙ୍କ ସହ ଭାବ ବିନିମୟ କରି ଆମେ ଫୁଟ୍‌ବଲର ବିକାଶ ପାଇଁ କାର୍ଯ୍ୟ କରିବୁ'' ବୋଲି ଭିନିଲ କହିଛନ୍ତି।


ସାଉଦି ଆରବ ପ୍ରତିନିଧି ଦଳ ସହ କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା।

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଭାରତୀୟ ଫୁଟ୍‌ବଲ ପାଇଁ ଆଉ ଏକ ବଡ଼କଥା ହେଲା, ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ୨୦୨୩ ସାଫ୍ ଚାମ୍ପିୟନଶିପ୍ ଜୁନ୍ ୨୧ରୁ ଜୁଲାଇ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଯାଉଥିବା ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ବି'ରେ ଭାରତ, ପାକିସ୍ତାନ, କୁଏତ୍ ଓ ନେପାଳ ରହିଛନ୍ତି। ସେହିପରି ଗ୍ରୁପ୍ ଏ'ରେ ଭୁଟାନ, ଲେବାନନ୍, ବାଂଲାଦେଶ ଓ ମାଳଦ୍ୱୀପ ସ୍ଥାନ ପାଇଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Monday, June 19/2023 Page 16 ₹ 7.00

# ଏକତରଫା ପ୍ରେମ

ତଥାଗତ ସତପଥୀ

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମେ ୬ ତାରିଖରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଭାଷଣ ଦେଉଥିବା ବେଳେ ବିଦ୍ୟୁତ୍ ଚାଲିଯିବାରୁ ସେଠାରେ ୯ ମିନିଟ୍ ଅନ୍ଧାର ହୋଇଯାଇଥିଲା। ଏହା ଓଡ଼ିଶାର ବିଦ୍ୟୁତ୍ ସରବରାହ ସଂସ୍ଥା ଟାଟା ପାୱାରର ଘୋର ଅପାରଗତା ଦର୍ଶାଇବା ସହିତ ରାଷ୍ଟ୍ରପତିଙ୍କ ଭଳି ଜଣେ ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥାରେ ଆଞ୍ଚ ଆଣିବାର ସୁଯୋଗ ସୃଷ୍ଟି କରିଥିଲା। ସେହି ଅବ୍ୟବସ୍ଥାକୁ ହାଲୁକାରେ ଏଡ଼ାଇଦେବା ଉଚିତ ନୁହେଁ। ଟାଟା ପାୱାରର ଓଡ଼ିଶା ପ୍ରତି ଖାମଖିଆଲ ଆଭିମୁଖ୍ୟ ସେହି ଘଟଣାରୁ ସର୍ବସାଧାରଣରେ ବୁଝାପଡ଼ିଲା। ଅନୁରୂପ ଭାବେ ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଠାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭାରେ ଖୋଦ୍ ରାଜ୍ୟ ଶକ୍ତିମନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିବା ବେଳେ ଅଘୋଷିତ ବିଦ୍ୟୁତ୍‌କାଟ କରାଯାଇ ସମସ୍ତଙ୍କୁ ଅପଦସ୍ଥ କରାଯାଇଥିଲା। ଏହା ଯେ ଅଜାଣତରେ ଘଟୁଥାଇପାରେ ବୋଲି ବିଶ୍ୱାସଯୋଗ୍ୟ ହେଉନାହିଁ।

ଚଳିତ ଗ୍ରୀଷ୍ମଋତୁର ଅସହ୍ୟ ତାତି ବିଷୟରେ କିଛି କହିବା ଦରକାର ପଡୁ ନାହିଁ। ଭୀଷଣ ଗରମ ଓ ଗୁଳୁଗୁଳି ଯୋଗୁ ଜନସାଧାରଣ ସନ୍ତୁଳି ଯାଉଥିବା ବେଳେ ବିଦ୍ୟୁତ୍‌କାଟ ଓ ସ୍ଥଳବିଶେଷରେ ଲୋ ଭୋଲଟେଜ୍ ରାଜ୍ୟବ୍ୟାପୀ ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ହେଉଛି ଅନ୍ୟତମ ବିଦ୍ୟୁତ୍ ବଳକା ରାଜ୍ୟ। ଏଥିରୁ ବୁଝାପଡୁଛି ଯେ, ଏହି ରାଜ୍ୟରେ ବିଦ୍ୟୁତ୍ ଅଭାବ ନ ଥିବା ସତ୍ତ୍ୱେ ପ୍ରତ୍ୟେକ ଦିନ ଅନେକ ଥର ବିଦ୍ୟୁତ୍ କାଟ ଘଟୁଛି। ଓଡ଼ିଶାକୁ ବିଦ୍ୟୁତ୍ କ୍ଷେତ୍ରରେ ୪ ଭାଗରେ ବିଭକ୍ତ କରି ସମ୍ପୂର୍ଣ୍ଣ ରାଜ୍ୟର ଦାୟିତ୍ୱ ଭାର ଟାଟା ପାୱାରକୁ ଦିଆଯାଇଛି। ପୂର୍ବରୁ ରାଜ୍ୟ କେନ୍ଦ୍ରୀୟ, ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଭାବେ ୪ଟି ସରକାରୀ ବିଦ୍ୟୁତ୍ ସରବରାହ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବାବେଳେ ଏଭଳି ବିଦ୍ୟୁତ୍ ବିଭ୍ରାଟ କ୍ୱଚିତ୍ ଦେଖିବାକୁ ମିଳୁଥିଲା। ଆଗରୁ ଜନସାଧାରଣ ସରକାରୀ ଅଫିସରଙ୍କୁ ନାଲିଆଖି ଦେଖାଇ ସେବା ହାସଲ କରିପାରୁଥିଲେ। ଏବେ ସେହି ଉପଭୋକ୍ତା ଶିଥିଳ ପଡ଼ିଯାଇଛନ୍ତି। ତତ୍‌ସହିତ ଟାଟା ପାୱାର ଲୋକଙ୍କ କଥା ଶୁଣିବାକୁ ଅନିଚ୍ଛୁକ। ଏକ ଘରୋଇ ଆକଳନ ଅନୁଯାୟୀ ଓଡ଼ିଶାର ୧୨,୩୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରିବାର କ୍ଷମତା ଡିସେମ୍ବର ୨୦୨୨ ସୁଦ୍ଧା ହାସଲ ହୋଇଛି। ଏଥିରୁ ୯,୫୪୦ ମେଗାୱାଟ୍ ତାପଜ(କୋଇଲା) ବିଦ୍ୟୁତ୍ ଶକ୍ତି। ବୁଝିବାକୁ ହେବ ଯେ, କୋଇଲାରୁ ପାଉଁଶ ଓ ଜଳ ପ୍ରଦୂଷଣ ଦ୍ୱାରା ରାଜ୍ୟବାସୀ ପ୍ରବଳ କ୍ଷତି ସହୁଛନ୍ତି। ଅପରପକ୍ଷରେ ଓଡ଼ିଶାର ଆଭ୍ୟନ୍ତରୀଣ ବିଦ୍ୟୁତ୍ ବ୍ୟବହାର ପରିମାଣ ମାତ୍ର ୪,୦୦୦ ମେଗାୱାଟ୍‌ରୁ କମ୍। ଅବଶ୍ୟ ବିଶେଷଜ୍ଞମାନେ ବିଭିନ୍ନ ମତ ଦେବେ ଯେ, ଉତ୍ପାଦିତ ଶକ୍ତିର ଅଧିକାଂଶ ଅଂଶ ରାଜ୍ୟ ପାଇପାରିବ ନାହିଁ। ଆଳ ଦେଖାଇବାକୁ ଇଚ୍ଛା କଲେ ସରକାର ଓ ଟାଟା ପାୱାରର ଯୁକ୍ତିକୁ କାଟିବାର ମଧ୍ୟ ପ୍ରୟୋଜନ ନାହିଁ। କାରଣ ଉଭୟ ମିଶିକରି ଯାହା ବିବୃତି ଦେବେ ତାହା ସମ୍ପୂର୍ଣ୍ଣ ମିଥ୍ୟା ଉପରେ ଆଧାରିତ ବୋଲି ଜନସାଧାରଣ ହୃଦ୍‌ବୋଧ କରିସାରିଲେଣି। ଏଥିସହିତ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ବିଦ୍ୟୁତ୍ ଶକ୍ତିର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଟାଟା ପାୱାର ଏହି ସୁନା ଅଣ୍ଡା ଦେଉଥିବା କୁକୁଡ଼ାକୁ ଦାନା ଦେବା ପରିବର୍ତ୍ତେ କେବଳ ଅଣ୍ଡା ଗୋଟାଇବାରେ ବ୍ୟସ୍ତ ଥିବା ଭଳି ସ୍ପଷ୍ଟ ଜଣାପଡୁଛି। ସମସ୍ତଙ୍କର ମନେ ଥାଇପାରେ ଯେ, ଟାଟା ପାୱାରକୁ ସେସୁ, ୱେସ୍‌କୋ, ସାଉଥ୍‌କୋ ଓ ନେସ୍କୋ ହସ୍ତାନ୍ତର ହେବା ପୂର୍ବରୁ ୩ ମାସ ଧରି ଉପଭୋକ୍ତାଙ୍କୁ ବିଲ୍ ପଠାଯାଇ ନ ଥିଲା। ଟାଟା ପାୱାର ଯେଉଁଦିନ ଏହି ୪ଟି କମ୍ପାନୀର ଦାୟିତ୍ୱ ନେଲା, ସେହିଦିନଠାରୁ ତା'ର ଲାଭ ହେବାକୁ ଲାଗିଲା। ଜାତୀୟସ୍ତରରେ ଟାଟା ପାୱାରର ଅଂଶ ମୂଲ୍ୟ(ଶେୟାର ଭାଲ୍ୟୁ) ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଥିଲା। ଦିଲ୍ଲୀରେ ଟାଟା ପାୱାରର ଏକ କ୍ଷୁଦ୍ର ଭାଗ ଥିବା ଯୋଗୁ ସେଠାରେ ଯେଉଁ ଲାଭ ହେଉଥିଲା, ତାହା ତୁଳନାରେ ଓଡ଼ିଶାର ପୁରପଲ୍ଲୀରୁ ଲାଭ ପରିମାଣ ଯଥେଷ୍ଟ ହେବା ଯୋଗୁ କମ୍ପାନୀର ଶେୟାର ବଜାରରେ ମୂଲ୍ୟ ବୃଦ୍ଧି ପାଇବାକୁ ଲାଗିଛି। ଟାଟା ପାୱାର ପାଇଁ ଓଡ଼ିଶା ଏକ ଅତ୍ୟନ୍ତ ଲାଭଦାୟକ ଅଞ୍ଚଳ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରବୀଣ ସିହ୍ନାଙ୍କ ଏକ ଦୈନିକ ଇଂଲିଶ୍ ଖବରକାଗଜରେ ପ୍ରକାଶିତ ସାକ୍ଷାତକାରରୁ ବୁଝାପଡୁଛି। ଅନ୍ୟ ଭାଷାରେ କହିବାକୁ ଗଲେ ଟାଟା ପାୱାରର ମେରୁଦଣ୍ଡକୁ ଶକ୍ତିଶାଳୀ କରିଦେଇଛି ଓଡ଼ିଶାର ବିଦ୍ୟୁତ୍ ସରବରାହ ବ୍ୟବସାୟ। ଏହା ସତ୍ତ୍ୱେ କମ୍ପାନୀ ୩ ବର୍ଷ ଧରି ଓଡ଼ିଶାର ଜନସାଧାରଣଙ୍କ ରକ୍ତ ଶୋଷି ନେଉଥିବାବେଳେ, ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଭିତ୍ତିଭୂମିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ୧ ଟଙ୍କା ମଧ୍ୟ ଖର୍ଚ୍ଚ କରିନାହିଁ। ଏହାର ଅନ୍ୟ ନାମ ହେବ ଏକତରଫା ପ୍ରେମ।

DSPL-101
ଓଡ଼ିଶା ସରକାର
ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ
प्रधान मंत्री आवास योजना-ग्रामीण
Pradhan Mantri Awaas Yojana-Gramin
ସରଳ ପଦ୍ଧତିରେ ହିତାଧିକାରୀ ପାଇପାରିବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ର କାର୍ଯ୍ୟାଦେଶ ।
☑ ହିତାଧିକାରୀଙ୍କ ମୋବାଇଲ୍ କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଗୋଟିଏ ମେସେଜ ପଠାଯାଇଥାଏ ।
☑ ମେସେଜରେ ଥିବା hyperlink କୁ କ୍ଲିକ୍ କରିବା ପରେ କାର୍ଯ୍ୟାଦେଶ ଦେଖିବାକୁ ମିଳିଥାଏ ।
☑ ଏଥି ସହିତ https://rhodisha.gov.in/ ରେ ମଧ୍ୟ ଆଧାର ନମ୍ବର ପୂରଣ କରି ହିତାଧିକାରୀ ନିଜର କାର୍ଯ୍ୟାଦେଶକୁ ଦେଖିପାରିବେ ଓ ପ୍ରିଣ୍ଟ ବଟନକୁ କ୍ଲିକ୍ କରି ଏହାର କପି ପାଇପାରିବେ ।
☑ ଏହି ପଦ୍ଧତିରେ କାର୍ଯ୍ୟାଦେଶ ପାଇବା ପାଇଁ "ମୋ ସେବା" କେନ୍ଦ୍ରରେ ମଧ୍ୟ ସୁବିଧା ରହିଛି ।
କାର୍ଯ୍ୟାଦେଶ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଥିଲେ, ନିକଟସ୍ଥ ବ୍ଲକ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଅନୁରୋଧ ।
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
OIPR-19001/13/0009/2324

DSPL-99
ଓଡ଼ିଶା ସରକାର
5
ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ
୨୬୯
ନୂଆ ନିଯୁକ୍ତି
ଓଡ଼ିଶା ସୂଚନା ସେବା
୧୯
ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ଶିକ୍ଷା ସେବା
୧୬୦
ପ୍ରଧାନ ଶିକ୍ଷକ ଓ ବ୍ଲକ୍ ଶିକ୍ଷାଧିକାରୀ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସାମାଜିକ ସୁରକ୍ଷା ସେବା
୯୦
ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ
୧୯ ଜୁନ୍ ୨୦୨୩ ॥ ଅପରାହ୍ନ ୫ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
OIPR-27068/13/0005/2324

# ଏସ୍‌ପିପିଏଲ୍‌ର ଷ୍ଟାଲ୍‌ୱାର୍ଟ ସ୍କାଏସିଟି ଲୋକାର୍ପିତ

ଭୁବନେଶ୍ୱର,୧୮।୬(ଅଭୟ ଦାଶ)




ରାଜ୍ୟର ପ୍ରମୁଖ ରିଅଲ ଇଷ୍ଟେଟ କମ୍ପାନୀ ଷ୍ଟାଲ୍‌ୱାର୍ଟ ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍ (ଏସପିପିଏଲ) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ସୁବିଧା ଅନ୍ତର୍ଗତ ଏକ ସର୍ବବୃହତ ପ୍ରକଳ୍ପ 'ଷ୍ଟାଲ୍‌ୱାର୍ଟ ସ୍କାଏସିଟି'ର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଉକ୍ତ ପ୍ରକଳ୍ପର ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍କାଏ ସିଟିର ପ୍ରବନ୍ଧକ ସୁବ୍ରତ ସାହୁ, ପ୍ରୋଜେକ୍ଟ ମ୍ୟାନେଜର ଧର୍ମେନ୍ଦ୍ର ସ୍ୱାଇଁ, ପ୍ରୋଜେକ୍ଟ ମୁଖ୍ୟ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏସ୍‌ପିପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି, ବର୍ତ୍ତମାନର ଚାହିଦା ଓ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ସର୍ବବୃହତ ପ୍ରକଳ୍ପର ପରିକଳ୍ପନା ସହ ଗ୍ରାହକଙ୍କୁ ସେମାନଙ୍କର ମନ ମୁତାବକ ଘର ଯୋଗାଇ ଦେବାକୁ ଆମେ ଲକ୍ଷ୍ୟ ରଖିଛୁ। ଏପରିକି ଉକ୍ତ ପ୍ରକଳ୍ପ ଭୁବନେଶ୍ୱର ନିକଟସ୍ଥ ପଟିଆ ଅଞ୍ଚଳରେ ନିର୍ମାଣ ହେବାକୁ ଯାଉଛି। ବିଶେଷ କରି ବହୁ ତଳ ବିଶିଷ୍ଟ ଉକ୍ତ ଆପାର୍ଟମେଣ୍ଟରେ ବର୍ତ୍ତମାନ ସମୟର ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ। ଅପରପକ୍ଷରେ ସ୍କାଏ ସିଟି ପ୍ରକଳ୍ପର ଫ୍ଲାଟଗୁଡିକ କ୍ରେତାଙ୍କ ଜୀବନକୁ ଆରାମଦାୟକ ଓ ସୁବିଧାଜନକ କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ହୋଇଥିବା ବେଳେ ଏହାର ସମସ୍ତ ଫ୍ଲାଟଗୁଡିକ ତିନି ପାର୍ଶ୍ୱରୁ ଖୋଲା ପରିବେଶ ରହିଛି। ସେହିଭଳି ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ବାସ୍ତୁଶାସ୍ତ୍ର ଆଧାରିତ ଓ ନୀତି ନିୟମ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଉକ୍ତ ପ୍ରକଳ୍ପରେ ସନ୍ତରଣ ସୁବିଧା ସହ ଶିଶୁ ଓ ବୟସ୍କମାନଙ୍କ ନିମନ୍ତେ ପୂର୍ଣ୍ଣ ସଜ୍ଜିତ ବ୍ୟାୟାମଶାଳା (ଜିମନାସିୟମ), ପାଠାଗାର, କ୍ଲବ ହାଉସ, ପାର୍କ, ଖେଳପଡ଼ିଆ ସମେତ ଆହୁରି ଅନେକ ପ୍ରାଥମିକ ସୁବିଧା ସାମିଲ ରହିଛି। ସୂଚନାଯୋଗ୍ୟ ଉକ୍ତ ପ୍ରକଳ୍ପରେ ମୋଟ ୪ଟାୱାର ରହିଛି,ସେଥିମଧ୍ୟରୁ ୨ଟି ଆବାସିକ ହୋଇଥିବାବେଳେ ଅନ୍ୟ ୨ ଟି ଅନ୍ୟ କାର୍ଯ୍ୟ ପାଇଁ ଉପଲବ୍ଧ। ସେହିପରି ୨ଟି ଆବାସିକ ଟାୱାର ଯଥାକ୍ରମେ ୩୬ ଏବଂ ୧୩ ମହଲା ବିଶିଷ୍ଟ ହୋଇଥିବାବେଳେ ଉକ୍ତ ୨ଟି ଟାୱାରରେ ୩ବିଏଚକେ, ୩ବିଏଚକେ+ସରଭାଣ୍ଟ ରୁମ, ୪ବିଏଚକେ, ୪ବିଏଚକେ+ସରଭାଣ୍ଟ ରୁମ ଏବଂ ପେଣ୍ଟ ହାଉସ ସମେତ ମୋଟ ୪୧୦ଟି ବାସଗୃହ ରହିଛି। ପ୍ରଥମ ଟାୱାରରେ ୫୬ଟି ବାଣିଜ୍ୟିକ ସ୍ଥାନ ଏବଂ ଚତୁର୍ଥ ଟାୱାରରେ କ୍ଲବ ହାଉସ ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଛି।

# କ୍ଲିନ୍ ଆଣ୍ଡ କ୍ଲିୟର୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୬

କ୍ଲିନ ଆଣ୍ଡ କ୍ଲିୟରର ନୂତନ ଉତ୍ପାଦ 'ଫୋମିଙ୍ଗ ଫେସୱାଶ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଝିଅମାନେ ସମ୍ମୁଖୀନ ହେଉଥିବା ବ୍ରଣ ଏବଂ ତୈଳାକ୍ତ ତ୍ୱଚା ସମସ୍ୟାର ଏହା ସମାଧାନ କରିବ। ଏପରିକି ଏହି ଶକ୍ତିଶାଳୀ ନୂଆ ଫର୍ମୁଲେଶନ ୫୦% ପିମ୍ପଲ-ଫାଇଟିଙ୍ଗ ଉପାଦାନରେ ସମୃଦ୍ଧ ଥିବାବେଳେ ମାତ୍ର ୧ସପ୍ତାହ ମଧ୍ୟରେ ବ୍ରଣ ହ୍ରାସ କରିବା ପାଇଁ କ୍ଲିନିକାଲ ରୂପେ ପ୍ରମାଣିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ କେନ୍ୟୁର ମାର୍କେଟିଙ୍ଗ ଏବଂ ବିଜନେସ ୟୁନିଟ ହେଡ ଉପାଧ୍ୟକ୍ଷ ମନୋଜ ଗଡ଼ଗୀଲ କହିଛନ୍ତି, ବର୍ଷ ବର୍ଷ ଧରି ଆମ ଉତ୍ପାଦର ଶ୍ରେଷ୍ଠତା ଏବଂ ପ୍ରଭାବଶାଳୀତା ଯୋଗୁ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଝିଅଙ୍କ ଦ୍ୱାରା ବିଶ୍ୱାସଯୋଗ୍ୟ କ୍ଲିନ ଆଣ୍ଡ କ୍ଲିୟର ନିଜକୁ ଏକ ଅଗ୍ରଣୀ ସ୍କିନ କେୟାର ବ୍ରାଣ୍ଡ ଭାବେ ପ୍ରତିଷ୍ଠା କରିଛି।

# କାରବାରରେ ପ୍ରଯୁକ୍ତିକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୬

ଦେଶର ପ୍ରମୁଖ ଟାଇଲ ଉତ୍ପାଦନକାରୀ ସଂସ୍ଥା ଓରିଏଣ୍ଟବେଲ ଟାଇଲ୍‌ସ ପକ୍ଷରୁ ଗ୍ରାହକଙ୍କ ପାଇଁ ସରଳ ଓ ଅତ୍ୟାଧୁନିକ ସୁବିଧାର ପ୍ରୟୋଗ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ଗ୍ରାହକମାନେ ଘରେ ବସି ସେମାନଙ୍କର ଉତ୍ପାଦ ଅର୍ଡର ସାଙ୍ଗକୁ ଚୟନ ମଧ୍ୟ କରିପାରିବେ। ଏପରିକି ଗ୍ରାହକଙ୍କ ସୁବିଧା ଓ ଦୀର୍ଘ ଦିନର ଗ୍ରାହକଚାହିଦାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ ଟାଇଲ ସଫିଂ ପ୍ରକ୍ରିୟାକୁ ସରଳ କରିବା ଲାଗି ଓରିଏଣ୍ଟବେଲ ଟାଇଲସ ଡିଜିଟାଲି ଉପକରଣର ଅତ୍ୟାଧୁନିକ ପରିସର ସହ ପରିଚାଳନା ଆରମ୍ଭ କରିଛି। କମ୍ପାନୀର ୱେବସାଇଟ (www. orientbell.com) ରେ ଉନ୍ନତ ଇ-ବାଣିଜ୍ୟ ପରି ଉତ୍ପାଦଗୁଡ଼ିକୁ ଗ୍ରାହକ ୩୦୦୦ରୁ ଅଧିକ ଏସକେୟୁ ମାଧ୍ୟମରେ ପଠାଇବାକୁ ସହାୟତା କରିବ। ବିଶେଷ କରି ଗ୍ରାହକମାନେ ସେମାନଙ୍କର ପସନ୍ଦର ଟାଇଲ ଛବିକୁ ସଂସ୍ଥା ୱେବସାଇଟରେ ଅପଲୋଡ କରି ଟାଇଲ କ୍ରୟ କରି ପାରିବେ। ଏ ସମ୍ପର୍କରେ ଓରିଏଣ୍ଟବେଲ ଟାଇଲସର ସିଏମଓ ଆଲୋକ ଅଗ୍ରୱାଲ କହିଛନ୍ତି, ଆପଣ ଓ ଆପଣଙ୍କ ପ୍ରିୟଜନ ଆରାମରେ ଏଥିରୁ ବ୍ରାଉଜ କରି ଟାଇଲକୁ ବାଛି ପାରିବେ। ଏପରିକି ରଙ୍ଗ ବା ଆକାର ଆପଣଙ୍କ କୋଠରି ଅନୁଯାୟୀ ଅର୍ଡ଼ର କରି ପାରିବେ ବୋଲି ଅଗ୍ରୱାଲ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି କମ୍ପାନୀର ଏହି ଡିଜିଟାଲ ପଦକ୍ଷେପ ସହିତ ଓରିଏଣ୍ଟବେଲ ଟାଇଲସ ଘର ଭିତର ଓ ବାହ୍ୟ ପୃଷ୍ଠ ଭାଗରେ ଉପଯୁକ୍ତ ଡିଜାଇନ ପ୍ରଦାନ କରିଥାଏ। ଏହାର ସୁଲଭ ୩୦୦ /୪୫୦ ଏମଏମ କାନ୍ଥ ଟାଇଲଠାରୁ ଆରମ୍ଭ କରି ହାଇ ଗ୍ଲୋସ ୧୨୦୦/୧୮୦୦ ଏମଏମ ମାର୍ବଲ ଟାଇଲ ପର୍ଯ୍ୟନ୍ତ ବ୍ୟାପକ ପରିସର ଉପଲବ୍ଧ।

ଉଲ୍ଲେଖଯୋଗ୍ୟ, ଗ୍ରାହକ ଓ ବିଲଡରମାନେ କମ ସମୟ ମଧ୍ୟରେ ଅଧିକ ସୃଜନାତ୍ମକ ଡିଜାଇନ ପ୍ରସ୍ତୁତ କରିବା ପ୍ରତି ଧ୍ୟାନରେ ରଖି ଓରିଏଣ୍ଟବେଲ ଟାଇଲ ଉତ୍ପାଦକୁ ଶୀର୍ଷ ସ୍ଥାନରେ ପହଁଚାଇବା ଓ ଟାଇଲ ସଫିଂ ଅଭିଜ୍ଞତା ପ୍ରଦାନ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଦୀର୍ଘ ୪୫ବର୍ଷରୁ ଅଧିକ ସମୟ ଧରି ଟାଇଲ ଉଦ୍ୟୋଗରେ ନୂଆ ପରିଚୟ ସୃଷ୍ଟି ସହ ଅଗ୍ରଣୀ ଭୂମିକା ନିର୍ବାହ କରୁଛି।

# ୧୪ତମ ଫ୍ଲାଇଟ୍ ଅଫ୍ ଫାଣ୍ଟାସି ଅଭିଯାନ




ଭୁବନେଶ୍ୱର,୧୮।୬

ରାଜ୍ୟର ପ୍ରମୁଖ ସାମାଜିକ ସଂସ୍ଥା ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ ୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ପକ୍ଷରୁ ଏକ ଅଭିନବ ଅଭିଯାନ 'ଫ୍ଲାଇଟ୍ ଅଫ୍ ଫାଣ୍ଟାସି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଆର୍ଥିକ ଅନଗ୍ରସରଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଥିବା ଉଭୟ ସଂସ୍ଥା ପକ୍ଷରୁ ମିଳିତ ଭାବେ ୨୫ ଜଣ ଆର୍ଥିକ ଅନଗ୍ରସର ବାଳିକାଙ୍କୁ ରବିବାର ବିମାନ ଯୋଗେ ଭୁବନେଶ୍ୱରରୁ କୋଲକାତା ବୁଲାଇ ନିଆଯାଇଛି। ଏପରିକି ଜୁନ ୧୯ରେ ବନ୍ଦେ ଭାରତ ଏକ୍ସପ୍ରେସ ଜରିଆରେ ସେମାନେ ଭୁବନେଶ୍ୱର ଫେରିବେ ବୋଲି ଉଭୟ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। 'ଫ୍ଲାଇଟ୍ ଅଫ୍ ଫାଣ୍ଟାସି' ଅଭିଯାନ ଜରିଆରେ ସମସ୍ତ ୨୫ ବାଳିକାଙ୍କୁ ଏକ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ସହ ସେମାନଙ୍କ ପାଇଁ ୱାନ୍ସ-ଇନ୍-ଏ-ଲାଇଫଟାଇମ୍ ଜର୍ଣ୍ଣି ହେବ। ଏପରିକି ନିଜ ନିତିଦିନିଆ ଜୀବନରୁ ବାହାରି କିଛି ନୂଆ ଅନ୍ୱେଷଣ କରିବାର ମଉକା ହେବ। ନୂତନ ଦିଗ୍‌ମଣ୍ଡଳ ସହ ପରିଚିତ କରି ଏହି ଅନନ୍ୟ ଆଡ୍‌ଭେଞ୍ଚର ଜରିଆରେ ସମ୍ପୃକ୍ତ ବାଳିକାମାନଙ୍କୁ ବଡ଼ ସ୍ୱପ୍ନ ଦେଖି ନିଜ ଆକାଂକ୍ଷାଙ୍କୁ ଦୃଢ଼ମନା ହୋଇ ପୂରଣ କରିବା ପାଇଁ ପ୍ରେରିତ କରୁଛନ୍ତି। ସଂସ୍ଥାଦ୍ୱୟ ପକ୍ଷରୁ କୁହାଯାଇଛି ଯେ, ପ୍ରାୟୋଜକଙ୍କ ବିନା ଏହି ଅଭିଯାନ ସମ୍ଭବ ହୋଇପାରି ନ ଥାନ୍ତା। ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ ୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ଲୁକ୍ସ ସେଲନ୍ ନିକଟରେ କୃତଜ୍ଞ, ଯିଏକି ଏହି ଅଭିଯାନକୁ ଆଣିବାରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ସେମାନଙ୍କ ସ୍ପନ୍‌ସରସିପ କେବଳ 'ଫ୍ଲାଇଟ୍ ଅଫ୍ ଫାଣ୍ଟାସି'କୁ ସକ୍ଷମ କରିନାହିଁ ତା'ସହିତ ସାମାଜିକ ଦାୟିତ୍ୱକୁ ନେଇ ସେମାନଙ୍କ ପ୍ରତିଶ୍ରୁତିକୁ ପୂରଣ କରୁଛି ଓ ଯୁବପିଢ଼ିଙ୍କୁ ସଶକ୍ତ କରୁଛି। କୋଲକାତାରେ ସ୍ୱତନ୍ତ୍ର ହସ୍ପିଟାଲିଟି ପାଇଁ ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ ୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ୧୨ ସିସିଏଲ୍‌ସି ୨୭, କେକେଆର୍‌ଟି ୨୯୩ ଏବଂ କେକେଏଲ୍‌ସି ୧୪୭କୁ ପ୍ରଶଂସା କରିଛନ୍ତି। ଉପରୋକ୍ତ ସଂସ୍ଥାଗୁଡ଼ିକ ପକ୍ଷରୁ ଦିଆଯାଉଥିବା ହସ୍ପିଟାଲିଟି ସହାୟତା ବାଳିକାମାନଙ୍କ ପାଇଁ ଉକ୍ତ ଯାତ୍ରାଙ୍କୁ ଅଧିକ ସ୍ମରଣୀୟ କରିବ। 'ଫ୍ଲାଇଟ୍ ଅଫ୍ ଫାଣ୍ଟାସି' ଅଭିଯାନ ଭୁବନେଶ୍ୱର ରାଉଣ୍ଡ୍ ଟେବୁଲ ୫୩ ଏବଂ ଭୁବନେଶ୍ୱର ଲେଡିଜ୍ ସର୍କଲ ୧୨ ର ମୂଳସଂସ୍ଥା ରାଉଣ୍ଡ ଟେବୁଲ ଇଣ୍ଡିଆ ଏବଂ ଲେଡିଜ୍ ସର୍କଲ ଇଣ୍ଡିଆର ମୂଳ ମନ୍ତ୍ରଙ୍କୁ ପ୍ରତିପାଦନ କରୁଛି।

# ଜେଇଇ(ଆଡଭାନ୍ସଡ)ରେ ଆକାଶ ବାଇଜୁସର ବାଜିମାତ

ଭୁବନେଶ୍ୱର,୧୮।୬




ଦେଶର ପ୍ରମୁଖ ଘରୋଇ କୋଚିଂ ସେଣ୍ଟର ତଥା ଟେଷ୍ଟ ପ୍ରସ୍ତୁତି କ୍ଷେତ୍ରରେ ଜାତୀୟ ସ୍ତରର ଅଗ୍ରଣୀ ଅନୁଷ୍ଠାନ ଆକାଶ ବାଇଜୁସ ଚଳିତ ବର୍ଷର ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆଡଭାନ୍ସଡ ୨୦୨୩ରେ ବାଜିମାତ କରିଛି। ଏପରିକି ଶ୍ରେଷ୍ଠ ୧୦୦ ସ୍ଥାନରେ ଆକାଶ ବାଇଜୁସର ୧୭ ଜଣ ଛାତ୍ରୀଛାତ୍ର ସ୍ଥାନ ପାଇଛନ୍ତି। ଉଲ୍ଲେଖଯୋଗ୍ୟ ରବିବାର ଆଇଆଇଟି ଗୁଆହାଟୀ ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆଡଭାନ୍ସଡ ୨୦୨୩ର ଫଳାଫଳ ଘୋଷଣା କରାଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଆକାଶ ବାଇଜୁସର ଭୁବନେଶ୍ୱର ସେଣ୍ଟରରୁ ୪ ଛାତ୍ରୀଛାତ୍ର ଜେଇଇ(ଆଡଭାନ୍ସଡ)ରେ ବେଶ ପ୍ରଭାବୀ ପ୍ରଦର୍ଶନୀ ସହ ପ୍ରତିଷ୍ଠାନକୁ ଗର୍ବିତ କରିବା ସହିତ ସେମାନଙ୍କର ପିତାମାତା ଏବଂ ପ୍ରତିଷ୍ଠାନର ସମସ୍ତ କର୍ମଚାରୀଙ୍କୁ ଗର୍ବିତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସେଣ୍ଟରର ଶ୍ରେଷ୍ଠ ସ୍କୋରଧାରୀ ମଧ୍ୟରେ ଅଲିଭ ସାହୁ ଏଆଇଆର ୩୨୬ ହାସଲ କରିଥିବାବେଳେପ୍ରତ୍ୟୁଷସ୍ୱାଇଁଏଆଇଆର ୪୩୯ ଏବଂ ପ୍ରିୟଙ୍କା ସର ଏଆଇଆର ୬୨୧ ଓ ବରୁଣ ମିଶ୍ର ଏଆଇଆର ୯୮୧ ର୍ୟାଙ୍କ ହାସଲ କରିଛନ୍ତି।

ଏ ସମ୍ପର୍କରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ରିଜିଓନାଲ ଡାଇରେକ୍ଟର ଅଜୟ ବାହାଦୁର ସିଂ କହିଛନ୍ତି, ଚଳିତ ଥରର ସଫଳ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଅନନ୍ୟ ସଫଳତା ପାଇଁ ଅଭିନନ୍ଦନ ଜଣାଉଛୁ। ଏପରିକି ସେମାନଙ୍କ ସଫଳତା ସେମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ପ୍ରୟାସ ତଥା ସେମାନଙ୍କ ପିତା ମାତାଙ୍କର ସମର୍ଥନକୁ ପ୍ରତିପାଦିତ କରୁଛି। ବିଶେଷ କରି ଆମେ ସେମାନଙ୍କୁ ସେମାନଙ୍କର ଭବିଷ୍ୟତ ପ୍ରୟାସଗୁଡିକ ନିମନ୍ତେ ସର୍ବକୁଶଳତା କାମନା କରୁଛୁ। ଉଲ୍ଲେଖଯୋଗ୍ୟ, ସମଗ୍ର ଦେଶରୁ ୧.୮ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଜେଇଇ (ଆଡଭାନ୍ସଡ)୨୦୨୩ ଦେଇଥିଲେ।

# ପେମେଣ୍ଟ ଗେଟ୍‌ୱେରେ ଅଧିକ ସଞ୍ଚୟ ସୁବିଧା

ଭୁବନେଶ୍ୱର,୧୮।୬

ଫୋନ୍ ପେ ପକ୍ଷରୁ ଏକ ଅଭିନବ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫୋନ୍ ପେର ପେମେଣ୍ଟ ଗେଟୱେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟଗୁଡ଼ିକୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାରେ ସକ୍ଷମ କରୁଛି। ବିଶେଷ କରି ଅଧିକାଂଶ ପେମେଣ୍ଟ ଗେଟୱେଗୁଡ଼ିକ ଏକ ଷ୍ଟାଣ୍ଡାର୍ଡ ଟ୍ରାଞ୍ଜାକ୍ସନ ଫି ହିସାବରେ ୨% ଚାର୍ଜ କରୁଥିବାବେଳେ ଫୋନପେ ପେମେଣ୍ଟ ଗେଟୱେରେ ନୂତନ ବ୍ୟବସାୟୀମାନଙ୍କ ପାଇଁ ମାଗଣାରେ ଅନବୋର୍ଡ କରିବା ଲାଗି ଏକ ନୂଆ ଅଫର ରହିଛି।

ଏ ସମ୍ପର୍କରେ ଫ୍ଲାୱର ଔରା ଏବଂ ବ୍ୟାକିଙ୍ଗୋର ସହ-ପ୍ରତିଷ୍ଠାତା ସୁମନ ପାତ୍ର କହିଛନ୍ତି, ଇ-କମର୍ସ ବ୍ୟବସାୟ ଭାବେ ଏକ ଭରସାଯୋଗ୍ୟ ପେମେଣ୍ଟ ସହଯୋଗୀ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ସେମାନଙ୍କର ନୈତିକତା ଏବଂ ଅଭିଜ୍ଞତା କାରଣରୁ ଫୋନ୍‌ପେ ପେମେଣ୍ଟ ଗେଟୱେକୁ ଆମ ବିକାଶ ସହଯୋଗୀ ଭାବେ ପାଇ ଆମେ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ନିଶ୍ଚୟ ଏଜିର ସହ-ପ୍ରତିଷ୍ଠାତା ଏବଂ ସିଇଓ ଜାର ଶେୟାର କହିଛନ୍ତି, ଆମେ ଜାର୍ ଆରମ୍ଭ କରିବା ଦିନ ଠାରୁ ଆମେ ଫୋନ ପେକୁ ଏହାର ପହଞ୍ଚ ଓ ପ୍ରତିକ୍ରିୟାଶୀଳତା ପାଇଁ ଆମର ପେମେଣ୍ଟ ପାର୍ଟନର କରିବା ପାଇଁ ସ୍ପଷ୍ଟ ଥିଲୁ।

## ଫୁର୍‌ସତ୍

# ବାୟୁସେନାରେ ୨ କୃଷକ ପରିବାରର ଝିଅ

ହରିୟାଣା



ପୁଅଙ୍କଠାରୁ ଝିଅ ଅଧିକ ସଫଳତା ହାସଲ କରିସାରିଲେଣି। ପାଣିରୁ ଆରମ୍ଭ କରି ସିଆଚିନ୍ ଗ୍ଲାସିୟରରେ ମଧ୍ୟ ପହଞ୍ଚିଲେଣି। ସାଧାରଣ ଦୁଇ କୃଷକ ଘରର ଏହି ୨ ଝିଅ ଶନିବାର ଭାରତୀୟ ବାୟୁସେନାରେ ଫ୍ଲାଇଂ ଅଫିସର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଫ୍ଲାଇଂ ଅଫିସର ଇଭ୍‌ରାଜ କୌର ହେଲିକପ୍ଟର ପାଇଲଟ୍ ଭାବେ ଯୋଗଦେଇଥିବାବେଳେ ପ୍ରଭସିମ୍ରନ୍ କୌର ଭାରତୀୟ ବାୟୁସେନାର ଶିକ୍ଷା ଶାଖାରେ ଯୋଗଦେଇଛନ୍ତି। ହାଇଦ୍ରାବାଦ୍‌ର ଦୁଣ୍ଡିଗାଲରେ ଥିବା ବାୟୁସେନା ଏକାଡେମୀର ଅଧିକାରୀ ଭାବେ ଉଭୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ବାୟୁସେନା ଏକାଡେମୀର ପରେଡ୍‌କୁ ଅନୁଧ୍ୟାନ କରିଥିଲେ। ଉଭୟ ଏକାଠି ମୋହାଲିର ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନରେ ତାଲିମ ନେଉଥିଲେ, ଯାହା ସାରା ଦେଶରେ ମହିଳାଙ୍କୁ ସଶସ୍ତ୍ର ବାହିନୀ ତାଲିମ ଏକାଡେମୀରେ ପ୍ରବେଶ ପାଇଁ ପ୍ରସ୍ତୁତ କରିଥାଏ। ଫ୍ଲାଇଂ ଅଫିସର ଇଭ୍‌ରାଜ ପଞ୍ଜାବ ରୋପର ଜିଲାର ହୁସାଇନ୍‌ପୁରର କୃଷକ ଯଶପ୍ରୀତ ସିଂଙ୍କ ଝିଅ ଏବଂ ତାଙ୍କ ମା' ଜଣେ ଗୃହିଣୀ। ସେହିପରି ପ୍ରଭସିମ୍ରନ୍ ପଞ୍ଜାବ ଗୁରୁଦାସପୁର ଜିଲାର ଗହ୍ଲାରି ଗାଁର କୃଷକ ପରମଜିତ୍ ସିଂଙ୍କ ଝିଅ ଏବଂ ତାଙ୍କ ମା' ମଧ୍ୟ ଜଣେ ଗୃହିଣୀ। ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନ କର୍ତ୍ତୃପକ୍ଷ କହିଛନ୍ତି, ଇଭ୍‌ରାଜ ଏବଂ ପ୍ରଭସିମ୍ରନ୍‌ଙ୍କ ସଫଳତା ଫଳରେ ପଞ୍ଜାବର ଛୋଟ ଗାଁ ଓ ସହରର ଅନେକ ପିଲାଙ୍କୁ କମିଶନ ଅଫିସର ଭାବେ ଦେଶ ସେବା କରିବାକୁ ସୁଯୋଗ ଅନ୍ୱେଷଣ କରିବ। ପଞ୍ଜାବର ନିଯୁକ୍ତି, ଦକ୍ଷତା, ବିକାଶ ଓ ପ୍ରଶିକ୍ଷଣ ମନ୍ତ୍ରୀ ଅମର ଅରୋରା ଦୁଇ ନୂତନ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ମାଇ ଭାଗୋ ସଶସ୍ତ୍ର ବାହିନୀ ପ୍ରସ୍ତୁତି ପ୍ରତିଷ୍ଠାନ ପଞ୍ଜାବର ଝିଅଙ୍କୁ ନିଯୁକ୍ତି ଦେବା ପାଇଁ ନିଯୁକ୍ତି, ଦକ୍ଷତା, ବିକାଶ ଓ ପ୍ରଶିକ୍ଷଣ ବିଭାଗ ଅନ୍ତର୍ଗତ ଏହି ପ୍ରତିଷ୍ଠାନ ପଞ୍ଜାବ ସରକାରଙ୍କ ନିଆରା ପଦକ୍ଷେପ। ଏହି ପ୍ରତିଷ୍ଠାନ ଝିଅଙ୍କ ପାଇଁ ସବୁଠୁ ଭଲ ତାଲିମ କେନ୍ଦ୍ର।

# ଆଲିଆଙ୍କ ପ୍ରଥମ ହଲିଉଡ୍ ମୁଭି




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜ ଅଭିନୟ ଜରିଆରେ ଦର୍ଶକଙ୍କ ମନ ମୋହି ସାରିଛନ୍ତି। ଗତ ୨୦୨୨ରେ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'ରେ ଅଭିନୟ ପରେ ତାଙ୍କୁ ଏବେ ବହୁତ ବଡ଼ ବଡ଼ ଅଫର ମିଳୁଛି। ତେବେ ବଲିଉଡ୍ ପରେ ପ୍ରଥମ ଥର ପାଇଁ ଆଲିଆଙ୍କୁ ହଲିଉଡ୍‌ରେ ଦେଖିବାକୁ ମିଳିବ। ନିକଟରେ ତାଙ୍କ ଚଳଚ୍ଚିତ୍ର 'ହାର୍ଟ ଅଫ୍ ଷ୍ଟୋନ୍'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ସେ ପ୍ରଥମଥର ପାଇଁ ଭିଲେନ ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି। ମୁଭିରେ ହଲିଉଡ୍ ଅଭିନେତା ଗଲ ଗଡୋଟ ଓ ଜେମି ଡୋର୍ନନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଆଲିଆ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫିଲ୍ମର ଟ୍ରେଲର ଶେୟାର କରିଛନ୍ତି, ଯେଉଁଥିରେ ସେ କିଛି ସିନ୍‌ରେ ନଜର ଆସୁଛନ୍ତି। ଚଳଚ୍ଚିତ୍ରଟି ଆସନ୍ତା ଅଗଷ୍ଟ ୧୧ରେ ରିଲିଜ୍ ହେବାକୁ ଯାଉଛି, ଯାହାକୁ ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଟମ୍ ହର୍‌ପେରଙ୍କ ନିର୍ଦ୍ଦେଶିତ ଏହି ମୁଭିରେ ପଉଲ୍ ରେଞ୍ଜୀ, ଜିଙ୍ଗ ଲୁସି ପ୍ରମୁଖ ନଜର ଆସିବେ। ତେବେ ସେ ୧୯୯୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିବାବେଳେ ଶେଷଥର ପାଇଁ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିଥିଲେ। ଏଥିସହ ସେ କିଛିଟା ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରିଛନ୍ତି।

# ନାତି ବାହାଘରରେ ନାଚିଲେ ଧର୍ମେନ୍ଦ୍ର



**ମୁମ୍ବାଇ:** ବଲିଉଡ୍ ଅଭିନେତା ସନି ଦେଓଲଙ୍କ ପୁଅ ତଥା ଅଭିନେତା କରନ ଦେଓଲ ରବିବାର ଜଣାଶୁଣା ଫିଲ୍ମ ନିର୍ମାତା ବିମଲ ରୟଙ୍କ ଅଣନାତୁଣୀ ଦ୍ରିଶା ଆଚାର୍ଯ୍ୟଙ୍କୁ ବିବାହ କରିଛନ୍ତି। ବିବାହ ମୁମ୍ବାଇର ତାଜ୍ ଲ୍ୟାଣ୍ଡ୍‌ସ ଆଣ୍ଡ ହୋଟେଲରେ ହୋଇଛି। ଦୁହେଁ ଆର୍ଯ୍ୟ ସମାଜର ରୀତିନୀତି ଅନୁଯାୟୀ ଅଗ୍ନିକୁ ସାକ୍ଷୀ ରଖି ୭ ଘେରା ବୁଲିଥିଲେ। ଏଥିରେ ପୂରା ଦେଓଲ ପରିବାର ଅଂଶଗ୍ରହଣ କରିଥିଲେ। ଧର୍ମେନ୍ଦ୍ରଙ୍କ ନାତି କରନଙ୍କ ବିବାହ ବରଯାତ୍ରୀରେ ପରିବାର ସହ ସେ ନାଚୁଥିବା ଦେଖିବାକୁ ମିଳିଥିଲା। ଗତ ଶୁକ୍ରବାର ସଙ୍ଗୀତ ସମାରୋହ ହୋଇଥିଲା। ଏଥିରେ ଅଭିନେତା ରଣବୀର ସିଂ ଯୋଗଦେଇ ବରକନ୍ୟାଙ୍କ ସହ ମିଶି ନାଚିଥିଲେ। ଏକ ସାକ୍ଷାତ୍‌କାରରେ ଧର୍ମେନ୍ଦ୍ର କହିଛନ୍ତି, କରନ ରାଜି ଥିବାରୁ ସେ ଦ୍ରିଶା ଘରେ ଦେଖାକରି ବିବାହ ପାଇଁ ସମ୍ମତି ଜଣାଇଥିଲେ। ଦ୍ରିଶାଙ୍କୁ ଦେଓଲ ପରିବାର ସ୍ୱାଗତ କରୁଥିବା ସେ କହିଛନ୍ତି। ତେବେ ୨୦୧୯ରେ କରନ 'ପଲ୍‌ପଲ୍‌ଦିଲ୍‌କେପାସ୍' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରେ ସେ ୨୦୨୧ରେ ମୁଭି 'ଭିଲ୍ଲେ'ରେ ମଧ୍ୟ କାମ କରିଥିଲେ। ଅନ୍ୟପକ୍ଷେ ଦ୍ରିଶା ତାଙ୍କ ମା' ଚିମୁ ଆଚାର୍ଯ୍ୟଙ୍କ ଏକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀରେ ନ୍ୟାଶନାଲ ପ୍ରୋଗ୍ରାମ ମ୍ୟାନେଜର ଅଛନ୍ତି।

# ପିଜ୍ଜା ଖାଅ, ଟଙ୍କା ନିଅ

ମାଡିଶନ: ସମସ୍ତେ ଆରାମଦାୟକ ଚାକିରି କରିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ କାମ କମ୍ କିନ୍ତୁ ଦରମା ଅଧିକ ମିଳୁଥିବ। ନିକଟରେ ଏପରି ଏକ ଚାକିରି ବାହାରିଛି, ଯେଉଁଠାରେ କାମ ନୁହେଁ, କେବଳ ଟଙ୍କା ହିଁ ଟଙ୍କା ମିଳିବ। ସେଠାରେ କାମ ନାମରେ ଖାଇବାକୁ ପଡ଼ିବ ଲୋକଙ୍କ ଅଧିକ ପସନ୍ଦର ପିଜ୍ଜା। ରିପୋର୍ଟ ମୁତାବକ, ୟୁନିଭର୍ସିଟି ଅଫ୍ ୱିସକନ୍‌ସିନ୍- ମାଡିଶନ ସେଣ୍ଟର ଫର୍ ଡାଏରୀ ରିସର୍ଚ୍ଚ ଏପରି ଜଣଙ୍କୁ ଖୋଜୁଛି, ଯିଏକି ଭଲ ସ୍ୱାଦ ବାରି ପାରୁଥିବ। ତାଙ୍କୁ କେବଳ ଖାଦ୍ୟ ଖାଇ ତା' ସ୍ୱାଦ ବାବଦରେ କହିବାକୁ ପଡ଼ିବ। ଏହି ଡେସ୍କ୍ରିପ୍‌ଟିଭ୍ ସେନ୍ସୋରି ପେନାଲିଷ୍ଟ ପଦବୀରେ ବହୁତ ଭଲ ଟଙ୍କା ମିଳିବ। ସ୍ୱାଦ ଚାଖିବା ଛଡ଼ା ସେଠାରେ ହେଉଥିବା ସମସ୍ତ ପେନାଲ ଡିସ୍‌କଶନ୍, ଟ୍ରେନିଂ ସେସନ ଏବଂ ଅନ୍ୟ ପ୍ରୋଗ୍ରାମରେ ମଧ୍ୟ ଅଂଶଗ୍ରହଣ କରିବାକୁ ହେବ। ଏହି ଡାଏରୀ ଅନୁସନ୍ଧାନ କେନ୍ଦ୍ର ସବୁପ୍ରକାର ଖାଦ୍ୟପଦାର୍ଥ ଖାସ୍‌କରି ପନିର୍, ପିଜ୍ଜା ଓ ଅନ୍ୟ ଡାଏରୀ ପଦାର୍ଥ ପ୍ରତି ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଖୋଜୁଛି। ଏପରି ଚାକିରି କେବଳ ସେମାନଙ୍କ ପାଇଁ, ଯେଉଁମାନେ ଖାଦ୍ୟ ଖାଇବାକୁ ଆଗ୍ରହୀ ହେବା ସହ ଖାଦ୍ୟର ଉତ୍ତମ ସ୍ୱାଦ ବାରି କହିପାରୁଥିବେ। ପେନାଲ ଡିସ୍‌କଶନ୍‌ରେ ମଧ୍ୟ ସେ ଖାଦ୍ୟର ସବିଶେଷ ତଥ୍ୟ ରଖିପାରୁଥିବେ। ଥରେ ଏହି ଚାକିରି କଲେ, ତାଙ୍କୁ ଅନ୍ୟ ସକ୍ଷମ ବିଶେଷଜ୍ଞଙ୍କ ସହ ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଏଥିରେ ଅନ୍ୟ ଖାଦ୍ୟପଦାର୍ଥ ସହ ଗୋଟେ ସପ୍ତାହରେ ୨୪ଟି ପନିର, ୧୨ ପିଜ୍ଜା ଚାଖିବାକୁ ପଡ଼ିବ। ୟୁନିଭର୍ସିଟି ମୁତାବକ, ଗୋଟିଏ ସିଜନରେ ୩ ଘଣ୍ଟା ସମୟ ରହିବ। ପ୍ରତି ସପ୍ତାହରେ ହେବାକୁ ଥିବା ୩ ସିଜନରେ ପେନାଲିଷ୍ଟଙ୍କୁ ନିଶ୍ଚିତ ରହିବାକୁ ପଡ଼ିବ। ପ୍ରତି ଘଣ୍ଟା ପାଇଁ ୧୫ ଡଲାର ଅର୍ଥାତ୍ ୧,୨୨୮ ଟଙ୍କା ଏବଂ ପ୍ରତି ସିଜନରେ ୪୫ ଡଲାର ଅର୍ଥାତ୍ ୩,୬୮୬ ଟଙ୍କା ମିଳିବ।

**ଜବତ ପଶୁ ଚମଡା ପରୀକ୍ଷା ପାଇଁ ଏସ୍ଏଫ୍ଏସ୍ଏଲକୁ ଯିବ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ପଶୁ ଚମଡା ଚାଲାଣକୁ ନେଇ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ୍ ଛକରେ ଉତ୍ତ୍ୟକ୍ତ ଲୋକେ ୨ ଯୁବକଙ୍କୁ ମାଡ ମାରିବା ସହ ଚମଡା ବୋଝେଇ ଭ୍ୟାନ୍‌କୁ ଓଲଟାଇ ଦେବା ଘଟଣାରେ ପୋଲିସକୁ ଯୁବକଦ୍ୱୟ ଚାଲାଣର କାଗଜପତ୍ର ଦେଖାଇଛନ୍ତି। ଏହାସହ ଜବତ ଚମଡାଗୁଡିକର ଟେଷ୍ଟ ପାଇଁ ଷ୍ଟେଟ୍ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରୀକୁ ପଠେଇବାକୁ ଯୋଜନା କରାଯାଉଛି। ଏଥିପାଇଁ ରବିବାର ଜଣେ ପ୍ରାଣୀ ଚିକିତ୍ସକ ଥାନାରେ ପହଞ୍ଚି ଚମଡାର ନମୁନା ସଂଗ୍ରହ କରିଛନ୍ତି। ଏଥିସହ ଆକ୍ରମଣକାରୀ ଲୋକଙ୍କ ନାମରେ ପୋଲିସ ମାମଲା ରଜୁ କରିଛି।

## ବଜ୍ରପାତରେ କ୍ୟାବିନ ଜଳିଗଲା



ଭୁବନେଶ୍ୱର,୧୮।୬(ସତ୍ୟଜିତ୍ ରାଉତ): ରବିବାର ରାତିରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବା ସହ ବଜ୍ରପାତ ଘଟି ଏସପ୍ଲାନେଡ୍ ମଲ୍ ନିକଟରେ ଥିବା ଏକ କ୍ୟାବିନ ଜଳିଯାଇଛି। ଫଳରେ କ୍ୟାବିନରେ ଥିବା ଥଣ୍ଡାପାନୀୟ ବୋତଲ ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ରାତି ପ୍ରାୟ ୧୨ଟା ୩୦ରେ କ୍ୟାବିନରୁ ଧୂଆଁ ବାହାରୁଥିବା ବେଳେ ଜଣେ ଡେଲିଭରି ବଏ ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଏସପ୍ଲାନେଡ୍ ମଲ୍ ସୁରକ୍ଷାକର୍ମୀ ପହଞ୍ଚି ନିଆଁ ଲିଭାଇବାକୁ ପ୍ରୟାସ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କଳ୍ପନା ଫାୟାର ଷ୍ଟେଶନର ୬ଜଣିଆ ଟିମ୍ ପହଞ୍ଚି ପ୍ରାୟ ୨୦ ମିନିଟ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଠିକ୍ ସମୟରେ ନିଆଁ ଲିଭିଥିବାରୁ ପାଖରେ ଥିବା ଅନ୍ୟାନ୍ୟ କ୍ୟାବିନ ଓ ଏକ ଟ୍ରାନ୍ସଫର୍ମର ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି। ତେବେ ଏହି କ୍ୟାବିନର ମାଲିକ କିଏ ଜଣାପଡ଼ିନାହିଁ।

# ଜେଇଇ ଆଡ୍‌ଭାନ୍ସଡ୍‌ରେ ଓଡ଼ିଆଙ୍କ କୃତିତ୍ୱ

ଭୁବନେଶ୍ୱର,୧୮।୬ (ଅନୁରାଧା ମହାରଣା)

*ଜେଇଇ ଆଡ୍‌ଭାନ୍ସଡ୍ ରେଜଲ୍ଟ ରବିବାର ପ୍ରକାଶ ପାଇଛି। ଦେଶର ୭ଟି ଜୋନ୍‌ରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ କମନ୍ ର୍ୟାଙ୍କ୍ ତାଲିକାରେ ଓଡ଼ିଶାରୁ ବହୁ ମେଧାବୀ ସ୍ଥାନ ପାଇଛନ୍ତି। ବିଭିନ୍ନ ଜୋନ୍‌ରୁ ଉତ୍ତୀର୍ଣ୍ଣ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି ଓ ସଫଳତାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।*

### ଦଶମ ପରଠାରୁ ପ୍ରସ୍ତୁତି ଆରମ୍ଭ କରିଥିଲି



ଜେଇଇ ଆଡ୍‌ଭାନ୍ସଡ୍‌ରେ ସର୍ବଭାରତୀୟ ସ୍ତରରେ ୩୨୬ ର୍ୟାଙ୍କ ପାଇବା ସହ ରାଜ୍ୟ ଟପ୍ପର ହୋଇଥିବାରୁ ଖୁସି ଲାଗୁଛି। ବାପା ଅନନ୍ତ କୁମାର ଓ ମା' ଭାରତୀ ସାହୁଙ୍କ ମାର୍ଗଦର୍ଶନରେ କଠିନ ପରିଶ୍ରମ କରିଥିଲି। ଦଶମ ପରେ ହିଁ ଜେଇଇ ଆଡ୍‌ଭାନ୍ସଡ୍ ପାଇଁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଥିଲି। କୋଚିଂ ବ୍ୟତୀତ ଘରେ ୨/୩ ଘଣ୍ଟା ପଢୁଥିଲି। ଯେତିକି ସମୟ ପଢ଼େ ମନ ଦେଇ ପଢ଼େ। ମନ ହାଲ୍‌କା କରିବାକୁ ଚିତ୍ର ଆଙ୍କେ। ଆଇଆଇଏସ୍‌ସି ବାଙ୍ଗାଲୋରରେ ପଢ଼ିବାକୁ ଇଚ୍ଛା ରହିଛି।

– ଅଲିଭ ସାହୁ, ଓଡ଼ିଶା ଟପ୍ପର, ଆଇଆଇଟି ଖଡ଼ଗପୁର ଜୋନ୍

### ଯେତିକି ସମୟ ଦିଏ ମନଦେଇ ପଢ଼େ



ସର୍ବଭାରତୀୟ ସ୍ତରରେ ୩୬୪ ର୍ୟାଙ୍କ୍ ସହ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଭୋର୍ ସମୟରେ ପଢ଼ିବାକୁ ବେଶି ଭଲ ଲାଗେ। ସେମିତି ପାଠପଢ଼ିବାର ନିର୍ଦ୍ଦିଷ୍ଟ ସମୟ ନ ଥିଲେ ମଧ୍ୟ ମନ ଦେଇ ପଢ଼ିଥାଏ। ବାପା ସୁଚିତ ମହାନ୍ତି ଓ ମା ସଂଘମିତ୍ରାଙ୍କ ପ୍ରେରଣା ମୋତେ ସଫଳତା ଦେଇଛି। ଆଗକୁ ଆଇଆଇଟି ବମ୍ବେରେ ଇଲେକ୍ଟ୍ରିକାଲ କିମ୍ବା କମ୍ପ୍ୟୁଟର ଇଞ୍ଜିନିୟରିଂ କରିବାକୁ ଚାହୁଁଛି। ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ସବୁବେଳେ ସଫଳତାର ବାଟ ଦେଖାଇଥାଏ। ଦଶମ ପରଠାରୁ ଲକ୍ଷ୍ୟ ସ୍ଥିର କରି ପଢ଼ାପଢ଼ିରେ ଲାଗିପଡ଼ିଥିଲି।

–ଅମୃତାଂଶୁ ମହାନ୍ତି, ଆଇଆଇଟି ଖଡ଼ଗପୁର ଜୋନ୍

### ଆଇଆଇଟି ଗୁଆହାଟୀରେ ପଢ଼ିବାକୁ ଇଚ୍ଛା



ସର୍ବଭାରତୀୟ ସ୍ତରରେ ମୋର ର୍ୟାଙ୍କ ୪୯୯ ରହିଛି। କୋଚିଂ ବାଦ୍ ନିଜେ ଘରେ ୮ରୁ ୯ ଘଣ୍ଟା ପଢ଼ାପଢ଼ି କରୁଥିଲି। ବାପା ପ୍ରଶାନ୍ତ କୁମାର ସାହୁ ଓ ମା ରଶ୍ମୀପ୍ରଭା ମୋତେ ସବୁ କ୍ଷେତ୍ରରେ ସହଯୋଗ କରନ୍ତି। ଆଇଆଇଟି ଗୁଆହାଟୀରେ ଇଲେକ୍ଟ୍ରିକାଲ କିମ୍ବା କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରିବି। କୋଚିଂ ବ୍ୟତୀତ ନିଜେ କିପରି ଅଧିକରୁ ଅଧିକ ସମୟ ପଢ଼ିବେ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ୍। ଏଥିସହ ଅନ୍ୟ କ୍ଷେତ୍ରରେ ମଧ୍ୟ ନିଜକୁ ସାମିଲ କରିବା ଦରକାର। ମୁଁ ମଧ୍ୟ ଫୁଟବଲ୍ ଖେଳିବାକୁ ଭଲ ପାଏ ଓ ଖେଳେ ମଧ୍ୟ। ପରୀକ୍ଷା ପାଖେଇ ଆସିବା ସମୟରେ କିଛି ଦିନ ଖେଳ ବନ୍ଦ କରିଥିଲି।

– ପ୍ରତ୍ୟୁଷ ସ୍ୱାଇଁ, ଆଇଆଇଟି ଖଡ଼ଗପୁର ଜୋନ୍

### ଆଇଏଏସ୍ ଅଫିସର ହେବି



ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ସବୁବେଳେ ଆଗକୁ ବଢ଼ିଥାଏ। ଆଗକୁ ସିଭିଲ୍ ସର୍ଭିସ୍ ନଚେତ୍ ନିଜର ଏକ ଷ୍ଟାର୍ଟ ଅପ୍ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଅଭିଭାବକଙ୍କ ସହଯୋଗ ହିଁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ। ଜେଇଇ ଆଡଭାନ୍ସଡ୍‌ରେ ୬୨୪୩ ର୍ୟାଙ୍କ ରହିଛି। ପାଠପଢ଼ା ବ୍ୟତୀତ ଓଡ଼ିଶୀ ନୃତ୍ୟରେ ମୋର ଖୁବ୍ ରୁଚି ରହିଛି। ଅମ୍ରିତା ବିଦ୍ୟାଳୟମ୍‌ରେ ମୁଁ ଦ୍ୱାଦଶରେ ଛାତ୍ର ସଭାନେତ୍ରୀ ଥିଲି। ତେଣୁ ଆଇଏଏସ୍ ଅଫିସର ହେଲେ ଲୋକଙ୍କ ସେବା କରିବାର ସୁଯୋଗ ମିଳିପାରିବ। ମୋ ସଫଳତାର ଶ୍ରେୟ ବାପା କେଦାରନାଥ ବିଶ୍ୱାଳ ଏବଂ ମା' କଳ୍ପନା ବିଶ୍ୱାଳଙ୍କୁ ଦେବି।

– କୋଏନା ବିଶ୍ୱାଳ, ଆଇଆଇଟି ଦିଲ୍ଲୀ ଜୋନ୍

### ଆଉ ଟିକେ ପରିଶ୍ରମ କରିଥିଲେ ଅଧିକ ଭଲ ହୋଇଥାନ୍ତା



ମୋର ୩୨୯୭ ର୍ୟାଙ୍କ୍ ରହିଛି। ଆଉଟିକେ ପରିଶ୍ରମ କରିଥିଲେ ଆହୁରି ଭଲ ହୋଇଥାନ୍ତା। ମେକାନିକାଲ କିମ୍ବା ଏରୋସ୍ପେସ ଇଞ୍ଜିନିୟରିଂ ପଢ଼ିବାକୁ ଆଶା ରଖିଛି। ଦଶମ ପରଠାରୁ ଏଥିପାଇଁ ୮ରୁ ୧୦ ଘଣ୍ଟା ସମୟ ଦେଉଥିଲି। ଲକ୍ଷ ସ୍ଥିର ରଖି ଆଗକୁ ବଢିଲେ ସଫଳତା ନିଶ୍ଚିତ। ମା'ବାପା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେବାକୁ ଚାହିଁବି।

– ସ୍ୱସ୍ତିକ ଶୁଭଦର୍ଶନ, ଆଇଆଇଟି ଖଡ଼ଗପୁର ଜୋନ୍

## ଆନ୍ଦୋଳନକୁ ଓହ୍ଲାଇବେ ସମିତି ସଭ୍ୟ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର): ପଞ୍ଚାୟତ ବ୍ୟବସ୍ଥାରେ ସରପଞ୍ଚଙ୍କ ଭଳି ସମିତିସଭ୍ୟଙ୍କୁ ସମାନ ଗୁରୁତ୍ୱ ମିଳୁ। ଗ୍ରାମପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଲାଗି ସମିତି ସଭ୍ୟମାନଙ୍କ ଲାଗି ସରକାର ୨୦ ଲକ୍ଷ ଟଙ୍କାର ପାଣ୍ଠି ବ୍ୟବସ୍ଥା କରନ୍ତୁ। ସବୁ ପଞ୍ଚାୟତରେ ସମିତି ସଭ୍ୟଙ୍କ ଲାଗି ଏକ ଅଫିସ ଘର କରାଯାଉ। ସେମାନଙ୍କୁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ସହିତ ସ୍ୱାସ୍ଥ୍ୟବୀମା ମଧ୍ୟ କରାଯାଉ ବୋଲି ରାଜ୍ୟସ୍ତରୀୟ ସମିତି ସଭ୍ୟମାନଙ୍କ ବୈଠକରେ ଆଲୋଚନା ହୋଇଛି। ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ଏହି ବୈଠକରେ ସମିତି ସଭ୍ୟମାନଙ୍କ ୧୦ ଦଫା ଦାବି ନେଇ ଆଲୋଚନା ହେବା ସହିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ମାସରେ ଦେବା ଲାଗି ନିଷ୍ପତ୍ତି ହୋଇଛି। ଯଦି ଏହାପରେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ରାଜ୍ୟର ସମସ୍ତ ସମିତି ସଭ୍ୟ ଅହିଂସା ଉପାୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୂଚନା ମିଳିଛି। ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡିଛି, ସାମ୍ବିଧାନିକ ନିୟମ ଅନୁସାରେ ପଞ୍ଚାୟତିରାଜ ବିଭାଗରେ ଜଣେ ସରପଞ୍ଚଙ୍କ ଭଳି ଜଣେ ସମିତି ସଭ୍ୟ ମଧ୍ୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହେଉଛନ୍ତି। ହେଲେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦ ପାଇଁ ହେଉଥିବା ନିର୍ବାଚନ ସରିଯିବା ପରେ ସମିତିସଭ୍ୟମାନଙ୍କୁ ଆଉ କୌଣସି ପ୍ରକାର କାର୍ଯ୍ୟରେ ଗୁରୁତ୍ୱ ଦିଆଯାଉନାହିଁ। ବ୍ଲକ ପ୍ରଶାସନ ହେଉ କିମ୍ବା ଅଧ୍ୟକ୍ଷ/ଅଧ୍ୟକ୍ଷା ହୁଅନ୍ତୁ ସମ୍ପୂର୍ଣ୍ଣ ଅଣଦେଖା କରି ସମିତିସଭ୍ୟମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଉଛି। ବୈଠକରେ କିଛି ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ମଞ୍ଚାସୀନ ହୋଇଥିବା ବେଳେ ସମିତିସଭ୍ୟ/ସଭ୍ୟା ମାନେ ବୈଠକରେ ଉପସ୍ଥିତ ଥିଲେ। ଏହାପରେ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ମତାମତ ଅନୁସାରେ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି।

# ବାସୁଦେବଙ୍କ ଚିତ୍ରକଳାରେ ବୃକ୍ଷ–ମାନବର ସମ୍ପର୍କ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)



ଏକକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ରାଜ୍ୟ ସଂଗ୍ରହାଳୟ ଓ ଆର୍ଟିଷ୍ଟ ମାଇଣ୍ଡଜର ମିଳିତ ସହଯୋଗରେ ରାଜ୍ୟ ସଂଗ୍ରହାଳୟର ପ୍ରଦର୍ଶନୀ କକ୍ଷରେ ଭାରତର ପ୍ରସିଦ୍ଧ ଚିତ୍ରଶିଳ୍ପୀ ଏସ.ଜି.ବାସୁଦେବଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ଫୁଲ, ପକ୍ଷୀ, ମନୁଷ୍ୟ, ବୃକ୍ଷର ବିଭିନ୍ନ ଦିଗକୁ ନେଇ ଚିତ୍ର ପ୍ରଦର୍ଶିତ ହୋଇଛି। ବିଶେଷକରି ବୃକ୍ଷ ସହିତ ମାନବର ସମ୍ପର୍କକୁ ଚିତ୍ରକଳା ପ୍ରଦର୍ଶନୀରେ ଦର୍ଶାଯାଇଛି। ଏତଦ୍‌ବ୍ୟତୀତ ଚିତ୍ରକଳା ମଧ୍ୟ ଭାରତର ପୌରାଣିକ ଆଦର୍ଶ ଏବଂ ମାନବ ସଭ୍ୟତା ଉପରେ ଆଧାରିତ। ଏହି କଳାକୃତି ପାଇଁ ବାସୁଦେବ ବହୁ ପୁରସ୍କାର ପାଇଛନ୍ତି। କଳାକ୍ଷେତ୍ର ଚୋଳମଣ୍ଡଳ ଗ୍ରାମର ସେ ପ୍ରତିଷ୍ଠାତା ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟରେ ଭିଜୁଆଲ ଆର୍ଟ ବିଭାଗ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ। ଏହା ୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ।

# ଗ୍ଲୋବାଲ ଏଜୁକେଶନ ଏକ୍ସପୋ ଆଣ୍ଡ୍ କନ୍‌କ୍ଲେଭ ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୬(ଅନୁରାଧା ମହାରଣା): ଆଫାୟାର୍ସ ଓ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆଇସିସି ଗ୍ଲୋବାଲ ଏଜୁକେଶନ ଏକ୍ସପୋ ଆଣ୍ଡ୍ କନ୍‌କ୍ଲେଭ ରବିବାର ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଛି। ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ମେୟର ସୁଲୋଚନା ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଦୁଇଦିନିଆ କନ୍‌କ୍ଲେଭରେ ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିବାବେଳେ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେ.ବି, ପାଣି, ପରିଷଦ ଉପାଧ୍ୟକ୍ଷ ରାଜୀବ ସାହୁ, ଡେପୁଟି ଡାଇରେକ୍ଟର ତଥା ଆଞ୍ଚଳିକ ମୁଖ୍ୟ ଜ୍ୟୋତିପ୍ରକାଶ ପାଲ, ଆଇସିସି କୌଶଳ ଓ ଶିକ୍ଷା କମିଟି ଆବାହକ ଡ. ଚିଦାତ୍ମିକା ଖଟୁଆ, ଆଇସିସି ଦକ୍ଷତା ଏବଂ ଶିକ୍ଷା କମିଟିର ସହ–ଆବାହକ ସିକତା ଦାସ, ଆଫାୟାର୍ସର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସଞ୍ଜୀବ ବଳିୟା ପ୍ରମୁଖ ଉପସ୍ଥିତ ଥିଲେ।

# ସିଡ୍‌ସ ବଲ୍‌ରେ ଜଙ୍ଗଲ ହେବ ସବୁଜିମା




ପୁରୁଣା ଭୁବନେଶ୍ୱର,୧୮।୬ (ସୁବାସ ଚନ୍ଦ୍ର ପ୍ରଧାନ)

ଦିନକୁ ଦିନ ମାନବୀୟ ହସ୍ତକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସବୁଜିମା ଉଜୁଡ଼ି ଯାଉଛି। ତେବେ ଉଜୁଡି ଯାଇଥିବା ଜଙ୍ଗଲର ସବୁଜିମାକୁ ଫେରାଇ ଆଣିବା ପାଇଁ ଭୁବନେଶ୍ୱର ଉପକଣ୍ଠ ହରିଡ଼ାମଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗିନୀମାନେ ଆଗେଇ ଆସିଛନ୍ତି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ରାଜଯୋଗିନୀମାନେ ମାଟି, ଜୈବିକ ସାର ସହିତ ତେନ୍ତୁଳି, ଅଁଳା ଆଦି ମଞ୍ଜିକୁ ଗୋଳାଇ ପାଖାପାଖି ୧ହଜାରରୁ ଊର୍ଦ୍ଧ୍ୱ ବିହନପେଣ୍ଡୁ ଅର୍ଥାତ୍ ସିଡ୍‌ସବଲ୍ ତିଆରି କରିଛନ୍ତି। ଏହି ବିହନ ପିଣ୍ଡୁଳାଗୁଡ଼ିକ ଆଖପାଖରେ ଥିବା ଜଙ୍ଗଲର ଟାଙ୍ଗରା ଭୂଇଁରେ ପକାଯିବ। ଏହି ପ୍ରକ୍ରିୟା ମାଧ୍ୟମରେ ୫୦ପ୍ରତିଶତ ଗଛ ସୃଷ୍ଟି ହୋଇପାରିଥାଏ। ବର୍ଷାଋତୁରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କମ୍ ସମୟରେ ପ୍ରଭାବୀ ବନୀକରଣ ସୃଷ୍ଟି ହେବା ସହ ଅନେକଙ୍କ ଜୀବିକା ସୁଦୃଢ଼ ହୋଇପାରିବ ଏବଂ ବନ୍ୟଜନ୍ତୁଙ୍କ ଖାଦ୍ୟ ଅଭାବ ଦୂର ହୋଇପାରିବ ବୋଲି ସୁଶାନ୍ତ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜଯୋଗିନୀ ବିକେ ଲିନା ଭଉଣୀ କହିଥିଲେ, ପରିବେଶ ବଞ୍ଚିଲେ ସଭିଏଁ ବଞ୍ଚିବା। କମ୍ ଖର୍ଚ୍ଚରେ ଏଭଳି ପ୍ରଭାବୀ ବନୀକରଣ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ସନ୍ତୋଷୀ ଜୈନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ୍, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ଆଜି ସରିବ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ



ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ ଚଳଚ୍ଚିତ୍ର ଦେଖୁଛନ୍ତି।

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବକୁଳ ଫାଉଣ୍ଡେଶନ ପକ୍ଷରୁ ଜୁନ୍ ୧୩ରୁ ଆରମ୍ଭ ହୋଇଥିବା ୭ଦିନିଆ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ସୋମବାର ଶେଷ ହେଉଛି। ଦେଶବିଦେଶର ଚଳଚ୍ଚିତ୍ର ଦେଖିବାକୁ ପିଲାଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କ ସହ ଅଭିଭାବକ ମଧ୍ୟ ସାମିଲ ହେଉଛନ୍ତି। ଭୁବନେଶ୍ୱରସ୍ଥିତ ଫାଉଣ୍ଡେଶନ ପରିସରରେ ଚାଲିଥିବା ଏହି ଉତ୍ସବରେ ୬ଟାରୁ ୮ଟା ପର୍ଯ୍ୟନ୍ତ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଥିବାବେଳେ ଏଥିରୁ ସେମାନେ ବହୁତ କିଛି ଶିଖି ପାରୁଛନ୍ତି। ରବିବାର ବିଶିଷ୍ଟ ନିର୍ଦ୍ଦେଶକ ମୀରା ନାୟାରଙ୍କ ବହୁ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ରାଣୀ ଅଫ୍ କାଟ୍‌ୱେ' ପ୍ରଦର୍ଶିତ ହୋଇଥିଲା। ଏହି ଚଳଚ୍ଚିତ୍ରଟି ଆଫ୍ରିକାର ଉଗାଣ୍ଡାରୁ ଆସିଥିବା ଜଣେ ଦକ୍ଷ ଚେସ୍ ଖେଳାଳୀଙ୍କ ଉପରେ ପ୍ରସ୍ତୁତ ବାୟୋପିକ୍। ଏହା ଏକ ପ୍ରେରଣାଦାୟକ ଓ ଉତ୍ସାହଜନକ କାହାଣୀ। ବିଭିନ୍ନ ସମସ୍ୟା ଭିତରେ ସେ କିଭଳି ଆଗକୁ ବଢିଥିଲେ ତାହା ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ସୋମବାର ଶେଷ ଦିନରେ ଫ୍ରାନ୍ସର ଚଳଚ୍ଚିତ୍ର 'ରେଡ୍ ଟର୍ଟଲ' ପ୍ରଦର୍ଶିତ ହେବ।

ଫାଉଣ୍ଡେଶନର ସୂଚନାନୁସାରେ, ଚଳଚ୍ଚିତ୍ର ଦେଖିବାକୁ ପ୍ରତ୍ୟେକ ଦିନ ସକାଳ ୫ଟାରୁ ପିଲାମାନେ ପହଞ୍ଚିଯାଉଛନ୍ତି। ଭାରତ, ଉରୁଗୁଏ, ଇରାନ, ଜାପାନ, ୟୁଏସ୍ଏ, ଉଗାଣ୍ଡା ଓ ଫ୍ରାନ୍ସର ପ୍ରମୁଖ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଛି। ଏହି ମହୋତ୍ସବରେ ପ୍ରଥମ ଦିନ ଭାରତର 'କରାମାଟୀ କୋଟ' ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଫାଉଣ୍ଡେଶନର ଦୁଇଜଣ ଯୁବ ସ୍ୱେଚ୍ଛାସେବୀ ସୌଭାଗ୍ୟ ବେଉରା ଓ ତନିଶା ଅଗ୍ରୱାଲଙ୍କ ଦ୍ୱାରା ଚଳଚ୍ଚିତ୍ର ମହୋତ୍ସବ ଆୟୋଜିତ ହୋଇଛି। ଏ ସମ୍ପର୍କରେ ସୌଭଗ୍ୟ କହିଛନ୍ତି, ଏମିତି କିଛି ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଉଛି, ଯାହା ପିଲାମାନଙ୍କୁ କ୍ରିଏଟିଭ କରିବାରେ ସହାୟକ ହେବ। ସେମାନେ ମଧ୍ୟ ଚଳଚ୍ଚିତ୍ରକୁ ଉପଭୋଗ କରୁଛନ୍ତି। ଚଳଚ୍ଚିତ୍ରଗୁଡ଼ିକରେ ଇଂଲିଶ ସବ୍‌ଟାଇଟଲ ବ୍ୟବହାର କରାଯାଉଛି। ଏହା ସେମାନଙ୍କୁ ବିଝିବାରେ ମଧ୍ୟ ସହାୟକ ହେଉଛି।

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)

ପ୍ରିୟ ଗ୍ରାହକ ବନ୍ଧୁ,

ଆମେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ସମ୍ମୁଖୀନ ହେଉଛୁ ଯାହା ଫଳରେ ସ୍ୱାଭାବିକ ତାପମାତ୍ରା ତୁଳନାରେ ବର୍ତ୍ତମାନର ତାପମାତ୍ରା ବୃଦ୍ଧି ପାଇଛି। କେନ୍ଦ୍ରୀୟ ଓଡିଶା ର ବିଦ୍ୟୁତ ଶକ୍ତି ଚାହିଦା ୨୦୨୫ ମେଗାୱାଟ୍ ରୁ ଅଧିକ ହେଉଛି।

ଏହି ପରିସ୍ଥିତିରେ ଆମେ ଗ୍ରାହକମାନଙ୍କୁ ଅନୁରୋଧ କରୁଛୁ କି ସେମାନେ ଦାୟିତ୍ୱବାନ ହୋଇ ଆବଶ୍ୟକତା ଏବଂ ଅନୁମତି ପ୍ରାପ୍ତ ଲୋଡ୍ ଲେଭୁଲ୍ ଅନୁଯାୟୀ ବିଦ୍ୟୁତ ଶକ୍ତି ବ୍ୟବହାର କରନ୍ତୁ। ଏହାଦ୍ୱାରା ଅଧିକ ବିଦ୍ୟୁତ୍ ଶକ୍ତି (ଓଭରଲୋଡ୍) ବ୍ୟବହାର ଜନିତ ଅସୁବିଧାକୁ ଦୂର କରାଯାଇ ପାରିବ ଏବଂ ବିଦ୍ୟୁତ ଯୋଗାଣ ନେଟ୍‌ୱାର୍କକୁ ଦୃଢ ଏବଂ ସ୍ଥିର କରିବା ସହ ନିୟମିତ ଭାବେ ସମସ୍ତଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦିଆଯାଇ ପାରିବ।

ବିନମ୍ରତାର ସହିତ ଅନୁରୋଧ କରୁଛୁ ଯେ, ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ମିଳିଲେ ଆମେ ଉତ୍ତମ ମାନର ସେବା ଯୋଗାଇ ଦେବାକୁ ସକ୍ଷମ ହୋଇପାରିବୁ।

## ସଂକ୍ଷେପରେ

### ବିଲରେ ପଡ଼ି ୫ ଛେଳି ମୃତ
#### ବିଷମିଶା ପାଣି ପିଇଥିବା ଅଭିଯୋଗ

ନିଶ୍ଚିନ୍ତକୋଇଲି, ୧୮।୬(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ୍ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମରେ ଦୁଇ ଗରିବ ପରିବାରର ୫ଟି ଛେଳିଙ୍କ ବିଲରେ ପଡ଼ି ମୃତ୍ୟୁ ହୋଇଛି। ସକାଳେ ଅଣସରପୁର ଗ୍ରାମର ମହେନ୍ଦ୍ର ବେହେରାଙ୍କ ସ୍ତ୍ରୀ କମଳା ଓ ଲକ୍ଷ୍ମଣ ମଳିକ ତାଙ୍କ ଛେଳିଗୁଡ଼ିକୁ ଚରାଇବା ନିମନ୍ତେ ବିଲକୁ ଯାଇଥିଲେ। କମଳା ଓ ଲକ୍ଷ୍ମଣ କିଛି ଛେଳିକୁ ବିଲରେ ବାନ୍ଧି ଦେଇଥିଲାବେଳେ ଆଉ କିଛିଙ୍କୁ ଛାଡ଼ି ଦେଇଥିଲେ। ବିଲ ଫାଙ୍କା ଥିବାରୁ ଛେଳିପଲ ଚରାବୁଲା କରୁଥିଲେ। କମଳା ଜଳଖିଆ ଖାଇବା ନିମନ୍ତେ ଘରକୁ ଆସିଥିଲେ। ୧୦ ମିନିଟ ପରେ ଛେଳିଙ୍କ ନିକଟକୁ ଗଲାବେଳକୁ କେତେକ ଛେଳି ବିଲରେ ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ଏପରି କି ଘଟଣାସ୍ଥଳରେ କମଳାଙ୍କ ୪ଟି ଓ ଲକ୍ଷ୍ମଣଙ୍କ ଗୋଟିଏ ଛେଳି ମରି ଯାଇଥିଲେ। କେହି ଦୁର୍ବୃତ୍ତ ଛେଳିଙ୍କୁ ମାରିବାକୁ ଯୋଜନାବଦ୍ଧଭାବେ ପାଣିରେ ବିଷ ପକାଇ ଦେଇଥିଲେ। ଏହି ବିଷ ମିଶା ପାଣି ପିଇ ଛେଳି ମରିଥିବା ଉଭୟେ ଅଭିଯୋଗ କରିଛନ୍ତି। ମୃତ ଛେଳିଗୁଡ଼ିକଙ୍କ ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି।

### ଭଲିବଲ୍: କୁରାଇଲୋ ଚାମ୍ପିୟନ

ମାଣିଆବନ୍ଧ, ୧୮।୬ (ଅଖିଳ କୁମାର ସାହୁ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ହାଟପଡ଼ିଆଠାରେ ଚାଲିଥିବା ୧୩ତମ ବିମଳାନନ୍ଦ ଦାଶ ସ୍ମାରକୀ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଣିଆବନ୍ଧ କ୍ଲବ ଅଫ୍ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ ସମ୍ମାନିତ ଅତିଥି, ମାଣିଆବନ୍ଧ ମହାବିଦ୍ୟାଳୟ ଅଧକ୍ଷ ବିଜୟ ପରିଡା, ଅଧାପକ ଶ୍ରୀନିବାସ ବେଉରା, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କୁରାଇଲୋ ଓ ପିସି ୱାରିଅର୍ସ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କୁରାଇଲୋ ଟିମ୍ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମକୁ ଟ୍ରଫି ସହ ୩ହଜାର ଟଙ୍କା ଏବଂ ରନର ଅପ୍‌କୁ ୨ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଶିବାନନ୍ଦ ପାଳ, ପ୍ରଦ୍ୟୁମ୍ନ ସାହୁ, ହରିଚନ୍ଦନ ସାହୁ, ପ୍ରଶାନ୍ତ ସାହୁ, କୁନା ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିଜୋରିର ନାଳ ମୁହଁରେ ନିର୍ମିତ ଚେକ୍‌ଡ୍ୟାମକୁ ଭଙ୍ଗାଗଲା

## ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିଲା

ବଡ଼ମ୍ବା, ୧୮।୬(ମାୟାଧର ମଲ୍ଲିକ)

ବଡ଼ମ୍ବା ବାଲିଜୋରି ଓ ସିଆରିଆ ନାଳରୁ ବର୍ଷା ଜଳ ନିଷ୍କାସନ ହେବା ପାଇଁ ଜଳସେଚନ ବିଭାଗ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବାଲିଜୋରିର ନାଳ ମୁହଁରେ ନିର୍ମିତ ଚେକ୍‌ଡ୍ୟାମକୁ ସମ୍ପୂର୍ଣ୍ଣ ଭଙ୍ଗାଯାଉଛି। ଏଥିସହ ସିଆରିଆ ମୁହଁରେ ରହିଥିବା ମୁହାଁଣକୁ ଲାଗି ଅନ୍ୟ ଏକ ମୁହାଁଣର ଓସାର କାର୍ଯ୍ୟ ଚାଲିଛି। ସୂଚନାଯୋଗ୍ୟ, ବଡ଼ମ୍ବା ଅଞ୍ଚଳର ଶଙ୍ଖାମେରୀ, କନ୍ତପଡ଼ା, ଦେଉଳି, ଗୋପମଥୁରା, ମଙ୍ଗରାଜପୁର, ଝାଜିଆ, ବିଶ୍ୱମ୍ଭରପୁର, ବୃନ୍ଦାବନପୁର, ଗଡ଼ାପୋଖରୀ ଦେଇ ବାଲିଜୋରି ଓ ସିଆରିଆ ନାଳ ପ୍ରବାହିତ ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ କାଳକ୍ରମେ ଏହା ପୋତି ହେବାରେ ଲାଗିଛି।



ଚେକଡ୍ୟାମ ଭଙ୍ଗାଯିବା ସହ ମୁହାଁଣ ଓସାର କାର୍ଯ୍ୟ ଚାଲିଛି।

ଏଥିସହ ଉଭୟ ନାଳର ବିଭିନ୍ନ ସ୍ଥାନରେ ଅନାବଶ୍ୟକ ଚେକଡ୍ୟାମ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଫଳରେ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନପାରି ଅନେକ ଏକର ଜମି ବହୁ ମାସ ଧରି ଜଳମଗ୍ନ ହୋଇ ରହୁଥିଲା। ଏନେଇ ଶଙ୍ଖାମେରୀ ଗ୍ରାମର ସାମାଜିକ କର୍ମୀ ତଥା ଚାଷୀ ପ୍ରମୋଦ କୁମାର ବିଶ୍ୱାଳ, ମାନସ ମୁଦୁଲି, ପ୍ରାଣବନ୍ଧୁ ନାୟକ, ଭିକାରି ପାଣି, ଦିଲୀପ କୁମାର ବେହେରା, ଗୋବର୍ଦ୍ଧନ ସାମନ୍ତରାୟ, କୃପାସିନ୍ଧୁ ପଲ୍ଲାଉଙ୍କ ସମେତ ବହୁ ଚାଷୀ ଜିଲାପାଳ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏସମ୍ପର୍କରେ ସୂଚନା ପାଇବା ପରେ ଜଳ ସେଚନ ବିଭାଗ ଯନ୍ତ୍ରୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଜଳ ନିଷ୍କାସନ ଲାଗି ତ୍ୱରିତ ପଦେକ୍ଷେପ ନେବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ୨ ସପ୍ତାହ ପୂର୍ବେ 'ଧରିତ୍ରୀ' ଓ ଅନ୍ୟ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ତରଫରୁ ଶନିବାରଠାରୁ ଏନେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ସମୟରେ ପ୍ରମୋଦ କୁମାର ବିଶ୍ୱାଳ, ମାନସ ମୁଦୁଲି, ରବି ସ୍ୱାଇଁ ଓ କାଠିଆ ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ତୁଳସୀ କାଠିରେ ଛୋଟ ରଥ

କଟକ ଅଫିସ, ୧୮।୬
(ସୁପ୍ରିୟା ପ୍ରିୟଦର୍ଶିନୀ)

ରଥଯାତ୍ରା ଉପଲକ୍ଷେ କଟକ ରାଜାବଗିଚା ଅଞ୍ଚଳର ସ୍ମୃତିରଞ୍ଜନ ମହାନ୍ତି ନାମକ ଜଣେ ଯୁବକ ତୁଳସୀ କାଠିରେ କୁନି ରଥ ତିଆରି କରିଛନ୍ତି। ସୁବାସ ମହାନ୍ତି ଓ ଅଳକା ମହାନ୍ତିଙ୍କ ପୁଅ ସ୍ମୃତିରଞ୍ଜନଙ୍କୁ ଏହି ରଥ ତିଆରି କରିବା ପାଇଁ ଗୋଟିଏ ଦିନ ଲଗିଥିଲା। ସେ ପ୍ରଥମେ ଶୁଖିଲା ତୁଳସୀ ଗଛରୁ କିଛି କାଠି ସଂଗ୍ରହ କରିଥିଲେ। ତାହାକୁ ଛୋଟ ଛୋଟ କରି କାଟିବା ପରେ ଅଠା ସାହାଯ୍ୟରେ ଯୋଡ଼ି ରଥ ଆକୃତି ଦେଇଥିଲେ। ଏହାପରେ ସେଥିରେ ରଙ୍ଗ ଦେଇ ନନ୍ଦିଘୋଷ ରଥ ପ୍ରସ୍ତୁତ କରିଥିଲେ। ଏହି ରଥର ଉଚ୍ଚତା ୨.୧ ସେଣ୍ଟିମିଟର ହୋଇଥିବାବେଳେ ଏହା ବିଶ୍ୱର ସବୁଠୁ ଛୋଟ ରଥ ବୋଲି ସେ ଦାବି କରିଛନ୍ତି। ଏନେଇ ସ୍ମୃତିରଞ୍ଜନ କହିଛନ୍ତି, ପ୍ରତିବର୍ଷ ରଥଯାତ୍ରା ଆସିଲେ କିଛି ନୂଆ ଏବଂ ନିଆରା କରିବାକୁ ଇଚ୍ଛା ହୋଇଥାଏ। ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରଥ ପ୍ରସ୍ତୁତ କରିବା ପାଇଁ ଇଚ୍ଛା ହୋଇଥିଲା। ଏଥିପାଇଁ ପୂର୍ବରୁ ମୁଁ ରିସର୍ଚ୍ଚ କରିଥିଲି। ଆଜିପର୍ଯ୍ୟନ୍ତ କେହି ବି ତୁଳସୀ କାଠିରେ ପାଖାପାଖି ୧ ଇଞ୍ଚର ରଥ ପ୍ରସ୍ତୁତ କରିନାହାନ୍ତି। ସେଥିପାଇଁ ତୁଳସୀ କାଠିରେ ନିର୍ମିତ ଏହି ରଥ ବିଶ୍ୱର ସବୁଠାରୁ ଛୋଟ ବୋଲି ସେ କହିଛନ୍ତି।



ତୁଳସୀ କାଠିରେ ନିର୍ମିତ ରଥ।

# ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, ୧୮।୬
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନେମାଳ ଥାନା ଅଞ୍ଚଳର ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କ ଉପରକୁ ରବିବାର ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଅସିତ କୁମାର ସାମଲ। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ବନ୍ଧକାଟିଆ ପଞ୍ଚାୟତ ମସ୍ତରା ମଠ ନିକଟରେ ବେଆଇନଭାବେ ଜେସିବି ମାଧ୍ୟମରେ ମାଟି ଖୋଳଯାଇ ବିକ୍ରି ହେଉଥିବା ସୂଚନା ପାଇ ଅସିତ୍ ୨ଜଣ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରେ ମାଟି ଖନନର ଫଟୋ ଉତ୍ତୋଳନ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଅସିତଙ୍କ ଉପରକୁ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କ କାନମୁଣ୍ଡାରେ ଓ ମୁଣ୍ଡରେ ଆଘାତ ଲାଗିଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଫେରିବା ପରେ ଅସିତ ନେମାଳ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୯୨/୨୩) ରୁଜୁ କରାଯାଇଛି। ଅପରପକ୍ଷେ ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ଅସିତଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୯୩/୨୩) ରୁଜୁ କରାଯାଇଥିବା ସବ୍‌ଇନ୍ସପେକ୍ଟର ଗୌରାଙ୍ଗ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଚିନି ଶିଳ୍ପର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନାଲି ପତାକା ଲାଗିଲା

## ବ୍ୟାଙ୍କ ପକ୍ଷରୁ ଇସ୍ତାହାର ଜାରି



ଚିନିଶିଳ୍ପ ବାଜ୍ୟାପ୍ତି ପାଇଁ ନାଲିପତକା ଲାଗିଛି।

ବଡ଼ମ୍ବା, ୧୮।୬(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳ ଠାରେ ଥିବା ଚିନି ଶିଳ୍ପରେ ନାଲି ପତାକା ଲାଗିଲା। ଏହି ଶିଳ୍ପର ସମ୍ପତ୍ତି ବାଜ୍ୟାପ୍ତି (କ୍ରୋକ୍) ପାଇଁ ଉକ୍ତ ନାଲି ପତକା ଲାଗିବା ସହ ଏ ସମ୍ବନ୍ଧୀୟ ଏକ ଇସ୍ତାହାର ଶନିବାର ଜାରି କରାଯାଇଥିବା ପ୍ରକାଶ ପାଇଛି। ଏହି ନାଲି ପତାକା ଓ ଇସ୍ତାହାର ୟୁନିୟନ ବ୍ୟାଙ୍କ ତରଫରୁ ଲଗାଇଥିବା ଜଣାଯାଇଛି। ପ୍ରକାଶଯୋଗ୍ୟ, କଟକ ଜିଲାର ବଡ଼ମ୍ବାସ୍ଥିତ ସୁନାପାଳଠାରେ ସମବାୟ ଚିନି ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ଏହାଦ୍ୱାରା ବହୁ ଚାଷୀ ଉପକୃତ ହେଉଥିଲେ। କିଛି ବର୍ଷ ପରେ ଚିନି ଶିଳ୍ପ କ୍ଷତିରେ ଚାଲୁଥିବା ନେଇ ଏହାକୁ ଏକ ଘରୋଇ ସଂସ୍ଥାକୁ ବିକ୍ରି କରି ଦିଆଯାଇଥିଲା। ସମ୍ପୃକ୍ତ କମ୍ପାନୀ ଏହାକୁ ଠିକ ଭାବେ ଚଳାଇପାରି ନ ଥିଲା। ଅପରପକ୍ଷେ ଏହି ଶିଳ୍ପ ଉପରେ ୟୁନିଅନ ବ୍ୟାଙ୍କରୁ ବହୁ କୋଟି ଟଙ୍କା ଋଣ ନିଆଯାଇଛି। ମାତ୍ର ପରିଶୋଧ କରି ପାରି ନ ଥିବା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଉକ୍ତ ଶିଳ୍ପ ନ ଚାଲି ଅଚଳ ହୋଇ ପଡିଛି। ଇତି ମଧ୍ୟରେ ଶିଳ୍ପ ମଧ୍ୟରୁ ଏହାର ଅନେକ ଯନ୍ତ୍ରାଂଶ ଓ ଆସବାବପତ୍ର ଚୋରି ହୋଇଯାଇଛି। ଏହି ଘଟଣାକୁ ନେଇ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ସମ୍ପର୍କିତ ମକଦ୍ଦମା ମଧ୍ୟ ହୋଇଥିବା ସୂଚନା ମିଳିଛି। ମାତ୍ର ଋଣ ଟଙ୍କା ଆଦାୟ ପାଇଁ ବହୁବାର ଚେଷ୍ଟା କରି ବ୍ୟାଙ୍କ କର୍ତ୍ତୃପକ୍ଷ ଅସଫଳ ହୋଇଛନ୍ତି। ଏପରିକି ନିକଟରେ ଏହାର ଚଳନ୍ତି ସମ୍ପତ୍ତି ନିଲାମ ପାଇଁ ବ୍ୟାଙ୍କ ତରଫରୁ ନୋଟିସ ଜାରି ହୋଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ବ୍ୟାଙ୍କ ତରଫରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ ପାଇଛି। ଜାରି କରାଯାଇଥିବା ଇସ୍ତାହାର ମୁତାବକ ସମ୍ପୃକ୍ତ କମ୍ପାନୀ ୩୬୯ କୋଟିରୁ ଊର୍ଦ୍ଧ୍ୱ ଋଣ ଟଙ୍କା ପରିଶୋଧ କରି ନାହିଁ । ଫଳରେ ଋଣ ଟଙ୍କା ଆଦାୟ ପାଇଁ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଓ କଟକସ୍ଥିତ ଅସୁଲ ଅଧିକାରୀ, ଋଣ ଅସୁଲ ପ୍ରାଧିକରଣଙ୍କ ଆଶ୍ରୟ ନେଇଥିଲେ। ଏହାପରେ ଆରପି. କେସ୍ ନମ୍ବର -୩୧୧/୨୦୨୦ରେ ଜାରି ଇସ୍ତାହାର ଓ ଋଣ ଅସୁଲ ପ୍ରାଧିକରଣ, କଟକଙ୍କ ଆଦେଶ ମୁତାବକ କମ୍ପାନୀ ବନ୍ଧକ ଦେଇଥିବା ସମ୍ପତି ବାଜ୍ୟାପ୍ତି କରାଯିବା ସହ କୌଣସି ବ୍ୟକ୍ତି ଉକ୍ତ ସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ ନାହିଁ। ଏନେଇ ଜାରି ହୋଇଥିବା ଇସ୍ତାହାରରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ି ରହିଥିବା ଉକ୍ତ ଚିନି ଶିଳ୍ପକୁ କେଉଁ ଆଧାରରେ ଏତେ ଟଙ୍କା ଋଣ ଦିଆଯାଇଥିଲା। ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

# ଗୋପବନ୍ଧୁ ଥିଲେ ତ୍ୟାଗ, ସେବାର ପ୍ରତୀକ



ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

ବାଙ୍କୀ/ସାଲେପୁର/ଚୌଦ୍ୱାର, ୧୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଅରବିନ୍ଦ ଭୂୟାଁ/ ଆଶୁତୋଷ ଦାସ)୧୮।୬:

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୯୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ସଭାପତି କବି ସୁନୀଲ୍ କୁମାର ମିଶ୍ର ବୈଦିକ ରୀତିରେ ତିଳତର୍ପଣ କରି ପିଣ୍ଡଦାନ କରିଥିଲେ। ପଣ୍ଡିତ ନୃସିଂହ ଚରଣ ଦାଶ ହୋମଯଜ୍ଞ ସମ୍ପାଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ତରଫରୁ ପଶ୍ଚିମ ବାଙ୍କୀ ଉନ୍ନୟନ ପରିଷଦର ସଭାପତି ପ୍ରଦ୍ୟୁମ୍ନ ସୁବୁଦ୍ଧିଙ୍କୁ 'ବିଶ୍ୱମଣି ପଣ୍ଡିତ ଗୋପବନ୍ଧୁ ସ୍ମୃତିସମ୍ମାନ'ରେ ସମ୍ମାନିତ କରଯିବା ସହ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବରପୁଟ ଗ୍ରାମ ପଞ୍ଚାୟତ ସରପଞ୍ଚ ପଣ୍ଡିତ ଅଶୋକ କୁମାର ମିଶ୍ର ଯୋଗଦେଇ ଗୋପବନ୍ଧୁଙ୍କ ସେବାମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରି ସେ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବେରଣା ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ସମ୍ପର୍କ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ କବି ରବିନାରାୟଣ ମଙ୍ଗରାଜ, ମହାବେରଣା ଉନ୍ନୟନ ପରିଷଦର ଅଧକ୍ଷ କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଓ ମହାବେରଣା କ୍ଲବ ସମ୍ପାଦକ ସଦାଶିବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଙ୍କୀ ଉପଜିଲାପାଳ କାର୍ଯ୍ୟାଳୟ ଓ ବି.କେ.ବିଦ୍ୟାପୀଠ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ସାଲେପୁରରେ ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ କୁମାର ଦାଶଙ୍କ ସଂଯୋଜନାରେ ସାଲେପୁର ହାଇସ୍କୁଲ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିସହ ସେଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଜବାହରଲାଲ୍ ନେହେରୁ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ନିଖିଳେଶ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାରସ୍ୱତ ସମାରୋହ ସମିତିର ସମ୍ପାଦକ ପୂର୍ବତନ ବରିଷ୍ଠ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ସାଲେପୁର ହାଇସ୍କୁଲର ବରିଷ୍ଠ ଶିକ୍ଷକ କମଳାକାନ୍ତ ମୁଦୁଲି, ବିଦ୍ୟୁତ୍ ଶ୍ରମିକ ସଂଘର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ସାଲେପୁର ହାଇସ୍କୁଲ ଏନ୍‌ସିସି ଅଫିସର ଶ୍ରୀକାନ୍ତ ପରିଡ଼ା, ଆମେସବୁ ସାଲେପୁରର ଅଧ୍ୟକ୍ଷ ସମ୍ବିତ୍ ଦାସ, ସାଲେପୁର କଲେଜ ପୂର୍ବତନ ସଭାପତି ହେମନ୍ତ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ହାଇସ୍କୁଲ ପକ୍ଷରୁ ମଧ୍ୟ ପୁଷ୍ପମାଲ୍ୟ ଓ ଧୂପ ଦିଆଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।

ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଟିଏମ୍ ପରିବା ବଜାରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବୈଷ୍ଣବ ଚରଣ ପ୍ରଧାନ, ଶିବ ପ୍ରସାଦ ପତି, ମାନସ ରଞ୍ଜନ ସାମଲ, ନାରାୟଣ ସ୍ୱାଇଁ, ନିକୁଞ୍ଜ ପଣ୍ଡା, ମନ୍ମଥ କୁମାର ସାହୁ, କେ.ସି. ପ୍ରତାପସିଂହ, ପବିତ୍ର ମୋହନ ସାହୁ, ଗଙ୍ଗାଧର ସାହୁ, ପ୍ରତାପ ଜେନା, ବୁବୁ ମହାନ୍ତି ପ୍ରମୁଖ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ। ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଦେଇଥିଲେ। ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ମୁଖ୍ୟ ମାନସ କୁମାର ସାହୁ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇଥିଲେ।



## ୩ ରାଇସ୍ ମିଲ୍ ଉପରେ ଗଡୁଛି ୫ କୋଟି

**ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)**

**୧୦ ବର୍ଷ ପରେ ବି ପଦକ୍ଷେପ ନାହିଁ**

- ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ
- ମିଲ୍‌ଗୁଡ଼ିକର ଅସ୍ତିତ୍ୱ ହଜିଯିବାକୁ ବସିଲାଣି

ଖୋର୍ଦ୍ଧା ଜିଲାର ୩ ରାଇସ୍ ମିଲ୍ ମାଲିକ ଧାନ ବାବଦକୁ ଚାଉଳ ନ ଦେଇ ୫ କୋଟି ଟଙ୍କା ଚଳୁ କରି ଫେରାର ହୋଇଯାଇଛନ୍ତି। ଗତ ୧୧ ବର୍ଷ ହେବ ଏହି ଟଙ୍କା ଆଦାୟ ହୋଇ ପାରିନାହିଁ। ଏଥିପାଇଁ ଚାଷୀମାନେ ଜିଲା ଯୋଗାଣ ବିଭାଗର ଅପାରଗତାକୁ ଦୋଷ ଦେଉଛନ୍ତି। ତେବେ ଯୋଗାଣ ବିଭାଗ ସମ୍ପୃକ୍ତ ମିଲର୍ସଙ୍କୁ କେବଳ ଚିଠି ଲେଖି ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛି। ଅନ୍ୟପଟେ ସମ୍ପ୍ରତି ଏହି ମିଲ୍‌ଗୁଡିକର କୌଣସି ଅସ୍ତିତ୍ୱ ନ ଥିବା ଜଣାପଡ଼ିଛି। ଫଳରେ ସରକାର ୫କୋଟି ଟଙ୍କା ହରାଇବା ଏକପ୍ରକାର ନିଶ୍ଚିତ ହୋଇଛି। ଏହା ଘଟଣା ଜିଲା ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଅଫିସର ବଦଳିଲେ, ତଦନ୍ତ ପ୍ରକ୍ରିୟା ଶିଥିଳ ପଡ଼ିଯାଉଛି।

ପ୍ରକାଶ ଯେ, ପ୍ରତିବର୍ଷ ଧାନ କ୍ରୟ ଲାଗି ପ୍ରଶାସନ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥାଏ। ଟେଣ୍ଡର ମାଧ୍ୟମରେ ମିଲର ଏଥିରେ ସାମିଲ ହୋଇଥାନ୍ତି। ଧାନ ବାବଦକୁ ଚାଉଳ ଯୋଗାଣ ବିଭାଗକୁ ହସ୍ତାନ୍ତର କରିଥାନ୍ତି। ତେବେ ଖୋର୍ଦ୍ଧା ଜିଲାର ୩ ମିଲ୍‌ର ମାଲିକ ଧାନ ବାବଦକୁ ଚାଉଳ ଦେଇନାହାନ୍ତି। ଏ ବାବଦକୁ ମିଲରଙ୍କ ଉପରେ ୫କୋଟି ଟଙ୍କା ଗଡୁଛି। ସୂଚନା ଅନୁଯାୟୀ, ୨୦୧୨-୧୩ ଖରିଫ ଋତୁରେ ସାରୁଅସ୍ଥିତ କଳିଙ୍ଗ ରାଇସ୍ ମିଲ୍ ଉପରେ ଚାଉଳ ବାବଦକୁ ୩ କୋଟି ୩ଲକ୍ଷ ୨୧ ହଜାର ୨୮୨ ଟଙ୍କା ବକେୟା ରହିଛି। ଏହି ମିଲ୍ ପରିତ୍ୟକ୍ତ ଅବସ୍ଥାରେ ରହିଛି। ମିଲ୍ ଯନ୍ତ୍ରାଂଶରେ କଳଙ୍କି ଲାଗିଲାଣି। ଚାରିପଟେ ଲତାବୁଦା ମାଡ଼ିଗଲାଣି। ସେହିପରି ଜଙ୍କିଆସ୍ଥିତ ମା' ବଜରଙ୍ଗୀ ରାଇସ୍ ମିଲ୍ ମାଟିରେ ମିଶିଗଲାଣି। ଏହି ମିଲ୍‌ର ମାଲିକଙ୍କ ଉପରେ ୨୦୧୨-୧୩ ଖରିଫ ଋତୁରେ ୬୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି ପଡ଼ିଛି। ବେଗୁନିଆର ମା' ମଙ୍ଗଳା ଡାଲ୍ ଆଣ୍ଡ୍ ରାଇସ୍ ମିଲ୍ କେଉଁଦିନୁ ବନ୍ଦ ହୋଇପଡ଼ିଛି। ମିଲ୍‌ର ସବୁ ଯନ୍ତ୍ରପାତି ନଷ୍ଟ ହେବାକୁ ବସିଲାଣି। ମିଲ୍‌କୁ ଯିବା ଲାଗି ରାସ୍ତା ବି ନାହିଁ। ଏହି ମିଲ ଉପରେ ୨୦୧୩-୧୪ ଖରିଫ ଋତୁରେ ୧ କୋଟି ୧୫ ଲକ୍ଷ ୨୦ ହଜାର ୭୫୨ ଟଙ୍କା ବକେୟା ପଡ଼ିଛି। ଏଭଳି ଭାବେ ୩ ରାଇସ୍ ମିଲ୍ ମାଲିକ ୫ କୋଟି ଟଙ୍କା ହେରଫେର କରିଛନ୍ତି। ଯୋଗାଣ ବିଭାଗ ନିକଟରେ ଏମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଯୋଗାଣ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତ କରି ଲକ୍ଷାଧିକ ଟଙ୍କା ଉତ୍କୋଚ ଧରାଇ ଉକ୍ତ ମିଲ୍ ମାଲିକମାନେ ଖସିଯାଇଥିବା ଏବେ ଚର୍ଚ୍ଚା ହେଉଛି। ୨୦୧୯ ଅଗଷ୍ଟରେ ଜିଲା ଯୋଗାଣ ବିଭାଗ ସମ୍ପୃକ୍ତ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ଯୋଗାଣ ନିଗମ ମହାପ୍ରବନ୍ଧକଙ୍କ ନିକଟକୁ ଚିଠି ଲେଖିଥିଲେ। ହେଲେ ଅଦ୍ୟାବଧି ଅର୍ଥାତ୍ ୪ବର୍ଷ ପରେ ବି ଫଳ ଶୂନ। ଏ ସମ୍ପର୍କରେ ତତ୍କାଳୀନ ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ କହିଥିଲେ, ବିଭାଗୀୟ ତଦନ୍ତ ଜାରି ରହିଛି। ବିହିତ କାର୍ଯ୍ୟାନୁଷ୍ଠାନ ଲାଗି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ସେହିପରି ଘଟଣାର ଅନୁଧ୍ୟାନ କରାଯାଉଥିବା କହି ରାଜ୍ୟ ଯୋଗାଣ ନିଗମ ଚୁପ୍ ବସିପଡ଼ିଥିଲେ। ତେବେ ସମ୍ପ୍ରତି ଦାୟିତ୍ୱରେ ଥିବା ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ସେଠାରୁ ଯାହା ଆଦେଶ ଆସିବ, କାର୍ଯ୍ୟକାରୀ କରାଯିବ।

**ସଂକ୍ଷେପରେ**

### ଜଳିଲା ବିଦ୍ୟୁତ୍ ତାର, ଲୋକେ ଭୟଭୀତ



**ନିରାକାରପୁର,୧୮।୬(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଥାନା ଅଧୀନ ନିରାକାରପୁରରୁ ଭୂଷଣ୍ଡପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମ ଠାରେ ରାସ୍ତା ଉପରେ ଯାଇଥିବା ବିଦ୍ୟୁତ୍ ତାର ଜଳିବା ସହିତ ବାଣ ଭଳି ଫୁଟିଥିଲା। ପ୍ରାୟ ୩୦ ମିନିଟ୍ ଗୋଟିଏ ଖୁଣ୍ଟରୁ ଆଉ ଏକ ବିଦ୍ୟୁତ୍ ଖୁଣ୍ଟ ଯାଏ ଜଳିଥିଲା। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ସଂଯୋଗ ହୋଇଥିବା ଟ୍ରାନ୍ସଫର୍ମରକୁ ବନ୍ଦ କରି କାର୍ଯ୍ୟ କରିବା ପରେ ବିଦ୍ୟୁତ୍ ସରବରାହ ହୋଇଥିଲା। ତେବେ ବାରମ୍ବାର ବିଦ୍ୟୁତ୍ କଟିବା ସହ ଲୋ-ଭୋଲଟେଜ ରହିଥିଲା। ପ୍ରକାଶ ଯେ, ଦୀର୍ଘବର୍ଷ ହେବ ଖୁଣ୍ଟରେ ଲାଗିଥିବା ଜଏଣ୍ଟ ତାରକୁ ନ ବଦଳାଇବା ଓ ତଦାରଖ ନ କରାଯିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ଅଭିଯୋଗ ହେଉଛି। ଏନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

### ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବାକୁ ଗୁରୁତ୍ୱ

**ଜଟଣୀ,୧୮।୬(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ବ୍ଲକ ଅଧୀନ ପଦନପୁର ପଞ୍ଚାୟତରେ ଚାଷ କାର୍ଯ୍ୟକୁ ନେଇ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦନପୁରସ୍ଥିତ ମୁକ୍ତେଶର ମନ୍ଦିର ପରିସରରେ ଗୋପବନ୍ଧୁ ମହିଳା ଚାଷୀ ଉତ୍ପାଦକ କମ୍ପାନୀ ଜଟଣୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳ ଚନ୍ଦ୍ର ସାହୁ ଅଧକ୍ଷତା କରିଥିବା ବେଳେ ବିଜୟ କେତନ ଜେନା ସଂଯୋଜନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ଉନ୍ନତମାନର ଚାଷ ସହିତ ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ବ୍ୟବହାର କରି ସଫଳ ଚାଷୀ ହୋଇପାରିବେ, ବିଭିନ୍ନ ସମସ୍ୟା ନେଇ ମଧ ସଚେତନ କରାଯଇଥିଲା। ଚାଷୀ ଧନେଶ୍ୱର ବାରିକ, ଶେଖର ମହାରଣା, ଚିନ୍ତାମଣି ମହାରଣା, ଗଣେଶ ମଙ୍ଗରାଜ, ଲକ୍ଷ୍ମଣ ସାହୁ, ରଶ୍ମିରଞ୍ଜନ ମହାକୁଡ଼ଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ। ଶିକ୍ଷକ ନେତା ଜବାହାରଲାଲା ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ୫୬ କେଜି ଗଞ୍ଜେଇ ଜବତ, ୫ ଗିରଫ



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ଗଞ୍ଜେଇ।

**ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)**

- କନ୍ଧମାଳରୁ ବିହାରକୁ ଚୋରା ଚାଲାଣ କରୁଥିଲେ
- ବସ୍‌ରେ ଭୁବନେଶ୍ୱର ଆସୁଥିବାବେଳେ ଧରାପଡ଼ିଲେ

କିଛି ଦିନର ବ୍ୟବଧାନ ପରେ ପୁଣି ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ ଏବଂ ଅବକାରୀ ପୋଲିସ ମିଳିତ ଭାବେ ସାରୁଆ ବଜାରରେ ଚଢ଼ାଉ କରି ୫୬ କେଜି ଗଞ୍ଜେଇ ଏବଂ ନଗଦ ୫୦ହଜାର ଟଙ୍କା ଜବତ କରିଛି। ଏ ନେଇ ଦୁଇଟି ପୃଥକ ମାମଲାରେ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ବିହାର ଅଞ୍ଚଳର ରାଧେଶ୍ୟାମ ପାଶୱାନ(୫୨), ଉମାଶଙ୍କର ରାମ(୪୭), ଧର୍ମେନ୍ଦ୍ର କୁମାର(୩୨), ସନ୍ତୋଷ କୁମାର(୩୨) ଏବଂ ଚନ୍ଦନ ପାଶୱାନ(୩୦)। ଏମାନେ କନ୍ଧମାଳରୁ ପୃଥକ ଭାବେ ଏକ ଯାତ୍ରୀବାହୀ ବସ୍‌ରେ ଭୁବନେଶ୍ୱର ଯାଉଥିଲେ। ସେଠାରୁ ଓହ୍ଲାଇ ବିହାର ଅଭିମୁଖେ ଯାତ୍ରା କରିଥାନ୍ତେ। କୌଣସି ସୂତ୍ରରୁ ଖବରପାଇ ମୋବାଇଲ ୟୁନିଟ ଓ ଅବକାରୀ ପୋଲିସ ମିଳିତ ଭାବେ ସକାଳ ୭ଟାରେ ସାରୁଅ ବଜାରରେ ଛକି ଥିଲେ। ଏହି ସମୟରେ ସଂପୃକ୍ତ ବସ୍ ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ଗାଡ଼ିକୁ ଠିଆ କରିଥିଲା। ଅବକାରୀ ପୋଲିସ ଗାଡ଼ି ଭିତରେ ଚଢି ଯାଞ୍ଚ କରିବାରୁ ଏକାଧିକ ଗଞ୍ଜେଇ ପ୍ୟାକେଟ ପାଇଥିଲେ। ଫଳରେ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା। ଏହି ଚଢାଉରେ ମୋବାଇଲ ୟୁନିଟ୍ ଇନ୍‌ଚାର୍ଜ ନୀଳିମା ଜୟନ୍ତୀ ସ୍ୱାଇଁ, ଏସ୍‌ଆଇ ରୋହିତ କୁମାର, ବାଲୁଗାଁ ଓଆଇସି ବି. ମନୋଜ କୁମାରଙ୍କ ସମେତ ଏକ ଟିମ୍ ସାମିଲ ହୋଇଥିଲେ। କନ୍ଧମାଳରୁ ଚେର ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି। ପୂର୍ବରୁ ମଧ ଅବକାରୀ ଟିମ୍ ଏକ କାର୍‌ରେ କନ୍ଧମାଳରୁ ବିପୁଳ ପରିମାଣ ଗଞ୍ଜେଇ ଭୁବନେଶ୍ୱର ଚାଲାଣ ହେଉଥିବା ବେଳେ ଧରିଥିଲା। ବିହାର ଅଞ୍ଚଳର ଗଞ୍ଜେଇ ବ୍ୟବସାୟୀମାନେ ଏବେ ବିଭିନ୍ନ ଗଳାବାଟ ଦେଇ କନ୍ଧମାଳରୁ ଗଞ୍ଜେଇ ଭୁବନେଶ୍ୱର ଆଣି ସେଠାରୁ ବିଭିନ୍ନ ରାଜ୍ୟକୁ ଚାଲାଣ କରୁଥିବା ଜଣାପଡିଛି। ଏ ନେଇ ଏକ ରାକେଟ ସକ୍ରିୟ ରହିଥିବା ସନ୍ଦେହ କରାଯାଉଛି।

## ଆଗୁଆ ପ୍ରସ୍ତୁତି, ସମନ୍ୱୟ ଉପରେ ଗୁରୁତ୍ୱ



ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅଧିକାରୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୮।୬(ପ୍ରଭାତ ପାଣିଗ୍ରାହୀ)**

**ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ**

ବିପର୍ଯ୍ୟୟ ମୁକାବିଲା ପାଇଁ ଖୋର୍ଦ୍ଧା ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଜୁନ ୧୯ରେ ସମସ୍ତ ଜିଲା, ବ୍ଲକ ଓ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳଗୁଡିକରେ ମକଡ୍ରିଲ ଆୟୋଜନ କରାଯାଇଥାଏ। ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ କିଭଳି ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଏବଂ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରଖି ସଫଳ ମୁକାବିଲା କରିଯାଇପାରିବ ତାହା ଏହି ବୈଠକର ଉଦ୍ଦେଶ୍ୟ। ବିପର୍ଯ୍ୟୟ ସମୟରେ ଉତ୍ତମ ବୁଝାମଣା ଓ ସମନ୍ୱୟ ରହିଲେ ମୁକାବିଲା କ୍ଷେତ୍ରରେ ସଫଳତା ମିଳିଥାଏ। ଏଥିଲାଗି କିପରି ନିଜକୁ ପ୍ରସ୍ତୁତ ରଖିବେ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଦୁର୍ବଳ ନଦୀବନ୍ଧଗୁଡ଼ିକ ସ୍ଥାନରେ ବାଲିବସ୍ତା ପକାଇବା, ସୁପରିଚାଳନା ନେଇ ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲାରେ ମୋଟ ୪୨ହଜାର ଜରିବସ୍ତା ଏବଂ ୫୬୦ କ୍ୟୁବିକ ମିଟର ବାଲି ମହଜୁଦ ରଖାଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ବେହେରା କହିଥିଲେ। ସେହିପରି ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀମାନେ କହିଥିଲେ। ୧୯ତାରିଖ ଅର୍ଥାତ୍ ସୋମବାର ଜିଲାର ସମସ୍ତ ୫୧ଟି ବନ୍ୟା/ବାତ୍ୟା ଆଶ୍ରୟସ୍ଥଳରେ ମକଡ୍ରିଲ କରାଯିବାର ଯୋଜନା ପ୍ରସ୍ତୁତ ହୋଇଛି।

ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଦେବବ୍ରତ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଶତାବ୍ଦୀ ରାୟ, ଡିଜିଏମ ଓସଡମା ସାର୍ଥକ ମିଶ୍ର, ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ, ଡିଏସ୍‌ଏସ୍‌ଓ ବିପ୍ଳବ ସାମନ୍ତରାୟ, ଏସ୍‌ଡିପିଓ ଦିଲୀପ କୁମାର ଦାସ, ଜିଲା ଆପାତକାଳୀନ ବିଭାଗର ଅନିଲ କୁମାର ରାୟ, ଜିଲା ସଂଯୋଜକ (ଆପାତକାଳୀନ) ମମତା ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## 'ଏଇ ସହକାର' ପତ୍ରିକା ଉନ୍ମୋଚିତ

**କୃଷ୍ଣପ୍ରସାଦ,୧୮।୬(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ମାନସିଂହ ସାହିତ୍ୟ ସଂସଦ ନନ୍ଦଳା ପକ୍ଷରୁ ପ୍ରସ୍ତୁତ ଇ-ପତ୍ରିକା 'ଏଇ ସହକାର-ରଜ ବିଶେଷାଙ୍କ ୨୦୨୩' ରବିବାର ଉନ୍ମୋଚିତ ହୋଇଯାଇଛି। ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଭର୍ଚୁଆଲରେ ଅନୁଷ୍ଠିତ ସଭାକୁ ଉପଦେଷ୍ଟା ପ୍ରେମାନନ୍ଦ ବେହେରା ପରିଚାଳନା କରିଥିଲେ। ଡ. ଲକ୍ଷ୍ମୀନାରାୟଣ ଦାଶ ଏହି ପତ୍ରିକାର ସମୀକ୍ଷା କରିଥିଲେ। 'ଏଇ ସହକାର' ଓଡ଼ିଆ ସାହିତ୍ୟର ପ୍ରାଣକେନ୍ଦ୍ର ହେଉ ବୋଲି ମୁଖ୍ୟ ଅତିଥି ଡକ୍ଟର ଫନି ମହାନ୍ତି କହିଥିଲେ। ସମ୍ପାଦକ ଲଳିତ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ବ୍ରହ୍ମପୁରରୁ ବନ୍ଦନା ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ବନବିହାରୀ ପଟ୍ଟନାୟକ, କିଶୋର ଚନ୍ଦ୍ର ବିଶୋୟୀ, କାଶୀନାଥ ଜେନା, ରାଜ କିଶୋର ନାୟକ, ଉଲ୍ଲାସ ଚନ୍ଦ୍ର ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୁସାହିତ୍ୟିକା ସଂଘମିତ୍ରା ରାଏଗୁରୁ ଓ ମହାସ୍ମିତା ଓଝାଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ୩୦ତମ ମାସିକ କବିତା ଆସରରେ ୪୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## ମା' ରାମଚଣ୍ଡୀ ରଜ ଯାତ୍ରା ଉଦ୍‌ଯାପିତ

**ବେଗୁନିଆ,୧୮।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଗଡ଼ମାଣତୀରସ୍ଥିତ ମା' ରାମଚଣ୍ଡୀଙ୍କ ରଜ ଯାତ୍ରା ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୀଠ ପରିସରରେ ଗତ ୪ଦିନ ଧରି ପାଳିତ ହୋଇଥିବା ଏହି ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୀଠ ପରିସରରେ ଅପରାହ୍ନରେ ରଜରାଣୀଙ୍କ ମଧ୍ୟରେ ଦୋଳି, ପୁଚି, ମ୍ୟୁଜିକ ଚେୟାର ଓ କବାଡି ଖେଳ ଆଦି ହୋଇଥିଲା। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ସଭାପତି ପୂର୍ଣ୍ଣଚନ୍ଦ୍ର ମାନସିଂହ, ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ, ସ୍ଥାନୀୟ ସରପଞ୍ଚ କରୁଣାକର ଦଳସିଂହାର, କବି ବଳରାମ ରଣସିଂହ, ପଦ୍ମଲୋଚନ ରାଉତରାୟ, ପ୍ରକାଶ ରଣବିଜୁଳି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳର ଡ୍ୟାନ୍ସ ଗ୍ରୁପ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ। ରାମଚଣ୍ଡୀ ଉନ୍ନୟନ ପରିଷଦର ସଭ୍ୟଙ୍କ ତତ୍ତ୍ୱାବଧାନରେ ଯାତ୍ରା ସୁଚାରୁଭାବେ ସମ୍ପାଦନ ହୋଇଥିଲା। ବେଗୁନିଆ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜମ୍ନେଶର ମଙ୍ଗରାଜ ସଂଯୋଜନା କରିଥିଲେ।

## ପରିତ୍ୟକ୍ତ ପୋଖରୀର ପୁନରୁଦ୍ଧାର କରାଯାଉ

**ବେଗୁନିଆ,୧୮।୬(ହର ପ୍ରସନ୍ନ ପଣ୍ଡା)**

ସରକାରଙ୍କ ପକ୍ଷରୁ ସମସ୍ତ ଗ୍ରାମକୁ ପକ୍କା ରାସ୍ତା ଓ ମୋ ପୋଖରୀ ଆଦି ବହୁ ଯୋଜନାରେ ପ୍ରକଳ୍ପ କାର୍ଯ୍ୟ ଜାରିରହିଛି। ସେହିପରି କେତେକ ପରିତ୍ୟକ୍ତ ପୋଖରୀକୁ ପୁନରୁଦ୍ଧାର ପାଇଁ ସରକାରୀ ଅର୍ଥ ମଞ୍ଜୁର ହୋଇଛି। ତେବେ ପ୍ରଶାସନିକ ଅବହେଳାରୁ ଆଉ କେତେକ ପୋଖରୀର ପୁନରୁଦ୍ଧାର ପାଇଁ ପାଇଁ ଅର୍ଥ ମଞ୍ଜୁର ହୋଇପାରୁନାହିଁ। ଫଳରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ଏଭଳି ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଦୁର୍ଗାପୁର ଗ୍ରାମରେ ଦେଖିବାକୁ ମିଳିଛି। ବେଗୁନିଆ ଓ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ବାରି ପୋଖରୀ ଦୀର୍ଘ ବର୍ଷ ହେବ ପରିତ୍ୟକ୍ତ ହୋଇ ପଡିରହିଛି। ବାରମ୍ବାର ଦାବି ସତ୍ତ୍ୱେ ପୋଖରୀର ପୁନରୁଦ୍ଧାର କରାଯାଉ ନାହିଁ। ଗ୍ରାମରେ ୭୦ ପରିବାର ବସବାସ କରୁଛନ୍ତି। ତେବେ ଗ୍ରାମରେ ସେଭଳି କିଛି ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଲୋକଙ୍କ ଗମନାଗମନ ସୁବିଧା ପାଇଁ ଭଲ ରାସ୍ତାଟିଏ ନାହିଁ। ଖାଲଖମାରେ ପୂର୍ଣ୍ଣ ହୋଇ ରହିଥିବା ମାଟି ରାସ୍ତାର ଭାଗ୍ୟ କେବେ ବଦଳିବ ସେ ନେଇ ଅପେକ୍ଷାରେ ଗ୍ରାମବାସୀ। ସେହିପରି ଗ୍ରାମରେ ପାନୀୟଜଳ ବ୍ୟବହାର କରିବା ପାଇଁ କେବଳ ୨ଟି ନଳକୂପ ରହିଥିବା ବେଳେ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିନାହିଁ।



ରାଜ୍ୟରେ ଏବେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଫଳରେ ଗ୍ରାମର ଜନସାଧାରଣ ଗାଧୋଇବା ଓ ବୁଲା ଗାଈ ଗୋରୁ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମର ୱାର୍ଡମେମ୍ବର ସର୍ବେଶ୍ୱର ମନ୍ତ୍ରୀଙ୍କ ସମେତ ମାନସ ପ୍ରଧାନ, ମନୋରଞ୍ଜନ ଷଡ଼ଙ୍ଗୀ, ସୁମନ୍ତ କୁମାର ସାହୁ, ବିଜୟ କୁମାର ସାହୁ, କପିଳାସ ପ୍ରଧାନ ପ୍ରମୁଖ ପୋଖରୀର ପୁନରୁଦ୍ଧାର ପାଇଁ ଦାବି କରିଆସୁଥିଲେ ମଧ ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଗ୍ରୀଷ୍ମପ୍ରବାହ ଯୋଗୁ ଜଳାଶୟ ଏବେ ଶୁଖିଲା ପଡୁଛି। ସ୍ଥାନୀୟ ସରପଞ୍ଚ ଯଦି ଆକ୍ସନ ପ୍ଲାନରେ ଉକ୍ତ ପୋଖରୀ ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦିଅନ୍ତେ, ତେବେ ନିଶ୍ଚୟ ଅର୍ଥ ମଞ୍ଜୁର କରାଯିବ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ଜୁନ୍, ୨୦୨୩

**ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ**

ଅସ୍ତରଙ୍ଗ,(ମମତା ଜେନା): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ବାର୍ଷିକ ଅସ୍ତରଙ୍ଗସ୍ଥିତ କୁହୁଡି ଲବଣ ସତ୍ୟାଗ୍ରହ ପୀଠଠାରେ ପାଳିତ ହୋଇଯାଇଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପାଧକ୍ଷ ନାୟକ ଗୋପବନ୍ଧୁଙ୍କ ଜୀବନୀ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ କାଳନ୍ଦୀ ଚରଣ ଛାଟୋଇ, ଭଗବାନ ଲେଙ୍କା, ହେମନ୍ତ ମଲ୍ଲ, ପବିତ୍ର ନାୟକ, ପ୍ରଭଞ୍ଜନ ନାୟକ, ବିଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ନିମାପଡ଼ା,୧୮।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ରେଞ୍ଚ ଗ୍ରାମରେ ନିମାପଡ଼ା ଥାନା ପୋଲିସ ଓ ପୁରୀ ଏସ୍‌ଟିଏଫ୍‌ର ମିଳିତ ଚଢ଼ାଉରେ ୨ ଜଣ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଜଣେ ୧୬ ବର୍ଷୀୟ ନାବାଳକଙ୍କୁ ଅଟକ ରଖିବା ପରେ ବରହମପୁର ଜୁଭେନାଇଲ କୋର୍ଟକୁ ପଠାଇଛି। ଗିରଫ ବ୍ରାଉନସୁଗାର ବ୍ୟବସାୟୀ ହେଲେ ପୁରୀ ବେଲଦଳ ଗ୍ରାମର କାହ୍ନା ଭୋଇ(୨୨) ଓ ନିମାପଡ଼ ଥାନା ଅଧୀନ ରେଞ୍ଚ ଜେନା ସାହି ଗ୍ରାମର ଶାନ୍ତିଲତା ଜେନା(୩୮)। ଏନେଇ ପୋଲିସ ୨୦୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ପୋଲିସ ୫୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ। ଏନେଇ ନିମାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳାଇ ସୂଚନା ଦେଇଛନ୍ତି। ଗିରଫ ବେପାରୀଙ୍କଠାରୁ ପୋଲିସ ୪ଟି ମୋବାଇଲ, ଓଆର୍ ୦୫ ଏକ୍ୟୁ ୯୬୦୯ ନମ୍ବର ବିଶିଷ୍ଟ ଏକ ବାଇକ୍ ଜବତ କରିଛି। ପୁରୀ ଜିଲା ଏସ୍‌ପି ଡ. କନୱାର ବିଶାଲ ସିଂଙ୍କ ନିର୍ଦ୍ଦେଶରେ ପୁରୀ ଏସ୍‌ଟିଏଫ୍ ଟିମ୍ ଓ ନିମାପଡ଼ା ଥାନା ପୋଲିସ ଏହି ଚଢ଼ାଉ କରିଥିଲା। ଗିରଫ ମହିଳା ଜଣକ କିଛି ମାସ ତଳେ ଏକ ବ୍ରାଉନସୁଗାର ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପୋଲିସ କହିଛି।

### ଘରେ ପଶି ମହିଳାଙ୍କୁ ଅସଦାଚରଣ, ହତ୍ୟା ଧମକ

ନିମାପଡ଼ା,୧୮।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ବସ୍ତିରେ ମହିଳାଙ୍କ ଘରେ ପଶି ଜଣେ ବ୍ୟକ୍ତି ତାଙ୍କୁ ଅସଦାଚରଣ, ହତ୍ୟାଧମକ ସହ ଆସବବାବପତ୍ର ଭଙ୍ଗାରୁଜା କରିଥିବା ମହିଳା ଜଣକ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୨୦୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଣେ ବ୍ୟକ୍ତି ଶନିବାର ମହିଳାଙ୍କ ସ୍ୱାମୀ ନ ଥିବା ସୁଯୋଗରେ ତାଙ୍କ ଘରେ ପଶି ତାଙ୍କୁ ଟଣାଓଟରା କରି ଅସଦାଚରଣ ପ୍ରଦର୍ଶନ କରି ହତ୍ୟାଧମକ ଦେଇଥିଲେ। ଏଥିରେ ମହିଳାଙ୍କ ଶାଶୁ ଓ ନଣନ୍ଦ ପ୍ରତିବାଦ କରିବାରୁ ବ୍ୟକ୍ତି ଜଣକ କ୍ରୋଧାନ୍ୱିତ ହୋଇ ଶାଶୁ ଓ ନଣନ୍ଦଙ୍କୁ ମାଡ଼ ମାରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏପରିକି ସେ ଘରର ଆସବାବପତ୍ର ଫିଙ୍ଗା ଫୋପଡ଼ା ସହ ପାଇଖାନା, ନଳକୂପ, ଗାଧୁଆ ଘର ଆଦି ଭଙ୍ଗାରୁଜା କରିଥିଲେ। ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା ପୋଲିସ ନିକଟରେ ଦାବି କରିଛନ୍ତି।

### ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଫେରାର

ଗୋପ,୧୮।୬(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ବଜାରସ୍ଥିତ ଏକ ପରିବାରରେ ପାରିବାରିକ କଳହ ଯୋଗୁ ରବିବାର ସକାଳେ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ଗୁରୁତର ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ସ୍ତ୍ରୀର ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏଥିରେ ୨୮୦/୨୩ରେ ଏକ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ଥିବା ଜଣାପଡିଛି। ସୂଚନା ମୁତାବକ, ପାରିବାରିକ ବିବାଦ ଓ ଅଧିକ ଯୌତୁକ ଦାବିରେ ସ୍ତ୍ରୀ ରୋଜି ସାହୁଙ୍କୁ ସ୍ୱାମୀ ସୋମନାଥ ପାତ୍ର ବିଭିନ୍ନ ସମୟରେ ମାଡ଼ ମାରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ରବିବାର ସକାଳୁ ପୁଣି କୌଣସି କାରଣରୁ ପାଟିତୁଣ୍ଡ ହୋଇ ସୋମନାଥ ରୋଜିଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ରୋଜିଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି।

# ଜନ୍ମମାଟିରେ ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ, ଭାର୍ଗବୀରେ ତିଳତର୍ପଣ

ସାକ୍ଷୀଗୋପାଳ,୧୮।୬(ଭରତ ରାଉତ)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ଜନ୍ମମାଟି ସୁଆଣ୍ଡୋରେ ରବିବାର ଭାର୍ଗବୀ ନଦୀରେ ତିଳତର୍ପଣ କରାଯାଇଛି। ଗୋପବନ୍ଧୁ ସ୍ମୃତି ପରିଷଦ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜନ୍ମପୀଠଠାରୁ ଶତାଧିକ ଗୋପବନ୍ଧୁ ପ୍ରେମୀଙ୍କ ସହିତ ସ୍ମୃତି ପରିଷଦ ସଭାପତି ଧୀରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ମୃଦଙ୍ଗ ବାଦ୍ୟ ଓ ସଂକୀର୍ତ୍ତନର ତାଳେ ତାଳେ ଛତି, ତ୍ରାସ ମଶାଲ ଧରି ତିଳତର୍ପଣ ଯାତ୍ରା ବାହାରି ଭାର୍ଗବୀ ନଦୀ ଘାଟରେ ପହଞ୍ଚିଥିଲେ। ବନ୍ଦୀର ଆତ୍ମକଥା ଆବୃତ୍ତି କରି ଗୋପବନ୍ଧୁଙ୍କ ଜୟ ଜୟକାର କରି ଶୋଭାଯାତ୍ରା ନଦୀତୁଠ ପର୍ଯ୍ୟନ୍ତ ଯାଇଥିଲା। କୁଳପୁରୋହିତ ଲକ୍ଷ୍ମୀକାନ୍ତ ନନ୍ଦ ବୈଦିକ ମନ୍ତ୍ରରେ ଗୋପବନ୍ଧୁଙ୍କ ପୂର୍ବପୁରୁଷ ପିତୃ ଓ ମାତୃକୁଳ ଉଦ୍ଦେଶ୍ୟରେ ତିଳତର୍ପଣ କରିଥିଲେ। ଜିଲା ସୂଚନା ଅଧିକାରୀ ସନ୍ତୋଷ ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ, ସ୍ଥାନୀୟ ସରପଞ୍ଚ ଜିଲାପରିଷଦ ସଭ୍ୟ ଓ ସ୍ମୃତି ପରିଷଦ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ଦାସ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇଙ୍କ ନେତୃତ୍ୱରେ ଲୋକକଳା ଗ୍ରାମସାରଙ୍ଗଯୋଡ଼ିର ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦର ଗୁରୁ କୁଳମଣି ବିଶ୍ୱାଳ, ଭାସ୍କର ସ୍ୱାଇଁ, ରମେଶଚନ୍ଦ୍ର ଦାସ, ଧୂଳ ବରାଳ, ବିଜୟ ପରିଡ଼ା ଓ ସମୀର ପଲେଇ ମୃଦଙ୍ଗ ବାଦ୍ୟ ଓ ସଂକୀର୍ତ୍ତନ ମାଧ୍ୟମରେ ହରିନାମ କୀର୍ତ୍ତନ କରିଥିଲେ।



ଭାର୍ଗବୀ ନଦୀରେ ତିଳତର୍ପଣ କରାଯାଉଛି ।

# ସୁଆଣ୍ଡୋ ଐତିହ୍ୟ ପ୍ରକଳ୍ପ ଦର୍ଶନ ନିମନ୍ତେ ଶୁଳ୍କ ଆଦାୟକୁ ନିନ୍ଦା

ସାକ୍ଷୀଗୋପାଳ,୧୮।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବିକାଶ ପରିଷଦ ସାକ୍ଷୀଗୋପାଳ ପକ୍ଷରୁ ସ୍ଥାନୀୟ ପଞ୍ଚସଖା ସାମଧି ପୀଠ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହୋଇଯାଇଛି। ସଭାକୁ ଅନୁଷ୍ଠାନ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। ପଣ୍ଡିତ ଦାସ ଆମ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ତାଙ୍କର ନିଃସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ସେ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ ବୋଲି ବରାଳ କହିଥିଲେ। ପଣ୍ଡିତ ଦାସ ଜାତୀୟବାଦୀ ପ୍ରେରଣାର ଉତ୍ସ ଥିଲେ। ସେ କେବଳ ସେବକ ନ ଥିଲେ; ସେ ଏକାଧାରରେ ସାହିତ୍ୟିକ, କବି, ସାମ୍ବାଦିକ, ରାଜନେତା ପ୍ରଭୃତି ଅନେକ କ୍ଷେତ୍ରରେ ନିଜର ଉତ୍ତମ ପରାକାଷ୍ଠା ଦେଖାଇଥିଲେ ବୋଲି ଅନୁଷ୍ଠାନ ସମ୍ପାଦକ ଆଇନଜୀବୀ ଅମର ନନ୍ଦ କହିଥିଲେ। ସଭାରେ ହୃଷୀକେଶ ମିଶ୍ର, ରାଜେନ୍ଦ୍ର ହୋତା, ଦେବତିକ୍ତ ମିଶ୍ର, ଲିଙ୍ଗରାଜ ବର, ନାରାୟଣ ବରାଳ, ରବିନାରାୟଣ ଦତ୍ତ, ପ୍ରଫୁଲ୍ଲ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ଜୟନ୍ତ ନନ୍ଦ, ବନମାଳୀ ବେହେରା ପ୍ରମୁଖ ଯୋଗଦେଇ ପଣ୍ଡିତଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମାଧି ପୀଠରେ ସମସ୍ତ ମହାପୁରୁଷଙ୍କୁ ପୁଷ୍ପମାଳ ପ୍ରଦାନ କରି ସ୍ମୃତିଚାରଣ କରାଯାଇଥିଲା। ଗୋପବନ୍ଧୁ ଦାସଙ୍କ ଜନ୍ମ ସ୍ଥାନ ସୁଆଣ୍ଡୋରେ ହୋଇଥିବା ଐତିହ୍ୟ ପ୍ରକଳ୍ପକୁ ତାଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ନିଆଯାଉଥିବା ଶୁଳ୍କ ବ୍ୟବସ୍ଥାକୁ ନିନ୍ଦା କରାଯାଇଥିଲା। ସୂଚନା ଥାଉକି, ଗୋପବନ୍ଧୁଙ୍କ ଜୟନ୍ତୀ ସହ ଶ୍ରାଦ୍ଧ ଦିବସ, ଅଗଷ୍ଟ ୧୫ ଓ ଜାନୁଆରୀ ୨୬ରେ ଶ୍ରଦ୍ଧାଳୁଙ୍କଠାରୁ ଶୁଳ୍କ ନ ନେବାକୁ ବିଭିନ୍ନ ମହଲରୁ ବିରୋଧ କରାଯାଉଛି। ସେଥିପାଇଁ ଶ୍ରାଦ୍ଧୋତ୍ସବରେ ଶୁଳ୍କ ଆଦାୟକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ଅସନ୍ତୋଷ ବ୍ୟକ୍ତ କରିଥିଲେ।



ଗୋପବନ୍ଧୁଙ୍କ ସମାଧି ପୀଠରେ ସତ୍ୟବାଦୀ ବିକାଶ ପରିଷଦ କର୍ମକର୍ତ୍ତା ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ଗୋପବନ୍ଧୁଙ୍କ ତ୍ୟାଗ, ସେବା ଉପରେ ଆଲୋକପାତ

ଡେଲାଙ୍ଗ,୧୮।୬(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ଷ୍ଟେଶନ ବଜାର ସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ ଉତ୍କଳମଣି ପଣ୍ଡିତ ଗୋବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଜିଲା ଉପସଭାପତି ଅନାମ ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କାଶୀନାଥ ମହାପାତ୍ର, ମୁଖ୍ୟ ବକ୍ତା ରମେଶ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ସଭ୍ୟ ଅଭୟଚରଣ ସାହୁ, କବି ଚନ୍ଦ୍ରଶେଖର, ଆଇନଜୀବୀ ହୃଷୀକେଶ ପାଢ଼ୀ, ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍, ଜିତେନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ବସ୍ତିଆ ଯୋଗଦେଇ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁଙ୍କ ଦେଶପାଇଁ ପ୍ରେମ, ତ୍ୟାଗ, ନିଃସ୍ୱାର୍ଥପର ଭାବେ ସମାଜ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ



ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

ନିମାପଡ଼ା,୧୮।୬(ବିଚିତ୍ରାନନ୍ଦ ସାହୁ)

ପୁଣ୍ୟତିଥି ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ଦିବସ ନିମାପଡ଼ା ଓ ଚାରିଛକଠାରେ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ଓ ଚାରିଛକ ବଜାରଠାରେ ଥିବା ପଣ୍ଡିତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ନିମାପଡ଼ାଠାରେ ଆୟୋଜିତ ଶ୍ରାଦ୍ଧ ସଭାରେ ଗୋପବନ୍ଧୁ ସେବା ସଂଘ ପକ୍ଷରୁ କୃଷ୍ଣଚନ୍ଦ୍ର ପାତ୍ର, ରାଧାମୋହନ ଦାଶ, ଗୋବିନ୍ଦ ଜେନା, ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ବରିଷ୍ଠ ନାଗରିକ ମଞ୍ଚର ପ୍ରମୋଦ ମହାନ୍ତି, କୃଷ୍ଣମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱାଭିମାନୀ ଓଡ଼ିଆ ଜନମାନସର ପୂଜ୍ୟ ନମସ୍ୟ ପଣ୍ଡିତ ଉତ୍କଳମଣି ଦାସଙ୍କ ସ୍ମୃତିଚାରଣ ଓ ଜୟଗାନ କରିଥିବାବେଳେ ଆଜିର ଯୁବ ଓ ଛାତ୍ର ସମାଜ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସେହିପରି ଚାରିଛକଠାରେ ପ୍ରାଚୀ ସାହିତ୍ୟ ସଂସଦ, ଚାରିଛକ ପ୍ରେସ କ୍ଲବ, ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋପବନ୍ଧୁଙ୍କ ୯୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇ ତାଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରାଯାଇଥିବାବେଳେ ସ୍ମୃତିଚାରଣ କରାଯାଇଥିଲା।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସାକ୍ଷୀଗୋପାଳ,୧୮।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ବସନ୍ତ ସ୍ୱାଇଁ, ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ଗୀତାଞ୍ଜଳି ବେହେରା ଓ ସୌଦାମିନୀ ନାୟକ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗୋପବନ୍ଧୁ ଅମର ରହେ ସ୍ଲୋଗାନ ଦେଇ ସମସ୍ତେ ରାଧାକୁଣ୍ଡ ପୁଷ୍କରିଣୀକୁ ଯାଇ ତିଳତର୍ପଣ କରିଥିଲେ। ପୂର୍ବତନ ଶିକ୍ଷକ ସତ୍ୟବାଦୀ ଦାଶ କର୍ତ୍ତା ରୂପେ ସମସ୍ତ କାର୍ଯ୍ୟ ସମାପନ କରିଥିଲେ। ଏଥିରେ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ କିଶୋର ଚନ୍ଦ୍ର ମହାପାତ୍ର, କର୍ମଚାରୀ ମନୋରଞ୍ଜନ ମହାନ୍ତି, ଭରତ ମହାନ୍ତି, ଶିବ ସାହୁ ଓ ଶ୍ୟାମ ଦାସ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟଙ୍କ ଉଦ୍ୟମରେ ଲତାବୁଦାରେ ପୂର୍ଣ୍ଣ ପଞ୍ଚସଖା ସମାଧି ପୀଠରେ ସକାଳେ ସଫେଇ କାମ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଥିଲା। କାଦୁଆ ଆଶ୍ରମ, ସାକ୍ଷୀଗୋପାଳ କଲେଜ, ବସଷ୍ଟାଣ୍ଡ, ଶେଷନିଃଶ୍ୱାସ ତ୍ୟାଗ ସ୍ଥଳ, ସମାଧି ପୀଠ, ଗୋପବନ୍ଧୁଙ୍କ ସହ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଗୋପବନ୍ଧୁଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର ଓ ଶିକ୍ଷକ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

କୋଣାର୍କ,୧୮।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସରରେ ରବିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଦିଲ୍ଲୀପ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ଦିଲ୍ଲୀପ ସାହୁ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପରେ ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।



ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଆମ ସେବା ଅନୁଷ୍ଠାନ ପକ୍ଷରୁ ତିଳତର୍ପଣ କରାଯାଉଛି ।




# ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର ଦାବି

ଗୋପ,୧୮।୬(ଭାରତୀ ଭୂଷଣ ଉପାଧ୍ୟାୟ)

**ଗୁରୁତ୍ୱ ନ ଦେଲେ ରାସ୍ତାକୁ ଆସିବ କମିଟି**

ଗୋପ ଅଞ୍ଚଳର ପ୍ରମୁଖ ସମସ୍ୟା ଧନୁଆଁ ନଦୀ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ଦାବି ହୋଇ ଆସୁଛି। ଏଥିସହ ଧନୁଆଁ ବନ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଦୀର୍ଘଦିନ ଧରି ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଜାରି ରହିଛି। ଏହାର ପ୍ରତିବାଦ କରି କ୍ରିୟାନୁଷ୍ଠାନ କମିଟି ଓ ଓଡ଼ିଶା ଜନଶକ୍ତି ମଞ୍ଚ ଗତ ଜାନୁୟାରୀରୁ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ଆନ୍ଦୋଳନ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ଏଥିସହ ଓଡ଼ିଶା ଜନଶକ୍ତି ମଞ୍ଚ ଆବାହକ ଅଶୋକ ନନ୍ଦ ଓ ବିବେକାନନ୍ଦ ମିଶ୍ର ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନୁଆଁ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦାବିପତ୍ର ଦେଇଥିଲେ। ଏନେଇ ପ୍ରତିକାର ଓ ସମାଧାନ ନିମନ୍ତେ ରବିବାର ଗୋପ ଗଣେଶ୍ୱରପୁରସ୍ଥିତ ଫାର୍ମହାଉସଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଆବାହକ ନନ୍ଦ ୧୯୫୨ ମସିହାର ହଲାଣ୍ଡ ବାତ୍ୟାର ପରିଚାଳନାର ଉଦାହରଣ ଦେଇ ଅଞ୍ଚଳରେ ଛୋଟ ଛୋଟ ବ୍ୟାରେଜ୍ କରି ଭୂତଳ ଜଳସ୍ତରକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ପଥରଭସା ନାଳକୁ ପୁନଃ ପ୍ରଭାବିତ କରି ବ୍ୟାରେଜ୍ ନିର୍ମାଣ କରାଗଲେ ଅଞ୍ଚଳର ବ୍ୟାପକ ବିକାଶ ହେବ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ସର୍ଭେ ଚାଲୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ସର୍ଭେ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଯଦି ସରକାର ଏହାର କିଛି ସ୍ଥାୟୀ ପ୍ରତିକାର ନ କରନ୍ତି, ତେବେ କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛି। ସମ୍ମିଳନୀରେ ଭାବଗ୍ରାହୀ ବରାଳ, ଲକ୍ଷ୍ମୀପ୍ରିୟା ଦାସ, ସୁରେନ୍ଦ୍ର ପ୍ରଧାନ, କୁବେର ବରାଳ, ପ୍ରଫୁଲ୍ଲ ପଣ୍ଡା, ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିବାଦରେ 'ଆଦିପୁରୁଷ', ବଦଳିବ ଡାଇଲଗ୍



ଭୁବନେଶ୍ୱର,୧୮।୬
(ଶର୍ମିଷ୍ଠା ପାଣିଗ୍ରାହୀ)

ରାମାୟଣ କଥାବସ୍ତୁକୁ ନେଇ ଭିନ୍ନ ଭାବେ ପ୍ରସ୍ତୁତ ଚଳଚ୍ଚିତ୍ର 'ଆଦିପୁରୁଷ' ଏବେ ବିବାଦରେ ଛନ୍ଦି ହୋଇଯାଇଛି। ହିନ୍ଦୀ, ତେଲୁଗୁ ଆଦି ବିଭିନ୍ନ ଭାଷାରେ ରିଲିଜ୍ ହୋଇଥିବା ଏହି ଚଳଚ୍ଚିତ୍ରରେ ରହିଥିବା ଚରିତ୍ରର ବେଶଭୂଷା, ଡାଇଲଗ୍ ଓ ତଥ୍ୟକୁ ନେଇ ଦେଶବ୍ୟାପୀ ବିରୋଧ କରାଯିବା ସହ ସମାଲୋଚନା ଜାରି ରହିଛି। ସୀତା ନେପାଳ କନକପୁରରେ ଜନ୍ମଗ୍ରହଣ କରିଥିବାବେଳେ ଏଥିରେ ତାଙ୍କୁ ଭାରତର ଝିଅ ଭାବେ ଉପସ୍ଥାପିତ କରାଯାଇଛି। ଏଭଳି ଅନେକ ପ୍ରସଙ୍ଗକୁ ନେଇ ବିବାଦ ଉପୁଜିଛି। ଚଳଚ୍ଚିତ୍ରର ଟ୍ରେଲର ରିଲିଜ ସମୟରେ ଏହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। କିନ୍ତୁ ଟିଜର ରିଲିଜ୍ ପରେ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଶୁକ୍ରବାର ଚଳଚ୍ଚିତ୍ରଟି ପ୍ରେକ୍ଷାଳୟକୁ ଆସିବା ପରେ ବିରୋଧ ତେଜିବାରେ ଲାଗିଛି। ଛୋଟ ପିଲାମାନଙ୍କୁ ଚଳଚ୍ଚିତ୍ରଟି ପସନ୍ଦ ଲାଗୁଥିବାବେଳେ ଦୁଇଦିନ ହେବ ପ୍ରେକ୍ଷାଳୟଗୁଡ଼ିକ ହାଉସ୍‌ଫୁଲ ରହିଛି। କିନ୍ତୁ ଚାରିଆଡୁ ସମାଲୋଚନା ସହ ବିରୋଧ ଜାରି ରହିବାରୁ ଏହାର ଡାଇଲଗ୍ ବଦଳାଇବାକୁ ନିଷ୍ପତ୍ତି ହୋଇଛି। ରବିବାର ଡାଇଲଗ ରାଇଟର ମନୋଜ ମୁନ୍ତଶିର୍ ଟୁଇଟ୍ କରି ଏନେଇ ଘୋଷଣା କରିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଦର୍ଶକଙ୍କ ଭାବନାକୁ ଆଘାତ ଦେଇଥିବା ଚଳଚ୍ଚିତ୍ରର ଡାଇଲଗଗୁଡିକ ବଦଳାଯିବ। ନୂଆ ଡାଇଲଗ ସହ ଏହା ଆସନ୍ତା ସପ୍ତାହରେ ପୁନଃ ପ୍ରେକ୍ଷାଳୟକୁ ଆସିବ। ତେବେ 'ଆଦିପୁରୁଷ'କୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ଓଡ଼ିଶାର ସିନେ ନିର୍ଦ୍ଦେଶ, ସମୀକ୍ଷକ, ଦର୍ଶକଙ୍କ ମତକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

### ଚଳଚ୍ଚିତ୍ର ଜଗତ ଉପରେ ନକାରାତ୍ମକ ପ୍ରଭାବ ପଡୁଛି



ନିର୍ଦ୍ଦେଶକ ସବୁବେଳେ କିଛି ଅଲଗା କରିବାକୁ ଚେଷ୍ଟା କରିଥାଏ। କିଛି ସଫଳ ହୋଇଥାଏ, କିଛି ବିଫଳ। 'ଆଦିପୁରୁଷ' ଚଳଚ୍ଚିତ୍ରରେ ନିର୍ଦ୍ଦେଶକ କିନ୍ତୁ ବିଫଳ ହୋଇଛନ୍ତି। ଏଥିପାଇଁ ଉପଯୁକ୍ତ ଗବେଷଣାର ଅଭାବ ରହିଥିବା ପରିଲକ୍ଷିତ ହେଉଛି। କାଷ୍ଟିଂ ମଧ ଠିକ୍ ହୋଇନି। ରାମାୟଣ ସହ ଲିଙ୍କ୍ ରହୁଥିଲେ ମଧ ଚଳଚ୍ଚିତ୍ରର ଡାଇଲଗ ଦର୍ଶକଙ୍କୁ ଭଲ ଲାଗିନି। ଏହାକୁ ଏଭଳି ଭାବରେ ବିରୋଧ କରାଯାଉଛି ଯାହାର ନକାରତ୍ମକ ପ୍ରଭାବ ଚଳଚ୍ଚିତ୍ର ଜଗତ ସହ ବ୍ୟକ୍ତିବିଶେଷଙ୍କ ଉପରେ ପଡୁଛି। ଚଳଚ୍ଚିତ୍ରର ଭିଏଫ୍‌ଏକ୍ସ ବହୁତ ଭଲ ହୋଇଛି। ଏହା ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ଦେଖିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି। ଭାରତରେ ଏହା କମ୍ ଚାଲିପାରେ, କିନ୍ତୁ ବିଶ୍ୱରେ ଏହା ଆଦୃତି ଲାଭ କରିବ।

**-ଉଦୟଶଙ୍କର ପାଣି, ଚଳଚ୍ଚିତ୍ର ନିର୍ଦ୍ଦେଶକ**

### ବର୍ତ୍ତମାନର ପିଢ଼ି ପାଇଁ ପ୍ରସ୍ତୁତ ହୋଇଛି



ରାମାନନ୍ଦ ସାଗରଙ୍କ ଧାରାବାହିକ 'ରାମାୟଣ'ରେ ଛୋଟ ଛୋଟ ଚରିତ୍ରକୁ ବିଭିନ୍ନ ପର୍ଯ୍ୟାୟରେ ଦେଖାଯାଇଛି। କିନ୍ତୁ ଚଳଚ୍ଚିତ୍ର 'ଆଦିପୁରୁଷ'ର ସମୟସୀମା ବହୁତ କମ୍ ହୋଇଥିବାରୁ ସମ୍ପୂର୍ଣ୍ଣ ରାମାୟଣକୁ ଦେଖାଇବା ପାଇଁ ନିର୍ମାତା ଚେଷ୍ଟା କରିଛନ୍ତି। ତା' ଛଡ଼ା ଆମେ ସତରେ କ'ଣ କାହାକୁ ଦେଖିଛେ। ସୀତା କେମିତି, ରାମ କେମିତି...ଏସବୁ ସେତେବେଳେ ବି କାଳ୍ପନିକ ଭାବେ ପ୍ରସ୍ତୁତ ହୋଇଥିଲା। 'ଆଦିପୁରୁଷ'ର ନିର୍ମାତା ବର୍ତ୍ତମାନର ପିଢ଼ି ପାଇଁ ଏହାକୁ ପ୍ରସ୍ତୁତ କରିଛନ୍ତି। ବ୍ୟବସାୟିକ ଓ ସାମୂହିକ ଦୃଷ୍ଟିରୁ ଏହାକୁ ଏକ ସଫଳ ଚଳଚ୍ଚିତ୍ର ବୋଲି କହିପାରିବା।

ଭିନ୍ନ ଲୋକଙ୍କର ଭିନ୍ନ ମତ। ଦର୍ଶକଙ୍କ ପାଇଁ ଆଧୁନିକ ଭାବେ ପ୍ରସ୍ତୁତ କରାଯାଇଥିବା ଏହି ଚଳଚ୍ଚିତ୍ର ଭରପୁର ମନୋରଞ୍ଜନ ଦେବ। ବାକି ଧାର୍ମିକ ଭାବନାକୁ ଆଘାତ ଦେଉଥିବା ଡାଇଲଗକୁ ପରିବର୍ତ୍ତନ ପାଇଁ ତ ନିଷ୍ପତ୍ତି ନିଆଯାଇଛି।

**-ଦିଲ୍ଲୀପ ହାଲି, ସିନେ ସମୀକ୍ଷକ**

### କାର୍ଟୁନ ରାମାୟଣ ପରି ଲାଗିଲା



ହନୁମାନ ମୋତେ ବହୁତ ଭଲ ଲାଗିଲେ। ତାଙ୍କ ଅଭିନୟ ଭଲ ଥିଲା। ରାମ ଯେଉଁ ପଥରରେ ନାମ ଲେଖି ସେତୁବନ୍ଧ ନିର୍ମାଣ କଲେ, ରାବଣ ସହ ଲଢେଇ ଆଦି ଦେଖିବାକୁ ମଜା ଲାଗିଲା। ରାମାୟଣକୁ ମୁଁ କିଛି ମାତ୍ରାରେ ଚଳଚ୍ଚିତ୍ର ଦେଖିବା ପରେ ବୁଝିପାରିଲି। ମୁଁ ୟୁଟ୍ୟୁବ୍‌ରେ ଦେଖୁଥିବା କାର୍ଟୁନରେ ଯେମିତି କିଛି କାହାଣୀ ଥାଏ ସେମିତି ଏହି ଚଳଚ୍ଚିତ୍ରରୁ ରାମାୟଣ ବିଷୟରେ ଜାଣିପାରିଲି।

**-ହଂସିକା ପତି, ଶିଶୁ ଦର୍ଶକ**

### ସଂସ୍କୃତିକୁ ପରିହାସ



ରାମାୟଣକୁ ଏକ ବିକୃତ ରୂପରେ 'ଆଦିପୁରୁଷ' ମାଧ୍ୟମରେ ଦେଖାଯାଇଛି। ନିର୍ମାତାଙ୍କ କହିବାନୁସାରେ, ସେମାନେ ବର୍ତ୍ତମାନର ପିଢ଼ି ପାଇଁ ଏହି ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। କିନ୍ତୁ ବର୍ତ୍ତମାନ ପିଢ଼ି ଆଳରେ ଏମିତି କିଛି ଦେଖାଯିବା କଥା ନୁହେଁ, ଯାହା ଆମ ସଂସ୍କୃତିକୁ ପରିହାସ କରିବା ପରି ହେବ। ସୈଫ ଅଲ୍ଲୀ ଖାନ୍‌ଙ୍କ ଅଭିନୟ ଭଲ ଥିଲେ ମଧ ତାଙ୍କୁ ଏମିତି ଭାବେ ଉପସ୍ଥାପିତ କରାଯାଇଛି, ଯେଉଁଥିରେ ସେ ଦର୍ଶକଙ୍କ ଉପହାସ ପାଲଟିଛନ୍ତି। ଚଳଚ୍ଚିତ୍ରରେ ଗୀତଟିକୁ ଛାଡ଼ିଦେଲେ ଆଉ କିଛି ଭଲ ଲାଗୁନି।

**-ସୁକୁମାର ସାହୁ, ଯୁବ ସିନେ ସମୀକ୍ଷକ**




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାଦଲ



@ ସୋନୁ



@ ଦିନେଶ



@ ବାବୁନି



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପୁରୀ: ରବିବାର ତିନି ରଥରେ ବସ୍ତ୍ର ଲଗାଯାଉଛି।

# ଆଜି ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ଟଣାହେବ ୩ ରଥ

ପୁରୀ, ୧୮।୬(ଅଜିତ୍ ମହାନ୍ତି)

ଦିନକ ପରେ ଅର୍ଥାତ ମଙ୍ଗଳବାର ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା। ତେଣୁ ପରମ୍ପରା ଅନୁଯାୟୀ, ସୋମବାର ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାହେବ। ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିବେ। ପରମ୍ପରା ଅନୁଯାୟୀ, ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ରଥରେ ଆଜ୍ଞାମାଳ ପ୍ରଦାନ କରାଯିବ। ପରେ କ୍ରମ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳା ପ୍ରଦାନ କରାଯିବ। ଭୋଇ ସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ଦିଆଯିବା ପରେ ତିନିରଥ ଶ୍ରୀମନ୍ଦିର ନିକଟକୁ ଟଣାହେବ। ପରମ୍ପରା ଅନୁଯାୟୀ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯିବ। ପୋଲିସ ବାହିନୀ ସହାୟତାରେ ନନ୍ଦିଘୋଷ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ନିଆଯିବ। ପରେ ସୁଭଦ୍ରାଙ୍କ ରଥ ଏବଂ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ।

# ସହରୀ ବାସହୀନଙ୍କ ପାଇଁ ଆଶ୍ରୟ

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

**ରାସ୍ତାରେ ଯେପରି କେହି ନ ଶୋଇବେ**
**୨୧ ସୁଦ୍ଧା ଆକ୍ସନ ପ୍ଲାନ୍ ନିର୍ଦ୍ଦେଶ**

ରାସ୍ତାରେ ଯେପରି କେହି ନ ଶୋଇବେ, ତାହା ସୁନିଶ୍ଚିତ କରିବା ପାଇଁ ସହରୀ ବାସହୀନଙ୍କ ପାଇଁ ଆଶ୍ରୟ ବ୍ୟବସ୍ଥା କରାଯାଇଛି। ହେଲେ କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଏବେବି ଫୁଟପାଥ ଉପରେ କିଛି ଲୋକ ଶୋଉଥିବା ଲକ୍ଷ୍ୟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ପୌରସଂସ୍ଥାଗୁଡିକୁ ପାଟ୍ରୋଲିଂ ଟିମ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସିଏମସି ଏସୟୁଏଚ୍ ଟିମ୍, ରାଜ୍ୟ ଏସୟୁଏଚ୍ ଟିମ୍ ଏବଂ ଓପିୟୁଏସକୁ ନେଇ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏହି ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ସମସ୍ତ ପୌରସଂସ୍ଥାକୁ ପାଟ୍ରୋଲିଂ ଟିମ୍ କାର୍ଯ୍ୟକ୍ଷମ କରିବା ସହିତ ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୧ ତାରିଖ ସୁଦ୍ଧା ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ସିଏମସି ଟିମକୁ ନିର୍ଦ୍ଦେଶ ଦିଆଯାଇଛି। ସିଏମସି ଉପ-ଆୟୁକ୍ତ ଶ୍ୱେତପଦ୍ମା ଶତପଥୀ ଏବଂ ତାଙ୍କ ଟିମ୍, ରାଜ୍ୟ ଏସୟୁଏଚ୍ ଟିମ୍ ଏବଂ ନଗର ଉନ୍ନୟନ ବିଭାଗ ସହିତ ସହଭାଗିତାରେ କାର୍ଯ୍ୟ କରୁଥିବା ଏନଜିଓ ବୈଠକରେ ଅଂଶଗ୍ରହଣ କରିଛନ୍ତି।

# ପ୍ରତି ବ୍ଲକରେ ହେବ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର,୧୮।୬
(ଅନୁରାଧା ମହାରଣା)

ରାଜ୍ୟର ଛାତ୍ରୀଛାତ୍ରଙ୍କୁ ସଂଖ୍ୟା ଓ ଭାଷା ଜ୍ଞାନରେ ଦକ୍ଷ କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ 'ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁସ୍ତକ ମାଧ୍ୟମରେ ପାଠ ପଢ଼ାଯିବା ସହ ପିଲାଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ପ୍ରତି ବ୍ଲକରେ ଏଥିପାଇଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରସ୍ତୁତ କରାଯିବ। ମୌଳିକ ସାକ୍ଷରତା ଯୋଜନାରେ ପିଲାଙ୍କ ମୌଖିକ ଭାଷାର ବିକାଶ, ଅକ୍ଷର ଚିହ୍ନି ଚିହ୍ନି ପଢ଼ିବା, ସୁଗମ ପଠନ, ପଢ଼ିବା ସହ ବୁଝିବା, ଲିଖନ ପ୍ରତି ଗୁରୁତ୍ୱ ଦିଆଯିବ। ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତା ପାଇଁ ସେହି ବ୍ଲକର ଡାଏଟ୍ (ସିଟି ସ୍କୁଲ)ଗୁଡ଼ିକ ଦାୟିତ୍ୱ ନେବେ। ଏଥିପାଇଁ ଏସ୍‌ସିଇଆର୍‌ଟି ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଚିହ୍ନଟ କରାଯିବ। ଶ୍ରେଣୀ ଗୃହଗୁଡ଼ିକ ସ୍ୱଚ୍ଛତା, ବିଜୁଳିସେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ସମ୍ପୃକ୍ତ ସ୍କୁଲର କାନ୍ଥକୁ ନିଆରା ଢ଼ଙ୍ଗରେ ଚିତ୍ରିତ କରାଯିବ। ବିଭିନ୍ନ ଜ୍ୟାମିତିକ କ୍ଷେତ୍ରର ଚିତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ର ମାଧ୍ୟମରେ ପିଲାଙ୍କ ଜ୍ଞାନ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ। ଖେଳ କୁଦ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ ସହ ବିଦ୍ୟାଳୟରେ ଏକ ସ୍ମାର୍ଟ ଟିଭି ମଧ ଲଗାଯିବ। ସ୍କୁଲରେ ପିଲାମାନଙ୍କୁ କାର୍ଟୁନ, କାହାଣୀ, ଶିଶୁ ଗୀତ, କବିତା ଆବୃତ୍ତି ଆଦି ସହ ଯୋଡ଼ାଯିବ। ଏହାଦ୍ୱାରା ପିଲାଙ୍କ ସୃଜନଶୀଳତା ବଢ଼ିବ ବୋଲି ଆଶା କରାଯାଉଛି। ବିଦ୍ୟାଳୟରେ ଡିସପ୍ଲେ ବୋର୍ଡ ରହିବା ସହ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା ସେଥିରେ ପ୍ରଦର୍ଶନ କରାଯିବ। ସେହିପରି ଆଦିବାସୀ ଅଞ୍ଚଳର ପିଲାଙ୍କ ପାଇଁ ସେମାନଙ୍କ ଆଞ୍ଚଳିକ ଭାଷାରେ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବ। ଏକ ସ୍ୱତନ୍ତ୍ର କକ୍ଷରେ ପିଲାଙ୍କ ପାଇଁ ବିଭିନ୍ନ ଖେଳଣା, କ୍ୟାରମ ବୋର୍ଡ, ଲୁଡୁ, ବିଭିନ୍ନ ପଶୁ, ପକ୍ଷୀ ଫଳ ଆଦି ଆକୃତିର ଖେଳଣା ରଖାଯିବ। ଏ ସମସ୍ତ ପ୍ରକ୍ରିୟା ପରିଚାଳନା ପାଇଁ ଜଣେ ଦକ୍ଷ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯିବ। ସେହିପରି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ, ଡିପିସି, ସିଆର୍‌ସିସି ପ୍ରମୁଖ ରହିବେ।

# ବିଧାନସଭା ପରିସରରେ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ



ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ବାଚସ୍ପତି ରଜନୀକାନ୍ତ ସିଂହ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)

ଓଡ଼ିଶା ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୯୫ ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ବିଧାନସଭା ପରିସରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଅନନ୍ତ ନାରାୟଣ ଜେନା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାଶ୍ୱତୀ ସାମାଜିକ-ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀବୃନ୍ଦ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ ।



ପୁରୀ ରଥଯାତ୍ରା ପାଇଁ ରଥରେ ଲାଗୁଥିବା ପିତ୍ତଳ ସାମଗ୍ରୀକୁ ସଫା କରାଯାଉଛି।



ରଥ ପ୍ରଭାରେ ଚିତ୍ରକରମାନେ ରଙ୍ଗ ଦେଉଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ବୈଠକ

ବାଲିପାଟଣା,(ଅଭିମନ୍ୟୁ ନାୟକ): ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ 'ଟେବୁଲ ଟପ୍ ଏକ୍ସରସାଇଜ' ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଆଦିକନ୍ଦ ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଜିଲା ବିପର୍ଯ୍ୟୟ ଅଧିକାରୀ ମମତା ସାହୁ, ତହସିଲଦାର ବୁଲବୁଲ ବେହେରା, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ, ସିଡିପିଓ ରୁନୁବାଳା ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ଓକିଲ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁଡିଆ, ପୋଲିସ ଅଧିକାରୀ ରାକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

ବାଲେଶ୍ୱର

- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଗ୍ୟାଲେରି ଆର୍ଟିଷ୍ଟମାଇଣ୍ଡଜ ପକ୍ଷରୁ ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା ୩୦।
- ବିଚ୍‌ରାଜ ସମ୍ମାନ ପ୍ରଦାନ ସମାରୋହ ଓ ଅନୁଷ୍ଠାନର ବାର୍ଷିକୋତ୍ସବ 'ଜିଙ୍ଗା ଲା ଲା', ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା ୩୦।

## ଅନୁଗୋଳରୁ ଆମ୍ବ ପାଇ ଖୁସିବ୍ୟକ୍ତ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର): ନୂଆଦିଲ୍ଲୀରେ ଅନୁଗୋଳରୁ ଆସିଥିବା ସୁସ୍ୱାଦୁ ଆମ୍ବ ପାଇ ଖୁସିବ୍ୟକ୍ତ କରିବା ସହ ଦିଲ୍ଲୀକୁ ଆସୁଥିବା ଏହି ଆମ୍ବର ଅନନ୍ୟ ସ୍ୱାଦ ରାଜଧାନୀବାସୀଙ୍କୁ ଆକୃଷ୍ଟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ତାଙ୍କ ଜିଲା ଅନୁଗୋଳ ବାଗଡିଆ ଖମାର ଗାଁରେ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ଆମ୍ରପଲି, ମଲ୍ଲିକା ଆମ୍ବ ଦିଲ୍ଲୀରେ ପାଇ ଆନନ୍ଦିତ। ଆମ୍ବ ପ୍ରଦାନ କରିଥିବା ସଫଲ୍ ପ୍ରଡକ୍ଟ କମ୍ପାନୀର ଅଧିକାରୀ ପ୍ରଦୀପ୍ତ ସାହୁ ଏବଂ ଚାଷୀ ଅଜିତ୍ କୁମାର ଗଡନାୟକଙ୍କୁ ଧନ୍ୟବାଦ। ସଫଲ ପ୍ରଡକ୍ଟ, ଲାଇଭିଲି ହୁଡ୍ ଅଲଟରନେଟିଭ୍ ଏବଂ ମାଆ ବାୟାଣୀ ଆଗ୍ରୋଫେଡ୍ ଏଫପିଓର ମିଳିତ ସହଯୋଗରେ ବଗିଚାର ଆମ୍ବ ଦିଲ୍ଲୀବାସୀଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଏହି ପଦକ୍ଷେପ ଯୋଗୁ ଗ୍ରାମୀଣ ଉତ୍ପାଦକ ଏବଂ ସହରାଞ୍ଚଳରେ ରହୁଥିବା ଗ୍ରାହକଙ୍କ ମଧ୍ୟରେ ବ୍ୟବଧାନ ହ୍ରାସ ପାଇଛି। ଓଡ଼ିଶାର ଏହି ସୁସ୍ୱାଦୁ ଆମ୍ବ, ଦିଲ୍ଲୀରେ ଥିବା ଆମ୍ବ ପ୍ରେମୀମାନେ ଉପଭୋଗ କରିବେ ବୋଲି ସେ କହିଛନ୍ତି।



## ବିଏମ୍‌ସିର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୮।୬ (ବନ୍ଦନା ସେଠୀ)- ବିପର୍ଯ୍ୟୟ ପରିଚାଳନା ନେଇ ଆଗୁଆ ପ୍ରସ୍ତୁତ ରହିବା ତଥା ସ୍ଥିତିର ସମୀକ୍ଷା କରିବା ପାଇଁ ବିଏମ୍‌ସି ମୁଖ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଲାଇନ୍ ବିଭାଗ, ୱାଟ୍‌କୋ, ପିଏଚ୍ଇଡି, ଟିପିସିଓଡିଏଲ୍ ସମେତ ବିଏମ୍‌ସିର ବିଭିନ୍ନ ଅଧିକାରୀମାନେ ଯୋଗଦେଇ ସ୍ଥିତିର ସମୀକ୍ଷା କରିବା ସହ ନିଜର ମତାମତ ଦେଇଥିଲେ। ଆଗକୁ ବର୍ଷା ଦିନ ଆସୁଥିବାରୁ ସହରରେ ଜଳବନ୍ଦୀ ସମସ୍ୟା, ଡ୍ରେନ୍ ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ମୁକୁଳା ଡ୍ରେନ୍‌ରେ ଘୋଡଣି ପକାଇବା, କାଳବୈଶାଖୀ ହେଲେ ତୁରନ୍ତ ଗଛଡାଳ କାଟିବା ସହ ବିଦ୍ୟୁତ୍ ସରବରାହ ଯୋଗାଇ ଦେବା, ତଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ହେଲେ ମୋଟର ପମ୍ପ ପକାଇ ଜଳ ନିଷ୍କାସନ କରିବା ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହାବାଦ୍ ବିଏମ୍‌ସି ପକ୍ଷରୁ ଟାଟା ପାୱାରକୁ ତାଗିଦ୍ କରାଯାଇଥିଲା। ନୀରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ସମସ୍ୟା ଉପୁଜିଲେ ସେ ନେଇ ସୂଚନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିଲା।

## କଳିଙ୍ଗ କନ୍ୟା ରତ୍ନ ସମ୍ମେଳନରେ ୩୦ଜଣଙ୍କୁ ପୁରସ୍କୃତ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)- ବୀଣାପାଣି ନାଟ୍ୟ ସଂସ୍ଥା ଓ ରଙ୍ଗିଲା ଡ୍ୟାନ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ 'କଳିଙ୍ଗ କନ୍ୟା ରତ୍ନ ସମ୍ମେଳନ' ସୂଚନା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜସେବୀ ସସ୍ମିତା ମଙ୍ଗରାଜ, ଜୟ ଓଡ଼ିଶା ସଭାପତି ରୁଦ୍ର ସାମନ୍ତରାୟ, ଡ୍ୟାନ୍ସ ଗ୍ରୁପ୍ର ନିର୍ଦ୍ଦେଶକ ଦିଲ୍ଲିପ କୁମାର ସ୍ୱାଇଁ, ଜାତ୍ରା ରଙ୍ଗମହଲର ମାଲିକ କବିରାଜ ସ୍ୱାଇଁ, ସମାଜସେବୀ ରବୀନ୍ଦ୍ର ରାଉତରାୟ, ସପନ ମିଶ୍ର, ଓଡ଼ିଶା ସମାଜ ମୁମ୍ବାଇର ସଭାପତି ବିପିନ ବିହାରୀ ମିଶ୍ର, ସମ୍ବାଦିକ ମନୋର ସେଠ, ସୁକାନ୍ତି ମିଶ୍ର, ବସନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଙ୍ଗିଲା ଡ୍ୟାନ୍ସଗ୍ରୁପର କନ୍ୟା ପ୍ରତିଭାମାନେ ଅଭିନୟ ଓ ନୃତ୍ୟ ମାଧମରେ 'କନ୍ୟାର ଯତ୍ନ ନିଅନ୍ତୁ , ସୁନ୍ଦର ଓଡିଶା ଗଢନ୍ତୁ'ର ବାର୍ତ୍ତା ଦେଇଥିଲେ। ଚିତ୍ରାଙ୍କନ, ନୃତ୍ୟ, ସଂଗୀତ, ଅଭିନୟ ଓ ବକ୍ତୃତା ପ୍ରତିଯୋଗିତା ହେବା ସହ ୩୦ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଦ୍ଧନାଥ ବେହେରା ଅଧକ୍ଷତା କରିଥିବାବେଳେ ସମ୍ପାଦକ ବିଚିତ୍ର କୁମାର ମଲିଆ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରବିନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଘୋଷଯାତ୍ରା ପାଇଁ ରାଜଧାନୀରେ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର, ୧୮।୬ (ବନ୍ଦନା ସେଠୀ)

**ରାତି ପାହିଲେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କାଳିଆ ଠାକୁର ସାଙ୍ଗରେ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ରଥରେ ମାଉସୀ ମା' ଘରକୁ ଯିବେ। ତେଣୁ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହିତ ରଥଟାଣିବା ପାଇଁ ଅଗଣିତ ଭକ୍ତ ଆକୁଳତାର ସହ ଅପେକ୍ଷା କରି ରହିଛନ୍ତି। ପୁରୀ ଭଳି ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଏହା ପୂର୍ବରୁ ସୋମବାର ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଠାକୁର।**



କିଟ୍

### ଇସ୍କନ ମନ୍ଦିର: ଅପରାହ୍ନ ୨ଟାରେ ରଥଟଣା

୧୯୯୧ରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହା ୩୨ବର୍ଷରେ ପହଞ୍ଚିଛି। ଏଥର ରଥର ଉଚ୍ଚତା ୨୧ଫୁଟ ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପହଣ୍ଡିବିଜେ କରାଯାଇ ମଧ୍ୟାହ୍ନ ୧୨ଟାରେ ଭୋଗ ଏବଂ ଆରତି କରାଯିବ। ଅପରାହ୍ନ ୨ଟାରେ ମନ୍ଦିରର ସନ୍ୟାସୀ ଗୋପିନାଥ ମହାରାଜ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହେବ। ୬ଟାରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତି କରାଯିବ। ସେହିପରି ୨୮ ତାରିଖ ଅପରାହ୍ନ ୨.୩୦ରେ ଛେରାପହଁରା ଓ ୩.୩୦ରେ ବାହୁଡାଯାତ୍ରା ଆରମ୍ଭ ହେବ। ୩୦ ତାରିଖରେ ସୁନାବେଶ ସହିତ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି। ଇସ୍କନ ମନ୍ଦିର ପାଖରେ ଥିବା ତେଲ ଟାଙ୍କି ନିକଟରେ ଗାଡ଼ି ପାର୍କିଂ ବ୍ୟବସ୍ଥା କରାଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରଥଟଣା ଆରମ୍ଭ ହେବା ସମୟରେ ଯାନବାହନକୁ ଫାୟାରଷ୍ଟେଶନ ପାଖରୁ ଡାଇଭର୍ଟ କରାଯିବ। ତଳ ରାସ୍ତାରେ କୌଣସି ଗାଡ଼ିକୁ ଛଡାଯିବ ନାହିଁ। ଏଥିସହ ମନ୍ଦିରରୁ ରଥ ବାହାରି ସିଆର୍‌ପି ଦେଇ ଯିବା ସମୟରେ ରଥକୁ ସମ୍ମାନ ଦେଇ କୌଣସି ଗାଡ଼ି ଓଭରବ୍ରିଜ୍ ଉପରେ ଯିବନାହିଁ। ରଥଯାତ୍ରା ସମୟରେ ବର୍ଷା ହେଲେ ତୁରନ୍ତ ଆବଶ୍ୟକ ସଂଖ୍ୟକ ମଟରପମ୍ପ ପକାଇ ପାଣି ନିଷ୍କାସନ କରାଯିବା ନେଇ ବ୍ୟବସ୍ଥା ହୋଇଛି। ଖରା ହେଲେ ବିଏମ୍‌ସି ପକ୍ଷରୁ ପାଣି ସିଞ୍ଚନ କରିବା, ଇ-ଟଏଲେଟ୍‌ର ବ୍ୟବସ୍ଥା କରିବା, ଓଭରହେଡ୍ କେବୁଲ ହଟାଇବା, କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଫାଷ୍ଟଏଡ୍‌ର ବ୍ୟବସ୍ଥା କରାଯାଇଛି।



ୟୁନିଟ୍-୮ ଜଗନ୍ନାଥ ମନ୍ଦିର

### ୫୦ ବର୍ଷରେ ୟୁନିଟ-୮ ଜଗନ୍ନାଥ ମନ୍ଦିର ରଥଯାତ୍ରା

ଭୁବନେଶ୍ୱରରେ ସର୍ବପ୍ରଥମେ ଏଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏଠାରେ ରଥଯାତ୍ରା ୫୦ବର୍ଷରେ ପଦାର୍ପଣ କରିଥିବାରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସୋମବାର ମନ୍ଦିର ପକ୍ଷରୁ ନବଯୌବନ ଦର୍ଶନ ସହିତ ୬ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ନୀତିକାନ୍ତି ଅନୁଯାୟୀ ଏଠାରେ ମଧ ସମସ୍ତ ନୀତି ପାଳନ କରାଯାଉଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୫ରେ ରଥ ପ୍ରତିଷ୍ଠା ହେବାପରେ ଅପରାହ୍ନ ୧ଟା ୨୫ରେ ପହଣ୍ଡି କରାଯିବ। ୨ଟା ୨୫ରେ ବାୟାବାବା ମଠ ମହନ୍ତ ଛେରାପହଁରା କରିବା ପରେ ୩ଟା ୫ରେ ରଥଟଣା ଆରମ୍ଭ ହେବ। ରଥର ଉଚ୍ଚତା ୩୨ଫୁଟ ରହିଛି। ୨୮ ତାରିଖ ଅପରାହ୍ନ ୩ଟା ୨୫ରେ ବାହୁଡ଼ା ଯାତ୍ରା ଆରମ୍ଭ ହେବ। ୨୯ରେ ସନ୍ଧ୍ୟା ୬ଟା ୨୩ରେ ସୁନାବେଶ ଏବଂ ୩୦ରେ ସନ୍ଧ୍ୟା ୬ଟା ୫୫ରେ ଅଧରପଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଅଜିତ୍ କର ସୂଚନା ଦେଇଛନ୍ତି।



ଭିଏସ୍‌ଏସ୍ ନଗର ଭୁବନେଶ୍ୱରୀ ମନ୍ଦିର

### କିଟ୍ ଜଗନ୍ନାଥ ମନ୍ଦିର : ରଥଯାତ୍ରା ସହ ଭଜନ ସମାରୋହ

କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ୧୬ବର୍ଷ ଧରି ରଥଯାତ୍ରା ପାଳନ କରାଯାଉଛି। ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥର ଉଚ୍ଚତା ୨୪ଫୁଟ, ବଳଦେବଙ୍କ ରଥ ଉଚ୍ଚତା ୨୨ଫୁଟ ଏବଂ ଦେବୀ ସୁଭଦ୍ରାଙ୍କ ରଥର ଉଚ୍ଚତା ୨୧ଫୁଟ ରହିଛି। ସୋମବାର ସକାଳ ୭ଟାରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଆରମ୍ଭ ହେବ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପହଣ୍ଡି, ଅପରାହ୍ନ ୩ଟାରୁ ୪ଟା ଛେରାପହଁରା କରାଯିବ। କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛେରାପହଁରା କରିବା ପରେ ଅପରାହ୍ନ ୪ଟା ୩୦ରୁ ରଥଟଣା ଆରମ୍ଭ ହୋଇ ଇନ୍‌ଫୋସିଟି ସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟକୁ ଯିବ। ଶନିବାର ୨୪ ତାରିଖରେ ରଥଭଙ୍ଗା ନୀତି କରାଯାଇ ରବିବାର ରଥକୁ ଦକ୍ଷିଣ ମୋଡ କରାଯିବ। ୨୮ ତାରିଖରେ ବାହୁଡା ଯାତ୍ରା ପାଇଁ ସକାଳ ୧୧ଟାରେ ପହଣ୍ଡି, ଅପରାହ୍ନ ୩ଟାରେ ଛେରା ପହଁରା କରାଯାଇ ୪ଟା ୩୦ରେ ରଥଟଣା ଆରମ୍ଭ କରାଯିବ। ୨୯ରେ ସୁନାବେଶ, ୩୦ ତାରିଖରେ ଅଧରପଣା ଓ ଜୁଲାଇ ୧ରେ ଠାକୁର ନୀଳାଦ୍ରିବିଜେ କରିବେ। ଏଥିସହ ୨୧ ତାରିଖରୁ ୨୭ ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ଓ ୨୯ ତାରିଖରୁ ୩୦ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଭଜନ ସମାରୋହ ଆୟୋଜନ କରାଯିବ।

### ଭୁବନେଶ୍ୱରୀ ମନ୍ଦିରରେ ରଥଟାଣନ୍ତି ମହିଳା ଓ ପୁରୁଷ

ଭିଏସ୍‌ଏସ୍ ନଗରସ୍ଥିତ ଭୁବନେଶ୍ୱରୀ ମନ୍ଦିର ରଥଯାତ୍ରା ୧୬ବର୍ଷରେ ପହଞ୍ଚିଛି। ଗୋଟିଏ ରଥରେ ତିନି ଠାକୁର ବିଜେ କରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଏଠାରେ ରଥର ଗୋଟିଏ ପାଖ ଦଉଡ଼ିକୁ ମହିଳା ଏବଂ ଅନ୍ୟପାଖ ଦଉଡ଼ିକୁ ପୁରୁଷମାନେ ଟାଣନ୍ତି। ଏଥର ଶ୍ରୀ ଶ୍ରୀ ଭୁବନେଶ୍ୱରୀ ସେବା ସଂସ୍କୃତି ପରିଷଦର ସଭାପତି ଡ. କୁମାର ପରିଡ଼ା ଛେରା ପହଁରା କରିବେ। ଅପରାହ୍ନ ୧ଟା ୪୫ରେ ପହଣ୍ଡି ବିଜେ ପରେ ୨ଟା ୩୦ରେ ଛେରା ପହଁରା ଓ ୩ଟା ୩୦ରେ ରଥଟଣା ଆରମ୍ଭ ହେବ। ବୁଧବାର ୨୮ ତାରିଖରେ ବାହୁଡା ଯାତ୍ରା ପରେ ଠାକୁର ମନ୍ଦିରକୁ ଫେରିବେ।




ପରିଚୟ ଫାଉଣ୍ଡେଶନ ପକ୍ଷରୁ ରବିବାର 'ଶ୍ରୀ ପୁରସ୍କାର'ର ୮ମ ସଂସ୍କରଣରେ ପୁରସ୍କୃତ ବ୍ୟକ୍ତିତ୍ୱଙ୍କ ସହ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

## ୧୮ ବର୍ଗରେ ୨୫ ଜଣଙ୍କୁ 'ଶ୍ରୀ ପୁରସ୍କାର'

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

**ପଦ୍ମଶ୍ରୀ ହଳଧର ନାଗ ଓ ଦିଲୀପ ଟିର୍କୀଙ୍କୁ ଜୀବନବ୍ୟାପୀ ସମ୍ମାନ**

ପରିଚୟ ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ପିତୃ ଦିବସ ଉପଲକ୍ଷେ 'ଶ୍ରୀ ପୁରସ୍କାର'ର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଶିଷ୍ଟ ଅତିଥି ପଦ୍ମଭୂଷଣ ହରି ପ୍ରସାଦ ଚୌରାସିଆ, ଆଇଏଏସ୍ ଅଫିସର ବିଶାଲ କୁମାର ଦେବ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୮ଟି ବର୍ଗରେ ୨୫ ଜଣଙ୍କୁ 'ଶ୍ରୀ ପୁରସ୍କାର' ପ୍ରଦାନ କରାଯାଇଛି। ଜୀବନବ୍ୟାପୀ ସମ୍ମାନରେ ପଦ୍ମଶ୍ରୀ ହଳଧର ନାଗ ଓ ପଦ୍ମଶ୍ରୀ ଦିଲୀପ ଟିର୍କୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନେ ହେଲେ ଗୁରୁ ଶରତ ଚନ୍ଦ୍ର ମହାପାତ୍ର ଏବଂ ଦେବ ପ୍ରସାଦ ପରିଜା, ଡ. ସନ୍ତୋଷ ତ୍ରିପାଠୀ ଓ ଡ. ଜଗନ୍ନାଥ ପଟ୍ଟନାୟକ, ତାରିଣୀ ପ୍ରସାଦ ମହାନ୍ତି ଓ ତନ୍ମୟ ମହାନ୍ତି, ନିଗମାନନ୍ଦ ମିଶ୍ର, ସାର୍ଥକ ପଟ୍ଟନାୟକ, ନରୋତ୍ତମ ଦାସ, ପ୍ରଦୀପ ବୈଶାଖ ଓ ଶୁଭ୍ରାଂଶୁ ପଣ୍ଡା, ପାର୍ଥ ପଣ୍ଡା, କ୍ରିଷ୍ଣା ସାହୁ ଓ ଶୈଳେନ୍ଦ୍ର ସାମନ୍ତରାୟ, ସେଫ୍ ମାଇକେଲ୍, ଅମିତାଭ ଦାସ, ଜିତ ଜଗଜିତ, ସୌରଭ ପ୍ରକାଶ, ଏସ୍‌କେ ତାବ୍ରିଜ୍ କ୍ୱାଦର, ଇନଫ୍ଲୁଏନ୍ସର ସୁରଜ ବଳ, ଡ. ହସନ ଖାନ୍ ଏବଂ ସ୍ୱତନ୍ତ୍ର ଭାବେ ଜଗଜୀବନ ଚାନ୍ଦ ଓ ମାନସ ସାହୁ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଫ୍ୟାଶନ ଶୋ' ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ ପାଟଶାଣୀ ଧନ୍ୟବାଦ ଜଣାଇଥିଲେ।

## ବିଏମ୍‌ସି ପାଇଁ ପ୍ରତିନିଧି ନିଯୁକ୍ତ କଲେ ଅପରାଜିତା

ଭୁବନେଶ୍ୱର, ୧୮।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପାଇଁ ଏମ୍‌ପି ଅପରାଜିତା ଷଡଙ୍ଗୀ ତାଙ୍କ ପ୍ରତିନିଧି ନିଯୁକ୍ତ କରିଛନ୍ତି। ଭାଜପାର ଯୁବ ନେତା ପୁରୁଣା ଭୁବନେଶ୍ୱରର ମଦନ ମୋହନ ପ୍ରଧାନଙ୍କୁ ତାଙ୍କ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଅପରାଜିତା ରବିବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ତାଙ୍କ ବିଜ୍ଞପ୍ତି ଚିଠି ପ୍ରଦାନ କରିଥିଲେ। ଏବେଠାରୁ ଏମ୍‌ପିଙ୍କ ପ୍ରତିନିଧି ଭାବେ ବିଏମ୍‌ସି କର୍ପୋରେଶନ ବୈଠକରେ ପ୍ରଧାନ ଉପସ୍ଥିତ ରହିବେ।

## ୨୦ରୁ ଜୀ-ସାର୍ଥକରେ ରଥଯାତ୍ରା ସିଧା ପ୍ରସାରଣ

ଭୁବନେଶ୍ୱର,୧୮।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜୀ-ସାର୍ଥକରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସିଧା ପ୍ରସାରଣ ହେବ। ଏପରିକି ଜୁନ୍ ୨୦ ସକାଳ ୬ ଘଣ୍ଟିକାରୁ ସନ୍ଧ୍ୟା ୫ ଘଣ୍ଟିକା ପର୍ଯ୍ୟନ୍ତ ରଥଯାତ୍ରାର ସିଧା ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜୁନ୍ ୨୮ରେ ବାହୁଡା ଯାତ୍ରା। ସକାଳ ୬ ଘଣ୍ଟିକାରୁ ସନ୍ଧ୍ୟା ୫ ଘଣ୍ଟିକା ପର୍ଯ୍ୟନ୍ତ ପ୍ରସାରିତ ହେବାକୁ ଥିବାବେଳେ ଜୁନ୍ ୨୯ରେ ସୁନାବେଶ ଏବଂ ଜୁଲାଇ ୧ରେ ନୀଳାଦ୍ରି ବିଜେର ମଧ ସିଧା ପ୍ରସାରଣ ହେବ। ବିଶେଷକରି ସୁନାବେଶ ଦିନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏବଂ ନୀଳାଦ୍ରି ବିଜେ ରାତି ୧୦ଟା ୩୦ରୁ ସିଧା ପ୍ରସାରଣ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରଥଯାତ୍ରାର ସମ୍ପୂର୍ଣ୍ଣ ଧାରାବିବରଣୀ ସହିତ ଭକ୍ତିପୂର୍ଣ୍ଣ ଭଜନ ଓ ସମସ୍ତ ରୀତିନୀତିର ପ୍ରକୃତ ଅର୍ଥ ଜୀ-ସାର୍ଥକରେ ଦେଖିବାକୁ ପାଇବେ। ଏପରିକି ଚଳିତ ଥର ଅଭିନେତ୍ରୀ ନୈନା ଦାସ ଉପସ୍ଥାପିକା ଭାବେ ଦ୍ୱାୟିତ୍ୱ ନିର୍ବାହ କରୁଥିବା ବେଳେ ଓଡ଼ିଶାର ଜଣାଶୁଣା ଗାୟକ ଓ ଗାୟିକାମାନେ ଭଜନ ପରିବେଷଣ କରିବେ। ଯେଉଁମାନଙ୍କ ମଧ୍ୟରେ ମନ୍ମଥ ମିଶ୍ର, ସୁବାସ ଦାସ, ଶରତ ନାୟକ, ଦୀପ୍ତିରେଖା ପାଢ଼ୀ, ଅସୀମା ପଣ୍ଡା, ବିଷ୍ଣୁମୋହନ କବି, କୁଳଦୀପ ପଟ୍ଟନାୟକ ଓ ବସନ୍ତ ପାତ୍ର ପ୍ରମୁଖ ସାମିଲ ଅଛନ୍ତି। ସେହିପରି ପ୍ରବଚକ ମଧ ଅବିରତ ଧାରାବିବରଣୀ ଜାରି ରଖିବେ। ଯେଉଁମାନଙ୍କ ମଧ୍ୟରେ ଗୁରୁପ୍ରସାଦ ମହାପାତ୍ର, ସୂର୍ଯ୍ୟନାରାୟଣ ରଥଶର୍ମା, ଶାଶ୍ୱତୀ ସୌମ୍ୟା ମିଶ୍ର ଓ ପାର୍ଥସାରଥୀ ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି। ଏ ସମ୍ପର୍କରେ ଜୀ-ସାର୍ଥକର ଚିଫ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍ କହିଛନ୍ତି, ଓଡ଼ିଶାର କଳା,ସଂସ୍କୃତି ଓ ପରମ୍ପରା ଆଦିକୁ ପ୍ରାଧାନ୍ୟ ଦେଇଥାଏ। ବିଶେଷ କରି ରଥଯାତ୍ରାର ସିଧା ପ୍ରସାରଣ ସହିତ ଉଚ୍ଚକୋଟୀର ଧାରା ବିବରଣୀ ଓ ଭଜନର ଆୟୋଜନ କରି ଆମେ ବେଶ୍ ଉତ୍ସାହିତ ଅଛୁ।




## ଉତ୍କଳମଣିଙ୍କ ୯୫ତମ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୧୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସେବା ଓ କରୁଣାର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ଗୋପବନ୍ଧୁଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ପ୍ରଫୁଲ୍ଲ ସାମଲ, ଅନନ୍ତ ନାରାୟଣ ଜେନା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧାପକ ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ସମ୍ପର୍କରେ କହିଥିଲେ। ଏଥିସହ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ଗୋପବନ୍ଧୁଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଭଙ୍ଗାହାଡ଼ ଯୋଡ଼ିବାରେ ନୂଆ ଆଶା ଇଲିଜାରୋଭ୍ ପଦ୍ଧତି

କଟକ,୧୮।୬(କାର୍ତ୍ତିକ ସାହୁ)

ଅତୀତରେ ଦୁର୍ଘଟଣାଜନିତ ଭଙ୍ଗା ହାଡ଼କୁ ଯୋଡ଼ିବାରେ ଅବଲମ୍ବନ କରାଯାଉଥିବା ପଦ୍ଧତି ବିଶେଷ ଫଳପ୍ରଦ ହେଉ ନ ଥିଲା। ମାତ୍ର ଏବେ ଇଲିଜାରୋଭ୍ ଚିକିତ୍ସା ପଦ୍ଧତି ଭଙ୍ଗାହାଡ଼ ଯୋଡ଼ିବାରେ ନୂତନ ଆଶା ସୃଷ୍ଟି କରିପାରିଛି ବୋଲି ଖ୍ୟାତନାମା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମଙ୍ଗଳ ପରିହାର କହିଛନ୍ତି। ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ରବିବାର ଅନୁଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ଦୁଇଦିନିଆ ଜାତୀୟ କର୍ମଶାଳାରେ ଡା. ମଙ୍ଗଳ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଏହା କହିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଅସ୍ଥିଶଲ୍ୟ ଚିକିତ୍ସକ, ଗବେଷକ ଓ ବିଶେଷଜ୍ଞ ଯୋଗଦେଇ ଅସ୍ଥିଶଲ୍ୟଜନିତ ଜଟିଳ ସମସ୍ୟା ଏବଂ ମୌଳିକ ଇଲିଜାରୋଭ୍ ଚିକିତ୍ସା ପ୍ରଣାଳୀର ସଫଳ ପ୍ରୟୋଗ ସମ୍ବନ୍ଧୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାକୁ ଉଦ୍‌ଘାଟନ କରି ରାଜ୍ୟରେ ପ୍ରଥମଥର ଆୟୋଜିତ ଏହି କର୍ମଶାଳା ଯୁବ ଡାକ୍ତରମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଆସୋସିଏଶନ ଫର୍ ଦି ଷ୍ଟଡି ଆଣ୍ଡ୍ ଆପ୍ଲିକେଶନ ଅଫ୍ ଦି ମେଥଡ ଅଫ୍ ଇଲିଜାରୋର ପୂର୍ବତନ ସଚିବ ଡା. ରବି ଚୌହ୍ୱାନ୍, ଓଡ଼ିଶା ଅସ୍ଥିଶଲ୍ୟ ଚିକିତ୍ସକ ସଂଘ ସଭାପତି ଡା. ରାମନାରାୟଣ ମହାନ୍ତି, ସମ୍ପାଦକ ଡା. ବସନ୍ତ କୁମାର ବେହେରା, ରଞ୍ଜନ କୁମାର ଦାସ, ନିର୍ମଳ ଚନ୍ଦ୍ର ମହାପାତ୍ର, ସଞ୍ଜୟ ଦାସ, ନିରୁପମା ଚୟନୀ, ଅମିୟ କୁମାର ବେରା, ଶୁଭସ୍ମିତା ମଲ୍ଲିକ, ଡା. ହରିକିଶନ, ଡା. କ୍ରିଷ୍ଣା କୁମାର ମେଚୋର, ଡା. ଦିବ୍ୟା ଆହୁଜା ପ୍ରମୁଖ ଯୋଗଦେଇଥିଲେ। ପାଠ୍ୟକ୍ରମ ସଂଯୋଜକ ପ୍ରଫେସର ଡା. ଚିତ୍ତପ୍ରସାଦ ଦାସ ସ୍ୱାଗତ ଭାଷଣ, ପ୍ରାଧ୍ୟାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ଉପସ୍ଥାପନା ଓ ଅଧ୍ୟକ୍ଷ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।




ପଦ୍ମିନୀ କେୟାର ହସ୍ପିଟାଲରେ ଅନୁଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ଗତିଃଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଣପୁର,୧୮।୬(ଶଙ୍କର ବସ୍ତି):** ବାଣପୁର ବ୍ଲକ ଅଧୀନ ମାଳିଗୋବିନ୍ଦପୁର ଗ୍ରାମ ନିକଟରେ ଥିବା ଗତିଃଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ସହ ଅଖଣ୍ଡ ନାମଯଜ୍ଞ ଓ ଚତୁର୍ଦ୍ଦଶ ମହାଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ ଉପଲକ୍ଷେ ରାମେଶ୍ୱର ଦେବ, ଗବପଦର ଭେଟିନାଥ ଦେବ, ଭେଟେଶ୍ୱର, ଗତିଃଶ୍ୱର ଦେବ, ମଙ୍ଗରାଜପୁରଙ୍କ ସମେତ ୧୪ଟି ଶମ୍ଭୁ ମନ୍ଦିରକୁ ଆଗମନ କରିଥିଲେ। ଗତ ବୁଧବାର ଅଙ୍କୁରାରୋପଣ, ଗୁରୁବାର ଘୃତଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ପୂଜା ଓ ଅଖଣ୍ଡ ନାମଯଜ୍ଞ କରାଯାଇଥିଲା। ରବିବାର ପୂର୍ଣ୍ଣାହୁତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କୁ ଦର୍ଶନ କରିବା ସହ ବିଭୁକୃପା ଲାଭ କରିଥିଲେ। କର୍ତ୍ତାଭାବେ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ଓ ତାଙ୍କ ସହଧର୍ମିଣୀ ଦିପ୍ତୀଶ୍ରୀ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ତେବେ ଯଜ୍ଞ ସରିବା ପରେ ଶମ୍ଭୁମାନଙ୍କ ମେଳଣ ଅନୁଷ୍ଠିତ ହୋଇଥିଲା। ବାଣ ଓ ରୋଷଣୀରେ ଶମ୍ଭୁମାନେ ସ୍ୱଗ୍ରାମ ପ୍ରତ୍ୟାବର୍ତ୍ତନ କରିଥିଲେ।

### ସାହିତ୍ୟ ଘରର ବାର୍ଷିକ ଉତ୍ସବ

**ଟାଙ୍ଗୀ,୧୮।୬(ରଘୁନାଥ ସାହୁ):** ଟାଙ୍ଗୀ ସାହିତ୍ୟ ଘରର ବାର୍ଷିକ ଉତ୍ସବ ଓ ମୁଖପତ୍ର ଲୋକାର୍ପଣ କାର୍ଯ୍ୟକ୍ରମ ରବିବାର ରତ୍ନମାଳି ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଡା.ଦେବେନ୍ଦ୍ର ନାଥ ମାନସିଂହ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ସାହିତ୍ୟିକ ଡ.କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ର ଶେଖର ଦାଶ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବାସୁଦେବ ସିଂ, ଦିବ୍ୟଲୋଚନ ଭାରିମଲ୍ଲ, କାହ୍ନୁଚରଣ ମିଶ୍ର, ଧୋବେଇ ବେହେରା, ବିକ୍ରମାଦିତ୍ୟ ବାରିକ ଓ ବିଜୟ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଧବ ମହାରଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ହୋଇଥିବା ରଜ ଉତ୍ସବର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ମୁଖପତ୍ର 'ଶଙ୍କର୍ଷଣ' ଲୋକାର୍ପଣ ହୋଇଥିଲା। ନୂତନଭାବେ ସଭ୍ୟ ହୋଇଥିବା ମଞ୍ଜୁଲତା ଇନ୍ଦ୍ରଜିତ, ସନ୍ଧ୍ୟା ରାଣୀ ଦାସ, ପ୍ରଫୁଲ୍ଲ ଜେନା, ସୁଶୀଲ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ମନୋଜ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ। ଉମେଶ ପ୍ରସାଦ ଧଳ, ଲିଙ୍ଗରାଜ ସାହୁ, ପ୍ରଦୀପ ସାହୁ, ବିଜୟିନୀ ସୁଦକ୍ଷିଣା ଦାଶ, କୁନ୍ତଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ପ୍ରଦୋଷ ଦାସ ଧନ୍ୟବାଦ ଦେଇଥିଲେ।

### ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ନିମାପଡ଼ା,୧୮।୬(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଥାନା ଅଧୀନ ରେଞ୍ଚ ଗ୍ରାମରେ ନିମାପଡ଼ା ଥାନା ପୋଲିସ ଓ ପୁରୀ ଏସ୍‌ଟିଏଫ୍‌ର ମିଳିତ ଚଢ଼ାଉରେ ୨ ଜଣ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଜଣେ ୧୬ ବର୍ଷୀୟ ନାବାଳକଙ୍କୁ ଅଟକ ରଖିବା ପରେ ବରହମପୁର ଜୁଭେନାଇଲ କୋର୍ଟକୁ ପଠାଇଛି। ଗିରଫ ବ୍ୟବସାୟୀ ହେଲେ ପୁରୀ ବେଲଦଳ ଗ୍ରାମର କାହ୍ନା ଭୋଇ ଓ ଶାନ୍ତିଲତା ଜେନା(୩୮)। ଏନେଇ ପୋଲିସ ୨୦୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# 'ଗ୍ରାମାଞ୍ଚଳର ମହୋତ୍ସବ ମାଟିର ଟେକ ରଖେ'

**ବେଗୁନିଆ,୧୮।୬(ହର ପ୍ରସନ୍ନ ପଣ୍ଡା)**


ରଜ ମଉଜ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅଟ୍ରି ଗଡ଼ ଠାରେ ୪ଦିନ ଧରି ଚାଲିଥିବା 'ରଜ ମଉଜ-୨୦୨୩' ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ରୁଦ୍ର ନାରାୟଣ ବାହିନୀପତି, ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟା ନବନିତା ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ୍ତ କୁମାର ଜଗଦ୍ଦେବ,ବିଭୁଦତ୍ତ ରାୟ ପିଡାମ, ଭାଗୀରଥି ଚମ୍ପତି, ସୁବୋଧ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଧୁନିକ ଯୁଗରେ ମଧ୍ୟ ଗ୍ରାମାଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ରତା ରହିଛି। ଆୟୋଜିତ କାର୍ଯ୍ୟକ୍ରମରେ ଭାଇଚାରାର ଭାବଧାରା ମାଟିର ଟେକ ବଜାୟ

### ଅଟ୍ରି ଗଡ଼ ରଜ ମଉଜ ଉଦ୍‌ଯାପିତ

ରଖେ ବୋଲି ଅତିଥି ସାହୁ କହିଥିଲେ। କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ, କବୟିତ୍ରୀ ପଦ୍ମାଳୟା ମହାପାତ୍ର, ଚିତ୍ର ଶିଳ୍ପୀ ପାର୍ବତୀ ସାହୁ, ମହିଳା ଖବରଦାତା ରାଧାମଣି ମହାପାତ୍ର, ଗାୟକ ଦିଲୀପ ବଳିୟାରସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳ୍ପତରୁ ପଣ୍ଡା ଓ ଅକ୍ଷୟ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୁଧୀର କୁମାର ଜେନା, ଚକ୍ରଧର ବେହେରା, ଭୀମସେନ ଜେନା, ସନ୍ତୋଷ ବେହେରା, ରବୀନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦିଲୀପ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ରଥଯାତ୍ରା ସମନ୍ୱୟ ବୈଠକ

**ବାଣପୁର,୧୮।୬(ଶଙ୍କର ବସ୍ତି)**

ବାଣପୁରର ଶ୍ରୀରଙ୍କନାଥ ଦେବ ଏବଂ ଶ୍ରୀଚରଣ ଚକାଦେବଙ୍କ ପୀଠରେ ରଥଯାତ୍ରା ପାଳନ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବାଣପୁର ଏନ୍‌ଏସି ସଭାଗୃହରେ ଏକ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ବାଣପୁରର ବିଭିନ୍ନ ବ୍ୟବସାୟୀ ସଂଘର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଥମ ପ୍ରସ୍ତୁତି ବୈଠକରେ ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ପରିଚାଳନା ଆଦି ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ରବିବାର ସମସ୍ତ ବ୍ୟବସାୟୀ ସଂଘ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଥିଲା ପ୍ରଶାସନ। ସ୍ୱେଚ୍ଛାସେବୀଙ୍କ ପାଇଁ ଡ୍ରେସକୋଡ୍ ଏବଂ ଆଇକାର୍ଡ ବ୍ୟବସ୍ଥା

### ସ୍ୱେଚ୍ଛାସେବୀଙ୍କ ପାଇଁ ଡ୍ରେସକୋଡ୍ ଏବଂ ଆଇକାର୍ଡ ବ୍ୟବସ୍ଥା

କରାଯାଇଛି। ଉକ୍ତ ଆଇକାର୍ଡ ଓ ଟି-ସାର୍ଟ ସ୍ଥାନୀୟ ଆଇଆଇସି ପ୍ରଦାନ କରିବେ। ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସମେତ ଏନ୍‌ସିସି ଛାତ୍ରୀଛାତ୍ର, ଆରଏସ୍‌ଏସ୍ କର୍ମକର୍ତ୍ତା ରଥ ଟାଣିବା ଦାୟିତ୍ୱରେ ରହିବାକୁ ଥିବାବେଳେ ମହିଳା ଭକ୍ତମାନେ ଦେବୀ ସୁଭଦ୍ରାଙ୍କ ରଥ ଟାଣିବେ। ତତ୍‌ସହିତ ପିଇବା ପାଣି, ଦହି ପଣା, ଲେମ୍ବୁ ପାଣି ଆଦିର ବ୍ୟବସ୍ଥା ସ୍ୱେଚ୍ଛାସେବୀ ଏବଂ ଏନ୍‌ଏସି ପ୍ରଶାସନ ଦ୍ୱାରା କରାଯିବ। ପୂର୍ବପରି ବିଭିନ୍ନ ବ୍ୟବସାୟୀ ସଂଘ ନିଜ ନିଜର ସେବା କାର୍ଯ୍ୟ ଜାରି ରଖିବେ। ରଥ ଟଣା ସମୟରେ ବାଣପୁର ପୋଲିସ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଆଇଆଇସି କହିଛନ୍ତି। ରଥ ଟଣା ପୂର୍ବରୁ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଏସ୍‌ଡିପିଓ ପ୍ରଶିକ୍ଷଣ କୌଶଳ ପ୍ରଦାନ କରିବେ।


ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ ଏବଂ ଅନ୍ୟମାନେ।


ଜଟଣୀ ଗୋପବନ୍ଧୁ ଉଦ୍ୟାନରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

### ଗୋପବନ୍ଧୁଙ୍କ ଜୀବନ ଦର୍ଶନ ସମସ୍ତଙ୍କ ପାଇଁ ଅନୁକରଣୀୟ

**ଜଟଣୀ,୧୮।୬(ରବୀନ୍ଦ୍ର ନାଥ ମହାକୁଡ଼)**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧଦିବସ ଜଟଣୀ ରାମଚନ୍ଦ୍ରପୁରସ୍ଥିତ ଜଟଣୀ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନପରିସରରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ସ୍ଥାନୀୟ ଖଳି ପୋଖରୀ ତଟରେ ଗୋପବନ୍ଧୁଙ୍କ ଆତ୍ମାର ସଦ୍‌ଗତି କାମନାକରି ଗୋପବନ୍ଧୁପ୍ରେମୀ ତିଳତର୍ପଣ କରିଥିଲେ। ପଣ୍ଡିତ କାଳନ୍ଦୀ ଚରଣ ମିଶ୍ର ସମସ୍ତଙ୍କୁ ତିଳତର୍ପଣ କରାଇଥିଲେ। ପରେ ଗୋପବନ୍ଧୁ ଉଦ୍ୟାନରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜକ ଦୁଇଟି ଅନୁଷ୍ଠାନର ସଭାପତି ନୋଟାରୀ ଅବନୀ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟିକ ସୁରେଶ ଚନ୍ଦ୍ର ରଥ, ନଗରପାଳ ଅନନ୍ତ ବେହେରା, ଜବାହରଲାଲା ସୁବୁଦ୍ଧି, ବିଜୟରାମ ମହାନ୍ତି, ବିଜୟ କେତନ ଜେନା, ସାରଙ୍ଗଧର ବେହେରା, ବିଜୟ ଛୋଟରାୟ, ସୁଦର୍ଶନ ସୁନ୍ଦରାୟ, ବାସୁଦେବ ସେଠୀ, ପ୍ରବୀର ମହାନ୍ତି, ନଟବର ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ପଣ୍ଡିତଙ୍କ ନୀତି, ଆଦର୍ଶ, ସେବା ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଗୋପବନ୍ଧୁଙ୍କ ଜୀବନ ଦର୍ଶନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ।

# ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୮।୬ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ା ଏବଂ ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ରହ୍ମଗିରି ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଆର୍ ଫାଉଣ୍ଡେଶନ ସାରସ୍ୱତ ସାହିତ୍ୟ ସଂସଦ ଉପସଭାପତି ରବୀନ୍ଦ୍ର କୁମାର ବାରିକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଶନ ୧ଲକ୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଏନ୍‌ଆର୍ ଫାଉଣ୍ଡେଶନ ଦ୍ୱାରା ଏହି ବୃକ୍ଷରୋପଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏନ୍‌ଆର୍ ଫାଉଣ୍ଡେଶନ ଅଧ୍ୟକ୍ଷ ଦିବାକର ପ୍ରସାଦ ହରିଚନ୍ଦନ, ବ୍ରହ୍ମଗିରି ୱାର୍ଡ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଶ୍ରୀଧର ପରିଡ଼ା ଯୋଗଦେଇ ମହିଳାଙ୍କୁ ସଶକ୍ତୀକରଣ କରିବା ସହିତ ବୃକ୍ଷରୋପଣ ଆବଶ୍ୟକତା ଦିଗରେ ଆଲୋକପାତ କରିଥିଲେ। ଏନ୍‌ଆର୍ ଫାଉଣ୍ଡେଶନ ବୃକ୍ଷରୋପଣ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ରବୀନ୍ଦ୍ର କୁମାର ମାଝୀ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ରାମଲେଙ୍କା, ବଜ୍ରକୋଟ, ମାଲୁଦ, ବୁଦ୍ଧିବର, ସିଆଳ, ସିଆଣ୍ଡି, ବଡ଼ଅଁଳ, ଅଲଣ୍ଡା ଆଦି ପଞ୍ଚାୟତର ଏମବିକେ, ସିଆରପି, ମଞ୍ଚ ସଭାନେତ୍ରୀ, ସମ୍ପାଦିକା ଏବଂ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ବନମହୋତ୍ସବ ସପ୍ତାହ ଜୁଲାଇ ୧ରୁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ୫୦ହଜାରରୁ ଉର୍ଦ୍ଧ୍ୱ ନଡ଼ିଆ ଚାରା ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ଜଟଣୀ(ରବୀନ୍ଦ୍ର ନାଥ ମହାକୁଡ଼)/ ଗମ୍ଭାରୀମୁଣ୍ଡା,୧୮।୬ (ଦିଲୀପ ସ୍ୱାଇଁ)**

ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟର ମୁକାବିଲା ପାଇଁ ରବିବାର ଜଟଣୀ ପୌରପରିଷଦ ସଭାଗୃହରେ 'ଟେବୁଲ ଟପ୍ ଏକ୍ସରସାଇଜ' ବୈଠକ ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦର ନଗରପାଳ ଅନନ୍ତ ବେହେରା, ଉପାଧ୍ୟକ୍ଷା ଆରତି ରାଉତ, ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ମହିଳା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟ ପୂର୍ବରୁ, ସମୟରେ ଓ ପରେ ସମସ୍ତ ବିଭାଗ ଅଧିକାରୀଙ୍କ କ'ଣ କାର୍ଯ୍ୟ ଭାର ରହିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗର କ'ଣ ଭୂମିକା ରହିବ ଦର୍ଶାଯାଇଥିଲା। ପୌର ପରିଷଦର ନୋଡାଲ ଅଫିସର ଦୀପକ ରଥ, ଜ୍ୟୋତିରଞ୍ଜନ ରାଉତରାୟ, ସତ୍ୟବ୍ରତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବାଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ 'ଟେବୁଲଟପ ଏକ୍ସରସାଇଜ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୀତଳ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବନ୍ୟା ଓ ବାତ୍ୟା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ସ୍ଥିତିରେ କିପରି ଜୀବନଯାତ୍ରାକୁ ସ୍ୱାଭାବିକ ତୁରନ୍ତ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିସହ ସ୍ୱାସ୍ଥ୍ୟ, ପ୍ରାଣୀଧନ, ପାନୀୟଜଳ, ବିଦ୍ୟୁତ୍ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ତଳି ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ଏନେଇ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଖାଦ୍ୟ ମହଜୁଦ ରଖିବା ଓ ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବେ। ବୈଠକରେ ଏବିଡିଓ ସୀମାଦ୍ରୀ ପାତ୍ର, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବିଦ୍ୟୁତ୍ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ

**ବେଗୁନିଆ,୧୮।୬(ହର ପ୍ରସନ୍ନ ପଣ୍ଡା)**



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ଦିବସ ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଡ.ହରି ପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାଙ୍କର କୀର୍ତ୍ତି ଯୁଗେ ଯୁଗେ ଓଡ଼ିଆ ଜାତିକୁ ଅଭିପ୍ରେରିତ କରିବ ବୋଲି ମତପ୍ରକାଶ ପାଇଥିଲା। ପଣ୍ଡିତ ବିନୋଦ ଦାଶ ବେଦ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସୁଶ୍ରୀ ସଂଘମିତ୍ରା ରଥ, ଶିକ୍ଷାବିତ୍ ଶରତ ପଣ୍ଡା, ଉପେନ୍ଦ୍ର ନାଥ ସାହୁ, ଆଦର୍ଶ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ , ପ୍ରଦୀପ କିଶୋର ତ୍ରିପାଠୀ, ଶତ୍ରୁଘ୍ନ ସାହୁ, ରାଜକିଶୋର ସାହୁ, ବିଜୟ ସାହୁ, ଭ୍ରମର ଦାସ, ଭ୍ରମର ମୁଦୁଲି, ସତ୍ୟବ୍ରତ ପାଣିଗ୍ରାହୀ, ଅକ୍ଷୟ ମହାପାତ୍ର, ଅଶୋକ ମହାନ୍ତି, ଯୋଗୀ ମହାପାତ୍ର, ଓମ୍ ପ୍ରକାଶ ପ୍ରଧାନ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶାନ୍ତନୁ ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଧରିତ୍ରୀ ମାତା ପାଇଁ ଦିନଟିଏ

**ଖୋର୍ଦ୍ଧା,୧୮।୬ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତର ଦେଉଳିଟାଙ୍ଗୀସ୍ଥିତ ଶ୍ରୀସୋମନାଥ ଦେବ ମନ୍ଦିର ପରିସରରେ ରବିବାର ସାମାଜିକ ଅନୁଷ୍ଠାନ 'ବ୍ରହ୍ମଚେତନା ପରିଷଦ' ଆନୁକୂଲ୍ୟରେ ଧରିତ୍ରୀ ମାତା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ଓ ଧରିତ୍ରୀ ମାତାର ସୁରକ୍ଷା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦର ସମ୍ପାଦକ ସୁକାନ୍ତ ଚନ୍ଦ୍ର ନନ୍ଦ ଧରିତ୍ରୀ ମାତାଙ୍କ ପାଇଁ ରବିବାର କାର୍ଯ୍ୟକ୍ରମ ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଦ୍ରୁତ ଶିଳ୍ପାୟନ, ସହରୀକରଣ, ରାସ୍ତା ନିର୍ମାଣ ପାଇଁ ଗଛ କଟା ସାଙ୍ଗକୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ। ବଢି ଚାଲିଥିବା ତାପାୟନକୁ ରୋକିବା ସହ ଧରିତ୍ରୀ ମାତାର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିବା ଦରକାର। ନିଜ ଘର ବାରିରେ ଚାରାଟିଏ ରୋପଣ ସହ ଏହାର ଯତ୍ନ ନିଅନ୍ତୁ। ଜଣେ ସବୁଜ ସେନାନୀ ଭାବେ ନିଜ ଅଞ୍ଚଳର ପରିବେଶ ସୁରକ୍ଷା ପ୍ରତି ସଚେତନ ରହିଲେ, ଧରିତ୍ରୀ ମାତା ସୁରକ୍ଷିତ ରହିବ। ଏଥିସହ ଆମେ ମଧ୍ୟ ସୁରକ୍ଷିତ ରହିପାରିବା ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଆମ୍ବ, ବଉଳ, ବାସ୍ତୁ, ନିମ୍ବ, ପଣସ, ବେଲ, ଚମ୍ପା ଆଦି ଚାରା ରୋପଣ ସହ ପୁଷ୍କରିଣୀରୁ ଦଳ ସଫା କରାଯାଇଥିଲା। ସହସମ୍ପାଦକ କୃଷ୍ଣଚନ୍ଦ୍ର ନାଥ, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ପରାମର୍ଶଦାତା ଗୋକୁଳଚନ୍ଦ୍ର ବାରିକ, ସଭ୍ୟ ସ୍ମୃତିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ମା'ବଘେଇ ଯୁବକ ସଂଘ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଆବର୍ଜନା ସଫା କରାଯାଉଛି।

# ବନଦୁର୍ଗା କ୍ଲବକୁ ହରାଇ ମଣିବାବା ଚାମ୍ପିୟନ

**କୃଷ୍ଣପ୍ରସାଦ,୧୮।୬ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତର ମେଫେୟାର କ୍ରିକେଟ ଷ୍ଟାଡିୟମରେ ମା'ଦୁଆରଶୁଣି କ୍ରିକେଟ ଟିମ୍ ସିପକୁଦା ବନମାଳିପୁର ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ ପ୍ରଭାକର ଜେନା ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।

ବନଦୁର୍ଗା କ୍ରିକେଟ କ୍ଲବ ବ୍ରହ୍ମପୁର ଓ ମଣିବାବା କ୍ରିକେଟ ଟିମ୍ ଗୋରାପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ବନଦୁର୍ଗା କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ମଣିବାବା ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଜିତେନ୍ଦ୍ର କୁମାର ସାମଲ ଓ ଅମର କୁମାର ଜାଲି ମ୍ୟାଚ୍ ପରିଚାଳନା କରିଥିଲେ। ରାକେଶ କୁମାର ଜେନା ଧାରା ବିବରଣୀ, କୃଷ୍ଣ ଚନ୍ଦ୍ର ମଲିକ ଓ ପ୍ରୀତମ ଜାଲି ସ୍କୋରରେ ସହଯୋଗ କରିଥିଲେ। ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶୀନୀ, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ଏବଂ ଅନ୍ୟମାନେ।

### ପ୍ରଭାକର ଜେନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୯ ଜୁନ୍, ୨୦୨୩

**ବୈଶ୍ୟ ସମାଜର ବୈଠକ**

ତେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ): ତେଲାଙ୍ଗ ଏକାଦଶସାହି ବୈଶ୍ୟ ସମାଜର ବୈଠକ ଅଭୟମୁଖୀ ରାମଚନ୍ଦ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ବଂଶୀଧର ସାହୁ, ଈଶ୍ୱର ସାହୁ, ଦୁଖୀଶ୍ୟାମ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭାଇଚାରାକୁ ବଜାୟ ରଖିବା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନ କରିଥିଲେ। ବରିଷ୍ଠ ସଭ୍ୟ ରାମଚନ୍ଦ୍ର ସାହୁ, ଗୋପାଳ ସାହୁ, ତ୍ରିନାଥ ସାହୁ, ଭଗବାନ ସାହୁ, ସିଦ୍ଧେଶ୍ୱର ସାହୁ, ଦାମୋଦର ସାହୁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୬।୨୦୨୩

| ୧,୨୩,୫୦୭ ଟଙ୍କା | |
|---|---|
| ସୁନା | ୧୧୦ ମିଲିଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ରକ୍ତ ପୃଥକୀକରଣ ମେଶିନ୍ ସ୍ଥାପନ ଦାବି

ପୁରୀ, ୧୮।୬(ଅଜିତ୍ ମହାନ୍ତି): ଗୋଟିଏ ରକ୍ତ ୟୁନିଟରେ ଅନେକ ରୋଗୀ ଉପକୃତ ହୋଇପାରିବେ। ଅଥଚ ପୁରୀ ଭଳି ଏକ ପର୍ଯ୍ୟଟନ ସହରରେ ରକ୍ତ ପୃଥକୀକରଣ ମେଶିନ୍ ନାହିଁ। ସେଣ୍ଟ୍ରିଫ୍ୟୁଗ୍ ନାମକ ଏହି ମେଶିନ୍ ଦ୍ୱାରା ରକ୍ତରୁ ଲୋହିତ ରକ୍ତକଣିକା, ଶ୍ୱେତ ରକ୍ତକଣିକା, ପ୍ଲାଜମା, ପ୍ଲାଟିଲେଟ୍ ଓ କ୍ରିସି ପୃଥକ କରି ଆବଶ୍ୟକ ସ୍ଥଳେ ରୋଗୀଙ୍କୁ ଦିଆଯାଇପାରନ୍ତା। ରାଜ୍ୟ ସରକାର ପୁରୀର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଭଳି ଏକ ରକ୍ତ ପୃଥକୀକରଣ ମେଶିନ୍ ଏଠାରେ ବ୍ୟବସ୍ଥିତ କରି ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କରିବାକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଦାବି କରିଛି। ଏ ନେଇ ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ୫-ଟି ସଚିବ ଏବଂ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି।

### ଉତ୍କଳମଣିଙ୍କ ତ୍ୟାଗ, ସେବା ସମ୍ପର୍କରେ ଆଲୋକପାତ

#### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ପୁରୀ,୧୮।୬(ଅଜିତ୍ ମହାନ୍ତି): ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ରବିବାର ସାମାଜିକ ଅନୁଷ୍ଠାନ 'ଆପଣଙ୍କ ସେବାରେ' ତରଫରୁ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପ୍ରଭାତ ସମୟରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ତିଳ ତର୍ପଣ କରାଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖ ଭାଗସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପଣ୍ଡିତ ଉମାବଲ୍ଲଭ ରଥ ଏବଂ ସର୍ବୋଦୟ ମେଳାର ଅନ୍ୟତମ ପୁରୋଧା ଶିବପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର, ରାଜ୍ୟ ସଚିବ ଚିତ୍ତରଞ୍ଜନ ବିଶ୍ୱାଳ, ବରିଷ୍ଠ ମାର୍ଗଦର୍ଶକ ମନୋଜ ରଥ ଏବଂ ସଦସ୍ୟା ସଦସ୍ୟମାନେ ସାମିଲ ହୋଇଥିଲେ। ଲୋକ ସେବକ ମଣ୍ଡଳ ଏବଂ ସମାଜ ପକ୍ଷରୁ 'ତ୍ୟାଗ ଓ ସେବାର ପ୍ରତୀକ ଗୋପବନ୍ଧୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗ ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦ ପକ୍ଷରୁ ସିଂହଦ୍ୱାର ନିକଟସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ

**ରେଳଷ୍ଟେଶନରେ ଫେସ୍ ରେକଗ୍ନାଇଜେଶନ୍ ସିଷ୍ଟମ**

- ତଟ ସୁରକ୍ଷାରେ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ହେଲିକପ୍ଟର
- ରେଳୱେ ପୋଲିସ- ତଟରକ୍ଷୀ ବାହିନୀ ମଧ୍ୟରେ ବୈଠକ

ପୁରୀ, ୧୮।୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରବିବାର ରେଳୱେ ପୋଲିସ ଏବଂ ତଟରକ୍ଷୀ ବାହିନୀ ପକ୍ଷରୁ ପୌରସଦନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରେଳୱେ ଓ ତଟ ସୁରକ୍ଷା ଏଡିଜି ଦୟାଲ ଗଙ୍ଗୱାର ଏବଂ ଡିଆଇଜି ସତ୍ୟଜିତ ନାୟକଙ୍କ ଉପସ୍ଥିତିରେ ରେଳୱେ ପୋଲିସର ବୈଠକ କରାଯାଇଥିଲା। ପ୍ରଥମ ଥର ପାଇଁ ଏପରି ବୈଠକ ଅନୁଷ୍ଠିତ ହୋଇଛି। ଏଡିଜି ଗଙ୍ଗୱାର କହିଛନ୍ତି, ରେଳୱେ ପକ୍ଷରୁ ଯେଉଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ସେ ନେଇ ଜିଆରପି ଏବଂ ଆରପିଏଫ୍ ପୋଲିସ ସହ ଆଲୋଚନା କରାଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଟିମ୍ ଗଠନ ସହ ଅଧିକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଯାତ୍ରୀଙ୍କ ରହିବା ପାଇଁ ସୁବିଧା କରାଯାଇଛି। ରେଳଷ୍ଟେଶନରେ ପ୍ରଥମ ଥର ପାଇଁ ଫେସ୍ ରେକଗନାଇଜେଶନ୍ ସିଷ୍ଟମ ବ୍ୟବହାର କରାଯାଉଛି। ଏହା ପକେଟମାର, ଲୋକଙ୍କୁ ନିଶା ଦେଇ ଲୁଟୁଥିବା ଦୁର୍ବୃତ୍ତଙ୍କ ଫଟୋ ଉଠାଇବ। ତେବେ ଯାତ୍ରୀଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଅଧିକ କଣ୍ଟ୍ରୋଲ ରୁମ୍, ଡ୍ରୋନ୍ ସହ ପର୍ଯ୍ୟାପ୍ତ ଆରପିଏଫ୍ ଏବଂ ଜିଆରପି ପୋଲିସ ମୁତୟନ, ସାଦା ପୋଷାକଧାରୀ ପୋଲିସ, ସିସିଟିଭି କ୍ୟାମେରା ଓ ସମନ୍ୱିତ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ସେହିପରି ତଟ ସୁରକ୍ଷାରେ ହେଲିକପ୍ଟର ସହ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଫାଷ୍ଟ ପାଟ୍ରୋଲିଂ ଭେହିକିଲ୍ କାର୍ଯ୍ୟ କରିବ। ପାରାଦ୍ୱୀପରେ ଫାଷ୍ଟ ଇଣ୍ଟରସେପ୍ଟର ବୋଟ ରହିବା ସହ ପୁରୀ ପେଣ୍ଟକଟାଠାରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ତଟରକ୍ଷୀ ବାହିନୀ ଓ ଭାରତୀୟ ନୌସେନା ବୈଷୟିକ ଟିମ୍ ଏବଂ ଗୋଇନ୍ଦା ସୂଚନା ପାଇଁ ସାଗର ମିତ୍ରର ସହାୟତା ନିଆଯାଇଛି। ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିବେ। ବୋଟ୍ ମାଧ୍ୟମରେ ସମୁଦ୍ରରେ ନଜର ରଖାଯିବ। ବାଲେଶ୍ୱରରୁ ପୁରୀ ଏବଂ ପୁରୀଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟିମ୍ ସୁରକ୍ଷା ତଦାରଖ କରିବେ। ଯାତ୍ରୀଙ୍କ ଯିବା ଆସିବା ସମୟରେ ପ୍ରବଳ ଗହଳି ହୋଇଥାଏ। ତେଣୁ ଯାତ୍ରୀଙ୍କ ଶୃଙ୍ଖଳିତ ଯାତ୍ରା ପାଇଁ ଜିଆରପି ଅଧିକାରୀ ମୁତୟନ ରହିବେ।




ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ସମେତ ବିଭିନ୍ନ ଦାବି ନେଇ ଶ୍ରୀଜଗନ୍ନାଥ ସେନା ଏବଂ ଚକ୍ରତୀର୍ଥ ବ୍ୟବସାୟୀ ମହାସଂଘ ପକ୍ଷରୁ ରବିବାର ସାଗର ସତ୍ୟାଗ୍ରହ କରାଯାଉଛି ।

# 'ଶ୍ରୀଜଗନ୍ନାଥ' ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ଚିତ୍ରକଳା ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ପୁରୀ, ୧୮।୬(ଅଜିତ୍ ମହାନ୍ତି)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଉପରେ ୪ଦିନିଆ ଯୁବ ଚିତ୍ରଶିଳ୍ପୀ ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ଅଂଶଗ୍ରହଣକାରୀ ଶିଳ୍ପୀଙ୍କ ୨୮ଟି ଚିତ୍ରକଳା ସହିତ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ସଂରକ୍ଷିତ ମୋଟ ୪୨ଟି ଚିତ୍ରକଳାକୁ ନେଇ ପାନ୍ଥନିବାସ ସମ୍ମୁଖ ବେଳାଭୂମିରେ 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକୃଷ୍ଣନ ଯୋଗଦେଇ ଶିଳ୍ପୀଙ୍କ ଅଙ୍କିତ ଚିତ୍ରର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଦିଲ୍ଲୀପ କୁମାର ରାଉତରାୟ, ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ସାହୁ ଏବଂ ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରଥଯାତ୍ରା ଅବସରରେ ଏପରି ପ୍ରଦର୍ଶନୀର ଆୟୋଜନ ପାଇଁ ଏକାଡେମୀକୁ ଧନ୍ୟବାଦ ଜଣାଇବା ସହ ଶିଳ୍ପୀମାନଙ୍କ ଚିତ୍ରକଳା ଶ୍ରଦ୍ଧାଳୁଙ୍କ ମନରେ ଜଗନ୍ନାଥ ଭାବଧାରାକୁ ଅଧିକ ଜାଗ୍ରତ କରିବ ବୋଲି କହିଥିଲେ । ଏହି ଅବସରରେ ନିଜର ସୃଜନଶୀଳ କଳାକୃତି ପାଇଁ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟରଞ୍ଜନ ଦାସଙ୍କ ଚିତ୍ରରେ ତିନି ଠାକୁରଙ୍କ ବାଲିରଥ ଅଙ୍କନ ବେଳେ ବିଶ୍ୱଜିତ ଗିରିଙ୍କ ଚିତ୍ରରେ ବଡ଼ଦାଣ୍ଡରେ ଗାଁ ପିଲାଙ୍କ କୁନି ରଥ ଟଣା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଶିତିକାନ୍ତ ସାମନ୍ତସିଂହାରଙ୍କ ଚିତ୍ରରେ ପ୍ରାଚୀନ ରଥର ଚିତ୍ର ସହ କଲ୍‌କୀ ଅବତାର, ମନୋଜ କୁମାର ମହାନ୍ତିଙ୍କ ଚିତ୍ରରେ ମହୋଦଧିରେ ନୀଳଶୈଳ, ଦେବାଶିଷ ମହାରଣାଙ୍କ ପାରମ୍ପରିକ କାଗଜମୁଖାରେ ତିନିଠାକୁର, ଗୀତାଞ୍ଜଳୀ ଦାସଙ୍କ ପାରମ୍ପରିକ ପଟ୍ଟଚିତ୍ରରେ ଭାଇଭଉଣୀ, ଜ୍ୟୋତିର୍ମୟ ପଟ୍ଟନାୟକଙ୍କ ତିନି ଠାକୁରଙ୍କ ପାତାଳି ହେବା ଦୃଶ୍ୟ, ଜୟଶ୍ରୀ ଜେନାଙ୍କ ବଡ଼ଦାଣ୍ଡରେ ରଥ ନିର୍ମାଣର ଦୃଶ୍ୟ ପ୍ରଭୃତି ଦର୍ଶକଙ୍କ ମନ ମୋହିଥିଲା। ସେହିପରି ସୁମିତ୍ରାରାଣୀ ଦାସ, ବିପିନ ବିହାରୀ ଓଝା, ସିଦ୍ଧାର୍ଥ ଶଙ୍କର ଦାସ, କୃପାସିନ୍ଧୁ ଦୀକ୍ଷିତ, ଜ୍ୟୋତି ପ୍ରକାଶ ପ୍ରଧାନ, ବିକାଶ ସେନାପତି, ମାନସ କୁମାର ଦାସ, ଶୁଭେନ୍ଦୁ ମିଶ୍ର, ସନ୍ତୋଷ ରାଉତରାୟ, ମୃତ୍ୟୁଞ୍ଜୟ ବାରିକ, ସୂର୍ଯ୍ୟ ପ୍ରକାଶ ସ୍ୱାଇଁ, କୁଳଦୀପ ବର୍ମା, ଡାକୋଜୀ ଶିବ ଆଚାର୍ଯ୍ୟ, ଆକାଶ ଶ୍ରୀଚନ୍ଦନ ରାମ, ବିଶ୍ୱଦର୍ଶୀ ଦାସ, ତାପସ କର, ଚିତ୍ରସେନ ବିଶୋଇ, ସୁମିତ୍ରା ମହାରଣା ଓ ପ୍ରତାପ ବାଡ଼ତିଆ ପ୍ରମୁଖ ନିଜର ସୃଜନଶୀଳ ଢଙ୍ଗରେ ଶ୍ରୀଜଗନ୍ନାଥ ଏବଂ ରଥଯାତ୍ରାର ବିଭିନ୍ନ କାହାଣୀ ଓ ବିଷୟବସ୍ତୁକୁ କ୍ୟାନଭାସ ଉପରେ ଚିତ୍ରଣ ଦର୍ଶକଙ୍କୁ ବିମୋହିତ କରିଥିଲା । ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାପତି ସୁଦର୍ଶନ ପଟ୍ଟନାୟକ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହି ପ୍ରଦର୍ଶନୀ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଦିନ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକ ଓ ଭକ୍ତଙ୍କ ପାଇଁ ଖୋଲା ରହିବ ।

# ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

**ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ**

ପୁରୀ, ୧୮।୬(ଅଜିତ୍ ମହାନ୍ତି):

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ରବିବାର ପୋଲିସ–ମାଜିଷ୍ଟ୍ରେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଚଳିତ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଓ ପ୍ରଶାସନ ପାଇଁ ଗୁରୁଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ। ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଭକ୍ତଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର କମିଶନରେଟ ପୋଲିସର କ୍ରାଇମ ଏସ୍‌ପି ମିହିର ପ୍ରସାଦ ପଣ୍ଡା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ କରିବାକୁ ମତ ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାସ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ସୁନୀଲ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ବେହୁରା, ଉପଜିଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଅତିଥି ଓ ଯାତ୍ରୀଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଦର୍ଶନ ଓ ଯାତାୟାତ ଉପରେ ଗୁରୁତ୍ୱାରୋପ କରିଥିଲେ। ରଥଯାତ୍ରା ଦିନ ପ୍ରତ୍ୟୁଷରୁ ବଡ଼ଦାଣ୍ଡରେ କୌଣସି ଗାଡ଼ି ନ ରଖାଇଦେବା, ସେବାରେ ନିୟୋଜିତ ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଧାରିତ ସ୍ଥାନରେ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଆଶୁ ଚିକିତ୍ସା ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ପାଇଁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ରାକେଶ କୁମାର ପଣ୍ଡା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନଭଣ୍ଡାର ଖୋଲାଯିବା ଦାବିରେ ସାଗର ସତ୍ୟାଗ୍ରହ

ପୁରୀ, ୧୮।୬(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ସମେତ ବିଭିନ୍ନ ଦାବି ନେଇ ଶ୍ରୀଜଗନ୍ନାଥ ସେନା ଏବଂ ଚକ୍ରତୀର୍ଥ ବ୍ୟବସାୟୀ ମହାସଂଘ ପକ୍ଷରୁ ରବିବାର ସାଗର ସତ୍ୟାଗ୍ରହ କରାଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ନବଦିନାତ୍ମକ ଯାତ୍ରାରେ ମହାପ୍ରଭୁ ଶ୍ରୀମନ୍ଦିର ଛାଡି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବେ। ୧୨ ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଖାଲି ରହିବ। ତେଣୁ ଏହି ସମୟରେ ରତ୍ନଭଣ୍ଡାର ମରାମତି କରାଯିବା ଉଚିତ। ସେହିପରି ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ସ୍ୱଚ୍ଛ ରଥଯାତ୍ରା କରିବା ପାଇଁ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ଏମାର ମଠରୁ ବାହାରିଥିବା ରୁପା ଇଟା ମନ୍ଦିରକୁ ଫେରିବା ଏବଂ ଦଶ ଅବତାର ମୂର୍ତ୍ତି ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଲଗାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି।

# ଶେଷ ପର୍ଯ୍ୟାୟରେ ରଥକାମ

**ରଥଖଳାରୁ ...**

ପୁରୀ, ୧୮।୬(ଅଜିତ୍ ମହାନ୍ତି):

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ଦିନଟିଏ ବାକିଥିବା ବେଳେ ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ରବିବାର ମୁଖ୍ୟ ମହାରଣା ସେବକମାନେ ଛୋଟ ଛୋଟ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ତିନିରଥର ଠେକେରା ବାଡ଼ ବୁଲି ତାହା ଉପରେ ସଖୀ ଫିଟିଂ ସରିଛି। ଶ୍ରୀବିଗ୍ରହମାନଙ୍କ ବେଦି ଉପର କନକମୁଣ୍ଡିରେ ପିତ୍ତଳ ଚଦର ଆବରଣ ଗମ୍ବୁଜାକାର ଭାବେ ଫିଟିଂ ଶେଷ ହୋଇଛି। କୋଠ ସୁଆଁସିଆ ସେବକମାନେ ତିନିରଥର କନାପକା କାର୍ଯ୍ୟ ଶେଷ କରିଛନ୍ତି। ତିନିରଥ ମୋଡ଼ ଦଉଡ଼ି ପାଇଁ ଆବଶ୍ୟକ ତାଳ ଫାଳି କଟିଂ କରି କରତି ସେବକମାନେ ଯୋଗାଇବା ସହ ତାଳଧ୍ୱଜ ରଥ ଚାରବନ୍ଧା ପାଇଁ ଅବଶ୍ୟକ ଥିବା 'ମାଲକାଠ' (ତାଳ) କଟିଙ୍ଗ କରି ଯୋଗାଇଛନ୍ତି। ଚିତ୍ରକାର ସେବକମାନେ ତିନିରଥର ପ୍ରଭାରେ ରୂପ ଚିତ୍ର ଶେଷ କରିଛନ୍ତି। ରଙ୍ଗ ଚିତ୍ର ଶୁଖିଲା ପରେ ତାହାକୁ ସୋମବାର ତିନିରଥରେ ମହାରଣାମାନେ ଫିଟିଙ୍ଗ କରିବେ। ଦୋଳବେଦି କମାର ଶାଳରେ ଓଝା ସେବକମାନେ ତିନିରଥର ୪ଟି ଲେଖାଏ ୧୨ଟି ୨୦ ଏମ୍‌ଏମ୍ ରଡ୍ ୧୫ରୁ ୧୮ ଇଞ୍ଚର 'ପ୍ରଭାକଣ୍ଟା' ନିର୍ମାଣ ସାରିଛନ୍ତି। ଦରଜି ସେବକମାନେ ରଥ କନା କାମ ସାରିବା ପରେ ଶ୍ରୀବିଗ୍ରହଙ୍କ ପହଣ୍ଡିରେ ବ୍ୟବହୃତ ଆବଶ୍ୟକ ୧୨ହାତି ଗଡ଼ା, ୧୬ହାତି ଗଡ଼ା ଇତ୍ୟାଦି କନା କାର୍ଯ୍ୟ ଶେଷ କରିଛନ୍ତି।

# ବେଳାଭୂମିରେ ମୁତୟନ ହେବେ ୩୦୦ ଲାଇଫ୍ ଗାର୍ଡ

**୫ ଲାଇଫଗାର୍ଡ ଷ୍ଟେଶନ, ଫାଷ୍ଟ ଏଡ୍ ସେଣ୍ଟର୍ ଖୋଲିବ**

ପୁରୀ, ୧୮।୬ (ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ସମୟରେ ଭକ୍ତ ଓ ପର୍ଯ୍ୟଟକମାନେ ପୁରୀ ବେଳାଭୂମିରେ ବୁଲିବା ସହ ସମୁଦ୍ରରେ ସ୍ନାନ କରିଥାନ୍ତି। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ଚକ୍ରତୀର୍ଥରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ରକୂଳରେ ୫ଟି ଲାଇଫଗାର୍ଡ ଷ୍ଟେଶନ ଓ ଫାଷ୍ଟ ଏଡ୍ ସେଣ୍ଟର୍ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସମୁଦ୍ରକୂଳରେ ୩୦୦ ଲାଇଫଗାର୍ଡଙ୍କୁ ମୁତୟନ କରାଯିବ। ଏଥର ରଥଯାତ୍ରା ଯେପରି ଜିରୋ ଡ୍ରାଉନିଂ ହେବ ସେଥିପାଇଁ ସମସ୍ତେ ତତ୍ପର ରହିବେ ବୋଲି ପୁରୀ ବିଚ୍ ଲାଇଫଗାର୍ଡ ମହାସଂଘ ସଭାପତି ବି. ଶିବ ରାଓ ଏବଂ ସମ୍ପାଦକ ହ୍ୟାରୀ ରାଓ କହିଛନ୍ତି। ଏହି କ୍ରମରେ ରବିବାର ନୀଳାଦ୍ରି ବିଚ୍‌ରେ ପୁରୀ ଲାଇଫଗାର୍ଡ ମହାସଂଘ ଏବଂ ଜିଲା ପ୍ରଶାସନ ମଧ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଲାଇଫଗାର୍ଡମାନଙ୍କୁ ସ୍ୱତନ୍ତ୍ର ଡ୍ରେସ କୋଡ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରଦୀପ କୁମାର ସାହୁ ଯୋଗଦେଇ ରଥଯାତ୍ରାରେ ସମସ୍ତେ ବଡ଼ଦାଣ୍ଡରେ ବ୍ୟସ୍ତ ଥିବାବେଳେ ଲାଇଫ ଗାର୍ଡମାନଙ୍କ ଉପରେ ସମ୍ପୂର୍ଣ୍ଣ ବେଳାଭୂମି ଦାୟିତ୍ୱ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ୍) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରତିବର୍ଷ ଲାଇଫଗାର୍ଡମାନେ ଯେପରି ନିଃସ୍ୱାର୍ଥପର ମନୋଭାବ ନେଇ ସେବା ଯୋଗାଇଆସୁଛନ୍ତି ସେଥିପାଇଁ ମହାସଂଘକୁ ଧନ୍ୟବାଦ ଦେଇଥିଲେ। ଚଳିତବର୍ଷ ମଧ୍ୟ ସେହିଭଳି ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ପୁରୀ ବିଚ୍ ଲାଇଫଗାର୍ଡ ମହାସଂଘର ମୁଖ୍ୟ ଉପଦେଷ୍ଟା ସିଦ୍ଧାର୍ଥ ରାୟ ଧନ୍ୟବାଦ ଦେଇଥିଲେ।

# ଟ୍ରାଫିକ୍ ନିମନ୍ତେ ୪୪ ପ୍ଲାଟୁନ ଫୋର୍ସ

**ଆମ୍ବୁଲାନ୍ସ ପାଇଁ ଗ୍ରୀନ କରିଡର ବ୍ୟବସ୍ଥା**

ପୁରୀ,୧୮।୬(ଅଜିତ୍ ମହାନ୍ତି):




ଏଡିଜି ଅମିତାଭ ଠାକୁର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ସୂଚନା ଦେଉଛନ୍ତି ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଟ୍ରାଫିକ ବ୍ୟବସ୍ଥା ନେଇ ରବିବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନବଯୌବନ ଦର୍ଶନଠୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ସୁଦୃଢ଼ କରାଯାଇଛି। ଏଡିଜି ଅମିତାଭ ଠାକୁର କହିଛନ୍ତି, ଘୋଷଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ଥର ରଥଯାତ୍ରା ପାଇଁ ମିନିମମ୍ ରେଷ୍ଟ୍ରିକ୍ସନ୍ କେବଳ ରେଗୁଲେଶନର ବାର୍ତ୍ତା ରହିଛି। ଏହି ବାର୍ତ୍ତାକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ହୋଇଛି। ଟ୍ରାଫିକ ବ୍ୟବସ୍ଥା ଦାୟିତ୍ୱରେ ଡିଆଇଜି ଅଖିଳେଶ୍ୱର ସିଂ, ଏସ୍‌ପି ରାହୁଲ ଜୈନ୍, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଅତିରିକ୍ତ ଏସ୍‌ପି ପି.କେ. ପ୍ରଧାନ, ଡିଏସ୍‌ପି ନିରଞ୍ଜନ ଶବର ପ୍ରମୁଖ ଦାୟିତ୍ୱରେ ରହିବେ। ଟ୍ରାଫିକ ବ୍ୟବସ୍ଥାକୁ ୩ଟି ବିଭାଗରେ ବିଭକ୍ତ କରାଯାଇଛି। ଆଉଟ ସାଇଡ ଟ୍ରାଫିକ, ପୁରୀ ଭିତରେ ଇନ୍‌ସାଇଡ ଟ୍ରାଫିକ ୧ ଏବଂ ଇନ୍ ସାଇଡ ଟ୍ରାଫିକ ୨କରାଯାଇଛି। କୁମ୍ଭାରପଡ଼ା ଥାନା ଉପରେ କଣ୍ଟ୍ରୋଲ ରୁମ୍ ରହିବ। ମାଳତିପାଟପୁରରେ ସବ୍ କଣ୍ଟ୍ରୋଲ ରୁମ୍ ରହିବ। ବୟସ୍କ ତଥା ଦିବ୍ୟାଙ୍ଗଙ୍କ ପାଇଁ ବ୍ୟାଟେରୀ ଗାଡ଼ିର ବ୍ୟବସ୍ଥା କରାଯାଇଛି। ପାଣିର ବ୍ୟବସ୍ଥା କରାଯାଉଛି। ଯଦି କୌଣସି ଯାତ୍ରୀ ବା ଭକ୍ତଙ୍କ କୌଣସି ସମସ୍ୟା ରହିବ ସେମାନେ ପୋଲିସ ପକ୍ଷରୁ ଟୋଲ୍ ଫ୍ରି ନମ୍ବରର ସହାୟତା ନେଇପାରିବେ। ଲୋକେ ପୁରୀ ପୋଲିସର ୨୪ ଘଣ୍ଟିଆ ହେଲ୍ପ ଲାଇନ ନମ୍ବର ୬୩୭୦୯୬୭୧୦୦ରେ ଯୋଗାଯୋଗ କରିପାରିବେ। ଏହାଛଡା ୧୧୨କୁ ମଧ୍ୟ ଯୋଗାଯୋଗ କରି ସମସ୍ୟା ଜଣାଇପାରିବେ। ଟ୍ରାଫିକ ବ୍ୟବସ୍ଥାକୁ ୧୪ଟି ଜୋନ ଓ ୨୯ଟି ସେକ୍ଟରରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଜୋନ୍ ଓ ସେକ୍ଟରରେ ମୋବାଇଲ ଗାଡି ରହିବ। ପାର୍କିଂ ସ୍ଥାନରେ ପୋଲିସ ପକ୍ଷରୁ ଏଡ ପୋଷ୍ଟ କରାଯାଇଛି। ମୋଟ ୨୪ଟି ପାର୍କିଂ ବ୍ୟବସ୍ଥା କରାଯାଇଛି। ୧୯ ତାରିଖ ମଧ୍ୟରାତ୍ରିରୁ ୨୧ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟ କରିବ। ସେହିପରି ସନ୍ଧ୍ୟା ଦର୍ଶନ, ବାହୁଡ଼ା, ସୁନାବେଶରେ କଟକଣା ରହିବ। ଟ୍ରାଫିକ ପାଇଁ ୪୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଆମ୍ବୁଲାନ୍ସ ପାଇଁ ଗ୍ରୀନ କରିଡର ବ୍ୟବସ୍ଥା କରାଯିବ। ପୁରୀବାସୀଙ୍କ ଯାତାୟତ ପାଇଁ କୌଣସି କଟକଣା ନାହିଁ। ତେବେ ସେମାନେ ତାଙ୍କ ନିକଟରେ ପରିଚୟ ପତ୍ର ରଖିବା ପାଇଁ କୁହାଯାଇଛି। ସମସ୍ତ ଛକରେ ଲୋକାଲ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ।

# ରଥଯାତ୍ରା ପାଇଁ ରଥଟଣା ମକ୍‌ଡ୍ରିଲ୍

ପୁରୀ, ୧୮।୬ (ଅଜିତ୍ ମହାନ୍ତି) :

ଆଉ ଦିନକ ପରେ ଦାରୁବିଗ୍ରହଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳା ରକ୍ଷା ସହ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଛି। ମହାପ୍ରଭୁଙ୍କ ରଥ ଟାଣିବା ପାଇଁ ଭକ୍ତମାନେ ଦେଶ ବିଦେଶରୁ ପୁରୀକୁ ଛୁଟି ଆସିଥାନ୍ତି। ତେବେ ଅନେକ ସମୟରେ ଭକ୍ତମାନେ ମନ ଇଚ୍ଛା ରଥ ଟାଣିଥାନ୍ତି। ତେଣୁ ଭକ୍ତ କିପରି ରଥ ଟାଣିବେ ଓ ପୋଲିସ କର୍ମଚାରୀ କିଭଳି ସେମାନଙ୍କୁ ସାହାଯ୍ୟ କରିପାରିବେ ସେନେଇ ରବିବାର ପୁରୀ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ପୋଲିସ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏଡିଜି ସଞ୍ଜୟ କୁମାରଙ୍କ ନେତୃତ୍ୱରେ ଏହି ମକ୍‌ଡ୍ରିଲ କରାଯାଇଥିଲା। ମୁଖ୍ୟତଃ ତିନି ରଥରେ ନିୟୋଜିତ ହେବାକୁ ଥିବା ପୋଲିସ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମକ୍‌ଡ୍ରିଲ୍ ସମୟରେ ତିନୋଟି ଜିପ୍‌କୁ ତିନୋଟି ରଥ ଭବେ ସଜାଯାଇଥିଲା। ଏହାର ଚାରିପାଖରେ କର୍ଡନ କରାଯାଇଥିଲା। ପରେ ତିନୋଟି ଜିପ୍‌କୁ ରଥ ଭାବେ ଟଣାଯାଇଥିଲା। ସେହିପରି ଜିପ୍ ଆଗରେ ଡାକବାଜି ଯନ୍ତ୍ର ସହ ନାଲି ଓ ସବୁଜ ପତାକା ରହିଥିଲା। ରଥଟଣା ବେଳେ କିଭଳି ଦଉଡ଼ି ଧରିବାକୁ ହେବ, ରଥ ଅଟକିବା ବେଳେ କିପରି ଦଉଡ଼ି ରଖିବାକୁ ହେବ, କିଭଳି ଭକ୍ତଙ୍କୁ ନିୟନ୍ତ୍ରଣ କରାଯିବ ସେନେଇ ମକ୍ ଡ୍ରିଲ୍‌ରେ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୩ଟି ଜିପ୍‌କୁ ରଥ ଭାବେ ସଜାଇ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଟଣାଯାଇଥିଲା। ମକ୍‌ଡ୍ରିଲରେ ରାପିଡ୍ ଆକ୍ସନ ଫୋର୍ସ, ଆଇଆର୍‌ବି, ଓଡ଼ିଶା ପୋଲିସ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ସେହିପରି ମହାପ୍ରଭୁଙ୍କ ରଥ ଟାଣିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଥାଏ। ତେଣୁ ୨୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଘୋଷଯାତ୍ରା ସମୟରେ ଯେପରି ପୋଲିସ ଓ ଭକ୍ତଙ୍କ ମଧ୍ୟରେ ସୁସମନ୍ୱୟ ରହିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ପହଣ୍ଡିଠାରୁ ଆରମ୍ଭ କରି ରଥଟଣା ସମୟରେ ପୋଲିସ ଅଧକାରୀ ଓ କର୍ମଚାରୀମାନଙ୍କର କ'ଣ ସବୁ ଦାୟିତ୍ୱ ରହିବ ସେମାନଙ୍କୁ ଅବଗତ କରାଯିବା ସହ ଯେପରି କୌଣସି ସମସ୍ୟା ନ ହେବ ସେ ନେଇ ମକଡ୍ରିଲ କରାଯାଇଛି।

**ସାମିଲ ହେଲେ ରାପିଡ୍ ଆକ୍ସନ ଫୋର୍ସ, ଆଇଆର୍‌ବି, ଓଡ଼ିଶା ପୋଲିସ**



ପୋଲିସ ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି ।

## ସଂକ୍ଷେପରେ

### ମହିଳାଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

କଟକ ସଦର,୧୮।୬(ସୁଶାନ୍ତ ଜେନା): କିଶନନଗର ଥାନା ଅନ୍ତର୍ଗତ ତରିତୋ ଗ୍ରାମର ପାର୍ବତୀ ସେଠୀ ନାମ୍ନୀ ମହିଳାଙ୍କ ଶନିବାର ସକାଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କୁ ଶାଶୁଘର ଲୋକେ ବିଷ ପିଆଇ ମାରି ଦେଇଥିବା ତାଙ୍କ ଭାଇ ଲୋକନାଥ ସେଠୀ କିଶନନଗର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୨୦/୨୩) ରୁଜୁ କରିବା ସହ ପାର୍ବତୀଙ୍କ ସ୍ୱାମୀ ଚନ୍ଦନ ସେଠୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବିରିଡି ଥାନା ଅନ୍ତର୍ଗତ ଅରଣା ଗ୍ରାମର ପାର୍ବତୀଙ୍କୁ ତରିତୋ ଗ୍ରାମର ଚନ୍ଦନ ୨୦୨୦ରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବିକରି ପାର୍ବତୀଙ୍କୁ ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତିରେ ପାର୍ବତୀ ବିଷ ପିଇଥିବା ଜାଣି ଶାଶୁଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲୋକନାଥ ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତରଙ୍କୁ ପଚାରିବାରୁ ବିଷକ୍ରିୟା ଯୋଗୁ ପାର୍ବତୀଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ।

### ସାପ କାମୁଡ଼ାରେ ସେଣ୍ଟ୍ରିଂ ମିସ୍ତ୍ରି ମୃତ

ସାଲେପୁର,୧୮।୬(ଅରବିନ୍ଦ ଭୂୟାଁ): ସାପ କାମୁଡ଼ାରେ ସାଲେପୁର ଥାନା ଅଧୀନ ନାନ୍ଦୋଲ ଗ୍ରାମର ବିଭୁତି ଭୋଇ (୨୬)ଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ସେ ସେଣ୍ଟ୍ରିଂ କାମ କରୁଥିବାବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ ପରିବାର ଲୋକେ ଗୁଣିଆ ପାଖକୁ ନେଇ ଝଡ଼ାଫୁଙ୍କା କରିଥିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ନାନ୍ଦୋଲ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।

### ରଜ ମହୋତ୍ସବ ଉଦ୍‌ଯାପିତ

କଟକ ସଦର,୧୮।୬(ସୁଶାନ୍ତ ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ଦଧିବାମନପୁରସ୍ଥିତ ଭୁଆସୁଣୀ ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭାରତ ମସଲାର ମୁଖ୍ୟ ସୁରେନ୍ଦ୍ରନାଥ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳାମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୋଳିଖେଳ, ପୁଚି, ଚିତ୍ରାଙ୍କନ, ନୃତ୍ୟ ଓ ପୋଡ଼ପିଠା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ଦଧିବାମନପୁର ସରପଞ୍ଚ ସୁମିତ୍ରା ଗୋଚ୍ଛାୟତ, ସତ୍ୟଭାମା ଦେବତା, ସୁଜାତା ପଣ୍ଡା, ନାରାୟଣ ମହାନ୍ତି, ନବକିଶୋର ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧାପକ ଗଣେଶ୍ୱର ଦାଶ, ଉତ୍କଳ ମହିଳା ଅଧିକାର ଅଭିଯାନର ମୁଖ୍ୟ ସବିତାରାଣୀ ଦାସ, ମଧୁସ୍ମିତା ଜେନା, କାଜଲ ମହାନ୍ତି, ରାଜଲକ୍ଷ୍ମୀ ପଣ୍ଡା, ମାନସୀ ଦାସ, ଚନ୍ଦ୍ରକାନ୍ତି ସ୍ୱାଇଁ, ଦୀପକ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହନିଟ୍ରାପ୍‌ରେ ୨୦.୮୯ ଲକ୍ଷ ହରାଇଲେ ବରିଷ୍ଠ ନାଗରିକ

କଟକ,୧୮।୬ (କାର୍ତ୍ତିକ ସାହୁ)

ଅଜଣା ବ୍ୟକ୍ତିଙ୍କ ସହ ସୋସିଆଲ ମିଡିଆରେ ଚାର୍ଟିଂ କରୁଥିଲେ ସତର୍କ ହୋଇଯାଆନ୍ତୁ। ନ ହେଲେ ଆପଣଙ୍କୁ କୌଶଳକ୍ରମେ ମିତ୍ରତାରେ ବଶ କରି ଲୁଟ୍ କରିପାରନ୍ତି ଲକ୍ଷାଧିକ ଟଙ୍କା। ଏଭଳି ଏକ ସାଇବର ଅପରାଧଜନିତ ହନିଟ୍ରାପ୍‌ରେ ଫସିଛନ୍ତି କଟକର ଜଣେ ବରିଷ୍ଠ ନାଗରିକ। ସେ ୨୦ ଲକ୍ଷ ୮୯ ହଜାର ଟଙ୍କା ଠକାମିର ଶିକାର ହେବା ପରେ ଚେତା ପଶିଥିଲା। ଏନେଇ ସେ ଶୁକ୍ରବାର କଟକ ସାଇବର ଥାନାରେ ଅଭିଯୋଗ କରିବା ପରେ ଦଫା ନଂ. ୪୧୯, ୪୨୦, ୪୬୭, ୪୬୮, ୪୭୧ ସହ ଆଇଟି ଆକ୍ଟର ଉପଧାରା ୬୬(ଗ) ଓ ୬୬(ଘ) ଅନୁଯାୟୀ ପୋଲିସ ଏକ ମାମଲା(ନଂ.୨୦/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ କଟକ ସାଇବର ଥାନାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ସହ

**ମହଙ୍ଗା ପଡ଼ିଲା ସୋସିଆଲ ମିଡିଆ ଚାଟିଂ**

୨୦୧୮ରେ ସୋସିଆଲ ମିଡିଆରେ ଜଣେ ମହିଳାଙ୍କର ପରିଚୟ ହୋଇଥିଲା। ଲିଓନା ଜିମ୍ମି ନାମ୍ନୀ ଉକ୍ତ ମହିଳା ପଠାଇଥିବା ଫ୍ରେଣ୍ଡ୍ ରିକ୍ୱେଷ୍ଟକୁ ବ୍ୟକ୍ତି ଜଣଙ୍କ ସ୍ୱୀକାର କରିଥିଲେ। ଏହାପରେ ଫେସ୍‌ବୁକ୍, ମେସେଞ୍ଜର, ହ୍ୱାଟ୍ସ ଆପ୍ ଜରିଆରେ ଚାର୍ଟିଂ ଆରମ୍ଭ ହୋଇଥିଲା। ମହିଳା ଜଣଙ୍କ ନିଜକୁ ଜଣେ ସୁନା ବ୍ୟବସାୟୀ ଭାବେ ପରିଚୟ ଦେଇଥିଲେ। ତାଙ୍କ ଘର ଇଂଲଣ୍ଡର ମାଞ୍ଚେଷ୍ଟରରେ ବୋଲି ଜଣାଇଥିଲେ। ୬ ମାସ ଧରି ନିୟମିତ ସୋସିଆଲ ମିଡିଆରେ ଚାର୍ଟିଂ କଲା ପରେ ହଠାତ୍ ଦିନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ମେସେଜ ପଠାଇଥିଲେ। ସେଥିରେ ସେ ଲେଖିଥିଲେ, ଦିଲ୍ଲୀ ବିମାନବନ୍ଦରରେ ତାଙ୍କ ନିକଟରେ ଥିବା ୪୦ ହଜାର ପାଉଣ୍ଡ ସହ ତାଙ୍କୁ କଷ୍ଟମ ଡିପାର୍ଟମେଣ୍ଟ ଦ୍ୱାରା ଅଟକ ରଖାଯାଇଛି। ତାଙ୍କୁ ମୁକୁଳାଇବା ନିମନ୍ତେ କିଛି ଭାରତୀୟ ମୁଦ୍ରା କଷ୍ଟମ ଡିପାର୍ଟମେଣ୍ଟ କର୍ମଚାରୀଙ୍କ ନିକଟକୁ ପଠାଇବା ପାଇଁ ଅନୁରୋଧ କରି ଏକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଉକ୍ତ କଥାକୁ ବିଶ୍ୱାସ କରି ବ୍ୟକ୍ତି ଜଣଙ୍କ ସେହି ଏକାଦିନରେ ଉକ୍ତ ଆକାଉଣ୍ଟରେ ୮୯,୦୦୦ ଟଙ୍କା ଜମା କରିଥିଲେ। ଏଭଳି କିଛିଦିନ ବିତିଯିବା ପରେ ମହିଳା ଜଣଙ୍କ ୨୦୧୯ ସେପ୍ଟେମ୍ବରରେ ପୁଣି ଥରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରିଥିଲେ। ସେ କହିଥିଲେ, ସେ ଆମେରିକା ଫେରି ଆସିଛନ୍ତି, ମାତ୍ର ତାଙ୍କର ୪୦ ହଜାର ପାଉଣ୍ଡ ଦିଲ୍ଲୀ କଷ୍ଟମ୍ ଡିପାର୍ଟମେଣ୍ଟ ଦ୍ୱାରା ଜବତ କରାଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କରେ ଜମା କରାଯାଇଛି। ସେହି ଟଙ୍କା ଆଣିବା ନିମନ୍ତେ ତାଙ୍କର ସାହାଯ୍ୟ ଦରକାର ବୋଲି ମହିଳା କହିଥିଲେ। ଏହାପରେ ଉଭୟେ ପରସ୍ପର ସହ ଚାର୍ଟିଂ କରିଥିଲେ। ମହିଳା ଜଣଙ୍କ ଏକ ଫୋନ୍ ନମ୍ବର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦେଇ ତାହା ତାଙ୍କର ଜଣେ ବ୍ରିଟିଶ ବନ୍ଧୁ ଜୋହନ୍ ମାର୍ଟିନଙ୍କର ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ରିଜର୍ଭ ବ୍ୟାଙ୍କରୁ ଟଙ୍କା ମୁକୁଳାଇବା ବାବଦରେ ତାଙ୍କ ବ୍ରିଟିଶ ବନ୍ଧୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ଜୋହନ୍‌ଙ୍କୁ ଯୋଗାଯୋଗ କରିବାରୁ ସେ କେତେକ ବ୍ୟାଙ୍କ ଆକାଉଣ୍ଟ ନମ୍ବର ତାଙ୍କୁ ଦେଇଥିଲେ। ରିଜର୍ଭ ବ୍ୟାଙ୍କରେ ପ୍ରସେସିଂ ପାଇଁ ଆବଶ୍ୟକ ହେଉଥିବା ଭାରତୀୟ ମୁଦ୍ରା ସେହି ଆକାଉଣ୍ଟରେ ଜମା କରିବାକୁ ଜୋହନ୍ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ପୁନରାୟ ୨୦୨୦ରେ ଜୋହନ୍ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଉ ଜଣେ ମହିଳା ଉଷା ଖାନ୍ନାଙ୍କୁ ରିଜର୍ଭ ବ୍ୟାଙ୍କର ଷ୍ଟାଫ୍ ଭାବେ ପରିଚିତ କରାଇଲେ। ଏହାପରେ ଉଷା ଜୋହନଙ୍କ ସହ ବାରମ୍ବାର ଯୋଗାଯୋଗରେ ରହିଲେ। ପୂର୍ବୋକ୍ତ ୪୦ ହଜାର ପାଉଣ୍ଡକୁ ରିଜର୍ଭ ବ୍ୟାଙ୍କରୁ ଆଣିବା ପାଇଁ କରାଯାଉଥିବା ପ୍ରସେସ୍ କାର୍ଯ୍ୟ ନିମନ୍ତେ ସେ କଟକର ଏହି ବ୍ୟକ୍ତିଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇଗଲେ। ପୁଣି ୨୦୨୩ ଜୁନ୍‌ରେ ସେମାନେ ଆଉ ୫୭ ହଜାର ଟଙ୍କା ଜମା କରିବା ନିମନ୍ତେ କହିବାରୁ ବରିଷ୍ଠ ନାଗରିକ ଜଣକ ଆଉ ଟଙ୍କା ଦେଲେ ନାହିଁ। ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

# ‘ସମନ୍ୱୟ ଦ୍ୱାରା ସହଜ ହେବ ବିପର୍ଯ୍ୟୟ ପରିଚାଳନା’



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

କଟକ,୧୮।୬(କାର୍ତ୍ତିକ ସାହୁ)

**ଜିଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ କର୍ମଶାଳା**

କଟକ ଜିଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଦୁଇଦିନିଆ ଜିଲାସ୍ତରୀୟ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ରାଜ୍ୟ ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା ଯୋଗଦେଇ ସମନ୍ୱୟ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ସହଜ ହେବ ବୋଲି କହିଥିଲେ। ବିପର୍ଯ୍ୟୟ ମୁକାବିଲାରେ ଜଡ଼ିତ ହିତାଧିକାରୀ ଏବଂ ଏଜେନ୍ସିମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା, ଘୂର୍ଣ୍ଣିବଳୟ ଓ ବନ୍ୟା ପରିସ୍ଥିତି ସମୟରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଭୂମିକା, ଦାୟିତ୍ୱ, ଉତ୍ସ ଏବଂ ସାମର୍ଥ୍ୟକୁ ଉପଯୋଗ କରିବା ଉପରେ ଅଧିକାରୀମାନେ ପାୱାରପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। କଟକ ମହାନଗର ନିଗମ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ବନ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଜଳସେଚନ, ଟିପିସିଓଡିଏଲ, ଡ୍ରେନେଜ, ବ୍ୟାରେଜ ଡିଭିଜନ, ଅଗ୍ନିଶମ ସେବା ସଂସ୍ଥା, ଖାଦ୍ୟ ସୁରକ୍ଷା, ୱାଟ୍‌କୋ ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ଦିଗରେ ମତ ଉପସ୍ଥାପନ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରାଜଲକ୍ଷ୍ମୀ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଙ୍ଗାହାଡ଼ ଯୋଡ଼ିବାରେ ନୂଆ ଆଶା ଇଲିଜାରୋଭ୍ ପଦ୍ଧତି



ପଦ୍ମିନୀ କେୟାର ହସ୍ପିଟାଲରେ ଅନୁଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୮।୬(କାର୍ତ୍ତିକ ସାହୁ)

ଅତୀତରେ ଦୁର୍ଘଟଣାଜନିତ ଭଙ୍ଗା ହାଡ଼କୁ ଯୋଡ଼ିବାରେ ଅବଲମ୍ବନ କରାଯାଉଥିବା ପଦ୍ଧତି ବିଶେଷ ଫଳପ୍ରଦ ହେଉ ନ ଥିଲା। ମାତ୍ର ଏବେ ଇଲିଜାରୋଭ୍ ଚିକିତ୍ସା ପଦ୍ଧତି ଭଙ୍ଗାହାଡ଼ ଯୋଡ଼ିବାରେ ନୂତନ ଆଶା ସୃଷ୍ଟି କରିପାରିଛି ବୋଲି ଖ୍ୟାତନାମା ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମଙ୍ଗଳ ପରିହାର କହିଛନ୍ତି। ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ରବିବାର ଅନୁଷ୍ଠିତ ଅସ୍ଥିଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ଦୁଇଦିନିଆ ଜାତୀୟ କର୍ମଶାଳାରେ ଡା. ମଙ୍ଗଳ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଏହା କହିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଅସ୍ଥିଶଲ୍ୟ ଚିକିତ୍ସକ, ଗବେଷକ ଓ ବିଶେଷଜ୍ଞ ଯୋଗଦେଇ ଅସ୍ଥିଶଲ୍ୟଜନିତ ଜଟିଳ ସମସ୍ୟା ଏବଂ ମୌଳିକ ଇଲିଜାରୋଭ୍ ଚିକିତ୍ସା ପ୍ରଣାଳୀର ସଫଳ ପ୍ରୟୋଗ ସମ୍ବନ୍ଧୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କର୍ମଶାଳାକୁ ଉଦ୍‌ଘାଟନ କରି ରାଜ୍ୟରେ ପ୍ରଥମଥର ଆୟୋଜିତ ଏହି କର୍ମଶାଳା ଯୁବ ଡାକ୍ତରମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଆସୋସିଏଶନ ଫର୍ ଦି ଷ୍ଟଡି ଆଣ୍ଡ ଆପ୍ଲିକେଶନ ଅଫ୍ ଦି ମେଥଡ ଅଫ୍ ଇଲିଜାରୋର ପୂର୍ବତନ ସଚିବ ଡା. ରବି ଚୌହ୍ୱାନ୍, ଓଡ଼ିଶା ଅସ୍ଥିଶଲ୍ୟ ଚିକିତ୍ସକ ସଂଘ ସଭାପତି ଡା. ରାମନାରାୟଣ ମହାନ୍ତି, ସମ୍ପାଦକ ଡା. ବସନ୍ତ କୁମାର ବେହେରା, ରଞ୍ଜନ କୁମାର ଦାସ, ନିର୍ମଳ ଚନ୍ଦ୍ର ମହାପାତ୍ର, ସଞ୍ଜୟ ଦାସ, ନିରୁପମା ଚୟନୀ, ଅମିୟ କୁମାର ବେରା, ଶୁଭସ୍ମିତା ମଲ୍ଲିକ, ଡା. ହରିକିଶନ, ଡା. କ୍ରିଷ୍ଣା କୁମାର ମେଚୋର, ଡା. ଦିବ୍ୟା ଆହୁଜା ପ୍ରମୁଖ ଯୋଗଦେଇଥିଲେ। ପାଠ୍ୟକ୍ରମ ସଂଯୋଜକ ପ୍ରଫେସର ଡା. ଚିତ୍ତପ୍ରସାଦ ଦାସ ସ୍ୱାଗତ ଭାଷଣ, ପ୍ରାଧାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ଉପସ୍ଥାପନା ଓ ଅଧ୍ୟକ୍ଷ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।


ବକ୍ସିବଜାରଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ରବିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା କଟକ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

# ତଥ୍ୟ ଦେବା ପାଇଁ ମନାକଲେ ଏମ୍‌ଡି

**କନ୍ଦରପୁର ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକ ସଦର,୧୮।୬(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା ଏବେ ରହସ୍ୟଘେରକୁ ଚାଲିଯାଇଛି। ଏହି ମାମଲାର ବିଭାଗୀୟ ତଦନ୍ତ କରାଯାଇଥିଲା। ହେଲେ ଏନେଇ କ’ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜଣେ ସାମାଜିକ କର୍ମୀ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ତଥ୍ୟ ମାଗିଥିଲେ। ଏ ନେଇ କୌଣସି ତଥ୍ୟ ସୂଚନା ଅଧିକାର ଆଇନ ବଳରେ ଦିଆଯାଇପାରିବ ନାହିଁ ବୋଲି ଉକ୍ତ ସମବାୟ ସମିତିର ଜନସୂଚନା ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଧୀରେନ ଦାସ ପତ୍ରସଂଖ୍ୟା।୧୦୭/୧୨।୬।୨୦୨୩ରେ ଜଣାଇଛନ୍ତି। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ମୁଖ୍ୟ ସୂଚନା ଆୟୁକ୍ତ, ଓଡ଼ିଶା ଏ ନେଇ କଟକଣା ଲଗାଇଛନ୍ତି ବୋଲି ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ମିନିବ୍ୟାଙ୍କର କେତେଜଣ ଜମାକାରୀଙ୍କ ୮୨ ଲକ୍ଷ ଟଙ୍କା ତୋସରପାତ କରାଯାଇଥିଲା। ଜମାକାରୀଙ୍କ ଅଭିଯୋଗକ୍ରମେ ଓଡ଼ିଶା ସମବାୟ ଆଇନର ଧାରା ୬୫ରେ ମାମଲାର ତଦନ୍ତ କରାଯାଇ ତତ୍କାଳୀନ ଶାଖା ପରିଚାଳକ ରବୀନ୍ଦ୍ର କୁମାର ମହାନ୍ତି ଓ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏଥିସହ ଜମାକାରୀଙ୍କ ୮୨ ଲକ୍ଷ ଟଙ୍କା ସେମାନଙ୍କୁ ଫେରସ୍ତ କରାଯାଇଛି। ଏହି ପତ୍ରରେ ଅନ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିବନ୍ଧକଙ୍କ ପାଖରେ ରିପୋର୍ଟ ପହଞ୍ଚି ନାହିଁ ବୋଲି ପତ୍ରସଂଖ୍ୟା ୧୯୪୫/ ୧୭।୫।୨୦୨୩ରେ ଜଣାପଡ଼ିଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ, ନେକ୍ସଟ ଲେଭୁଲ ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ମଙ୍ଗୁଳି-ଜଗତପୁର,୧୮।୬ (ମାନସ ସାମଲ)

ଚୌଦ୍ୱାର ଅଞ୍ଚଳର ଅଗ୍ରଣୀ କ୍ରିକେଟ ଏକ୍ସିଲେଣ୍ଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓଟିଏମ୍ କଲୋନୀସ୍ଥିତ ଦୋଳ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ଅଞ୍ଚଳର ୮ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲା। ଚୌଦ୍ୱାର ଅଞ୍ଚଳର କପାଳେଶ୍ୱର ଓ ନେକ୍ସଟ ଲେଭୁଲ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କପାଳେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ମାତ୍ର ୨୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ନେକ୍ସଟ ଲେଭୁଲ ଟିମ୍ ୨.୧ ଓଭରରେ କୌଣସି ଉଇକେଟ୍ ନ ହରାଇ ମ୍ୟାଚ୍ ଜିତି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ଜେନା ମ୍ୟାଚ୍ ପରିଚାଳନା କରିଥିବାବେଳେ ସଭାପତି ଟିଙ୍କୁ ପ୍ରଧାନ, ଉପଦେଷ୍ଟା ଭାସ୍କର ଚନ୍ଦ୍ର ରାଉତରାୟ, ଭାନୁ ଶଙ୍କର ମିଶ୍ର, ନୀଳାଚଳ ଦାସ, ଶଶାଙ୍କ ସୁନ୍ଦର ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ଅଭୟ ସ୍ୱାଇଁ, ମାନସ ସାମଲ, ଦିବ୍ୟରଞ୍ଜନ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ମଙ୍ଗୁଳି-ଜଗତପୁର,୧୮।୬ (ମାନସ ସାମଲ)

**ବିଜେଡି କର୍ମୀ ସମ୍ମିଳନୀ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ହରିଅନ୍ତା ପଞ୍ଚାୟତ ବ୍ରାହ୍ମଣଭୋଗଠାରେ ଏକ କଲ୍ୟାଣମଣ୍ଡପର ଶିଳାନ୍ୟାସ ଓ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ହରିଅନ୍ତା ପଞ୍ଚାୟତର ବିଜେଡି ସଭାପତି ନରେନ୍ଦ୍ର କୁମାର ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ। ଏଥିସହ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶୁଭସ୍ମିତା ମଲ୍ଲିକ, ସମିତିସଭ୍ୟ ଶ୍ରୀମତ ଜେନା, ବରିଷ୍ଠ ସଙ୍ଗଠକ ମନୋଜ ପ୍ରତାପ, ଜୟଶ୍ରୀ ପ୍ରଧାନ, ସ୍ୱାଧୀନ ମହାନ୍ତି, ଗୋପାଳ ଲେଙ୍କା, ମଧୁସୂଦନ ସାମନ୍ତ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସଞ୍ଜୟ ଜେନା, ମୀନାକ୍ଷୀ ଦାସ, ଚିତ୍ତରଞ୍ଜନ ସାମଲ, ପ୍ରବୀର ଦାସ, ଗୋବିନ୍ଦ ଦାସ ଓ ଜନ୍ମେଜୟ ଖିଲାରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।



କଟକ ସାରଳା ଭବନରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କଟକ ଜିଲା ଶାଖା ପକ୍ଷରୁ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

# ‘ଗୋପବନ୍ଧୁଙ୍କ ଲେଖନୀରେ ବିଶ୍ୱ ଭାବନାର ଚିତ୍ର ପ୍ରତିଫଳିତ’

କଟକ,୧୮।୬(କାର୍ତ୍ତିକ ସାହୁ)

ସମାଜ ସଂସ୍କାରକ ରୂପେ ସର୍ବାଗ୍ରେ ପୂଜିତ ପଣ୍ଡିତ ଗୋପବନ୍ଧୁ ଦାସ। ତାଙ୍କ ଲେଖନୀରେ ବିଶ୍ୱ ଭାବନାର ଚିତ୍ର ପ୍ରତିଫଳିତ ହୋଇଥିଲା। ସାରା ବିଶ୍ୱରେ ଓଡ଼ିଶା ସ୍ୱତନ୍ତ୍ର। ଏଭଳି ପବିତ୍ର ମାଟିରେ ଗୋପବନ୍ଧୁଙ୍କ ପରି ମହାପୁରୁଷ ଜନ୍ମ ନେଇଥିଲେ। ଗୋପବନ୍ଧୁଙ୍କ ଗ୍ରାମ ପରିଦର୍ଶନ କରିବା ପରେ ଏହାର ଉନ୍ନତୀକରଣ ଲାଗି ରାଜ୍ୟ ସରକାରଙ୍କୁ ଜଣାଇଥିଲି। ଏହି ପବିତ୍ର ପୀଠର ଉନ୍ନତୀକରଣ କରାଯାଇଛି। ଉତ୍କଳମଣିଙ୍କ ଉପରେ ଏକ ପୁସ୍ତିକା ରଚନା କରାଯାଇଛି। ଏହାକୁ ରାଜ୍ୟର ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା ଲାଗି ଉଦ୍ୟମ ଜାରି ରହିଛି। ପ୍ରତ୍ୟେକ ପିଲା ଛାତ୍ର ଜୀବନରୁ ଉତ୍କଳମଣିଙ୍କ ସେବା ଓ ତ୍ୟାଗ ସଂକ୍ରାନ୍ତରେ ଜାଣିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଲୋକସେବକ ମଣ୍ଡଳ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ଗୋପବନ୍ଧୁ ଭବନରେ ରବିବାର ଅପରାହ୍ନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟ ବକ୍ତା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାଶା କହିଥିଲେ, ଲାଲା ଲଜପତ ରାୟ ଓ ଗୋପବନ୍ଧୁଙ୍କ ମଧ୍ୟରେ ସେବା ଏବଂ ଆଦର୍ଶର ସମାନତା ରହିଛି। ଓଡ଼ିଶାର ବୌଦ୍ଧିକ ଇତିହାସ ନ ଜାଣିଲେ ଗୋପବନ୍ଧୁଙ୍କ ପରି ପୁଣ୍ୟାତ୍ମାଙ୍କ ତୁଳନା କରିପାରିବା ନାହିଁ। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁଙ୍କ ବାର୍ଷିକ ଶ୍ରାଦ୍ଧ ସଂଖ୍ୟା ଉନ୍ମୋଚିତ ହୋଇଥିଲା।

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜକୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା ‘ସମାଜ’ର ସମ୍ପାଦକ ନିରଞ୍ଜନ ରଥ ସ୍ୱାଗତ ଭାଷଣ, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟତମ ଆଜୀବନ ସଦସ୍ୟ ରାଜକିଶୋର ଜେନା ଓ ମହାପ୍ରବନ୍ଧକ ଶିବରାମ ମିଶ୍ର ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ ଗୋପବନ୍ଧୁଙ୍କ ବାର୍ଷିକ ଶ୍ରାଦ୍ଧ ସଂଖ୍ୟା ଉନ୍ମୋଚନ କରୁଛନ୍ତି।

**ଉତ୍କଳମଣିଙ୍କ ଶ୍ରାଦ୍ଧୋତ୍ସବ**

# ଚନ୍ଦ୍ରକୁ ଛୁଇଁବାର ଆଶା



ନିକୁଞ୍ଜ ବିହାରୀ ସାହୁ

ଆଗାମୀ ଜୁଲାଇ ମାସରେ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂସ୍ଥା (ଇସ୍ରୋ) ଚନ୍ଦ୍ରକୁ ନିଜର ଏକ ନୂତନ ଅଭିଯାନ 'ଚନ୍ଦ୍ରଯାନ-୩' ପ୍ରେରଣ କରିବାକୁ ଯାଉଛି। ଏହି ଅଭିଯାନ ଜରିଆରେ ଭାରତ ଚନ୍ଦ୍ରପୃଷ୍ଠକୁ ଛୁଇଁବାର ଆଶା ରଖିଛି। ଏହି ଅଭିଯାନ ସଫଳ ହେଲେ ଭାରତ ଏହି ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧିରେ ଯୁକ୍ତରାଷ୍ଟ୍ର ଆମେରିକା, ରୁଷ୍ ଓ ଚାଇନା ପରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ପରିଗଣିତ ହେବ। ଏହା ପୂର୍ବରୁ ଭାରତ ଚନ୍ଦ୍ର ଅଭିମୁଖେ ଏକ ଅଭିଯାନ 'ଚନ୍ଦ୍ରଯାନ-୨' ଗତ ୨୦୧୯ ମସିହା ଜୁଲାଇ ୨୨ ତାରିଖ ଦିନ ପ୍ରେରଣ କରିଥିଲା। ଏହା ପ୍ରାୟ ଦୁଇ ମାସ ପରେ, ୨୦୧୯ ସେପ୍ଟେମ୍ବର ୭ ତାରିଖରେ। ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ପହଞ୍ଚି ଚନ୍ଦ୍ର ପୃଷ୍ଠରେ ଏକ ଅବତରକ ଯାନ 'ବିକ୍ରମ'କୁ ଅବତରଣ କରାଇବାକୁ ଚେଷ୍ଟା କରିଥିଲା। ମାତ୍ର ଦୁର୍ଭାଗ୍ୟକ୍ରମେ ଅବତରଣ ସମୟରେ ଯାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଭୂପୃଷ୍ଠରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହି ବିଫଳତାରେ ଇସ୍ରୋ ନିରୁତ୍ସାହିତ ନ ହୋଇ ଦୀର୍ଘ ୪ ବର୍ଷର ନୀରବତା ପରେ ଚନ୍ଦ୍ର ଅଭିମୁଖେ ଏବେ ଅନ୍ୟ ଏକ ଅଭିଯାନ ପ୍ରେରଣ କରିବାକୁ ଯାଉଛି। ଇସ୍ରୋର ମୁଖ୍ୟ ଏସ୍. ସୋମନାଥ କହିଛନ୍ତି ଯେ, ପୂର୍ବ ବିଫଳତାରୁ ଆମେ ଶିକ୍ଷାଲାଭ କରିଥିବା କିଛି ପ୍ରଯୁକ୍ତିକୁ ଏଥର 'ଚନ୍ଦ୍ରଯାନ-୩' ଅଭିଯାନରେ ପ୍ରୟୋଗ କରାଯାଇ ଅବତରକ ଯାନକୁ ଚନ୍ଦ୍ରପଷ୍ଠରେ ସଫଳତାର ସହ ଅବତରଣ କରାଇବାକୁ ସମସ୍ତ ପ୍ରୟାସ କରାଯିବ।

ଭାରତ ବିଗତ ୨୦୦୮ ମସିହା ଅକ୍ଟୋବର ୨୨ ତାରିଖ ଦିନ ଚନ୍ଦ୍ର ଅଭିମୁଖେ ନିଜର ପ୍ରଥମ ଅଭିଯାନ 'ଚନ୍ଦ୍ରଯାନ-୧' ପ୍ରେରଣ କରିଥିଲା। ଏହି ଯାନ ୨୦୦୮ ମସିହା ନଭେମ୍ବର ୮ ତାରିଖରେ ଚନ୍ଦ୍ର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବା ସହିତ ନିଜର ଦୂରସମ୍ବେଦୀ ଯନ୍ତ୍ରାବଳି ଜରିଆରେ ଚନ୍ଦ୍ରପୃଷ୍ଠର ଖଣିଜ ସମ୍ପଦ, ପାଣିପାଗ, ଜଳର ଉପସ୍ଥିତି ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ୨୦୦୮ ମସିହା ନଭେମ୍ବର ୧୪ ତାରିଖ ଦିନ, ଏହି ଯାନରୁ ଏକ ଉପକରଣ ଅଲଗା ହୋଇ ଚନ୍ଦ୍ରପୃଷ୍ଠକୁ ଆଘାତ କରି ବିଶ୍ୱର ଚତୁର୍ଥ ରାଷ୍ଟ୍ର ରୂପେ ଚନ୍ଦ୍ର ମାଟିରେ ଭାରତର ଜାତୀୟ ପତାକା ସ୍ଥାପନ କରିଥିଲା। ଚନ୍ଦ୍ରଯାନ-୧ ଚନ୍ଦ୍ରକୁ ୩୪୦୦ ପରିକ୍ରମା କରିବା ପରେ ଦୁର୍ଭାଗ୍ୟକ୍ରମେ ୨୦୦୯ ମସିହା ଅଗଷ୍ଟ ୨୯ ତାରିଖ ଦିନ ବୈଜ୍ଞାନିକମାନଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ମାତ୍ର 'ଚନ୍ଦ୍ରଯାନ-୧' ର ଏକ ବଡ଼ ଉପଲବ୍ଧି ଥିଲା ଚନ୍ଦ୍ରପୃଷ୍ଠରେ ଜଳ ଅଣୁର ସନ୍ଧାନ। ଏହାର ସଂଗୃହୀତ କିଛି ତଥ୍ୟକୁ ଭିତ୍ତିକରି ନାସା ଓ ଇସ୍ରୋର ବୈଜ୍ଞାନିକମାନେ ପରବର୍ତ୍ତୀ ସମୟରେ ଚନ୍ଦ୍ରପୃଷ୍ଠରେ ଜଳର ଅଣୁ ଉପସ୍ଥିତ ଥିବାର ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। 'ଚନ୍ଦ୍ରଯାନ-୧' ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

> "ଚନ୍ଦ୍ରଯାନ-୩ ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବପକ୍ଷରେ ଅତ୍ୟନ୍ତ କଠିନ ବ୍ୟାପାର ଏବଂ ଏଥିନିମନ୍ତେ ଅତି ଜଟିଳ ପ୍ରଯୁକ୍ତିବିଦ୍ୟା ଓ ଉଚ୍ଚକୋଟୀର ଜ୍ଞାନକୌଶଳର ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡେ। ନ ହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ।"



ଦୀର୍ଘ ୧୧ ବର୍ଷର ନୀରବତା ପରେ, ଗତ ୨୦୧୯ ମସିହା ଜୁଲାଇ ୨୨ ତାରିଖରେ, ଭାରତ ଚନ୍ଦ୍ରପୃଷ୍ଠକୁ ନିଜର ଦ୍ୱିତୀୟ ଅଭିଯାନ 'ଚନ୍ଦ୍ରଯାନ-୨' ପ୍ରେରଣ କରିଥିଲା। ଏହା ୨୦୧୯ ମସିହା ଅଗଷ୍ଟ ୨୨ ତାରିଖରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରି ଚନ୍ଦ୍ରକୁ ପରିକ୍ରମା କରିବାକୁ ଆରମ୍ଭ କରିଥିଲା। ପ୍ରଥମ ଅଭିଯାନରେ ଯେଉଁ ଆଶା ଅସମ୍ପୂର୍ଣ୍ଣ ରହି ଯାଇଥିଲା ଚନ୍ଦ୍ରଯାନ ଦ୍ୱିତୀୟ ଅଭିଯାନରେ ସେସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରଥମ ଅଭିଯାନଟି କେବଳ ଚନ୍ଦ୍ରପୃଷ୍ଠ ଉପରେ ଆକାଶରେ ରହି ଚନ୍ଦ୍ରକୁ ପ୍ରଦକ୍ଷିଣ କରିବା ତଥା ଯାନଟିରୁ ନିର୍ଗତ ଏକ ଉପକରଣ ଜରିଆରେ ଚନ୍ଦ୍ରପୃଷ୍ଠରେ ପିଟିହୋଇ ଚନ୍ଦ୍ରମାଟିକୁ ଛୁଇଁବାରେ ସୀମିତ ଥିଲା। ମାତ୍ର ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ଚନ୍ଦ୍ରପୃଷ୍ଠର ବିସ୍ତୃତ ବୈଜ୍ଞାନିକ ଅନୁସନ୍ଧାନ କରିବା ନିମନ୍ତେ ଅଭିପ୍ରେତ ନଥିଲା। ପରବର୍ତ୍ତୀ 'ଚନ୍ଦ୍ରଯାନ-୨' ଅଭିଯାନରେ ଏକ ଅତ୍ୟାଧୁନିକ ଉପକରଣ ବିଶିଷ୍ଟ ଯାନକୁ ଚନ୍ଦ୍ରପୃଷ୍ଠରେ ଏକ ନିରାପଦ ଧୀର ଅବତରଣ ଜରିଆରେ ଖସାଇ ଚନ୍ଦ୍ରମାଟିକୁ ଛୁଇଁବାର ଆଶା ରଖାଯାଇଥିଲା। ମାତ୍ର ଏହି ଅଭିଯାନ କ୍ଷେତ୍ରରେ ଭାରତକୁ ସମ୍ପୂର୍ଣ୍ଣ ସଫଳତା ମିଳି ନଥିଲା। ଏଥିରେ ଥିବା 'ଅର୍ବିଟର୍' ଯାନଟି ଯୋଜନାମତେ ଚନ୍ଦ୍ରକୁ ସଫଳତାର ସହିତ ପରିକ୍ରମା କରି ଚନ୍ଦ୍ରପୃଷ୍ଠର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲାବେଳେ ଏଥିରୁ ବିଚ୍ଛିନ୍ନ ହୋଇ ଏକ ଅବତରକ ଯାନ 'ବିକ୍ରମ' ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପାଇଁ ଉଦ୍ୟମ କରିଥିଲା। ବିକ୍ରମ ଅବତରକ ଯାନଟିରେ ଏକ ଚକଲଗା ଗାଡି ବା ରୋଭର୍ (ନାମ: ପ୍ରଜ୍ଞା) ମଧ୍ୟ ସ୍ଥାନିତ ଥିଲା ଯାହା ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ମାତ୍ରେ ଅବତରକ ଯାନରୁ ବାହାରି ଚନ୍ଦ୍ରପୃଷ୍ଠ ଉପରେ ଗଡି ଗଡି ତଥ୍ୟ ସଂଗ୍ରହ କରିବା କଥା। ମାତ୍ର ଦୁର୍ଭାଗ୍ୟକ୍ରମେ, ବିକ୍ରମ ଅବତରକ ଯାନଟି ସୁଚାରୁ ରୂପେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରି ନ ପାରି ୨୦୧୯ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ଚନ୍ଦ୍ର ମାଟିରେ ପିଟି ହୋଇ ନଷ୍ଟ ହୋଇଯିବା ସହିତ ଭୂପୃଷ୍ଠ ସହିତ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା। ଏହା ସହିତ ଭାରତର ଚନ୍ଦ୍ରମାଟିକୁ ଛୁଇଁବାର ସ୍ୱପ୍ନ ଅଧୁରା ରହି ଯାଇଥିଲା। ଏହି ପ୍ରକଳ୍ପରେ ସମୁଦାୟ ୬୦୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

ପୂର୍ବର ସଫଳତା ଓ ବିଫଳତାର ମିଶ୍ର ଅନୁଭୂତି ପରେ ଭାରତ ଏବେ 'ଚନ୍ଦ୍ରଯାନ-୩' ଅଭିଯାନ ଜରିଆରେ ପୂର୍ବର ତ୍ରୁଟିକୁ ସୁଧାରି ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରି ଇତିହାସ ରଚନା କରିବାକୁ ଯାଉଛି। ଏହି ଅଭିଯାନକୁ ଏହି ବର୍ଷ ଜୁଲାଇ ମାସର କୌଣସି ଏକ ଦିନ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଉତକ୍ଷେପଣ କରାଯିବ। 'ଚନ୍ଦ୍ରଯାନ-୩'ର ସମୁଦାୟ ତିନୋଟି ଏକକ ବା ମଡ୍ୟୁଲ ରହିଛି, ଯଥା: ପ୍ରପଲସନ୍ ମଡ୍ୟୁଲ, ଯାହା ଯାନକୁ ଗତିଶୀଳତା ପ୍ରଦାନ କରିବ। ଦ୍ୱିତୀୟଟି ହେଲା ଅବତରକ ମଡ୍ୟୁଲ, ଯାହା ଚନ୍ଦ୍ରପୃଷ୍ଠରେ ଧୀରେ ଅବତରଣ କରି ଚନ୍ଦ୍ରମାଟିକୁ ଛୁଇଁବ। ତୃତୀୟଟି ହେଲା ରୋଭର୍ ମଡ୍ୟୁଲ, ଯାହା ଏକ ଚକଲଗା ଗାଡ଼ି ସଦୃଶ ଚନ୍ଦ୍ରପୃଷ୍ଠରେ ଗଡ଼ିଗଡ଼ି ବିଭିନ୍ନ ବୈଜ୍ଞାନିକ ତଥ୍ୟ ସଂଗ୍ରହ କରିବ। 'ଚନ୍ଦ୍ରଯାନ-୨' ଅଭିଯାନରେ ଥିବା ଅର୍ବିଟର ମଡ୍ୟୁଲକୁ ଚଳିତ 'ଚନ୍ଦ୍ରଯାନ-୩' ଅଭିଯାନରେ ସ୍ଥାନିତ କରାଯାଇ ନାହିଁ। ଯେହେତୁ 'ଚନ୍ଦ୍ରଯାନ-୨' ଅଭିଯାନର ଅର୍ବିଟର୍ ମଡ୍ୟୁଲଟି ଏବେବି ଚନ୍ଦ୍ରକକ୍ଷରେ ସକ୍ରିୟ ଅଛି, 'ଚନ୍ଦ୍ରଯାନ-୩' ପୂର୍ବର ଏହି ବ୍ୟବସ୍ଥାକୁ ବ୍ୟବହାର କରି ଭୂପୃଷ୍ଠ ସହିତ ଯୋଗାଯୋଗ ଭଳି ନିଜର ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିପାରିବ। ସୁତରାଂ 'ଚନ୍ଦ୍ରଯାନ-୩' ଅଭିଯାନରେ ଜାଣିଶୁଣି ଅର୍ବିଟର୍ ମଡ୍ୟୁଲ୍‌କୁ ସ୍ଥାନିତ କରାଯାଇ ନାହିଁ।

'ଚନ୍ଦ୍ରଯାନ-୩' ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ଚନ୍ଦ୍ରପୃଷ୍ଠରେ ନିରାପଦ ଭାବେ 'ଧୀର ଅବତରଣ' କରିବା। ଏହା ବାସ୍ତବରେ ଅତ୍ୟନ୍ତ କଠିନ ବ୍ୟାପାର ଏବଂ ଏଥିନିମନ୍ତେ ଅତି ଜଟିଳ ପ୍ରଯୁକ୍ତି ବିଦ୍ୟା ଓ ଉଚ୍ଚକୋଟୀର ଜ୍ଞାନକୌଶଳ ପ୍ରୟୋଗ ଆବଶ୍ୟକ। ଅବତରକ ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ଆକର୍ଷିତ ହୋଇ ଦ୍ରୁତଗତିରେ ଚନ୍ଦ୍ରପୃଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ତୁରନ୍ତ ଏହାର ପ୍ରଚଣ୍ଡ ବେଗକୁ ଯଥେଷ୍ଟ ମାତ୍ରାରେ ହ୍ରାସକରି ଚନ୍ଦ୍ରମାଟିରେ ସୁରକ୍ଷିତ ଧୀର ଅବତରଣ କରାଇବାକୁ ପଡ଼େ। ନହେଲେ ଯାନଟି ଦ୍ରୁତଗତିରେ ଯାଇ ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯାଏ। ମାତ୍ର ଏ କ୍ଷେତ୍ରରେ ଏକ ପ୍ରମୁଖ ସମସ୍ୟା ହେଉଛି, ଚନ୍ଦ୍ରରେ ପୃଥିବୀ ଭଳି ବାୟୁମଣ୍ଡଳ ନ ଥିବାରୁ ଏଠାରେ ଯାନର ତୁରନ୍ତ ଅଗ୍ରଗାମୀ ଗତିକୁ ପ୍ରତିହତ କରିବା ପାଇଁ ପାରମ୍ପରିକ ଆକାଶଛତା ବା ପାରାସ୍ୟୁଟ୍ ବ୍ୟବସ୍ଥା କାର୍ଯ୍ୟ କରେନାହିଁ। ତେଣୁ ଯାନର ବେଗକୁ ଯଥେଷ୍ଟ ହ୍ରାସ କରିବା ପାଇଁ ଯାନ ସହିତ କିଛି 'ରେଟ୍ରୋ ରକେଟ୍' ଖଞ୍ଜା ଯାଇଥାଏ, ଯାହାର ଇଞ୍ଜିନକୁ ଯାନର ଅଗ୍ରଗାମୀ ଗତିର ବିପରୀତ ଦିଗରେ କ୍ରମାନ୍ୱୟରେ ଚାଳନା କରି ଯାନର ବେଗକୁ ଏକ ସୁରକ୍ଷିତ ଅବତରଣ ନିମନ୍ତେ ମନ୍ଦିତ କରାଯାଏ। ଏହା ବାସ୍ତବରେ ଅତ୍ୟନ୍ତ କଠିନ ଓ ଜଟିଳ କାର୍ଯ୍ୟପଦ୍ଧତି। ଠିକ୍ ସମୟରେ ଠିକ୍ ଇଞ୍ଜିନ୍‌କୁ କାର୍ଯ୍ୟକ୍ଷମ କରି ଯାନର ବେଗକୁ ନିୟନ୍ତ୍ରିତ କରିପାରିଲେ ଯାଇ ଏହି ଦୁର୍ବାର ଲକ୍ଷ୍ୟ ହାସଲ କରାଯାଇ ଯାନକୁ ଚନ୍ଦ୍ରମାଟିରେ ଧୀର ଅବତରଣ କରାଯାଇପାରିବ; ନଚେତ ଯାନଟି ଚନ୍ଦ୍ର ପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ପାଇଁ ହିଁ ବିଶ୍ୱର ମାତ୍ର ତିନୋଟି ରାଷ୍ଟ୍ର ଏପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ନିଜ ଯାନକୁ ସଫଳତାର ସହ ନିରାପଦ ରୂପେ ଅବତରଣ କରାଇବାରେ ସକ୍ଷମ ହୋଇଛନ୍ତି। ଏହି ପ୍ରଯୁକ୍ତିଗତ ବିଫଳତା ପାଇଁ ହିଁ ପୂର୍ବର 'ଚନ୍ଦ୍ରଯାନ-୨' ଅଭିଯାନ ବିଫଳ ହୋଇଗଲା।

'ଚନ୍ଦ୍ରଯାନ-୩' ଅଭିଯାନର ପ୍ରକଳ୍ପ ଖର୍ଚ୍ଚ ହେବ ସମୁଦାୟ ୬୧୫ କୋଟି ଟଙ୍କା। 'ଚନ୍ଦ୍ରଯାନ-୩' ଅଭିଯାନ ଜରିଆରେ ଆମ ଦେଶ ଚନ୍ଦ୍ରମାଟିକୁ ଛୁଇଁବାର ସଫଳତା ହାସଲ କରିପାରିଲେ ଯେ ଏହା ସମଗ୍ର ଦେଶ ତଥା ଆମ ବୈଜ୍ଞାନିକମାନଙ୍କ ପାଇଁ ଏକ ବିରାଟ ଉପଲବ୍ଧି ହେବ ଏଥିରେ ସନ୍ଦେହ ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## କାହିଁକି ହୁଏ ପାଟି ଘା'



ବିଭିନ୍ନ କାରଣରୁ ଅନେକ ଲୋକଙ୍କର ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ବଡ଼ ହୋଇ କ୍ୟାନସରର ରୂପ ନିଏ। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। କାରଣ ଏହାକୁ ଅବହେଳା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି-୧, ବି-୨, ବି-୩ ଏବଂ ବି-୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ। ଅନ୍ୟପଟେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ କମ୍ ଲାଳ ବାହାରିଲେ ଏପରି ସମସ୍ୟା ଦେଖାଦେଇଥାଏ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ମଧ୍ୟ ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ପ୍ରତିଦିନ ସେବନ ଦ୍ୱାରା ପାଟିରେ ଘା' ହୋଇ ଏହା କ୍ୟାନସରରେ ପରିଣତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ।

## ସଙ୍ଗୀତ ଓ ସ୍ମରଣ ଶକ୍ତି



ସ୍ମରଣ ଶକ୍ତି ବଢ଼ାଇବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସଙ୍ଗୀତ ଅନେକାଂଶରେ ସହାୟକ ହୋଇଥାଏ। ନିୟମିତ ମନ ପସନ୍ଦର ସଙ୍ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କର ସ୍ମରଣ ଶକ୍ତି କିପରି ରହୁଛି ତାହାକୁ ସିଡନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ତର୍ଜମା କରିଥିଲେ। କିଛି ମାସ ସର୍ଭେ କରିବା ପରେ ଜଣାପଡିଥିଲା ଯେ, ପ୍ରତିଦିନ କିଛି ସମୟ ମନ ପସନ୍ଦର ଗୀତ ଶୁଣିବା ସ୍ୱାସ୍ଥ୍ୟ ପାଇଁ ହିତକର। ବିଶେଷଭାବରେ ଏହା ମନକୁ ପ୍ରଫୁଲ୍ଲ ରଖିଥାଏ। ସବୁଠାରୁ ଖାସ୍ କଥା ହେଲା, ସଙ୍ଗୀତ ଶୁଣିବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ଅନେକାଂଶରେ ବୃଦ୍ଧି ପାଇଥାଏ। ଉକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡିଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆହୁରି ସତେଜ ରହିଥାଆନ୍ତି। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ଆହୁରି ସକ୍ରିୟ ହୋଇଥାଏ। ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି କରେ।

## ଭିଟାମିନ୍-ଡି'ର ଅଭାବ ହେଲେ...



ଆମ ଶରୀରର ବିକାଶ ଏବଂ ସୁସ୍ଥ ରଖିବା ଲାଗି ଭିଟାମିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ତନ୍ମଧ୍ୟରୁ ଭିଟାମିନ୍ 'ଡି' ଅନ୍ୟତମ। ଏହା ହେଉଛି ହର୍‌ମୋନ୍‌ର ଅନ୍ୟତମ ପ୍ରାକୃତିକ ଉପାଦାନ। ଶରୀରରେ ଏହି ଭିଟାମିନ୍ ସନ୍ତୁଳିତ ରହିଲେ ତାହା ଅସ୍ଥି ଓ ମାଂସପେଶୀକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ହେଲେ ଏହାର ଅଭାବରେ ଆମେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଶରୀରରେ ଭିଟାମିନ୍ 'ଡି' ପରିମାଣ କମିଗଲେ ତାହାର ପ୍ରଭାବ ହୃତପିଣ୍ଡ ବା ହାର୍ଟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ସେମାନେ ଜାଣିପାରିଛନ୍ତି। ସଂପୃକ୍ତ ବ୍ୟକ୍ତି ଜିନ୍‌ଗତ ରୋଗର ସମ୍ମୁଖୀନ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଖାଇବା ଦରକାର। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍‌ରେ ଭିଟାମିନ୍ 'ଡି' ଭରି ରହିଛି।

## ସ୍ୱାସ୍ଥ୍ୟ ସୂଚନା

- ଆମେ ଠିକ୍ ସମୟରେ ଖାଦ୍ୟ ଖାଇବା ଦରକାର। ଯଦି ଏଥିରେ ଅନିୟମିତତା ଲାଗି ରହିଲା, ତେବେ ତାହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେଣୁ ପ୍ରତିଦିନ କେତେବେଳେ ଖାଦ୍ୟ ଖାଇବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଯଦି ଆପଣଙ୍କର ବ୍ଲଡପ୍ରେସର କିମ୍ବା ହୃଦ୍‌ଜନିତ ସମସ୍ୟା ରହିଛି ତେବେ ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।
- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍ ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।



## ସଚେତନତା ମୂଳକଥା

**ଆଜି ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ**

ସିକଲ୍ ସେଲ୍ ରୋଗ ଏକ ବେମାରୀ ସମୂହ, ଯାହା ଆମର ଲୋହିତ ରକ୍ତ କଣିକାକୁ ପ୍ରଭାବିତ କରିଥାଏ। ଏପରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତାହାର ଚିକିତ୍ସା କରାଇ ନେବା ଜରୁରୀ। ସିକଲ୍ ସେଲ୍ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପ୍ରତିବର୍ଷ ଜୁନ୍ ୧୯କୁ 'ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ ହେଉଛି- 'ଅବରୋଧକୁ ଛିନ୍ନ କରି ଆଶାର ସଞ୍ଚାର' ଅର୍ଥାତ୍ ଏହି ରୋଗକୁ ପ୍ରଥମରୁ ପ୍ରତିହତ କରି ଏକ ସୁସ୍ଥ ଜୀବନଯାପନ କରିପାରିବା ପାଇଁ ଉଦ୍ୟମ। ସିକଲ୍ ସେଲ୍ ରୋଗ ବିଷୟରେ ବରିଷ୍ଠ ଚିକିତ୍ସକ ତଥା ପରାମର୍ଶଦାତା ଡା. ରାମଚନ୍ଦ୍ର ରାଉତ କହନ୍ତି, "ସିକଲ୍ ସେଲ୍ ରୋଗରେ ଲୋହିତ ରକ୍ତକଣିକା ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ଏହି ରକ୍ତକଣିକା ଗୋଲ୍ ଚେପ୍‌ଟା ପରି ଦେଖାଯିବା ବଦଳରେ ଦାଆ ପରି ବକ୍ର ଓ ଅଣଚଉଡ଼ା ହୋଇଯାଏ। ଏହା ଏକ ଗୁଣସୂତ୍ରଗତ(ଜିନ୍) ରୋଗ। ମାତାପିତାଙ୍କଠାରୁ ଶିଶୁମାନଙ୍କୁ ଏହା ଆସିଥାଏ। ଏହି ରୋଗରେ ଆକ୍ରାନ୍ତ ହେଲେ ଶରୀରରେ ଯନ୍ତ୍ରଣା, ଷ୍ଟ୍ରୋକ୍, ଛାତି ଯନ୍ତ୍ରଣା, ହଠାତ୍ ଅମ୍ଳତ୍ୱ, ଅସ୍ଥିମଜ୍ଜା ନଷ୍ଟ ଏବଂ ଦୀର୍ଘ ସମୟ ଧରି ଯନ୍ତ୍ରଣାଦାୟକ ଲିଙ୍ଗ ଦୃଢ଼ତା ଇତ୍ୟାଦି ପରିଲକ୍ଷିତ ହୁଏ। ଏହାଦ୍ୱାରା ଶରୀରର ଅଙ୍ଗମାନଙ୍କର କ୍ଷତି ଓ କାର୍ଯ୍ୟହୀନତା ସହିତ ଯକୃତ(ଲିଭର), କିଡ୍‌ନୀ, ଫୁସ୍‌ଫୁସ, ହୃଦ୍‌ଯନ୍ତ୍ର ଓ ପ୍ଲୀହା ଇତ୍ୟାଦି ନଷ୍ଟ ହୋଇଯାଏ। ଫଳରେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଏ। ତେଣୁ ଏହି ରୋଗ ବିଷୟରେ ସମସ୍ତେ ସଚେତନ ରହିବା ନିହାତି ଜରୁରୀ। ଏଥିପାଇଁ ମିଳିତ ଜାତିସଂଘ ଦ୍ୱାରା ସ୍ଥିରୀକୃତ 'ବିଶ୍ୱ ସିକଲ୍ ସେଲ୍ ରୋଗ ଦିବସ' ୨୦୦୮ରୁ ପ୍ରତିବର୍ଷ ଜୁନ୍ ୧୯ରେ ପାଳନ ହୋଇ ଆସୁଅଛି। ଏଥିପାଇଁ ରୋଗର ଶୃଙ୍ଖଳ ଛିନ୍ନ କରିବାକୁ ହେବ। ଜନ୍ମ ସମୟରେ ରକ୍ତ ପରୀକ୍ଷା କରି ଏହି ରୋଗ ଅଛି କି ନାହିଁ ଜାଣିନେବା ଜରୁରୀ। ସବୁ ନବଜାତ ଶିଶୁଙ୍କର ଜନ୍ମର ୨୪-୪୮ ଘଣ୍ଟା ମଧ୍ୟରେ ଏଥିପାଇଁ ରକ୍ତ ପରୀକ୍ଷା କରାଇ ନେବା ଦରକାର। ସମ୍ପୂର୍ଣ୍ଣ ସ୍ଥିର ନିଶ୍ଚିତ ପାଇଁ ଅଧିକ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ଏହି ରକ୍ତ ପରୀକ୍ଷାସମୂହ ହେଲା- ସିବିସି (CBC), ହିମୋଗ୍ଲୋବିନ୍-ରକ୍ତହୀନତାର ମାତ୍ରା, ଏମ୍‌ଭିସି, ହିମୋଗ୍ଲୋବିନ୍ ଇଲେକ୍ଟ୍ରୋଫୋରେସିସ୍, ଏଚ୍‌ପିଏଲ୍‌ସି ଏବଂ ଡିଏନ୍ଏ। ପ୍ରାରମ୍ଭରୁ ସଚେତନ ରହିଲେ ଭବିଷ୍ୟତରେ ଏଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାକୁ ଏଡ଼ାଇ ଦେଇହେବ।"



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁନ୍ ୧୯/୨୦୨୩ Bhubaneswar, Monday, June 19/ 2023



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଭାରତୀୟ ଦଳ।

## ୧୨,୬୦୦ ଦର୍ଶକ ଦେଖିଲେ ମ୍ୟାଚ୍

ଇଣ୍ଟର କଣ୍ଟିନେଣ୍ଟାଲ ଫୁଟ୍‌ବଲ ଫାଇନାଲ ଦେଖିବା ପାଇଁ ଷ୍ଟାଡିୟମ ପାଖାପାଖି ଦର୍ଶକରେ ଭରିଯାଇଥିଲା। ଭାରତୀୟ ଦଳକୁ ଦର୍ଶକ ଭରପୂର ଉତ୍ସାହିତ କରିଥିଲେ। ଅଧିକାଂଶ ସମୟ ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀଙ୍କ ନାମ ଉଚ୍ଚାରଣ କରିଥିଲେ ଫୁଟ୍‌ବଲପ୍ରେମୀ। ସେ ବଲ୍ ପାଇବା ମାତ୍ରେ ଛେତ୍ରୀ, ଛେତ୍ରୀ ଧ୍ୱନିରେ ଷ୍ଟାଡିୟମ କମ୍ପି ଉଠୁଥିଲା। ଷ୍ଟାଡିୟମରେ ଫାଇନାଲ ଦେଖିବା ପାଇଁ ୧୨,୬୦୦ ଦର୍ଶକ ଉପସ୍ଥିତ ଥିବା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା।

# କଳିଙ୍ଗରେ ବ୍ଲୁ ଟାଇଗର୍ସଙ୍କୁ ଟାଇଟଲ

ଭୁବନେଶ୍ୱର, ୧୮।୬

(ତପନ ସ୍ୱାଇଁ)

ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଲେବାନନକୁ ହରାଇ ଟ୍ରଫି ହାସଲ କରିଛି ବ୍ଲୁ ଟାଇଗର୍ସ ଭାରତ।

ଲିଗ୍ ପର୍ଯ୍ୟାୟରେ ୨ଟି ବିଜୟ ଓ ଗୋଟିଏ ଡ୍ର ରଖିଥିବା ଭାରତ ଅପରାଜେୟ ଭାବେ ଟାଇଟଲ ହାସଲ କରିଛି। ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ସଂସ୍କରଣ ମଧ୍ୟରେ ଭାରତ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଛି। ପୂର୍ବରୁ ଭାରତ ପ୍ରଥମ ସଂସ୍କରଣ ୨୦୧୮ରେ ଚାମ୍ପିୟନ ହୋଇଥିଲା। ଦୁଇ ଦଳ ମଧ୍ୟରେ ଲିଗ୍ ମ୍ୟାଚ୍ ପରି ଫାଇନାଲ ମଧ୍ୟ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୬ଷ୍ଠ ମିନିଟ୍‌ରେ ଗୋଲପୋଷ୍ଟ ଏରିଆ ମଧ୍ୟରେ ଭାରତର ଆଶିକ୍ କୁରୁନିଆନଙ୍କୁ ଲେବାନନ୍‌ର ଫାରାନ ଠେଲି ତଳେ ପକାଇ ଦେଇଥିଲେ। ଏଥିରେ ଭାରତ ଏକ ପେନାଲ୍ଟି ଶୁଟ୍ ଆଶା କରୁଥିଲେ ହେଁ ରେଫରି ଦେଇ ନ ଥିଲେ। ୨୩ତମ ମିନିଟ୍‌ରେ ମ୍ୟାଚ୍‌ର ପ୍ରଥମ ୟେଲୋ କାର୍ଡ ପାଇଥିଲେ ଲେବାନନ୍‌ର ନାଦିର ମାଟାର। ସେ ଆଶିକ୍‌ଙ୍କୁ ଫାଉଲ ମାରିଥିଲେ। ୨୬ତମ ମିନିଟ୍‌ରେ କୁଲିଂ ବ୍ରେକ୍‌ପରେ ଭାରତୀୟ ଖେଳାଳିମାନେ ଆକ୍ରମଣକୁ ଜୋର୍‌ଦାର କରିଥିଲେ। ୩୮ତମ ମିନିଟ୍‌ରେ ଦ୍ୱିତୀୟ ୟେଲୋ କାର୍ଡ ଆସିଥିଲା। ଏଥର ଏହା ପାଇଥିଲେ ଭାରତୀୟ ଖେଳାଳି ଆଶିକ୍। ସେ ପ୍ରତିପକ୍ଷ ଦଳର ଫାରାନଙ୍କୁ ଟାଣି ତଳେ ପକାଇଦେବାରୁ ରେଫରି ୟେଲୋ କାର୍ଡ ଦେଇଥିଲେ। ନିର୍ଦ୍ଧାରିତ ୪୫ ଓ ୩ ମିନିଟ୍ ଇଞ୍ଜୁରି ଟାଇମ୍ ମଧ୍ୟରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା।

### ଚାଙ୍ଗ୍‌ଟେଙ୍କ ଚମକ

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ କିନ୍ତୁ ଭରା ଷ୍ଟାଡିୟମ କମ୍ପି ଉଠିଥିଲା। କାରଣ ପ୍ରଥମ ମିନିଟ୍(୪୬ତମ)ରେ ହିଁ ଗୋଲ ସ୍କୋର କରିଥିଲେ ତାରକା ଷ୍ଟ୍ରାଇକର ସୁନୀଲ ଛେତ୍ରୀ। ନିଖିଲ ପୂଜାରୀ ଦକ୍ଷତାର ଅପୂର୍ବ ପ୍ରଦର୍ଶନ କରି ବଲ୍‌କୁ ଡାହାଣପଟେ ଥିବା ଲାଲିଆଞ୍ଜୁଲା ଚାଙ୍ଗ୍‌ଟେଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ଚାଙ୍ଗ୍‌ଟେ ମଧ୍ୟ ବଲ୍‌କୁ ନେଇ ଆଗକୁ ବଢ଼ି ଗୋଲପୋଷ୍ଟ ନିକଟରେ ଛେତ୍ରୀଙ୍କ ନିକଟକୁ କ୍ରସ୍ ପାସ୍ ଦେଇଥିଲେ। ଛେତ୍ରୀ କୌଣସି ବିଳମ୍ବ ନ କରି ଏହାକୁ ଗୋଲରେ ପରିଣତ କରି ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଅନ୍ତର୍ଜାତୀୟ ଫୁଟ୍‌ବଲରେ ଏହା ଥିଲା ଛେତ୍ରୀଙ୍କର ୮୭ତମ ଗୋଲ। ଦର୍ଶକଙ୍କ କୋଳାହଳରେ ଉତ୍ସାହୀ ପ୍ରଦର୍ଶନ କରିଥିଲା ଭାରତ। ଲେବାନନ୍ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ଭାରତୀୟ ଖେଳାଳି ତାହା ହେବାକୁ ଦେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧିକାଂଶ ସମୟ ବଲ୍ ଲେବାନନ୍ ହାଫ୍‌ରେ ରହିଥିଲା। ୬୬ତମ ମିନିଟ୍‌ରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ ଚାଙ୍ଗ୍‌ଟେ। ମହେଶ ସିଂ ନାଓରେମ ଏକ ଚମତ୍କାର ଶଟ୍ ଜରିଆରେ ବଲ୍‌କୁ ଲେବାନନ୍ ବକ୍ସରେ ପହଞ୍ଚାଇଥିଲେ। ଲେବାନନ୍‌ର ସାବେ କିନ୍ତୁ ବଲ୍‌କୁ ନିୟନ୍ତ୍ରଣ କରିପାରି ନ ଥିଲେ। ସେ ବଲ୍ ନିକଟରେ ପୁଣି ପହଞ୍ଚିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କ ପୂର୍ବରୁ ଚାଙ୍ଗ୍‌ଟେ ପହଞ୍ଚି ଗୋଲପୋଷ୍ଟକୁ ପଠାଇ ଦେଇଥିଲେ।

### ପୁରସ୍କାର

ଚାମ୍ପିୟନ: ଭାରତ (୫୦,୦୦୦ ଆମେରିକୀୟ ଡଲାର)
ରନରଅପ୍: ଲେବାନନ (୨୫,୦୦୦ ଆମେରିକୀୟ ଡଲାର)
ହିରୋ ଅଫ୍ ଦି ଟୁର୍ନାମେଣ୍ଟ: ସନ୍ଦେଶ ଝିଙ୍ଗାନ୍ (୧,୫୦,୦୦୦ଟଙ୍କା)
ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ୍: ଲାଲିଆଞ୍ଜୁଲା ଚାଙ୍ଗ୍‌ଟେ
ଟପ୍ ସ୍କୋରର: ସୁନୀଲ ଛେତ୍ରୀ ଓ ଲାଲିଆଞ୍ଜୁଆଲା ଚାଙ୍ଗଟେ (୨ଟି ଲେଖାଏ ଗୋଲ)



ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଫାଇନାଲ ଅବସରରେ ରବିବାର କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ